# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 07 ଭାଗ ୩୪ | ସଂଖ୍ୟା ୦୭ | Sunday 29 March 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର ୨୯ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





ପଶ୍ଚିମବଙ୍ଗ ନିର୍ବାଚନ:ମମତା-ଶାହ ମୁହାଁମୁହିଁ ପୃଷ୍ଠା ୪




## ଓଲଟିଲା ତୀର୍ଥଯାତ୍ରୀ ବସ୍, ୫ ପର୍ଯ୍ୟଟକ ମୃତ

- ୩୦ରୁ ଊର୍ଦ୍ଧ୍ୱ ଆହତ
- ମୁଖ୍ୟମନ୍ତ୍ରୀଙ୍କ ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା
- ଦୁଃଖ ପ୍ରକାଶ କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ନୟାଗଡ଼,୨୮।୩(ସଂଚାର ବ୍ୟୁରୋ): ଦଶପଲ୍ଲାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଯାଇଛି। ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ମା' ସିଂହେଶ୍ୱରୀ ନାମକ ଏକ ବସ୍ ଗତକାଲି ବିଳମ୍ବିତ ରାତିରେ ଅଚାନକ ପିଠାଖାଇ ଘାଟି ନିକଟରେ ଓଲଟି ପଡ଼ିବା ଫଳରେ ସେଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅଶୋକ ନଗର ନିବାସୀ ସନ୍ତୋଷ ପାତ୍ରଙ୍କ ପରିବାର ବସ୍ ଯୋଗେ ବ୍ରହ୍ମପୁରରୁ ହରିଶଙ୍କର ଅଭିମୁଖେ ଯାଉଥିଲେ। ଏହି ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ସନ୍ତୋଷଙ୍କ ବାପା ଓ ମା' ଏବଂ ବ୍ୟାଙ୍କ କଲୋନୀର ସୁପ୍ରଭା ସାହୁ ଓ ପାଣିଗ୍ରାହୀ ପେଣ୍ଠର ସୁମନ୍ତୀ ସାହୁଙ୍କ ପୃଷ୍ଠା-୬

## ଅର୍ଥନୀତିକୁ ସୁଦୃଢ଼ କରିଛି ମହିଳା ସଶକ୍ତିକରଣ



- ଏସବିଆଇ ରିପୋର୍ଟରେ ସୁଭଦ୍ରା ସଫଳତା
- ମହିଳାଙ୍କ ସଞ୍ଚୟ କ୍ଷମତା ୪୫ ପ୍ରତିଶତ ବୃଦ୍ଧି
- ଖର୍ଚ୍ଚରେ ୨୮ ପ୍ରତିଶତ ଅଭିବୃଦ୍ଧି ରେକର୍ଡ

ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ପ୍ରମୁଖ ଲୋକାଭିମୁଖୀ ଯୋଜନା 'ସୁଭଦ୍ରା' ରାଜ୍ୟର ଅର୍ଥନୈତିକ ବିକାଶର ପ୍ରମୁଖ କାରଣ ହୋଇଛି। ଖୋଦ୍ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ)ର ଏକ ରିପୋର୍ଟରେ ଏଭଳି ତଥ୍ୟ ଆସିଛି। ଏସବିଆଇ ପକ୍ଷରୁ ନିକଟରେ ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ, ମହିଳାଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ପାଇଁ ଦୁଇ ବର୍ଷ ତଳେ ରାଜ୍ୟ ସରକାର ଆରମ୍ଭ କରିଥିବା ଏହି ଯୋଜନା ରାଜ୍ୟର ଅର୍ଥନୈତିକ ବିକାଶକୁ ଗତି ଦେଇଛି। ସୁଭଦ୍ରା ଯୋଜନାର ଏହି ସଫଳତା ବାବଦରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ 'ଏକ୍ସ'ରେ ସୂଚନା ଦେଇଛନ୍ତି।

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ୨୦୨୪ ସେପ୍ଟେମ୍ବରରେ ଏହି ଯୋଜନା ଆରମ୍ଭ ହୋଇଥିଲା। ଯୋଜନା ଆରମ୍ଭ ପରଠାରୁ ଗତ ୧୯ ମାସ ମଧ୍ୟରେ ରାଜ୍ୟର ମହିଳାଙ୍କ ସଞ୍ଚୟ କ୍ଷମତା ୪୫ ପ୍ରତିଶତ ବଢ଼ିଥିବା ବେଳେ ଖର୍ଚ୍ଚ ହାର ମଧ୍ୟ ୨୮ ପ୍ରତିଶତ ବଢ଼ିଛି। ଏହି ଯୋଜନାରେ ପ୍ରଥମ କିସ୍ତି ସହାୟତା ପାଇବା ପୂର୍ବରୁ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରେ ୬ ମାସରେ ହାରାହାରି ସଞ୍ଚୟ ହେଉଥିଲା ୧୫ ହଜାର ୧୪୬ ଟଙ୍କା। କିନ୍ତୁ ଏବେ ମହିଳାଙ୍କ ସଞ୍ଚୟ ୬ ମାସରେ ୨୨ ପୃଷ୍ଠା-୬

### ଉତ୍କଳ ଦିବସରୁ ସୁଭଦ୍ରା ପଞ୍ଜୀକରଣ

- ମାସେ ଖୋଲା ରହିବ ସୁଭଦ୍ରା ପୋର୍ଟାଲ
- ସହାୟତା ପାଇନଥିବା ମହିଳା କରିବେ ଆବେଦନ
- ସବୁ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ଉଦ୍ୟମ



ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ତଥା ସ୍ୱାବଲମ୍ବନ ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ 'ସୁଭଦ୍ରା ଯୋଜନା' ଅଧୀନରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ସରକାରଙ୍କ ଅନୁମୋଦନ କ୍ରମେ, ଆସନ୍ତା ଏପ୍ରିଲ ତାରିଖରୁ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଏକ ମାସ ପାଇଁ 'ସୁଭଦ୍ରା ପୋର୍ଟାଲ' ମାଧ୍ୟମରେ ନୂତନ ଆବେଦନ ପୃଷ୍ଠା-୬

## ଟିଟିଲାଗଡ଼ ବିଧାୟକଙ୍କ ଉନ୍ମତ୍ତ କାଣ୍ଡ

- ନବୀନ ଜୈନଙ୍କୁ ତୁରନ୍ତ ଗିରଫ କରାଯାଉ:ବିଜେଡି
- ପଦାରେ ପଡ଼ିଲା ବିଜେପି ବିଧାୟକଙ୍କ ଔଦ୍ଧତ୍ୟ




ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ): ଶୁକ୍ରବାର ପବିତ୍ର ରାମ ନବମୀ ଅବସରରେ ଟିଟିଲାଗଡ଼ରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେଉଥିଲା। ଏହି ଶୋଭାଯାତ୍ରାରେ ଅରାଜକତାର ସମସ୍ତ ସୀମାରେଖା ଉଲ୍ଲଂଘନ କରି ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଏକ ବନ୍ଧୁକ ବାହାର କରି ସର୍ବସାଧାରଣଙ୍କ ସାମ୍ନାରେ ଉପରକୁ ଫାଙ୍କା ଗୁଳି ଚାଳନା କରିଥିଲେ। ଏହି ଘଟଣାଟି ଡବଲ ଇଞ୍ଜିନ ସରକାରରେ ବିଜେପି ବିଧାୟକଙ୍କ ଔଦ୍ଧତ୍ୟର ନଗ୍ନଚିତ୍ର ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦିକା ତଥା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଓ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଥିଲେ ଯେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ସରକାରୀ ଦଳର ବିଧା ୟକ ହୋଇ ସରକାରୀ ନ୍ୟାୟ ବ୍ୟବସ୍ଥାର ସମ୍ପୂର୍ଣ୍ଣ ପୃଷ୍ଠା-୬

### ନିଲମ୍ବିତ ହେଲେ ପିଏସଓ
#### ଜବତ ହେଲା ବନ୍ଧୁକ

ବଲାଙ୍ଗୀର: ବିଧାୟକ ନବୀନ ଜୈନ ଫାଙ୍କା ଗୁଳିଚାଳନା କରିବା ଘଟଣାର ଆଜି ସନ୍ଧ୍ୟାରେ ବଲାଙ୍ଗୀର ଏସପିଙ୍କ କାର୍ଯ୍ୟାଳୟରେ ଉତ୍ତରାଞ୍ଚଳ ଆଇଜି ସମୀକ୍ଷା କରିଛନ୍ତି। ଏଥିରେ ବଲାଙ୍ଗୀର ଏସପି ଓ ଅତିରିକ୍ତ ଏସପି ଯୋଗଦେଇଥିଲେ। ପୂରା ଘଟଣାର ସମୀକ୍ଷା କରିବା ପରେ ବିଧାୟକଙ୍କ ପିଏସଓ ପ୍ରେମଚାନ୍ଦ ନାଗଙ୍କୁ ନିଲମ୍ବନ କରିବା ସହ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଏଥିସହ ତାଙ୍କୁ କାରଣ ଦର୍ଶାଅ ନୋଟିସ ବି ଜାରି କରାଯାଇଛି। ଆହୁରି ତାଙ୍କୁ ବିଧାୟକଙ୍କ ପିଏସଓ ଦାୟିତ୍ୱରୁ ମଧ୍ୟ ହଟାଇ ଦିଆଯାଇଛି। ପୃଷ୍ଠା-୬

## ଓଡ଼ିଆ ଅସ୍ମିତାକୁ ଏମ୍‌ସିଏଲ୍‌ର ଫୁଂ'

- ୮ ଓଡ଼ିଆ ସଂସ୍ଥାକୁ ମିଳିଲାନି କାମ
- କେନ୍ଦ୍ରୀୟ ଉଦ୍ୟୋଗର ଦିଲ୍ଲୀ ସଂସ୍ଥା ପ୍ରୀତି




ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ): ରାଜ୍ୟରେ ଦୀର୍ଘ ବର୍ଷ ହେଲା କାର୍ଯ୍ୟ କରୁଥିବା ମହାନଦୀ କୋଲ ଫିଲ୍ଡ ଲିମିଟେଡ (ଏମସିଏଲ୍) ରାଜ୍ୟ ସରକାରଙ୍କ ଓଡ଼ିଆ ଅସ୍ମିତାକୁ ଫୁତ୍କାର ମାରି ଉଡ଼ାଇଦେଇଛି। କେନ୍ଦ୍ରୀୟ ଉଦ୍ୟୋଗ ହୋଇ ମଧ୍ୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମାନସିକତାକୁ ବୁଝି ପାରୁନି ନା ଜାଣିଶୁଣି ଓଡ଼ିଆ ଅସ୍ମିତାକୁ ଦଳିଚକଟି ସରକାରଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛି, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏମସିଏଲର ବାର୍ଷିକ ଉତ୍ସବ ପାଇଁ ଏକ ଟେଣ୍ଡର ପ୍ରକ୍ରିୟାରୁ ଏହା ଧରାପଡ଼ିଛି। ବାର୍ଷିକ ଉତ୍ସବ ପାଇଁ ୫ ଜଣ ଜାତୀୟ ସ୍ତରର କଣ୍ଠଶିଳ୍ପୀଙ୍କ କାର୍ଯ୍ୟକ୍ରମ ସକାଶେ ଏହି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ୮ଟି ଓଡିଆ ସଂସ୍ଥା ଓ ଗୋଟିଏ ଦିଲ୍ଲୀ ସଂସ୍ଥା ଭାଗ ନେଇଥିଲେ। ଟେଣ୍ଡର୍‌ରେ ସ୍ଥାନୀୟ କାର୍ଯ୍ୟକ୍ରମକୁ ସାମିଲ କରିବା ସକାଶେ ଏକ ସର୍ତ୍ତ ରଖାଯାଇଥିଲା। ଟେଣ୍ଡର୍ ପେପର୍‌ର ୧୭ ନମ୍ବର ପଏଣ୍ଟରେ ଏମିତି ୧୦ଟି ସର୍ତ୍ତ ରଖାଯାଇଥିଲା। ଟେଣ୍ଡର ଆବେଦନ କରିଥିବା ବହୁ ସଂସ୍ଥା ସ୍ଥାନୀୟ କାର୍ଯ୍ୟକ୍ରମ ସର୍ତ୍ତ ପୂରଣ ନେଇ କିଛି ଉଲ୍ଲେଖ କରି ନ ଥିଲେ। ସମସ୍ତେ ଜେମ୍ ପୋର୍ଟାଲରେ ଟେଣ୍ଡର ଆବେଦନ କରିଥିଲେ। ଯେତେବେଳେ ପୋର୍ଟାଲରୁ ଟେଣ୍ଡର ଓପନ କରାଯାଇଥିଲା, ସେତେବେଳେ ଜେମ ପୋର୍ଟାଲ ପକ୍ଷରୁ କିଛି ଆବେଦନକାରୀଙ୍କୁ ସ୍ଥାନୀୟ କାର୍ଯ୍ୟକ୍ରମ ସମ୍ପର୍କିତ ସର୍ତ୍ତ ବାବଦରେ ପୃଷ୍ଠା-୬

### ଥାନା ହାଜତରୁ ଅଭିଯୁକ୍ତ ଚମ୍ପଟ୍ ମାମଲାରେ କାର୍ଯ୍ୟାନୁଷ୍ଠାନ
## ଏଏସ୍‌ଆଇ ସମେତ ୩ ପୁଲିସ୍ ନିଲମ୍ବିତ




ଯାଜପୁର,୨୮।୩(ସଂଚାର ବ୍ୟୁରୋ): ଥାନା ହାଜତରୁ ଆଶିଷ କୁମାର ବେହେରା(୨୪) ନାମକ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣାରେ ଆଜି ୩ ଜଣ ପୁଲିସ୍ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ଏଏସ୍‌ଆଇ ଓ ୨ ଜଣ କନଷ୍ଟେବଲ ରହିଛନ୍ତି। ସେହିପରି ଫେରାର ହୋଇଯାଇଥିବା ଅଭିଯୁକ୍ତକୁ ଧରିବା ସକାଶେ ପୁଲିସ୍‌ର ତନାଘନା ଜାରି ରହିଛି। ସୂଚନାନୁସାରେ, ଯାଜପୁର ଜିଲ୍ଲା ବ୍ରହ୍ମବରଦା ଥାନାରେ ଘଟିଥିଲା ଏଭଳି ଏକ ଦାୟିତ୍ୱହୀନ ଘଟଣା। ପୁଲିସ୍ ଚୋରକୁ ଧରି ହାଜତରେ ରଖିଥିଲେ ହେଁ ଉକ୍ତ ଚୋର ଜଣଙ୍କ ଗତକାଲି ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ହାଜତରୁ ଫେରାର ହୋଇ ନିକଟସ୍ଥ ଗାଁରୁ ଏକ ଲ୍ୟାପଟପ୍ ଓ ବାଇକ୍ ଚୋରି କରି ନେଇଥିଲା। ତେବେ ଉକ୍ତ ଅଭିଯୁକ୍ତ ଜଣଙ୍କ ଚୋରା ବାଇକ୍ ନେଇ ଯାଉଥିବା ସମୟରେ କୁଣ୍ଡପାଟଣା ନିକଟରେ ଅନ୍ୟ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ଏଥିରେ ଉକ୍ତ ବାଇକ୍ ଆରୋହୀଙ୍କ ଜଣଙ୍କ ଗୁରୁତର ଭାବେ ଆହତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସେହିପରି ଅଭିଯୁକ୍ତ ଜଣଙ୍କ ମଧ୍ୟ ଆହତ ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲା। କିନ୍ତୁ ସେ ହାଜତରୁ ଫେରାର୍ ହୋଇଛି ବୋଲି କେହି ଟେର୍ ପାଇବା ପୂର୍ବରୁ ହସ୍ପିଟାଲ୍‌ରୁ କୌଶଳ କ୍ରମେ ଖସି ପଳାଇଛି। ଏନେଇ ପରେ ଖବର ପାଇ ପୃଷ୍ଠା-୬

## ଦୋହଲିଗଲାଣି କଟକ ବିଜେଡି ସଂଗଠନ

- ନବୀନଙ୍କ ବିରୋଧରେ ପ୍ରଭାତ ଆଣ୍ଡ କୋ'ଙ୍କ ମୋର୍ଚ୍ଚା
- ସୁବାଷ ସିଂ ଓ ଦେବାଶିଷ ସାମନ୍ତରାୟଙ୍କ ଭିନ୍ନ ଗୋଠ
- କଟକର ଗୋଳିଆ ପାଣିରେ ବାଉଳା ହେଉଛନ୍ତି ପ୍ରତାପ



କଟକ,୨୮।୩(ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କଟକ ବିଜେଡି ସଂଗଠନକୁ ଦୋହଲାଇଦେଇଛି। ଗୋଟେପଟେ ପ୍ରଭାତ ବିଶ୍ୱାଳ ଓ ପ୍ରଭାତ ତ୍ରିପାଠୀ ବିଜେଡି ସଂଗଠନକୁ ଭାଙ୍ଗିବାକୁ ଉଦ୍ୟମ କରୁଥିବା ବେଳେ ମାହାଙ୍ଗାର ପୂର୍ବତନ ବିଧାୟକ ଯିଏ ନିଜକୁ କଟକୀ ବୋଲି ଦାବି କରୁଛନ୍ତି, ସେ ଗଡ଼ ସମ୍ଭାଳିବାକୁ ମଙ୍ଗ ଧରିଛନ୍ତି। ସେପଟେ କଟକ ବିଜେଡିର ଆଉ ଦୁଇ ହସ୍ତୀ ନିଜ ନିଜର ସମାନ୍ତରାଳ ସଂଗଠନ ଚଳାଇଛନ୍ତି। ସେମାନେ ପ୍ରତାପ ଜେନା କି ପ୍ରଭାତ ଆଣ୍ଡ କୋ'ଙ୍କ ସହ ନାହାଁନ୍ତି।

ଏକଦା କଟକ ଜିଲ୍ଲା ବିଜେଡିର ଶକ୍ତିଶାଳୀ ଗଡ଼ ହୋଇ ରହିଥିଲା। ସବୁ ବିଧାୟକଙ୍କ ସହ ସାଂସଦ ବି ବିଜେଡିର ଥିଲେ। ହେଲେ ଏହି ସଂଗଠନ ଆଉ ପୂର୍ବ ପରି ବିଜେଡି ହାତରେ ଥିଲା ଭଳି ଲାଗୁନାହିଁ। ସୌଭିକ ବିଶ୍ୱାଳ ଓ ଦେବୀ ରଞ୍ଜନ ତ୍ରିପାଠୀ ବିଜେଡିରୁ ନିଲମ୍ବିତ ହେବା ପରେ ଦୁଇ ପ୍ରଭାତ ସଭାପତି ନବୀନ ପଟ୍ଟନାୟକଙ୍କ ବିରୋଧରେ ମୋର୍ଚ୍ଚା ଖୋଲିଦେଇଛନ୍ତି। କଟକରେ ବିଜେଡି ସଂଗଠନରେ ଘଳିଆ ପକାଇବାକୁ ଦୁଇ ପୁରୁଖା ନେତା ଉଦ୍ୟମ କରୁଛନ୍ତି। ଆଉ ନବୀନ ପ୍ରତାପ ଜେନାଙ୍କୁ କଟକୀ ଭାବି ଦାୟିତ୍ୱ ଦେଇଛନ୍ତି। ହେଲେ ପ୍ରତାପ ବି କଟକ ଜିଲ୍ଲାରେ ବାଉଳା ହେଉଥିବା ଦେଖିବାକୁ ମିଳିଛି।

ଗତ ୨୦୨୪ ନିର୍ବାଚନରେ କଟକ ଲୋକସଭା ଆସନ ଅନ୍ତର୍ଗତ ୭ ବିଧାନସଭାରୁ ବିଜେଡି ହାତରେ ୪ଟି ଆସନ ଥିଲା। ଗୋଟିଏ କଂଗ୍ରେସ ଆଉ ଦୁଇଟି ବିଜେପି (ଜଣେ ବିଜେପି ସମର୍ଥିତ ସ୍ୱାଧୀନ) ଖାତାକୁ ଯାଇଥିଲା। ଏବେ ସୌଭିକ ବିଶ୍ୱାଳ ନିଲମ୍ବିତ ହେବା ପରେ ବିଜେଡି ଖାତାରୁ ଆଉ ଗୋଟେ ଆସନ ଖସିଗଲା। ଏ ଭିତରେ ମୋକିମଙ୍କ ନୂଆ ଦଳ ଏଣ୍ଟ୍ରି କଟକ ରାଜନୀତିକୁ ଆଉ ଟିକେ ଗୋଳିଆ କରିଦେଇଛି। ୩୫ ବର୍ଷର ରେକର୍ଡ ଭାଙ୍ଗି ବାରବାଟି-କଟକ ଆସନ କଂଗ୍ରେସ ଦଖଲ କରିଥିଲା। କିନ୍ତୁ ସୋଫିଆ କଂଗ୍ରେସରୁ ନିଲମ୍ବିତ ହେଲା ପରେ ହାତ ଶୂନ ହୋଇଗଲା।

ସେପଟେ କଟକ ବିଜେଡିରେ ଆଉ ପ୍ରମୁଖ ନେତା ମେୟର ସୁବାଷ ସିଂ ଓ ରାଜ୍ୟସଭା ପୃଷ୍ଠା-୬

### ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦ
## ସହମତିରେ ହେବ ସମାଧାନ

- ଏପ୍ରିଲ ୧୧ରେ ପରବର୍ତ୍ତୀ ଶୁଣାଣି



ନୂଆଦିଲ୍ଲୀ,୨୮।୩(ସଂଚାର ବ୍ୟୁରୋ): ମହାନଦୀ ଟ୍ରିବ୍ୟୁନାଲରେ ଆଜି ଦୁଇ ରାଜ୍ୟ ମଧ୍ୟରେ ଜଳ ବିବାଦର ଶୁଣାଣି ହୋଇଛି। ଓଡ଼ିଶା ପାଇଁ ପକ୍ଷ ରଖିଥିଲେ ଆଡଭୋକେଟ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ। ବୈଷୟିକ କମିଟି ରିପୋର୍ଟ ମଧ୍ୟ ଉପସ୍ଥାପିତ ହୋଇଛି। ଦୁଇ ରାଜ୍ୟ ସହମତି ଭିତ୍ତିରେ ବିବାଦର ସମାଧାନ ନେଇ ଆଶା ପ୍ରକଟ କଥା ଟ୍ରିବ୍ୟୁନାଲକୁ ଅବଗତ କରିଛନ୍ତି ଆଡଭୋକେଟ ଜେନେରାଲ ଶ୍ରୀ ଆଚାର୍ଯ୍ୟ। ଏଥିସହ ଆସନ୍ତା ଏପ୍ରିଲ ୧୧ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

ଆସନ୍ତା ଏପ୍ରିଲ ୧୩ରେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ସରୁଥିବାରୁ ଏହାକୁ ପୃଷ୍ଠା-୬



### କାନ ଡେରିଥା

ଶ୍ରୀରାମ ନାରାରେ ଫାଟି ପଡୁଅଛି
ରାମ ମୟ ହେଲା ଗାଁ
ଭକତି ଭାବ ଟା ପ୍ରବଳ ଦିଶିଲା
ତୁଣ୍ଡେ ଥିଲା ତାଙ୍କ ନାଁ
ହୃଦୟ ଟା କିନ୍ତୁ ଧୂଆଁ...
ନବମୀ ପରେ ଦଶମୀ ତିଥିରେ
ରାବଣ ହେଉଛ କିଆଁ ।।

ଦେବାଶିଷ

## ଗ୍ୟାସ ସଙ୍କଟକୁ ଟାଳିପାରୁନି ସରକାରୀ ଆଶ୍ୱାସନା

- କାଠ ଖୋଜିଲେଣି ହୋଟେଲ, ହଷ୍ଟେଲ
- ଲାଗିଲାଣି ଏଲପିଜି ଟିକସ
- ଚା' ଜଳଖିଆ ଦାମ ବି ବଢ଼ି ଚାଲିଛି



ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ): ରାଜ୍ୟରେ ରନ୍ଧନ ଗ୍ୟାସର ଅଭାବ ନାହିଁ ବୋଲି ମନ୍ତ୍ରୀଙ୍କଠାରୁ ଅଫିସରଙ୍କ ପର୍ଯ୍ୟନ୍ତ ଯେତେ ଯାହା କହିଲେ ବି ଗ୍ୟାସ ସିଲିଣ୍ଡରଟିଏ ପାଇବା ପାଇଁ ଲୋକେ ରାତି ପାହିଲେ ବିଭିନ୍ନ ସ୍ଥାନରେ ଧାଡ଼ି ଲଗାଉଛନ୍ତି। କିଏ ତିନି ଚାରି ଦିନ ଦଉଡ଼ିଲେ ଗ୍ୟାସ ସିଲିଣ୍ଡରଟିଏ ପାଉଛି ତ ଆଉ କିଏ ଚୋରାରେ ଚଢ଼ା ଦରରେ କିଣିବାକୁ ବାଧ୍ୟ ହେଉଛି।

ତେବେ ସବୁ ସଙ୍କଟକୁ ବଳିଯାଇଛି ଗ୍ୟାସ ସିଲିଣ୍ଡରଟିଏ ବୁକ୍ କରିବା। ବୁକିଂ ଅବଧିକୁ କମ୍ପାନୀମାନେ ୨୫ ଦିନ କରିଥିଲେ ମଧ୍ୟ ଉକ୍ତ ସମୟ ପରେ ବି ବୁକିଂ ହୋଇପାରୁନାହିଁ। ଲୋକେ ବାରମ୍ବାର ଫୋନ କଲେ ବି କମ୍ପାନୀ ନମ୍ବର ଲାଗୁନାହିଁ। ଅନଲାଇନ୍ ବୁକିଂ ସମସ୍ୟା ଯୋଗୁଁ ଲୋକେ ଅଫଲାଇନ୍‌ରେ ଧାଡ଼ି ବାନ୍ଧିବାକୁ ରାତି ପାହିଲେ ଗୋଦାମକୁ ଧାଉଁଛନ୍ତି। ସମସ୍ତଙ୍କର ଗୋଟିଏ ଉଦ୍ୟମ, ପିଲାଙ୍କ ମୁହଁରେ ଦାନା ଦେବା ପାଇଁ ଗ୍ୟାସ ସିଲିଣ୍ଡରଟିଏ ଯୋଗାଡ଼ କରିବା।

ଇତି ମଧ୍ୟରେ ଗ୍ୟାସ ସଙ୍କଟର ସିଧାସଳଖ ପ୍ରଭାବ ପଡ଼ିଛି ଛୋଟରୁ ବଡ଼ ପ୍ରାୟ ସମସ୍ତ ହୋଟେଲ ଉପରେ। ଛୋଟ ଛୋଟ ହୋଟେଲ ଓ ରାସ୍ତାକଡ଼ ଖାଇବା ଦୋକାନ ମଧ୍ୟରୁ କେତେକ ବନ୍ଦ ହୋଇଗଲାଣି। ଆଉ କେତେକ ହୋଟେଲ ଏବେ କାଠଚୂଲି ଯୁଗକୁ ଫେରିବା ଆରମ୍ଭ କରିଛନ୍ତି। କୌଣସି ପ୍ରକାରେ ବ୍ୟବସାୟ ଚଳାଇବା ପାଇଁ ହୋଟେଲ ନିକଟରେ ହେଉ କିମ୍ବା ଦୂରରେ, କାଠ ଚୂଲାରେ ରୋଷେଇ କରୁଛନ୍ତି। ଏହି ମଉକାରେ କାଠ ଦର ବି ହୁ ହୁ ହୋଇ ବଢ଼ିବାରେ ଲାଗିଛି।

ରାଜଧାନୀ ସମେତ ରାଜ୍ୟରେ ଥିବା ବିଭିନ୍ନ ହଷ୍ଟେଲ ଧିରେ ଧିରେ ବନ୍ଦ ହେବାରେ ଲାଗିଛି। ଯେଉଁ ଛାତ୍ରଛାତ୍ରୀମାନେ ଛୋଟ ଛୋଟ ଗ୍ୟାସଚୂଲା ରଖି ରୋଷେଇ କରୁଥିଲେ ସେମାନେ ପାଠପଢ଼ା ଅଧାରେ ଛାଡ଼ି ଘରକୁ ପଳାଇଲେଣି। ହୋଟେଲଗୁଡ଼ିକରେ ବି ଖାଦ୍ୟ ଦାମ ବଢ଼ି ଚାଲିଛି। ସମସ୍ତଙ୍କର ଗୋଟିଏ ଆଳ ଯେ ଗ୍ୟାସ ସହଜରେ ମିଳୁନାହିଁ। ରାଜଧାନୀର କେତେକ ହୋଟେଲ ଇତିମଧ୍ୟରେ ଖାଦ୍ୟ ସାମଗ୍ରୀ ବିଲ୍‌ରେ ଜିଏସଟି, ସିଜିଏସଟି ସହ ଏଲପିଜି ଟିକସ ବି ଲଗାଇବା ଆରମ୍ଭ କରିଛନ୍ତି। ଯେହେତୁ ଲୋକେ ଗ୍ୟାସ ପାଇବାକୁ ହଇରାଣ ହେଉଛନ୍ତି, ତେଣୁ ହୋଟେଲ୍‌ରେ ବିନା ପ୍ରତିବାଦରେ ଏଲପିଜି ଟିକସ ଗଣି ଘରକୁ ଫେରୁଛନ୍ତି।

ତେବେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି ରାସ୍ତାକଡ଼ରେ ଜଳଖିଆ ଦୋକାନ କରି ପେଟ ପୋଷୁଥିବା ଛୋଟ ଛୋଟ ପୃଷ୍ଠା-୬

## ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡି ଚେକିଂ
# ୩୪ଟି ଚାଲାଣରେ ୫୪ ହଜାର ଜରିମାନା



କେନ୍ଦ୍ରାପଡ଼ା,୨୮।୩(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡି ଯାଞ୍ଚ କରାଯାଇ ୩୪ଟି ଚାଲାଣ କଟାଯାଇଥିବା ବେଳେ ମୋଟ ୫୪ହଜାର ଟଙ୍କା ଜୋରିମାନା କରାଯାଇଛି। କେନ୍ଦ୍ରାପଡା-ଇନ୍ଦୁପର ରାସ୍ତାର ବାରିମୂଳ, କଟକ-ଚାନ୍ଦବାଲି ରାସ୍ତାର ଅନୁଆପଡା ଓ ଚଣ୍ଡିଖୋଲ- ପାରାଦୀପ ଜାତୀୟ ରାଜପଥର ଅଳାବାଙ୍କ ଛକରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସେହି ରାସ୍ତାରେ ଯାଉଥିବା ଗାଡି ଗୁଡିକ ଯାଞ୍ଚ୍ କରାଯାଇଥିଲା । ସେଥିମଧ୍ୟରେ ବିନା ହେଲମେଟ୍‌ରେ ବାଇକ ଚଳାଇ ଯାଉଥିବା ୨୬ଟି ଗାଡି, ସିଟ୍‌ବେଲ୍ଟ ନପିନ୍ଧି ଗାଡିଚାଳନା କରୁଥିବା ୭ଟି ଗାଡି, ମାଲବୁହା ଗାଡିରେ ଯାତ୍ରୀ ପରିବହନ କରୁଥିବା ୨ଟି ଗାଡି, ଦୁଇଚକିଆ ଯାନରେ ଦୁଇରୁ ଅଧିକ ବସିଥିବା ୬ଟି ଗାଡି, ଗାଡିଚାଳନା ବେଳେ ମୋବାଇଲରେ କଥାହେଉଥିବା ୪ଟି ଗାଡି ଏଭଳି ମୋଟ ୪୫ଟି ଗାଡି ଯାଞ୍ଚ ସମୟରେ ଧରାପଡିଥିଲେ। ସେହି ଗାଡିଗୁଡିକ ନିମନ୍ତେ ୩୪ଟି ଚାଲାଣ କଟାଯାଇଥିବା ବେଳେ ମୋଟ ୫୪ହଜାର ଟଙ୍କା ଜୋରିମାନା କରାଯାଇଛି । ଏଥିସହିତ ୬ଟି ଡ୍ରାଇଭିଂ ଲାଇସେନ୍ସକୁ ନିଲମ୍ବନ କରାଯାଇଛି । ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏହି ଗାଡି ଯାଞ୍ଚ୍ କାର୍ଯ୍ୟକ୍ରମରେ ଏମଭିଆଇ କାଜଲ ପ୍ରଧାନ, ଜୁନିଅର ଏମଭିଆଇ ଶ୍ରୀକାନ୍ତ ଟୁଡୁ ଓ ଟ୍ରାଫିକ ଇନସପେକ୍ଟର ରାଜନାରାୟଣ ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଡେରିକି ମିନି ଷ୍ଟାଡିୟମ୍ ନିର୍ମାଣ କେବେ ?

ନାଉଗାଁ,୨୮।୩ (ସଂଚାର ବ୍ୟୁରୋ)ଃ ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମିନି ଷ୍ଟାଡିୟମ୍ ନିର୍ମାଣ ଯୋଜନା ରହିଛି। ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ପ୍ରଶାସନର ଅବହେଳା ପାଇଁ ଶିଳାନ୍ୟାସର ୩୧ ବର୍ଷ ବିତିଯାଇଥିଲେ ବି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ଡେରିକି ଠାରେ ପ୍ରସ୍ତାବିତ ନେତାଜୀ ମିନି ଷ୍ଟାଡିୟମ୍ ନିର୍ମାଣ କେବଳ ସ୍ୱପ୍ନରେ ରହିଯାଇଛି ।

ସୂଚନା ଅନୁସାରେ ୧୯୯୬ ମସିହାରେ ତତ୍କାଳୀନ ଜଗତସିଂହପୁର ସାଂସଦ ରଞ୍ଜୀବ ବିଶ୍ୱାଳ ଓ ତତ୍କାଳୀନ ବାଲିକୁଦା ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ରଙ୍କ ଦ୍ୱାରା ଏଠାରେ ଏକ ମିନି ଷ୍ଟାଡିୟମ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଶିଳାନ୍ୟାସ ଉତ୍ସବର କିଛି ବର୍ଷ ପରେ ସାଂସଦଙ୍କ ଉନ୍ନୟନ ପାଣ୍ଠିରୁ ଷ୍ଟାଡିୟମ୍ ନିର୍ମାଣ ନିମନ୍ତେ ୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ଅର୍ଥରେ ନେତାଜୀ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ଏକ ଆଜ୍‌ବେଷ୍ଟସ୍ ଗୃହ ନିର୍ମାଣ କରାଯାଇଥିଲା। ମାତ୍ର ଷ୍ଟାଡିୟମ୍ ନିର୍ମାଣ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ହେଲେ ୧୯୯୯ ମସିହା ମହାବାତ୍ୟାରେ ଉକ୍ତ ଆଜ୍‌ବେଷ୍ଟସ୍ ଘରଟି ମଧ୍ୟ ଭାଙ୍ଗି ଯାଇଥିଲା। ପରବର୍ତ୍ତୀ ସମୟରେ ସ୍ଥାନୀୟ କିଛି ଯୁବ କ୍ରୀଡ଼ାପ୍ରେମୀଙ୍କ ଉଦ୍ୟମରେ ସେଠାରେ ବଖରାଏ ଛାତଘର ନିର୍ମାଣ ହୋଇଛି। ଏପଟେ ମିନି ଷ୍ଟାଡିୟମ୍ ପାଇଁ ଉଦ୍ଦିଷ୍ଟ ଜମିରେ ଆରଏମ୍ ସିର ଗୋଦାମ ଗୃହ, ଦୁଗ୍ଧ ଶୀତଳିକରଣ, ବିଦ୍ୟୁତ୍ ଷ୍ଟ୍ରକଚର ଗଡ଼ି ଉଠିଛି। ଯାହାଫଳରେ ଷ୍ଟାଡିୟମ ନିର୍ମାଣ ସ୍ୱପ୍ନରେ ରହିଯାଇଛି।



ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳଙ୍କ ଶିଳାନ୍ୟାସକୁ ବିତିଲାଣି ୩୧ ବର୍ଷ

ଏଠାରେ ଷ୍ଟାଡିୟମ୍ ନିର୍ମାଣ ହେଲେ ଡେରିକି ପଞ୍ଚାୟତ ସମେତ ଓଷକଣା, କୋରୁଅ, ତିରୁଣା, ଶିଖର ପଞ୍ଚାୟତ ଆଦି ଅଞ୍ଚଳର କ୍ରୀଡ଼ାପ୍ରେମୀ ଖେଳକୁଦ କରିବାକୁ ସୁବିଧା ହୋଇପାରନ୍ତା। କେବଳ ସେତିକି ନୁହେଁ, ଷ୍ଟାଡିୟମ୍ ସଭାସମିତି ଓ ବିଭିନ୍ନ ପ୍ରତିଯୋଗିତା ପାଇଁ ବ୍ୟବହାର ହୋଇପାରନ୍ତା। ମାତ୍ର ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହିଁ ଅନ୍ତରାୟ ସୃଷ୍ଟି କରିଛି ବୋଲି କ୍ରୀଡ଼ାବିତ୍‌ମାନେ ମତ ଦେଇଛନ୍ତି। ଅନ୍ୟପଟେ ଜିଲ୍ଲା ଯୋଜନା ଖସଡ଼ାରେ ଏହି ପ୍ରସଙ୍ଗକୁ ସାମିଲ କରାନଯିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ଏଠାରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ନେତାଜୀ ସ୍ପୋର୍ଟିଂ କ୍ଲବ୍ ଡେରିକ୍ ର ସଦସ୍ୟ ପ୍ରମୁଖ ଦାବି କରିଛନ୍ତି। ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକ ଏ ଦିଗରେ ଦୃଷ୍ଟି ଦେବାକୁ ସ୍ଥାନୀୟ କ୍ରୀଡ଼ାପ୍ରେମୀ ଦାବି କରିଛନ୍ତି।

# ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ବେଳେ ବନ କର୍ମଚାରୀଙ୍କୁ ମାଡ଼



ତାଳଚୁଆ ସାମୁଦ୍ରିକ ଥାନାରେ ମାମଲା

ରାଜନଗର,୨୮।୩ (ସଂଚାର ବ୍ୟୁରୋ)ଃ ଭିତରକନିକା ଅଞ୍ଚଳରୁ ଆଜି ବେଆଇନ ଚିଙ୍ଗୁଡି ଉଛେଦ ବେଳେ ବନ ବିଭାଗ ମାଡ ମରାଯାଇଛି। ଚିଙ୍ଗୁଡି ଘେରି ଭଙ୍ଗା ଯାଉଥିବା ବେଳେ ଫାଇନାନ୍ସର ଓ ବାହାର ଲୋକ ପହଞ୍ଚି ବନ କର୍ମଚାରୀଙ୍କୁ ବିରୋଧ କରିବା ସହ ମାଡ ମରିଛନ୍ତି । ବନକର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଚିଙ୍ଗୁଡି ଘେରି ଭଙ୍ଗା ଯାଉଥିବା ବେଳେ ବନ କର୍ମଚାରୀଙ୍କୁ ଆକ୍ରମଣ ଆଲୋଡନ ସୃଷ୍ଟି କରିଛି। ଏନେଇ ବନବିଭାଗ ପକ୍ଷରୁ ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରାଯାଇଛି |

ଆଜି ବେଆଇନ ଚିଙ୍ଗୁଡି ଘେରି ଭାଙ୍ଗିବାକୁ ବନବିଭାଗ ଟିମ ଗୋପାଳଜୀଉପାଟଣାରେ ପହଞ୍ଚିଥିଲା। ପ୍ରଥମ ଘେରି ଭାଙ୍ଗି ସାରି ଦିତୀୟ ଘେରି ଭାଙ୍ଗିବା ବେଳକୁ ହଟାତ ଘେରି ମାଲିକ, ଫାଇନାନ୍ସର ଓ କିଛି ବାହାର ଲୋକ ପହଞ୍ଚି ଘେରି ଭାଙ୍ଗି ପାରିବ ନାହିଁ କହିଥିଲେ | ବନକର୍ମଚାରୀ ଘେରି ଭାଙ୍ଗିବା କାର୍ଯ୍ୟ ଜାରି ରଖିବାରୁ ଘେରି ମାଲିକ, ଫାଇନାନ୍ସର ଘେରିଯାଇ ବନ କର୍ମଚାରୀ ଅର୍ଜୁନ ଦଳେଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଶମ୍ଭୁନାଥ ମଣ୍ଡଳ, ଜୟଦେବ ଜେନା, ଦିଲ୍ଲୀପ କୁମାର ପଣ୍ଡା, ଶାକୁନ ପାହାଡି ଘେରିଯାଇ ବନ କର୍ମଚାରୀଙ୍କୁ ମରଣାସ୍ତ୍ରରେ ଆକ୍ରମଣ କରିବା ସହ ବିଧା, ଗୋଇଠା, ଚାପୁଡା, ତଣ୍ଟିଆ ମାରିବା ସହିତ ଜାତିନେଇ ଗାଳିଗୁଲଜ କରିଥିଲେ | ଆକ୍ରମଣରେ ଆହତ ବନ କର୍ମଚାରୀଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି | ଏନେଇ ବନ କର୍ମଚାରୀ ଶ୍ରୀଦଳେଇ, ଫରେଷ୍ଟ ଗାର୍ଡ ସତିଶ ଲାକ୍ରା ଓ ଏସିଏଫ ମାନସ କୁମାର ଦାସ ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସନ୍ଧ୍ୟାରାଣୀ ଜେନାଙ୍କୁ ପଚାରିବାରୁ କେସ ନମ୍ବର ୬୧/୨୦୨୬ରେ, ଦଫା ୨୯୬, ୧୨୧ , ୧୧୫ (୨ ), ୧୩୨ , ୩୫୧ ( ୩ ) , ୩ (୫ ) ବିଏନଏସ , ଆର/ ଡବ୍ଲୁ ସେକ୍ସନ ୩ (୧ )( ଆର) (ଏସ ) ୩ (୨ ) ( ଭିଏ ) ଏସି/ଏସଟି ଆକ୍ଟ ଏ ରେ ମାମଲା ରୁଜୁ କରାଯାଇଛି ବୋଲି କହିଛନ୍ତି |

## ଆଳି ବାର ଆସୋସିଏସନ ନିର୍ବାଚନ
# ମୃତ୍ୟୁଞ୍ଜୟ ଓ ଅଣାକାର ବିଜୟୀ



ଆଳି,୨୮।୩ (ସଂଚାର ବ୍ୟୁରୋ)ଃ ସାରା ରାଜ୍ୟରେ ବାର ଆସୋସିଏସନ ପାଇଁ ନିର୍ବାଚନ ହୋଉଥିବା ବେଳେ ଆଳି ବାର ଆସୋସିଏସନ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି।ଏହି ନିର୍ବାଚନରେ ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଆଇନଜୀବୀ ଅଣାକାର ବାରିକ ସଂପାଦକ ଭାବରେ ନିର୍ବାଚିତ ହୋଇଛନ୍ତି।ଉଭୟ ଛଅ ଖଣ୍ଡ ଭୋଟରେ ବିଜୟ ଲାଭ କରିଥିଲେ। ବାର ଆସୋସିଏସନର ଅନ୍ୟ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ଆଇନଜୀବୀ ସୂର୍ଯ୍ୟମଣି ସାମଲ ସହ ସଂପାଦକ, ପ୍ରମାଦ କୁମାର ସ୍ୱାଇଁ, ଲାଇବ୍ରେରିୟାନ ଭାବେ ନିର୍ବାଚିତ ହୋଇଥିଲେ । ସେ ପଟେ ନିର୍ବାଚନ ପରିଚାଳନା ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଶରତ ମହାନ୍ତି ଓ ଆଇନଜୀବୀ ରାଧାକାନ୍ତ ବିଶ୍ୱାଳ ପରି ଶେଷରେ ସମସ୍ତ ନିର୍ବାଚନର ସୂଚନା ଗଣମାଧ୍ୟମକୁ ଦେଇଥିଲେ।

# ଅବୈଧ ବାଲି ଚାଲାଣ ଉପରେ ଚଢ଼ାଉ, ଟ୍ରାକ୍ଟର ଓ ପଥର ଗାଡ଼ି ଜବତ



କେନ୍ଦ୍ରାପଡ଼ା,୨୮।୩ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା କୁଦାନଗରୀ ଥାନା ଅନ୍ତର୍ଗତ କରାଣ୍ଡିଆ ନଦୀରୁ ଅବୈଧ ବାଲି ଚାଲଣ ଚାଲିଥିବା ସମୟରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ଚୋରା ବାଲି ଭର୍ତ୍ତି ଥିବା ଗୋଟିଏ ଟ୍ରାକ୍ଟରକୁ ଜବତ କରାଯାଇଥିଲା। ଜବତ ହୋଇଥିବା ଗାଡିରେ ଗାଡି ଓ ଡାଲାର କୌଣସି ନମ୍ବର ନଥିବା ଦେଖିବାକୁ ମିଳିଥିଲା, ଯାହା ଅବୈଧ କାର୍ଯ୍ୟର ସ୍ପଷ୍ଟ ପ୍ରମାଣ ମିଳିଛି। ଏହା ସହିତ ଏକ ପଥର ଭର୍ତ୍ତି ଗାଡିକୁ ମଧ୍ୟ ଖଣି ବିଭାଗ ପକ୍ଷରୁ ଜବତ କରାଯାଇଛି। ଏହି ଅଭିଯାନରେ ଖଣି ଅଧିକାରୀଙ୍କ ଦୃଢ଼ ପଦକ୍ଷେପକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଥିବା ସହ ଧନ୍ୟବାଦ ଜଣାଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଦୀର୍ଘଦିନ ଧରି ଅବୈଧ ବାଲି ଓ ପଥର ଚାଲଣ ଚାଲିଥିବା ଅଭିଯୋଗ ରହିଥିଲା। ଏହି ଚଢ଼ାଉ ପରେ ଏପରି ଅବୈଧ କାର୍ଯ୍ୟରେ ଲିପ୍ତ ଲୋକଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଏପରି ଅଭିଯାନ ଆଗାମୀ ଦିନରେ ଆହୁରି ଜୋରଦାର କରାଯିବ ବୋଲି ସୂଚନା ମିଳିଛି।

# ସଡ଼କ ସୁରକ୍ଷା ସଚେତନତା




ମହାକାଳପଡ଼ା,୨୮।୩(ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଉଳକଣି ପଞ୍ଚାୟତର ଛପାଲି ଗୋଡା ଠାରେ ଆଜି ଜମ୍ବୁ ସାମୁଦ୍ରିକ ଥାନା ତରଫରୁ କମ୍ୟୁନିଟି ପୋଲିସିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କାର୍ଯ୍ୟରେ ଆଗୁଆ ହେବା ସହ ଅପରାଧ ଓ ନଶାଦ୍ରବ୍ୟରୁ ଦୂରେଇ ରହିବାକୁ ଉପସ୍ଥିତ ପୁଲିସ କର୍ମଚାରୀମାନେ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏମିତି କାର୍ଯ୍ୟକ୍ରମ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ବିଶ୍ୱାସ ଓ ସହଯୋଗ ବୃଦ୍ଧି କରାଇବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଜମ୍ବୁ ସାମୁଦ୍ରିକ ଥାନା ଆଇଆଇସି ଅନିତା ସ୍ୱାଇଁ,ଏସଆଇ ବାପୁଜୀ ଶେଖର ପଲାଇ, ଗୃହରକ୍ଷୀ ରାକେଶ ବାରିକ,ସଦାଶିବ ମଲ୍ଲିକ, ରଶ୍ମିରଞ୍ଜନ ମଣ୍ଡଳ, ରଶ୍ମିତା ଦାସଙ୍କ ସମେତ ବହୁସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

## ମାର୍ଶାଘାଇରେ ତେଲ ମାଫିଆଙ୍କ ଆତଙ୍କ
# ଦିନଦ୍ୱିପ୍ରହରେ ଚାଲିଛି ଚୋରି



କେନ୍ଦ୍ରାପଡ଼ା, ୨୮।୩ (ସଂଚାର ବ୍ୟୁରୋ)ଃ ଜିଲ୍ଲାର ମାର୍ଶାଘାଇ ଥାନା ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଚାଲିଛି ପେଟ୍ରୋଲ ଓ ଡିଜେଲ ଚୋରି । କେନ୍ଦ୍ରାପଡ଼ା ୫୩ ନମ୍ବର ରାଜ୍ୟ ରାଜପଥ ଉପରେ କାନପୁର ନିକଟରେ ଖୋଲାମେଲା ଭାବରେ ତେଲ ଚୋରି କାରବାର ଚାଲୁଥିବା ଅଭିଯୋଗ ହୋଇଛି। ତିନୋଟି ତେଲ ଭର୍ତ୍ତି ଟ୍ରାଙ୍କଲରକୁ ରାସ୍ତା ପାଖରେ ରଖି, ଗାଡିର ମୁଖ୍ୟ ପାଇପର ନଟ୍ ଢିଲା କରି ତଳେ ପାଲ ବିଛାଇ ବହୁ ପରିମାଣରେ ପେଟ୍ରୋଲ ଓ ଡିଜେଲ ଚୋରି କରାଯାଉଛି। ପ୍ରତିଦିନ ହଜାର ହଜାର ଲିଟର ତେଲ ଏଭଳି ଭାବେ ଚୋରା ଯାଉଥିବା କୁହାଯାଉଛି। ଆଶ୍ଚର୍ଯ୍ୟର କଥା ହେଲା, ଏହି ଅବୈଧ କାରବାର ଥାନାର ନାକ ତଳେ ଚାଲୁଥିବା ସତ୍ତ୍ୱେ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।ଏହା ସହିତ, ଯେକୌଣସି ବ୍ୟକ୍ତି ଯଦି ଘଟଣାର ଫଟୋ କିମ୍ବା ଭିଡିଓ ଧରିବାକୁ ଯାଉଛନ୍ତି, ତେଲ ମାଫିଆଙ୍କ ତରଫରୁ ଧମକ ମିଳୁଥିବା ଅଭିଯୋଗ ମଧ୍ୟ ଆସିଛି। ଫଟୋ ଡିଲିଟ କରିବାକୁ ନହେଲେ ଗୁରୁତର ପରିଣାମ ଭୋଗିବାକୁ ପଡିବ ବୋଲି ସେମାନେ ଭୟ ଦେଉଛନ୍ତି। ଏହି ଘଟଣାକୁ ନେଇ ସାରା କେନ୍ଦ୍ରାପଡ଼ା ଜିଲ୍ଲାରେ ଚର୍ଚ୍ଚା ଚାଲିଛି। ପୂର୍ବତନ ସରକାର ସମୟରୁ ଅଧିକ ଭାବରେ ବର୍ତ୍ତମାନ ଏପରି ଅବୈଧ କାରବାର ବୃଦ୍ଧି ପାଇଥିବା ବୋଲି ଲୋକମାନେ କହୁଛନ୍ତି। ସ୍ଥାନୀୟ ପ୍ରଶାସନ ଓ ପୁଲିସ ପକ୍ଷରୁ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ଜୋରଦାର ହେଉଛି।

# ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

ଯାଜପୁର,୨୮।୩ (ସଂଚାର ବ୍ୟୁରୋ)ଃକଳିଙ୍ଗନଗର ପୁଲିସ ନାବାଳିକା ଅପହରଣ ଅଭିଯୋଗରେ ଆଜି ସମ୍ପୃକ୍ତ ଯୁବକକୁ ଗିରଫ କରିଛି । ଗିରଫ ଯୁବକ ବାରଗାଡ଼ିଆ ଗ୍ରାମର ପୁଅ ତପନକୁମାର ଦାସ। ତପନ ଯାଜପୁର ରୋଡ ଅଂଚଳ ର ଏକ ୧୭ବର୍ଷର ନାବାଳିକାଙ୍କ ସହ ଇନ୍‌ଷ୍ଟାଗ୍ରାମ ଯୋଗେ ଭଲ ପାଉଥିଲେ। ତାଙ୍କୁ ବିବାହ ର ପ୍ରତିଶ୍ରୁତି ଦେଇ ପୁରୀ ରେ ଏକ ହୋଟେଲ ରେ ୪ଦିନ ରହିଲା ପରେ ଶାରୀରିକ ସମ୍ପର୍କ ରଖି ଏକାକୀ ଛାଡି ଚାଲିଯାଇଥିଲା। ବିଭାହ କରିବାକୁ ମନା କରିବାରୁ ନାବାଳିକା ଜଣକ ଯାଜପୁର ରୋଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଅନୁଯାଇ ତପନ କୁମାର ଦାସଙ୍କୁ ଗିରଫ କରି ଶନିବାର ଦିନ କୋର୍ଟ ଚାଲାଣ ହୋଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଆଶିଷ ସାହୁ।

## ପଟ୍ଟାମୁଣ୍ଡାଇ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ
# ସୂର୍ଯ୍ୟ ସଭାପତି, ରବି ସମ୍ପାଦକ

ପଟ୍ଟାମୁଣ୍ଡାଇ,୨୮।୩ (ସଂଚାର ବ୍ୟୁରୋ)ଃପଟ୍ଟାମୁଣ୍ଡାଇ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଆଜି ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ଓକିଲ ସଂଘ କାର୍ଯ୍ୟାଳୟ ଅନୁଷ୍ଠିତ ନିର୍ବାଚନରେ ସଭାପତି- ସୂର୍ଯ୍ୟରଂଜନ ରାଉଳ, ଉପସଭାପତି - ଗୋପୀନାଥ ତ୍ରିପାଠୀ, ସାଧାରଣସମ୍ପାଦକ - ରବୀନ୍ଦ୍ର କୁମାର ଦାଶ, ଯୁଗ୍ମ ସମ୍ପାଦକ - କୁମାର ସତ୍ୟ ନାରାୟଣ ନାୟକ ନିର୍ବାଚିତ ହୋଇ ଥିବାବେଳେ କୋଷାଧକ୍ଷ ଗୀତାଞ୍ଜଳି ପୃଷ୍ଟି ଓ ପାଠାଗାର ରକ୍ଷକ ସିନାରାଣୀ ଓଝା ନିର୍ଦ୍ଵନ୍ଦରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଡ଼ଭୋକେଟ ଭୀମସେନ ପ୍ରଧାନ ଘୋଷଣା କରିଛନ୍ତି । ନବ ନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତାମାନଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ଜନ ଆରୋଗ୍ୟ ସମିତି ବୈଠକକୁ ଆସୁନାହାନ୍ତି ସରପଞ୍ଚ
## ସରକାରୀ ଅନୁଦାନ ବିନିଯୋଗରେ ବାଧକ

କେନ୍ଦ୍ରାପଡ଼ା,୨୮।୩(ସଂଚାର ବ୍ୟୁରୋ)ଃଇନ୍ଦୁପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବାଲିଆ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ଭରତପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଜନ ଆରୋଗ୍ୟ ସମିତି(ଜାଆସ) ବୈଠକକୁ ସରପଞ୍ଚ ଆସୁନଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି । ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ତୃପ୍ତିମୟୀ ମୁଦୁଲି ସରପଞ୍ଚଙ୍କୁ ଜାଆସ ବୈଠକରେ ଯୋଗଦେବାକୁ ବାରମ୍ବାର ନୋଟିସ କରୁଥିଲେ ମଧ୍ୟ ସେ ବୈଠକରେ ଅନୁପସ୍ଥିତ ରହୁଛନ୍ତି । ଏଥିସହିତ ଏହି ସମିତିର ବିଭିନ୍ନ ଖର୍ଚ୍ଚ ପାଇଁ ଆସୁଥିବା ସରକାରୀ ଅନୁଦାନର ବିନିଯୋଗରେ ଏହା ବାଧକ ସାଜିଛି । ସରପଞ୍ଚ ଏହି ସମିତିର ବୈଠକକୁ ଆସୁନଥିବା ବେଳେ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ ଚେକରେ ସ୍ୱାକ୍ଷର କରୁନଥିବା ମଧ୍ୟ ଅଭିଯୋଗ ହୋଇଛି । ଏସମ୍ପର୍କରେ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଉଭୟ ଇନ୍ଦୁପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କୁ ଜଣାଇବା ପରେ ସେମାନେ ମଧ୍ୟ ଏସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ବୈଠକରେ ଅବଗତ କରାଇଛନ୍ତି । ମାର୍ଚ୍ଚମାସ ଶେଷ ହେବାକୁ ଯାଉଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷର ସରକାରୀ ଅନୁଦାନ ଖର୍ଚ୍ଚ ହେବାରେ ଏହି ଘଟଣା ବାଧକ ସାଜିଛି । ଫଳରେ ଭରତପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଚଳ ହେବାକୁ ବସିଛି । ତୁରନ୍ତ ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଭରତପୁର ପାୟତବାସୀ ଦାବି କରିଛନ୍ତି । ଏସମ୍ପର୍କରେ ଭରତପୁର ପାୟତ ସରପଞ୍ଚ ନିଳାମ୍ବର ମଲ୍ଲିକଙ୍କୁ ଯୋଗାଯୋଗ କରାଯାଇଥିଲେବି ତାହା ସମ୍ଭବ ହୋଇପାରିନାହିଁ। ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା.ଖଗେଶ୍ୱର ନାୟକ କହିଛନ୍ତି ଯେ ସେ ଏବାବଦରେ ଭରତପୁର ସରପଞ୍ଚଙ୍କୁ ବୁଝାଇଥିଲେ ବି କୌଣସି ଫଳପ୍ରଦ ନହେବାରୁ ଏସମ୍ପର୍କରେ ସିଡିଏମଓ ଏବଂ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି ।

# ଅଗ୍ନିକାଣ୍ଡରେ ବାଛୁରୀ ମୃତ, ମାଲିକ ଗୁରୁତର

ନିଶ୍ଚିନ୍ତକୋଇଲି, ୨୮।୩ (ସଂଚାର ବ୍ୟୁରୋ)ଃ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନ ଜନାର୍ଦ୍ଦନପୁର ପଞ୍ଚାୟତ ପାଟଣା ଗ୍ରାମର ନଟବର ବାରିକଙ୍କ ଗୁହାଳ ଘରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଗୋଟିଏ ଛୋଟ ବାଛୁରୀ ମୃତ୍ୟୁବରଣ କରିଥିବାବେଳେ ଗୋଟିଏ ଗାଈର ଶରୀରର ବିଭିନ୍ନ ଅଂଶ ପୋଡ଼ିଯାଇଛି। ଗାଈକୁ ଉଦ୍ଧାର କରିବାକୁ ଯାଇ ଗୃହ କର୍ତ୍ତା ଶ୍ରୀ ବାରିକ ନିଆଁରେ ପୋଡ଼ି ଗୁରୁତର ହୋଇଛନ୍ତି। ଆହତ ବାରିକଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ନିଆଯାଇଥିଲା ବେଳେ ଅଗ୍ନିକାଣ୍ଡ ଖବର ପାଇ ସାଲେପୁର ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ନଟବର ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ଉକ୍ତ ପରିବାରକୁ ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କୁସୁନପୁରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ ଶିବିର



ପାରାଦୀପ,୨୮।୩ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡାର ଗରଦପୁର ବ୍ଲକ କୁସୁନପୁର ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଔଷଧ ବଣ୍ଟନ ଶିବିର ଆୟୋଜନ କରାଯାଇଥିଲା। ଶିବିରଟି ବଡବେତାରା ଗ୍ରାମ ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହା ଇଫକୋ ପାରାଦୀପ ୟୁନିଟ୍ ଏବଂ ଇଫକୋ କର୍ଡେଟ୍ ପାରାଦୀପ, କଳିଙ୍ଗ ହସ୍ପିଟାଲ ଭୁବନେଶ୍ୱର ଏବଂ ରୋଟାରୀ ଚକ୍ଷୁ ହସ୍ପିଟାଲ କଟକ ଦ୍ୱାରା ଏକ ମିଳିତ ପ୍ରୟାସ ଥିଲା। ଜିଲ୍ଲା ସାରା ଗ୍ରାମାଞ୍ଚଳର ଗ୍ରାମବାସୀ/ଗ୍ରାମାଞ୍ଚଳର ଲୋକମାନେ ଏହି କାର୍ଯ୍ୟକ୍ରମରେ ପଞ୍ଜିକରଣ କରିଥିଲେ, ଯେଉଁଠାରେ ରକ୍ତଚାପ ଏବଂ ସୁଗାର ପରୀକ୍ଷା ସମେତ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଇଫକୋ ରୋଗୀମାନଙ୍କୁ ସେମାନଙ୍କର ଚିକିତ୍ସା ପାଇଁ ମାଗଣା ଔଷଧ ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମକୁ ଇଫକୋ କର୍ଡେଟ୍, ପ୍ରିନ୍ସିପାଲ ଶ୍ରୀ କୁଳମଣି ମାଝୀ ଏବଂ ଇଫକୋ ପିଆରଓ ଡକ୍ଟର ପ୍ରସନ୍ନ କୁମାର ବେଉରାଙ୍କ ଦ୍ୱାରା ସହାୟତ କରାଯାଇଥିଲା। କଳିଙ୍ଗ ହସ୍ପିଟାଲ, ଭୁବନେଶ୍ୱର ରୋଟାରୀ ଚକ୍ଷୁ ହସ୍ପିଟାଲ, କଟକର ଡାକ୍ତରଙ୍କ ଦଳ ରୋଗୀମାନଙ୍କୁ ପରୀକ୍ଷା କରିଥିଲେ। ଗ୍ରାମ ପଞ୍ଚାୟତ ସରପଞ୍ଚ ସୁଜ୍ଞକ୍ତା ମହାପାତ୍ର, ସମାଜସେବୀ କିଶୋରଚନ୍ଦ୍ର ମହାପାତ୍ର, ରଞ୍ଜନ କୁମାର ରଥ, ରଞ୍ଜନ କୁମାର ରାଉତ, ବିଶ୍ୱରଞ୍ଜନ ସାହୁ, ଭଞ୍ଜନ କୁମାର ରଥ ଏବଂ ପତିତବାଣା ବିଶ୍ୱାଳ ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନାରେ କରିଥିଲେ।

# ଯାଜପୁରରେ ଓକିଲ ସଂଘ ନିର୍ବାଚନରେ 'ସରକାରୀ ଓକିଲ'ଙ୍କ ପରାଜୟ

ଯାଜପୁର ଟାଉନ,୨୮।୩ (ସଂଚାର ବ୍ୟୁରୋ)ଃ ଯାଜପୁରର ଓକିଲ ସଂଘ ନିର୍ବାଚନ ଫଳାଫଳ କେବଳ ଏକ ସାଧାରଣ ନିର୍ବାଚନ ନୁହେଁ ଏହା ହେଉଛି ଏକ ସ୍ପଷ୍ଟ ସନ୍ଦେଶ। ସହରର ତିନୋଟି ପ୍ରମୁଖ ବାର ଆସୋସିଏସନରେ ସରକାରୀ ଓକିଲ ପ୍ରାର୍ଥୀମାନଙ୍କ ଶୋଚନୀୟ ପରାଜୟ ଆଇନଜୀବୀ ମହଲରେ ଚର୍ଚ୍ଚାକୁ ତୀବ୍ର କରିଦେଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ପରିଣାମ ହେଉଛି ତିନୋଟି ସଂଘର ସମ୍ପାଦକ ପଦକୁ ବିରୋଧୀ ପକ୍ଷ ସଫା କରି ନେଇଛି, ଯାହାକୁ ଅନେକ ଆଇନଜୀବୀ "ମତଦାତାଙ୍କ ଅସନ୍ତୋଷର ପ୍ରକାଶ" ବୋଲି କହୁଛନ୍ତି।

ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନରେ ମୋଟ ୧୦୯ଟି ଭୋଟ ମଧ୍ୟରୁ ୩ଟି ନାକଜ୍ ହୋଇଥିଲା। ସଭାପତି ଭାବେ ଅମୀୟ କୁମାର ମହାନ୍ତି ଓ ଉପ ସଭାପତି ଭାବେ ଝରଣା ମିଶ୍ର ମଧ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ପଦରେ ଦିବାକର ମହାନ୍ତି ୫୬ ଭୋଟ ପାଇ ବିଜୟୀ ହୋଇ, ସରକାରୀ ଓକିଲ ଅଲିପ ନାୟକଙ୍କୁ ପରାଜିତ କରିଛନ୍ତି। ସହ ସମ୍ପାଦକ ଭାବେ ଚିନ୍ମୟୀ ଜେନା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି।

ବାର ଆସୋସିଏସନ, ଯାଜପୁର ମୋଟ ୧୫୮ଟି ଭୋଟରୁ ୨ଟି ନାକଜ୍ ହୋଇଥିବା ବେଳେ ସଭାପତି ଭାବେ ପ୍ରଫୁଲ୍ଲ ସାମଲ ଓ ଉପ ସଭାପତି ଝୁମରବର ପରିଡ଼ା ନିର୍ଦ୍ୱନ୍ଦରେ ନିର୍ବାଚିତ। ସମ୍ପାଦକ ପଦରେ ରୁଦ୍ର ନାରାୟଣ ମହାନ୍ତି ୧୦୫ ଭୋଟ ପାଇ ବିଜୟୀ ହୋଇ, ସରକାରୀ ଓକିଲ ଜିତୁ ଗଡନାୟକଙ୍କୁ ପଛକୁ ଛାଡ଼ିଛନ୍ତି। ସହ ସମ୍ପାଦକ ପଦରେ ପୀତାମ୍ବର ମିଶ୍ର ୯୦ ଭୋଟ ପାଇ ବିଜୟୀ ହୋଇ, ସୁବାସ ଦାସଙ୍କୁ ହରାଇଛନ୍ତି। କ୍ରିମିନାଲ କୋର୍ଟ ବାର ଆସୋସିଏସନ ମଧ୍ୟ ସମାନ ଧାରା ଜାରି। ମୋଟ ୧୧୦ ଭୋଟରୁ ୧ଟି ନାକଜ୍ ହୋଇଥିଲା। ସଭାପତି ଭାବେ କିଶୋର ଚନ୍ଦ୍ର କର ଓ ଉପ ସଭାପତି ଗୋପାଳ କୃଷ୍ଣ ମହାନ୍ତି ନିର୍ଦ୍ୱନ୍ଦରେ।ସମ୍ପାଦକ ପଦରେ ସନ୍ତୋଷ କୁମାର ପଣ୍ଡା ୮୮ ଭୋଟ ପାଇ ବିଜୟୀ ହୋଇ, ଉତ୍କଳ ଦାସଙ୍କୁ ପରାଜିତ କରିଛନ୍ତି। ସହ ସମ୍ପାଦକ ଭାବେ ସୁବାସ ଚନ୍ଦ୍ର ସାମଲ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି।

କେତେକ ମହଲରୁ ଅଭିଯୋଗ କିଛି ରାଜନୈତିକ ନେତା ଲୋକସମ୍ପର୍କହୀନ ଓକିଲମାନଙ୍କୁ ସରକାରୀ ପଦବୀ ଦେଇଥିବାରୁ ଏପରି ପରିସ୍ଥିତି ହୋଇଛି। ଯଦିଓ ଏହାର ଅଧିକୃତ ପ୍ରମାଣ ମିଳିନାହିଁ, ତଥାପି ଏହା ନେଇ ଚର୍ଚ୍ଚା ତୀବ୍ର ହୋଇଯାଇଛି।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି



ପଟ୍ଟାମୁଣ୍ଡାଇ,୨୮।୩ (ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ବ୍ଲକରେ କାର୍ଯ୍ୟକାରୀ ଏମଏନ ଆରଇଜିଏସ ଓ ଜାତୀୟ ଖାଦ୍ୟସୁରକ୍ଷା ଯୋଜନାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ଆୟୋଜିତ ଜନ ଶୁଣାଣୀ ଶିବିରରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ଉପାଧ୍ୟାକ୍ଷା ଜୟନ୍ତୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମଏନ ଆରଇଜିଏସ ଓ ଏନଏଫଏସଏର ସାମାଜିକ ସମୀକ୍ଷା ହେବା ଫଳରେ ଜନସାଧାରଣ ବିଭିନ୍ନ ଯୋଜନା ଓ କାର୍ଯ୍ୟକାରୀତା ସମ୍ପର୍କରେ ସଚେତନ ହୋଇ ପାରୁଛନ୍ତି ବୋଲି ମତପ୍ରକାଶ କରିଥିଲେ।

ବିଡ଼ିଓ ଶୀତଲ ଅଗ୍ରୱାଲ ଆଗାମୀ ଦିନରେ ସମଗ୍ର ଜିଲ୍ଲାରେ ପଟ୍ଟାମୁଣ୍ଡାଇ ବ୍ଲକ ମନେରେଗା ଯୋଜନାରେ ସର୍ବାଧିକ ସଫଳତା ହାସଲ କରିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଡି ଡବ୍ଲୁ ଓ ଅରବିନ୍ଦ ରାୟ, ଜିଲ୍ଲା ସାମାଜିକ ସମୀକ୍ଷା ୟୁନିଟର ସରୋଜ କୁମାର ଦାଶ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଳିକ, ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ମିଶ୍ର ଓ ପ୍ରସନ୍ନ ରାଉତ,ବ୍ଲକ ଏ ପି ଓ ପୁଣ୍ୟଶ୍ରୀ ସାହୁ,ବ୍ଲକ ସୋସିଆଲ ଅଡିଟର ନଳିନୀ କାନ୍ତ ସ୍ୱାଇଁ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ ବ୍ଲକ ସିପି ପ୍ରିୟରଞ୍ଜନ ସ୍ୱାଇଁ, କ୍ୟାସିୟର ଦୁଷ୍ମନ୍ତ ପାତ୍ର ମନେରେଗା ସହକାରୀ ବନ୍ଦିତା ଭଦ୍ର, ପ୍ରିୟବନ୍ଦା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଶିବିରରେ ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ,ଦିହୁଡିପୁର ସରପଞ୍ଚ ନରେଶ ମଲିକ, ଶ୍ରୀରାମ ପୁର ସରପଞ୍ଚ ସସ୍ମିତା ସେଠୀ ଗଙ୍ଗାରାମପୁର ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, ସଂସାର ଫଳ ସମିତି ସଭ୍ୟ ପର୍ଶୁରାମ ବେହେରା ସାନଜରିଆ ସମିତି ସଭ୍ୟ ସୁବାଷ ବାରିକ ପ୍ରମୁଖ ବହୁ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

ଏହି ଶିବିରରେ ଗ୍ରାମ୍ୟ ସାଧନ କର୍ମୀ, ଜବକାର୍ଡଧାରୀ,ରାସନକାର୍ଡଧାରୀ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ,ପୂର୍ବତନ ଜନପ୍ରତିନିଧି, ସମାଜସେବୀ ଯୋଗ ଦେଇ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ।

# ବିନା ହେଲମେଟରେ ବାଇକ ଚଳାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ



● ମୁକେଶ ମହାଲିଙ୍ଗଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରଃ ବିଜେଡି
● ମନ୍ତ୍ରୀଙ୍କ ଆଚରଣ ଉଚ୍ଚାରଣ ଗ୍ରହଣୀୟ ନୁହେଁ

ଭୁବନେଶ୍ୱର, ୨୮।୩ (ସଂଚାର ବ୍ୟୁରୋ)ଃ ଏସସିବି ମେଡିକାଲ କଲେଜର ଆଇସିୟୁରେ ଅଗ୍ନିକାଣ୍ଡ ଘଟି ୧୩ ଜଣ ରୋଗୀଙ୍କ ଦୁଃଖଦ ମୃତ୍ୟୁ ହେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବିରେ ଏକ ସପ୍ତାହରୁ ଅଧିକ ଦିନ ବିଧାନସଭା ଅଚଳ ହୋଇଥିବା ବେଳେ ରାମ ନବମୀ ଶୋଭାଯାତ୍ରାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନିଜେ ବିନା ହେଲମେଟରେ ମଟର ସାଇକେଲ ଚଳାଇବାକୁ ନେଇ ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି।

ଦଳ ପକ୍ଷରୁ ଜାରି ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଅସ୍ମିତା, ନୀତି ଓ ନୈତିକତାର ପାଠ ପଢ଼ାଉଥିବା ବିଜେପି ବାସ୍ତବରେ ପ୍ରତିଦିନ ଏହାକୁ ହତ୍ୟା କରି ଚାଲିଛି। ଏସସିବିରେ ଅଗ୍ନିକାଣ୍ଡ ଘଟି ୧୩ ଜଣଙ୍କ ଦୁଃଖଦ ମୃତ୍ୟୁ ହେବା ପରେ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦେବାକୁ ବିରୋଧୀ ଦଳମାନେ ଦାବି କରିଆସୁଥିଲେ ମଧ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ପୂର୍ବରୁ ସ୍ୱାସ୍ଥ୍ୟ ସହ ସଂସଦୀୟ ବ୍ୟାପାର ବିଭାଗ ଦାୟିତ୍ୱରେ ଥିବା ଡ. ମହାଲିଙ୍ଗ ବିଧାନସଭାରେ ଅଶ୍ରାବ୍ୟ ଭାଷା ପ୍ରୟୋଗ କରିଥିଲେ, ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବି ଭାଇରାଲ ହୋଇଥିଲା। କିନ୍ତୁ ମନ୍ତ୍ରୀଙ୍କ ଏହି ବିଶୃଙ୍ଖଳିତ ଆଚରଣ ପାଇଁ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଯେତେବେଳେ ଏସସିବିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରେ ଗୋଟିଏ ରୋଗୀ ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁବରଣ କରୁଥିଲେ, ସେତେବେଳେ ମନ୍ତ୍ରୀ ପାରାଦୀପରେ ମଉଜ ମଜଲିସରେ ବ୍ୟସ୍ତ ଥିଲେ।

ଗତକାଲି ପବିତ୍ର ରାମ ନବମୀ ଅବସରରେ ହେଉଥିବା ଶୋଭାଯାତ୍ରାରେ ମନ୍ତ୍ରୀ ଡ. ମହାଲିଙ୍ଗଙ୍କୁ ବିନା ହେଲମେଟରେ ମଟର ସାଇକେଲ ଚଳାଉଥିବା ଦେଖିବାକୁ ମିଳିଲା। ମନ୍ତ୍ରୀଙ୍କ ଏହି କାର୍ଯ୍ୟକୁ ରାଜ୍ୟର ସାଧାରଣ ଜନତା ନାପସନ୍ଦ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ବିନା ହେଲମେଟରେ ମନ୍ତ୍ରୀ ମଟର ସାଇକେଲ ଚଳାଉଥିବା ଫଟୋ ପୋଷ୍ଟ କରି ଏହା କ'ଣ ବିଜେପି ସରକାରଙ୍କ ନୀତିନୈତିକତା ବୋଲି କିଛି ଲୋକ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଲଗାତାର ଭାବେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆଇନ ଉଲ୍ଲଂଘନ କାର୍ଯ୍ୟ ବିଧାୟକଙ୍କ ଦ୍ୱାରା ଲେଖାଯାଇଥିବା ଉକ୍ତି ଯଥାର୍ଥ ଥିଲା ବୋଲି ପ୍ରମାଣିତ କରୁଛି। ଉଲ୍ଲେଖଯୋଗ୍ୟ ଯେ ମନ୍ତ୍ରୀ ଡ. ମହାଲିଙ୍ଗ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ଲୋଇସିଂହା ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ବେଳେ ସେ ଅନୁସୂଚିତ ଜାତି ବର୍ଗର ନୁହନ୍ତି ଓ ଜାଲ ପ୍ରମାଣପତ୍ର ଦେଇ ଏହା ହାସଲ କରିଛନ୍ତି ବୋଲି ଅଭିଯୋଗ ରହିଛି।

# ଓଟିପି ଆସୁଛି, ଡେଲିଭରି ହେଉନି

● ରାଜଧାନୀରେ ଗ୍ୟାସ୍ ଏଜେନ୍ସି ସମ୍ମୁଖରେ ବିକ୍ଷୋଭ
● ସ୍ଥିତି ମୁକାବିଲା ପାଇଁ ଦିଲ୍ଲୀରେ ଯୋଗାଣ ମନ୍ତ୍ରୀଙ୍କ ବୈଠକ
● ପିଏନଜି ସଂଯୋଗ ବୃଦ୍ଧି ପାଇଁ ରାଜ୍ୟକୁ ଦିଆଗଲା ଟାର୍ଗେଟ




ଭୁବନେଶ୍ୱର, ୨୮।୩ (ସଂଚାର ବ୍ୟୁରୋ)ଃ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦାବି ସତ୍ତ୍ୱେ ରାଜଧାନୀରେ ଗ୍ୟାସ ସଙ୍କଟ ଗୁରୁତର ହେବାରେ ଲାଗିଛି। ବିଭିନ୍ନ ଗ୍ରାହକଙ୍କ ବୁକିଂ ହେଉଛି, ଓଟିପି ବି ଆସୁଛି, ହେଲେ ଡେଲିଭରି ହେଉନି। ଗ୍ୟାସ୍ ଏଜେନ୍ସି ପାଖକୁ ଗଲେ, ସେ କହୁଛନ୍ତି ଗ୍ୟାସ୍ ଟାଙ୍କି ଆସିନାହିଁ। ଏମିତି ଏକ ଘଟଣାକୁ ନେଇ ଆଜି ଭୁବନେଶ୍ୱରର ଏକ ଗ୍ୟାସ ଏଜେନ୍ସି ସମ୍ମୁଖରେ ଧାରଣା ଦେଇଥିଲେ ଖାଉଟି।

ଆଜି ଶତାଧିକ ଲୋକ ସମ୍ପୃକ୍ତ ଗ୍ୟାସ୍ ଏଜେନ୍ସି ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କର ଅଭିଯୋଗ ହେଲା କି ସେମାନେ ଗ୍ୟାସ୍ ବୁକିଂ କରିଥିଲେ। କିଛି ଦିନ ପରେ ଗ୍ୟାସ୍ ଡେଲିଭରି ପାଇଁ ଖାଉଟିଙ୍କୁ ଓଟିପି ବି ଆସିଥିଲା। ହେଲେ ସିଲିଣ୍ଡର ଡେଲିଭରି ହେଉନାହିଁ। ଏନେଇ ସାଧାରଣ ଲୋକେ ଗ୍ୟାସ ଏଜେନ୍ସିକୁ ପ୍ରଶ୍ନ ପଚାରିବାରୁ ସେଠାକାର କର୍ମଚାରୀ କହିଥିଲେ କି ଗ୍ୟାସ୍ ଏବେ ନାହିଁ। ତେବେ ଏଠି ପ୍ରଶ୍ନ ଉଠୁଛି, ଯଦି ଗ୍ୟାସ୍ ନାହିଁ, ତା'ହେଲେ ସିଲିଣ୍ଡର ଭର୍ତ୍ତି ପାଇଁ ଓଟିପି କେମିତି ଆସିଲା। ତେଣୁ ଏହିସବୁ ଗ୍ୟାସ୍ ସିଲିଣ୍ଡରକୁ ଏଜେନ୍ସିମାନେ ବ୍ଲାକ୍‌ରେ ବିକ୍ରି କରୁଥିବା ଅଭିଯୋଗ ଆଣିଛନ୍ତି ଖାଉଟି। ତେବେ ଗ୍ୟାସ୍ ସମସ୍ୟା ନେଇ ସମ୍ପୃକ୍ତ ଏଜେନ୍ସି ପକ୍ଷରୁ କୌଣସି ସୂଚନା ମିଳିନାହିଁ।

ସେପଟେ ଲୋକଙ୍କୁ ପିଏନଜି ଓ ଏଲପିଜି ଯୋଗାଣ ନେଇ ଦିଲ୍ଲୀରେ କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଏହି ବୈଠକରେ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂ ପୁରୀ, ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ୯ଟି ରାଜ୍ୟର ଯୋଗାଣ ମନ୍ତ୍ରୀ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ଥିଲେ। ବୈଠକ ପରେ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ ସହରାଞ୍ଚଳରେ କିପରି ପିଏନଜି ସଂଯୋଗ ଶୀଘ୍ର ବୃଦ୍ଧି ହୋଇପାରିବ, ତାକୁ ନେଇ ଟାର୍ଗେଟ ଦିଆଯାଇଛି। ପ୍ରାଥମିକତା ଭିତ୍ତିରେ ଭୁବନେଶ୍ୱର, କଟକ ଭଳି ସହରରେ ପିଏନଜି ସଂଯୋଗକୁ ବୃଦ୍ଧି କରିବା ଯୋଜନା କରାଯିବ। ପରେ ଅନ୍ୟ ସହର ଓ ପୌରାଞ୍ଚଳରେ ପିଏନଜି ସଂଯୋଗ ବୃଦ୍ଧି ପାଇଁ ଯୋଜନା ହେବ। ଦେଶରେ ଏବେ ୬୦ ପ୍ରତିଶତ ପିଏନଜି ଉତ୍ପାଦନ ହେଉଛି। ଏଥିରେ ଅତି ସହଜରେ ଗ୍ୟାସ୍ ଆସିବ, ଟ୍ରାନ୍ସପୋର୍ଟ ଚାର୍ଜ ବି ଲାଗିବ ନାହିଁ। ଲୋକେ କମ୍ ଅର୍ଥରେ ଏହା ପାଇପାରିବେ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଲୋକେ ଭୟଭୀତ ହୋଇ ବୁକିଂ କରୁଥିବାରୁ ୩୦ ପ୍ରତିଶତ ଏଲପିଜି ବୁକିଂ ବଢ଼ିଯାଇଛି ବୋଲି ମଧ୍ୟ ସେ କହିଛନ୍ତି।

# ଦୁଇ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ ପ୍ରଚଳନ



ଭୁବନେଶ୍ୱର, ୨୮।୩ (ସଂଚାର ବ୍ୟୁରୋ) : ଦୂରଗାମୀ ରେଳ ସଂଯୋଗୀକରଣ ବୃଦ୍ଧି ଏବଂ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବ ଦୁଇଟି ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍। ଟ୍ରେନ୍ ନମ୍ବର ୧୮୦୬୩ ସାନ୍ତ୍ରାଗାଛି-ୟାଲାହାଙ୍କା ଏସି ଏକ୍ସପ୍ରେସ୍ ୨ ଏପ୍ରିଲ ୨୦୨୬ ରୁ ପ୍ରତି ଗୁରୁବାର ଦିନ ୧୨:୫୦ ରେ ସାନ୍ତ୍ରାଗାଛିରୁ ଛାଡ଼ିବ ଏବଂ ଶନିବାର ଦିନ ରାତି ୧୨ : ୨୦ ରେ ୟାଲାହାଙ୍କାରେ ପହଞ୍ଚିବ। ଫେରିବା ଦିଗରେ,ଟ୍ରେନ ନମ୍ବର ୧୮୦୬୪ ୟାଲାହାଙ୍କା- ସାନ୍ତ୍ରାଗାଛି ଏସି ଏକ୍ସପ୍ରେସ ୪ ଏପ୍ରିଲ ୨୦୨୬ ଠାରୁ ପ୍ରତି ଶନିବାର ୟାଲାହାଙ୍କାରୁ ଭୋର ୦୪:୫୦ ରେ ଛାଡିବ ଏବଂ ରବିବାର ସନ୍ଧ୍ୟା ୫ ଟାରେ ସାନ୍ତ୍ରାଗାଛିରେ ପହଞ୍ଚିବ। ଯାତ୍ରା ସମୟରେ,ଟ୍ରେନଟି ପୂର୍ବ ତଟ ରେଳପଥ କ୍ଷେତ୍ରାଧିକାର ଅନ୍ତର୍ଗତ ପ୍ରମୁଖ ଷ୍ଟେସନଗୁଡ଼ିକ ଦେଇ ଯିବ,ଯଥା ଭଦ୍ରକ,କଟକ,ଭୁବନେଶ୍ୱର,ଖୋର୍ଦ୍ଧା ରୋଡ୍,ବ୍ରହ୍ମପୁର,ପଲାସା,ଶ୍ରୀକାକୁଲମ୍ ରୋଡ୍, ବିଜୟନଗରମ୍, କୋଟ୍ଟାଭାଲସା, ପେଣ୍ଡୁର୍ଟି ଏବଂ ଦୁଭାଡା ଇତ୍ୟାଦି।

ଟ୍ରେନ ନମ୍ବର ୧୮୦୪୧ ଶାଲିମାର-ଏମଜିଆର ଚେନ୍ନାଇ ଏକ୍ସପ୍ରେସ୍ ୬ ଏପ୍ରିଲ ୨୦୨୬ ଠାରୁ ପ୍ରତି ସୋମବାର ଅପରାହ୍ନ ୨:୪୫ ରେ ଶାଲିମାରରୁ ଛାଡିବ ଏବଂ ମଙ୍ଗଳବାର ସନ୍ଧ୍ୟା ୬:୪୫ ରେ ଏମଜିଆର ଚେନ୍ନାଇରେ ପହଞ୍ଚିବ। ଫେରିବା ଦିଗରେ, ଟ୍ରେନ ନମ୍ବର ୧୮୦୪୨ ଏମଜିଆର ଚେନ୍ନାଇ-ଶାଲିମାର ଏକ୍ସପ୍ରେସ୍ ୭ ଏପ୍ରିଲ ୨୦୨୬ ଠାରୁ ପ୍ରତି ମଙ୍ଗଳବାର ସନ୍ଧ୍ୟା ୬:୪୫ ରେ ଏମଜିଆର ଚେନ୍ନାଇରୁ ଛାଡିବ ଏବଂ ଗୁରୁବାର ଭୋର ୪:୦୦ ରେ ଶାଲିମାରରେ ପହଞ୍ଚିବ। ଯାତ୍ରା ସମୟରେ,ଟ୍ରେନଟି ପୂର୍ବ ତଟ ରେଳବାଇ କ୍ଷେତ୍ରାଧିକାର ଅନ୍ତର୍ଗତ ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଗତି କରିବ,ଯେପରିକି ଭଦ୍ରକ,କଟକ,ଭୁବନେଶ୍ୱର,ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ବିଜୟନଗରମ୍ ଏବଂ ଦୁଭାଡା ଇତ୍ୟାଦି।ଏହି ନୂତନ ସେବାଗୁଡ଼ିକ ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଏବଂ ତାମିଲନାଡୁ ମଧ୍ୟରେ ଯୋଗାଯୋଗରେ ଉଲ୍ଲେଖନୀୟ ଉନ୍ନତି ଆଣିବ।

# ରାଜ୍ୟରେ ତୈଳ କିମ୍ବା ଗ୍ୟାସ ସଙ୍କଟ ନାହିଁ



ଭୁବନେଶ୍ୱର, ୨୮।୩ (ସଂଚାର ବ୍ୟୁରୋ) : ରାଜ୍ୟରେ ତୈଳ କିମ୍ବା ଗ୍ୟାସ ସଙ୍କଟ ନାହିଁ । ବିରୋଧୀମାନେ ଅପପ୍ରଚାର କରୁଛନ୍ତି । ଏହା କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏଲପିଜି ବୁକିଂରେ ସମୟ ଟିକେ ବଢ଼ିଛି । ଅନ୍ୟ ଦେଶ ତୁଳନାରେ ଆମେ ଭଲରେ ଅଛୁ। ଦେଶ ଠିକ୍ ନେତୃତ୍ୱଙ୍କ ହାତରେ ଅଛି। ସେଭଳି ଅସୁବିଧା ହେବା ବୋଲି ମୁଁ ଭାବୁନି। ବିରୋଧୀ କେବଳ ଅପ ପ୍ରଚାର କରୁଥିବା ସେ କହିଛନ୍ତି । ସେପଟେ ବିଜେଡିର ବରିଷ୍ଠ ଉପ ସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ସଙ୍କଟ ନେଇ ପ୍ରଧାନମନ୍ତ୍ରୀ ଯଦି କହୁଛନ୍ତି ଟିମ୍ ଇଣ୍ଡିଆ ହୋଇ କାମ କରିବାକୁ, ଏହା ସ୍ୱାଭାବିକ । ମନ୍ତ୍ରୀ ଯଦି କହୁଛନ୍ତି ଦୁଇ ମାସ ଯାଏଁ ଏଲ୍‌ପିଜି ମହଜୁଦ ଅଛି, ତେବେ ଲୋକେ ଲାଇନରେ କାହିଁକି ଠିଆ ହେଉଛନ୍ତି? ଆଗ ଓଡ଼ିଶାର ଅସଲ ସ୍ଥିତି କୁହନ୍ତୁ ସରକାର । ପରବର୍ତ୍ତୀ ସମୟର ବିକଳ୍ପ କ'ଣ ? ତାହା ସରକାର ଜଣାନ୍ତୁ। ଆଗରୁ ନିସ୍ତାର ସେସ୍ ଦିଆଯାଉଥିଲା। ପାହାଡ଼ିଆ ଉପାନ୍ତ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ନଥିବାରୁ, ଜାଳେଣି କାଠ ଯୋଗାଇ ଦିଆଯାଉଥିଲା । ତାହା ଏବେ ଯୋଗାଇବାକୁ ସରକାର ସୁନିଶ୍ଚିତ କରନ୍ତୁ ବୋଲି ଦେବୀ ମିଶ୍ର କହିଛନ୍ତି ।

## ୩୦ରେ 'ସ୍ୱାସ୍ଥ୍ୟସେବାରେ ଅଙ୍ଗ ପ୍ରତିରୋପଣ ଓ ଏଆଇ' କର୍ମଶାଳା
### ଯୋଗଦେବେ ୪ ରାଜ୍ୟର ୩ ଶହରୁ ଊର୍ଦ୍ଧ୍ୱ ଚିକିତ୍ସକ, ଗବେଷକ

ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ)ଃ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଅଙ୍ଗ ପ୍ରତିରୋପଣର ଚାହିଦା। ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ସହ ବ୍ୟାପକ ସଚେତନତା ପ୍ରସାର, ସଂସ୍ଥାଗତ ପ୍ରସ୍ତୁତିକୁ ଦୃଢ଼ କରିବା, ଅଙ୍ଗଦାତାଙ୍କ ସଂଖ୍ୟା ବିସ୍ତାର କରିବା ଏବଂ ପ୍ରତିରୋପଣ ଫଳାଫଳକୁ ଉନ୍ନତ କରିବା ପାଇଁ ନୀତି ରଣନୀତି ସହ ସମନ୍ୱୟ ସ୍ଥାପନର ଆବଶ୍ୟକତା ରହିଛି। ଏନେଇ ଏମ୍ସ ଭୁବନେଶ୍ୱର ପକ୍ଷରୁ ଜାତୀୟ ଚିକିତ୍ସା ବିଜ୍ଞାନ ଏକାଡେମୀ (ନାମ୍ସ) ସହଯୋଗରେ ଆସନ୍ତା ୩୦ ତାରିଖରେ 'ସ୍ୱାସ୍ଥ୍ୟସେବାରେ ଅଙ୍ଗ ପ୍ରତିରୋପଣ ଓ ଏଆଇ' ଶୀର୍ଷକ ଏକ ପ୍ରସାରଣ କର୍ମଶାଳା ସହ ଆଞ୍ଚଳିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମ୍‌ଇ) କାର୍ଯ୍ୟକ୍ରମ ଆୟୋଜିତ ହେବ।

ଏମ୍ସ ଭୁବନେଶ୍ୱର ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ଦିନିକିଆ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ କ୍ଲିନିକାଲ୍ ଏବଂ ଗବେଷଣା କ୍ଷେତ୍ରରେ ଏଆଇ ସମ୍ପର୍କିତ ବ୍ୟବସ୍ଥାର ବୁଝାମଣା ଏବଂ ଗ୍ରହଣକୁ ତ୍ୱରାନ୍ୱିତ କରିବା ସହ ଏନେଇ ରହିଥିବା ପ୍ରମୁଖ ଆହ୍ୱାନଗୁଡ଼ିକର ସମାଧାନ କରିବା। ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡ ଭଳି ୪ ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରୁ ୩ ଶହରୁ ଊର୍ଦ୍ଧ୍ୱ ଡାକ୍ତର, ଗବେଷକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏମ୍ସ ପାଟନା, ଏମ୍ସ ଦେଓଘର, ଏମ୍ସ କଲ୍ୟାଣୀ ଓ ଏମ୍ସ ଭୁବନେଶ୍ୱରରୁ ମଧ୍ୟ ପ୍ରତିନିଧି ଏହି ସିଏମ୍‌ଇରେ ଯୋଗଦେବେ। ସେହିପରି ଆଇଆଇଟି ଭୁବନେଶ୍ୱର, ପିଜିଆଇଏମ୍‌ଇଆର୍ ଚଣ୍ଡିଗଡ଼, ନାଇଜର୍ ଭୁବନେଶ୍ୱର, ଓଟିଟିଇଟି, ଆଇସର୍ ବ୍ରହ୍ମପୁର, ଆଇଜିଆଇଏମ୍‌ଏସ ପାଟନା ଭଳି ପ୍ରମୁଖ ପ୍ରତିଷ୍ଠାନ ଏବଂ ରୋଟ୍ଟୋ, ସୋଟ୍ଟୋ ସମେତ ଜାତୀୟ ପ୍ରତିରୋପଣ ସଂଗଠନର ବିଶିଷ୍ଟ ବିଶେଷଜ୍ଞମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟସେବାରେ ଅଙ୍ଗ ପ୍ରତିରୋପଣ ଓ ଏଆଇ ଭଳି ଦୁଇଟି ଉଚ୍ଚ ପ୍ରଭାବଶାଳୀ ବିଷୟ ସମ୍ବନ୍ଧରେ ଏକ ବ୍ୟାପକ ଶୈକ୍ଷିକ ପ୍ଲାଟଫର୍ମ ଭାବେ ଡିଜାଇନ୍ କରାଯାଇଛି। ପ୍ରଥମ ଅଧିବେଶନରେ ଅଙ୍ଗ ପ୍ରତିରୋପଣ, ନୀତିଗତ ଢାଞ୍ଚାକୁ ସମ୍ବୋଧିତ କରିବା, ନୈତିକ ଓ ଆଇନଗତ ବିଚାର, ଭିତ୍ତିଭୂମି ବିକାଶ ଓ ହୃଦ୍‌ରୋଗ, ବୃକକ୍, ହେମାଟୋପୋଏଟିକ୍ ଓ ଗୁରୁତ୍ୱପୂର୍ଣ୍ଣ ଯତ୍ନ କ୍ଷେତ୍ରରେ ବହୁବିଧ କ୍ଲିନିକାଲ୍ ଅଭ୍ୟାସ ଉପରେ ଧ୍ୟାନ ଦିଆଯିବ ବୋଲି ଡ. ବିଶ୍ୱାସ କହିଛନ୍ତି।

## କେ-୧ ଜେମ୍ସ ପାର୍କରେ ହନୁମାନ ମନ୍ଦିର ପ୍ରତିଷ୍ଠା



ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ)ଃ କେ-୧ ଜେମ୍ସ ସିୟାରାମ ଟ୍ରଷ୍ଟଙ୍କ ପକ୍ଷରୁ କେ-୧ ଜେମ୍ସ ପାର୍କ ପରିସରରେ ନବନିର୍ମିତ ହନୁମାନ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଅବସରରେ ଚାଲିଥିବା ଚାରିଦିନିଆ ଧାର୍ମିକ ମହୋତ୍ସବ ଗତକାଲି ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିନରେ ପବିତ୍ର ରାମ ନବମୀରେ ପ୍ରାଣ ପ୍ରତିଷ୍ଠା ପୂର୍ଣ୍ଣାହୁତି ହୋଇଛି। ଏହି ଚାରିଦିନିଆ କାର୍ଯ୍ୟକ୍ରମ ଗତ ୨୪ ତାରିଖରେ ଅଙ୍କୁର ରୋପଣ ଆଚାର ସହ ଆରମ୍ଭ ହୋଇଥିଲା। ୨୫ରେ କଳସ ଯାତ୍ରା, ସୂର୍ଯ୍ୟ ପୂଜା, ଗୋ-ପୂଜା, ଶାଳା ପ୍ରବେଶ, ଅଗ୍ନି ସ୍ଥାପନ ଆଦି ବିଭିନ୍ନ ବୈଦିକ ଆଚାର ବିଧି ପାଳନ ହୋଇଥିଲା। ସେହିପରି ୨୬ରେ ମନ୍ଦିର ପ୍ରତିଷ୍ଠା, ତ୍ରିଶୂଳ ଓ କଳସ ପ୍ରତିଷ୍ଠା, ହୋମ ଓ ଆହୁତି ସମ୍ପନ୍ନ ହୋଇଥିଲା। ଏହାଛଡ଼ା ଗତକାଲିସୂର୍ଯ୍ୟ ପୂଜା, ଶ୍ରୀରାମ ପୂଜା ଓ ପ୍ରାଣ ପ୍ରତିଷ୍ଠା ସମ୍ପନ୍ନ ହୋଇଥିଲା। ପ୍ରତିଦିନ ଏହି ଉତ୍ସବରେ କେ-୧, କେ-୮, ନୂଆଗାଁ ଆଦିରୁ ୧୨୦୦ରୁ ଊର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ। ଓଡ଼ିଶା ସଙ୍ଗୀତ ମଞ୍ଚ ପକ୍ଷରୁ ଭକ୍ତିମୟ ସଙ୍ଗୀତାନୁଷ୍ଠାନ ରାଜକିଶୋର ଗୋଛାୟତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

# ବେକାବୁ ଆଇନ୍, ବେସରମ ସରକାରଃ କଂଗ୍ରେସ




ଭୁବନେଶ୍ୱର, ୨୮।୩ (ସଂଚାର ବ୍ୟୁରୋ)ଃ ଆଜି କଂଗ୍ରେସ ଭବନରେ ଓଡ଼ିଶା ବିଧାନସଭାରେ ଜାରି ହୋଇଥିବା ଶ୍ୱେତପତ୍ର ତଥ୍ୟ ଉପରେ ଆଧାରିତ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିର ବିପର୍ଯ୍ୟସ୍ତ ଅବସ୍ଥା ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାସ ଏବଂ ଡ.ମନୀଷା ଦାସ ପଟ୍ଟନାୟକ ଏହି ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ଦୁଇ ଦିନ ତଳେ ରାଜ୍ୟ ସରକାର ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ଶ୍ୱେତପତ୍ରରେ ସ୍ୱୀକାର କରିଛନ୍ତି ଯେ ୨୦୨୪ ତୁଳନାରେ ୨୦୨୫ରେ ଅପରାଧ ହାର ୭.୩ ପ୍ରତିଶତ ବୃଦ୍ଧି ପାଇଛି। ଏହା ସ୍ପଷ୍ଟ ଭାବେ ବିଜେପି ସରକାରଙ୍କ ବିଫଳତାକୁ ପ୍ରକାଶ କରୁଛି।

ମୋଟ ୨,୨୯,୮୮୧ ମାମଲା ପଞ୍ଜିକରଣ ହୋଇଛି, ଯାହା ୨୦୨୪ ତୁଳନାରେ ଅଧିକ। ଏହା ବିପକ୍ଷର ଅଭିଯୋଗ ନୁହେଁ, ସରକାରଙ୍କ ନିଜ ତଥ୍ୟ। ହତ୍ୟା ୧,୩୦୪ (ପ୍ରତିଦିନ ପ୍ରାୟ ୪ଟି), ଦୁଷ୍କର୍ମ ୨,୯୯୪, ଚୋରି ୨୧,୧୯୨ (୧୯ ପ୍ରତିଶତ ବୃଦ୍ଧି), ଲୁଟ୍ ୧,୮୦୨ ଓ ଡକାୟତି ୩୫୩ ମାମଲା ସ୍ପଷ୍ଟ କରୁଛି ଯେ ରାଜ୍ୟରେ ଅପରାଧ ଅନିୟନ୍ତ୍ରିତ ଭାବେ ବଢ଼ୁଛି। ଏହାଠାରୁ ମଧ୍ୟ ଚିନ୍ତାଜନକ ବିଷୟ ହେଉଛି ଯେ ତଦନ୍ତର ଦୁର୍ବଳତା, ହତ୍ୟା ମାମଲାରେ କେବଳ ୪୬ ପ୍ରତିଶତ ଓ ଲୁଟ୍, ଡକାୟତିରେ ୨୫ରୁ ୩୦ ପ୍ରତିଶତ ଚାର୍ଜସିଟ୍ ଦାଖଲ ହୋଇଛି। ଏହା ଡବଲ୍ ଇଞ୍ଜିନ୍ ନୁହେଁ, ଡବଲ୍ ଅପରାଧ, ଟ୍ରିପଲ୍ ବିଫଳତା। କଂଗ୍ରେସ ପ୍ରବକ୍ତା ଡ. ମନୀଷା ଦାସ ପଟ୍ଟନାୟକ ସରକାରଙ୍କ ଅକ୍ଷମତା, ଦୋମୁହାଁ ନୀତି ଓ ଦାୟିତ୍ୱହୀନତାକୁ ତୀବ୍ର ସମାଲୋଚନା କରିଥିଲେ। ସେ କହିଥିଲେ ଯେ ପୁରୀ ଜିଲ୍ଲାର ବ୍ରହ୍ମଗିରି ଅଞ୍ଚଳରେ ଘଟିଥିବା ଏକ ଦୁଃଖଦ ଘଟଣାରେ ଜନୈକ ନାବାଳକଙ୍କୁ ପ୍ରଭାବଶାଳୀ ବିଜେପି ନେତାଙ୍କ ସମ୍ପର୍କୀୟ ନିର୍ଯାତନା ଦେଇଥିଲେ। ଏହା ଆଇନ୍ ଆଖିରେ ଏକ ଧର୍ତ୍ତବ୍ୟ ଅପରାଧ, ଶିଶୁ ନିର୍ଯାତନା ଓ ମାନବୀୟ ଅଧିକାର ହନନ ହୋଇଥିଲେ ହେଁ ସେଠାରେ ବ୍ରହ୍ମଗିରି ବିଧାୟକ, ପୁରୀ ସାଂସଦ ଓ ପୁରୀ ଏସପିଙ୍କ ନିରବତା ଅତ୍ୟନ୍ତ ଚିନ୍ତାଜନକ। ଏସସିବି ମେଡିକାଲ କଲେଜରେ ଦୁର୍ଭାଗ୍ୟଜନକ ଅଗ୍ନିକାଣ୍ଡ ଘଟଣାରେ ଅନେକ ନିର୍ଦ୍ଦୋଷ ଜୀବନ ହରାଇଥିବା ବେଳେ ଜଣେ ବିଧାୟକ ଏହାକୁ ସାଧାରଣ ଘଟଣା ବୋଲି କହିବା ଅତ୍ୟନ୍ତ ଅସମ୍ବେଦନଶୀଳତାର ପ୍ରମାଣ। ଏଥିସହ ସ୍ୱାସ୍ଥ୍ୟମନ୍ତ୍ରୀ, ହସ୍ପିଟାଲ ଅଧୀକ୍ଷକଙ୍କୁ କାହିଁକି ଦାୟୀ କରାଯିବ ନାହିଁ ବୋଲି ସେ ପ୍ରଶ୍ନ ପଚାରିଥିଲେ।

# ରତ୍ନ ଭଣ୍ଡାର ଗଣତି କଥା ମୁଁ ଜାଣିନି



ଭୁବନେଶ୍ୱର, ୨୮।୩ (ସଂଚାର ବ୍ୟୁରୋ) : ରତ୍ନଭଣ୍ଡାର ଗଣତି ମଣତି ପ୍ରସଙ୍ଗରେ ବଡ ବୟାନ ରଖିଲେ ପୁରୀ ଶଙ୍କରାଚାର୍ଯ୍ୟ ଜଗତଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ରତ୍ନଭଣ୍ଡାର ଗଣତିମଣତି କଥା ମୁଁ ଜାଣି ନାହିଁ ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ। ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ ମୋତେ କିଛି ସୂଚନା ଦେଇ ନାହାନ୍ତି କି ମୋତେ କିଛି ପଚାରି ନାହାନ୍ତି । ଭୁବନେଶ୍ୱର ଜାଗମରା ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ରହିଛି ଯେ ମନ୍ଦିରର ଯେକୌଣସି ଗୁରୁତ୍ୱ ପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚନା କରିବା କଥା। ତାହା ସେମାନେ କରୁ ନାହାନ୍ତି ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି। ମାନୋ ୟା ନମାନୋ ମେ ତେରା ମେହମାନ ଭଳି କାମ କରୁଛନ୍ତି ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଟକ,୨୮।୩(ସଂଚାର ବ୍ୟୁରୋ)ଃ କଟକ ଚୌଦ୍ୱାରରେ ଆଜି ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଆଜି ସକାଳେ ଓଟିଏମ୍ ସ୍କୋୟାରସ୍ଥିତ ଏକ ବ୍ରଏଲର୍ ଦୋକାନ ସମ୍ମୁଖରେ ଉକ୍ତ ମୃତଦେହଟି ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସ୍‌କୁ ଖବର ଦେଇଥିଲେ। ମୃତକ ଜଣଙ୍କ ଚୌଦ୍ୱାରର ୱାର୍ଡ ନମ୍ବର ୨ ମରହଟ୍ଟା ସାହିର ରାମ ସିଂ ବୋଲି ଜଣାପଡ଼ିଛି। ସେ ରାଜମିସ୍ତ୍ରି ଭାବେ କାମ କରନ୍ତି। ମିଳିଥିବା ସୂଚନାନୁସାରେ, ଗତକାଲି ରାତିରେ ରାମ ଘରକୁ ଫେରି ନଥିଲେ। ତେଣୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପାଇନଥିଲେ। ତେବେ ରାମଙ୍କୁ କେହି ହତ୍ୟା କରି ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଉଦ୍ୟମ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ପୁଲିସ୍ ମୃତଦେହର ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବେଦାନ୍ତ ପ୍ରକଳ୍ପ ବିଦ୍ୟାରେ ୧୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ



ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ)ଃ ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଗତ ବର୍ଷ ଏପ୍ରିଲରେ ଆରମ୍ଭ କରିଥିବା ଶିକ୍ଷା ପ୍ରକଳ୍ପ 'ପ୍ରୋଜେକ୍ଟ ବିଦ୍ୟା' ଜରିଆରେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ର ସରକାରୀ ବିଦ୍ୟାଳୟରେ ପାଠପଢ଼ାକୁ ସୁଦୃଢ଼ କରୁଛି। ଗଣିତ, ବିଜ୍ଞାନ ଓ ଇଂରାଜୀ ଭଳି ବିଷୟ ସହ ମୌଳିକ ସାକ୍ଷରତା ଉପରେ ଧ୍ୟାନକେନ୍ଦ୍ରିତ କରି କମ୍ପାନୀ ପକ୍ଷରୁ ୨୦ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଫଳରେ ଶ୍ରେଣୀଗୃହରେ ଛାତ୍ର-ଶିକ୍ଷକ ଅନୁପାତରେ ବୃଦ୍ଧି ପାଇ ୧୭ଟି ଗ୍ରାମୀଣ ବିଦ୍ୟାଳୟର ୧୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ନିକଟରେ ଏହି କାର୍ଯ୍ୟକ୍ରମ ପହଞ୍ଚିପାରିଛି।

ସୁନ୍ଦରଗଡ଼ରେ ଡ୍ରପ୍‌ଆଉଟ୍ ହାର ଯଥେଷ୍ଟ ରହିଆସିଛି। ଏହାକୁ ଦୂର କରିବା ସକାଶେ ମୌଳିକ ଶିକ୍ଷା ଉପରେ ଧ୍ୟାନ ଦେବା ଓ ଛାତ୍ର-ଶିକ୍ଷକ ଅନୁପାତକୁ ବୃଦ୍ଧି କରିବା ନିହାତି ଜରୁରୀ ଥିଲା। ଏହି ପ୍ରାଥମିକତାଗୁଡ଼ିକ ସହ ତାଳମେଳ ରଖି ଲଖନପୁର ବ୍ଲକରେ ୬୪ରୁ ୭୬ ପ୍ରତିଶତ ଓ ହେମଗିର ବ୍ଲକରେ ୬୬ରୁ ୮୨ ପ୍ରତିଶତକୁ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ବୃଦ୍ଧି କରିବାରେ 'ପ୍ରକଳ୍ପ ବିଦ୍ୟା' ଉଲ୍ଲେଖନୀୟ ଯୋଗଦାନ ଦେଇଛି। ସରକାରୀ ୟୁପିଏସ୍ କୁଡାରେଇର ପ୍ରଧାନଶିକ୍ଷକ ଠାକୁର ପ୍ରଧାନ କହିଛନ୍ତି ଯେ ଗତ ବର୍ଷ ବେଦାନ୍ତ ଆଲୁମିନିୟମ ଆମ ବିଦ୍ୟାଳୟକୁ ଅତିରିକ୍ତ ଶିକ୍ଷକ ଦେଇଥିଲା। ଆମକୁ ଏହି ସହାୟତାର ଆବଶ୍ୟକତା ଥିଲା, କାରଣ ଆମର ଶ୍ରେଣୀଗୁଡ଼ିକ ପାଠପଢ଼ା ସମସ୍ୟାର ସମ୍ମୁଖୀନ ହୋଇଆସୁଥିଲେ। କିନ୍ତୁ ଶିକ୍ଷକ ଯୋଗଦେବା ପରଠାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। ବେଦାନ୍ତର ଏପରି ସମର୍ଥନ ଆମ ବିଦ୍ୟାଳୟ ପାଇଁ ଏକ ବଡ଼ ପରିବର୍ତ୍ତନ ଆଣିଛି ବୋଲି ସେ କହିଛନ୍ତି।

## କଟକରେ ଜଣ୍ଡିସ ଆତଙ୍କ, ସିଡିଏ ସେକ୍ଟର ୧୧ ବସ୍ତିରେ ୧୦ ଆକ୍ରାନ୍ତ

କଟକ,୨୮।୩(ସଂଚାର ବ୍ୟୁରୋ)ଃ କଟକ ସିଡିଏ ୧୧ ନମ୍ବର ରିଙ୍ଗ ବନ୍ଧ ତଳେ ଥିବା ଗାଙ୍ଗୁଲି ବସ୍ତି ଓ ବାଇଗଣୀ ବସ୍ତିରେ ୧୦ରୁ ଅଧିକ ଲୋକ ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ମେଡିକାଲ ଟିମ୍ ବସ୍ତିରେ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିଛି। ଦୂଷିତ ପାନୀୟ ଜଳ ଯୋଗୁ ଆଲୋଚ୍ୟ ଅଞ୍ଚଳରେ ଜଣ୍ଡିସ ବ୍ୟାପୁଥିବା ଅନୁମାନ କରାଯାଉଛି। ଗତକାଲି ୨୦ ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିଲା। ଆଜି ସକାଳୁ ମଧ୍ୟ ଆଉ କିଛି ଲୋକଙ୍କ ରକ୍ତ ପରୀକ୍ଷା କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। କିଛି ଦିନ ତଳେ ୧୦ ନମ୍ବର ଏବଂ ୧୨ ନମ୍ବର ୱାର୍ଡର ମାନସିଂହପାଟଣା, ମସ୍ତରାମମଠ ଗଳି ଓ କାଫଲା ବଜାର ଅଞ୍ଚଳରେ ଜଣ୍ଡିସ ବ୍ୟାପିଥିଲା। ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ସିଏମସି ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଅଦ୍ୟାବଧି ଏହାର କୌଣସି ସମାଧାନ ହୋଇପାରିନାହିଁ। ଫଳରେ ଏହି ଅଞ୍ଚଳରେ ନିୟମିତ ବ୍ୟବଧାନରେ ଜଣ୍ଡିସ ବ୍ୟାପୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଆରଟିଇ ସଂରକ୍ଷଣ, ନାମ ଲେଖାଇବାକୁ ବିଦ୍ୟାଳୟ ଅମଙ୍ଗ




ଭୁବନେଶ୍ୱର,୨୮।୩ଃ ଶିକ୍ଷା ଅଧିକାର ଆଇନ୍ (ଆର୍‌ଟିଇ) ବଳରେ ଘରୋଇ ବିଦ୍ୟାଳୟଗୁଡ଼ିକରେ ଆର୍ଥିକ ଅନଗ୍ରସର ପିଲାମାନଙ୍କ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇଥିବା ବେଳେ ବିଦ୍ୟାଳୟଗୁଡ଼ିକ କିନ୍ତୁ ନାମଲେଖା ପାଇଁ କୁଣ୍ଠକୁଣ୍ଠ ହେଉଛନ୍ତି। ମାଗଣାରେ ପଢ଼ାଇବା ବଦଳରେ ଅଭିଭାବକମାନେ କିଭଳି ନାମ ନ ଲେଖାଇ ଫେରିବେ, ସେଥିପାଇଁ ବିଭିନ୍ନ ପ୍ରକାର ଚାପ ପ୍ରୟୋଗ କରୁଥିବା ଅଭିଯୋଗ ଆସିବାରେ ଲାଗିଛି। ରାଜ୍ୟର ଘରୋଇ ବିଦ୍ୟାଳୟଗୁଡ଼ିକ ୨୫ ପ୍ରତିଶତ ଆସନ ଆର୍ଥିକ ଅନଗ୍ରସର, ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ରଖିବାର ନିୟମ ରହିଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ ବିଜ୍ଞାପନ ପ୍ରକାଶ ପାଇଥାଏ ଓ ଏହି ବର୍ଗର ଛାତ୍ରଛାତ୍ରୀମାନେ ଅନଲାଇନରେ ଆବେଦନ କରିଥାନ୍ତି। ଏହି ଆସନରେ ନାମ ଲେଖାଉଥିବା ଛାତ୍ରଛାତ୍ରୀମାନଙ୍କୁ କୌଣସି ଫି ଦେବାକୁ ପଡିନଥାଏ।

ବର୍ତ୍ତମାନ ଏହିସବୁ ସଂରକ୍ଷଣ ଆସନରେ ନାମଲେଖା ଆରମ୍ଭ ହୋଇଛି। ପ୍ରକାଶିତ ତାଲିକାରେ ନାମଥିବା ପିଲାଙ୍କ ଅଭିଭାବକଙ୍କ ନିକଟକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ୍ କରି ନାମ ଲେଖାଇବାକୁ ଡାକୁଛନ୍ତି। ହେଲେ ଅଭିଭାବକମାନେ ସେଠାରେ ପହଞ୍ଚିଲା ପରେ ବିଭିନ୍ନ ପ୍ରକାର ବାହାନା ଦେଖାଉଛନ୍ତି। ଏପରିକି ଏହି ଦାମୀ ବିଦ୍ୟାଳୟରେ କାହିଁକି ପିଲାଙ୍କ ନାମ ଲେଖାଉଛ ବୋଲି ପ୍ରଶ୍ନ କରୁଛନ୍ତି। ଏଠାରେ ଫି ଦେଇ ପଢୁଥିବା ପିଲାଙ୍କ ସହିତ ଏହି ମାଗଣା ପଢିବାକୁ ଥିବା ପିଲାମାନେ ସମାନ ହୋଇପାରିବେ ନାହିଁ ବୋଲି ବୁଝାଉଛନ୍ତି। ଏହା ଶୁଣିବାପରେ ଏବେ ଅନେକ ଅଭିଭାବକ ଚିନ୍ତାରେ ପଡିଛନ୍ତି। ନିଜ ନିଜ ପିଲାଙ୍କ ନାମ ସେଠାରେ ଲେଖାଇବେ କି ନାହିଁ ସେଥିପାଇଁ ବିଭିନ୍ନ ସ୍ତରରେ ଆଲୋଚନା କରୁଛନ୍ତି। ଆଉ କେତେକ ବିଦ୍ୟାଳୟ ଏବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଚୟନ ହୋଇଥିବା ପିଲାମାନଙ୍କର ବୟସ ଆଳ ଦେଖାଇ ଫେରାଉଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ଥାନୀୟ ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି ଅଭିଭାବକଙ୍କୁ କହି ସମୟ ଗଡାଉଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ ପ୍ରକାଶିତ ବିଜ୍ଞାପନ ଅନୁଯାୟୀ ଅଭିଭାବକମାନେ ପିଲାଙ୍କର ସମସ୍ତ ସୂଚନା ଦେଲାପରେ ତାହାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତନଖି କରିବାପରେ ଲଟେରୀ ମାଧ୍ୟମରେ ପିଲାଙ୍କୁ ଚୟନ କରାଯାଉଛି। ଏହା ପରେ କେଉଁ ଉଦ୍ଦେଶ୍ୟରେ ସରକାରଙ୍କ ଚୟନ ପ୍ରକ୍ରିୟା ଉପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଶ୍ନ କରୁଛନ୍ତି ଓ ଅଭିଭାବକମାନଙ୍କୁ ଫେରାଉଛନ୍ତି ତାହା ଏବେ ଅନେକ ଅଭିଭାବକଙ୍କୁ ସନ୍ଦେହରେ ପକାଇଛି। ମିଳିଥିବା ସୂଚନାନୁଯାୟୀ, ଆଉ କେତେକ ବିଦ୍ୟାଳୟ ଏବେ ଅଭିଭାବକଙ୍କୁ ମାନସିକ ଚାପ ଦେବା ପାଇଁ ଫି' ଦେଇ ପଢୁଥିବା ଛାତ୍ରଛାତ୍ରୀ ଓ ଶିକ୍ଷା ଅଧିକାର ଆଇନ୍ ବଳରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାତରଅନ୍ତର ସୃଷ୍ଟି କରୁଛନ୍ତି। ବିଦ୍ୟାଳୟରେ ଖାଦ୍ୟ ଗ୍ରହଣଠାରୁ ଆରମ୍ଭ କରି ପୋଷାକ, ପାଠ୍ୟପୁସ୍ତକ ଓ ଅନ୍ୟ କେତେକ କ୍ଷେତ୍ରରେ ଏଭଳି ପାତରଅନ୍ତର ସୂଚନା ପାଇବା ପରେ କିଛି ଅଭିଭାବକ ମଧ୍ୟ ସେସବୁ ବିଦ୍ୟାଳୟରେ ନିଜ ପିଲାଙ୍କ ନାମ ଲେଖାଇବାକୁ ରାଜି ହେଉ ନ ଥିବା ଜଣାଯାଇଛି। ଶିକ୍ଷା ଅଧିକାର ଆଇନ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥା ଓ ସ୍ୱେଚ୍ଛାସେବୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି। (ତଥ୍ୟ)

## ଏସ୍‌ସିବି ଅଗ୍ନିକାଣ୍ଡ ମୃତକଙ୍କ ପାଇଁ ନ୍ୟାୟ ଦାବି
# ୩୦ରେ ମିଳିତ ବିରୋଧୀ ଦଳର ବିକ୍ଷୋଭ



ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ)ଃଏସ୍‌ସିବି ମେଡିକାଲ କଲେଜରେ ଘଟିଥିବା ଅଗ୍ନିକାଣ୍ଡ ଯୋଗୁଁ ୧୩ ଜଣ ରୋଗୀ ପୋଡ଼ି ହୋଇ ମୃତ୍ୟୁବରଣ କଲେ। କିନ୍ତୁ ସରକାର ଦାୟିତ୍ୱ ନିଜ ଉପରକୁ ନେବାକୁ ନାରାଜ। ଏହି ପରିପ୍ରେକ୍ଷୀରେ ଆସନ୍ତା ୩୦ ତାରିଖରେ ମିଳିତ ବିରୋଧୀ ଦଳ ରାଜରାସ୍ତାରେ ବିକ୍ଷୋଭ କରିବାକୁ ନିଷ୍ପତ୍ତି ନେଇଛି। ଏଣୁ କଂଗ୍ରେସ ଭବନଠାରେ ଆଜି ବିକ୍ଷୋଭ ପ୍ରଦର୍ଶନ ସକାଶେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଏଥିରେ ରଣନୀତି ପ୍ରସ୍ତୁତ ହୋଇଥିଲା। ଏହି ବୈଠକରେ ପଞ୍ଚାନନ କାନୁନ୍‌ଗୋ, ସୁରେଶ କୁମାର ରାଉତରାୟ, ସମୀର ରାଉତରାୟ, ଶିବାନନ୍ଦ ରାୟ, ପ୍ରକାଶ ଜେନା, ଅରବିନ୍ଦ ଦାସ, ମାନସ ଆଚାର୍ଯ୍ୟ, ଅଭୟ ସାହୁ, ରମୁ ପାତ୍ର, ସିଦ୍ଧାର୍ଥ ଦାସ, ଶୁଭେନ୍ଦୁ ମହାନ୍ତି, ଚିନ୍ମୟ ସୁନ୍ଦର ଦାସ, ତରୁଣ ମିଶ୍ର, ଜୟଶ୍ରୀ ପଟ୍ଟନାୟକ, ପ୍ରକାଶ ମିଶ୍ର, ହିମାଂଶୁ ଲେଙ୍କା, ଜୟଶ୍ରୀ ପାତ୍ର, ସନ୍ତୋଷ ପ୍ରଧାନ ଓ ଟାଲୁ ମଙ୍ଗରାଜ ପ୍ରମୁଖ ଭାଗ ନେଇଥିଲେ।

ଜୀବନ ଅମୃତ ଅନୁଚିନ୍ତା


ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

ରବିବାର ୨୯ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର
Sunday 29 March 2026, Bhubaneswar




# ଜାତୀୟ ଏମର୍ଜେନ୍ସି ଘୋଷଣା କରିବେ କି ଟ୍ରମ୍ପ?

ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ଆରମ୍ଭ ହେବା ପରଠାରୁ ଆମେରିକାର ରାଜନୀତିରେ ଏକ ନୂଆ ପ୍ରଶ୍ନ ଉଠିଛି, ସେ ଆଉ ଥରେ ଜାତୀୟ ଜରୁରୀକାଳୀନ ଅବସ୍ଥା ଘୋଷଣା କରିବେ କି? ଜାନୁଆରୀ ୨୦୨୫ରେ ଅଧକ୍ଷ ଭାବେ ଶପଥ ନେବା ପରଦିନ ସେ ଦକ୍ଷିଣ କହି ସୈନ୍ୟ ମୁତୟନ, ଆଶ୍ରୟ ଆବେଦନ ବନ୍ଦ ଏବଂ ବିଦେଶୀ କାର୍ଟେଲକୁ ଆତଙ୍କବାଦୀ ଘୋଷଣା କରି ଆଲିଏନ୍ ଏନିମିଜ୍ ଆକ୍ଟ ପ୍ରୟୋଗ କରିଛନ୍ତି। ଏହା ତାଙ୍କର ନୀତିକୁ ଦ୍ରୁତ ଗତି ଦେଇଛି। କିନ୍ତୁ ଏବେ ତାଙ୍କର ସମର୍ଥକମାନେ ଏକ ନୂଆ ପ୍ରସ୍ତାବ ଆଗକୁ ଆଣିଛନ୍ତି,



ସୀମାନ୍ତରେ ଜାତୀୟ ଜରୁରୀକାଳୀନ ଘୋଷଣା କରିଥିଲେ। ଏହା ସହିତ ଶକ୍ତି ଉତ୍ପାଦନ ଏବଂ ଖଣିଜ ସମ୍ପଦ ଅଭାବକୁ ନେଇ ଆଉ ଏକ ଜରୁରୀକାଳୀନ ଅବସ୍ଥା ଘୋଷଣା କରାଯାଇଥିଲା। ଜାନୁଆରୀ ୨୦୨୬ରେ ଏହାକୁ ଆଉ ଏକ ବର୍ଷ ପାଇଁ ବଜାୟ ରଖାଯାଇଛି। କିନ୍ତୁ ଏବେ ମାର୍ଚ୍ଚ ୨୦୨୬ରେ ଆଲୋଚନା ହେଉଛି, ନିର୍ବାଚନ ସମ୍ବନ୍ଧୀୟ ଜରୁରୀକାଳୀନ ଘୋଷଣା କରି ଟ୍ରମ୍ପ ମଧ୍ୟବର୍ତ୍ତୀ ନିର୍ବାଚନକୁ ପ୍ରଭାବିତ କରିପାରନ୍ତି। ଟ୍ରମ୍ପଙ୍କ ପ୍ରଥମ ଥର ସଭାପତି ହେବା ସମୟରେ ସୀମାନ୍ତ ପ୍ରାଚୀର ନିର୍ମାଣ ପାଇଁ ଜରୁରୀକାଳୀନ ଶକ୍ତି ବ୍ୟବହାର କରିଥିଲେ। ଏଥରେ ସୀମାନ୍ତ ସଙ୍କଟକୁ 'ଆକ୍ରମଣ' ବୋଲି

ବିଦେଶୀ ହସ୍ତକ୍ଷେପ ଏବଂ ନିର୍ବାଚନ ଅଖଣ୍ଡତାର 'ଜରୁରୀକାଳୀନ' କାରଣରୁ ଜାତୀୟ ଜରୁରୀକାଳୀନ ଘୋଷଣା କରି ଭୋଟର ଆଇଡି ବାଧତାମୂଳକ, ମେଲ୍ ବାଲଟ୍ ଉପରେ ନିଷେଧ ଏବଂ ହାତଗଣନା ବ୍ୟବସ୍ଥା ଲାଗୁ କରିବା। ଏହା ଏକ ୧୭ ପୃଷ୍ଠାର ଡ୍ରାଫ୍ଟ ଏକ୍ଜିକ୍ୟୁଟିଭ ଅର୍ଡରରେ ଉଲ୍ଲେଖ ହୋଇଛି। କିନ୍ତୁ ଟ୍ରମ୍ପ ନିଜେ ଫେବୃଆରୀ ୨୭, ୨୦୨୬ରେ ଏହାକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି, 'ମୁଁ ଏହା ବିଷୟରେ କିଛି ଶୁଣି ନାହିଁ'।

ଏହା କେବଳ ଏକ ରାଜନୈତିକ ଖେଳ ନୁହେଁ। ଜାତୀୟ ଜରୁରୀକାଳୀନ ଆଇନ୍ ଅନୁଯାୟୀ ଅର୍ଥ ବଣ୍ଟନ, ନିୟମ ପରିବର୍ତ୍ତନ ଏବଂ ସୈନ୍ୟ ବ୍ୟବହାରରେ ଅଧିକାର ପ୍ରଦାନ କରେ। ଟ୍ରମ୍ପ ଏହାକୁ ବାରମ୍ବାର ବ୍ୟବହାର କରି କଂଗ୍ରେସ୍ ଏବଂ ଆଦାଲତର ସୀମା ଅତିକ୍ରମ କରିବାର ଅଭିଯୋଗ ହୋଇଛି। ସୁପ୍ରିମ୍ କୋର୍ଟ କେତେକ କ୍ଷେତ୍ରରେ ତାଙ୍କୁ ରୋକିଛି, କିନ୍ତୁ ଏହା ଗଣତନ୍ତ୍ରର ମୂଳ ସ୍ତମ୍ଭକୁ ଦୁର୍ବଳ କରୁଛି ବୋଲି ସମାଲୋଚକମାନେ କହୁଛନ୍ତି। ନିର୍ବାଚନ ପାଇଁ ଜରୁରୀକାଳୀନ ଘୋଷଣା ହେଲେ ଏହା ରାଜ୍ୟଗୁଡ଼ିକର ନିର୍ବାଚନ ଅଧିକାରକୁ ହରଣ କରିବ ଏବଂ ଲକ୍ଷ ଲକ୍ଷ ଆମେରିକୀୟଙ୍କ ଭୋଟ ଦେବାର ଅଧିକାରକୁ ପ୍ରଭାବିତ କରିବ। ଏହା ଗଣତନ୍ତ୍ରର ଆଧାରକୁ ନଷ୍ଟ କରିପାରେ।

ଅନ୍ୟପକ୍ଷରେ ଟ୍ରମ୍ପର ସମର୍ଥକମାନେ କହୁଛନ୍ତି ଯେ ବିଦେଶୀ ହସ୍ତକ୍ଷେପ ରୋକିବାକୁ ଏକ ଏକାନ୍ତ ଜରୁରୀ। ସୀମାନ୍ତ ସଙ୍କଟ, ଅର୍ଥନୈତିକ ଅସ୍ଥିରତା ଏବଂ ଆତଙ୍କବାଦ ବିରୋଧୀ ଲଢ଼େଇରେ ଜରୁରୀକାଳୀନ ଶକ୍ତି ବ୍ୟବହାର କରି ଦେଶକୁ ରକ୍ଷା କରିବା ଆବଶ୍ୟକ। ତାଙ୍କ ପ୍ରଥମ ଅଧକ୍ଷତ୍ୱରେ ଏହା ଦ୍ୱାରା ସୀମାନ୍ତ ଅପରାଧ କମିଥିଲା ବୋଲି ଦାବି କରାଯାଉଛି।

ତଥାପି ପ୍ରଶ୍ନ ଉଠୁଛି, ଏହା କେତେ ଦିନ ପାଇଁ ଚାଲିବ? କଂଗ୍ରେସ ଜରୁରୀକାଳୀନ ଘୋଷଣା ବନ୍ଦ କରିପାରେ, କିନ୍ତୁ ରିପବ୍ଲିକାନ୍ ନିୟନ୍ତ୍ରଣରେ ଥିବା କଂଗ୍ରେସ୍ ଏଥିରେ ଆଗ୍ରହୀ ହୋଇପାରେ ନାହିଁ। ଏହା ଆମେରିକାର ଗଣତାନ୍ତ୍ରିକ ପ୍ରଣାଳୀକୁ ଦୁର୍ବଳ କରିବ ଏବଂ ବିଶ୍ୱରେ ଆମେରିକାର ପ୍ରତିଷ୍ଠାକୁ ଆଘାତ କରିବ। ଭାରତ ସମେତ ବିଶ୍ୱର ଅନେକ ଦେଶ ଆମେରିକାର ସ୍ଥିରତା ଉପରେ ନିର୍ଭର କରନ୍ତି।

ଟ୍ରମ୍ପ ଏହା ଘୋଷଣା କରିବେ କି ନାହିଁ ତାହା ସମୟ କହିବ। କିନ୍ତୁ ଗଣତନ୍ତ୍ରର ସୁରକ୍ଷା ପାଇଁ ଆଦାଲତ, କଂଗ୍ରେସ ଏବଂ ଜନସାଧାରଣ ସତର୍କ ରହିବା ଆବଶ୍ୟକ। ଜରୁରୀକାଳୀନ ଶକ୍ତି ଦେଶ ରକ୍ଷା ପାଇଁ ହେବା ଉଚିତ୍, କିନ୍ତୁ ଏହା ବ୍ୟକ୍ତିଗତ କିମ୍ବା ଦଳୀୟ ଲାଭ ପାଇଁ ବ୍ୟବହୃତ ହେବା ଉଚିତ୍ ନୁହେଁ। ଆମେରିକାର ଗଣତନ୍ତ୍ର ଏହି ପରୀକ୍ଷାରେ କେମିତି ଉତ୍ତୀର୍ଣ୍ଣ ହେବ ତାହା ଦେଖିବାକୁ ବାକି ରହିଲା।

# ସୋସିଆଲ ମିଡ଼ିଆ: ଗଣତନ୍ତ୍ରର ସ୍ୱର କି ଭ୍ରାନ୍ତ ସୂଚନାର ଉପକରଣ?

**ମନସିଜ୍ ଦାସ**



ବର୍ତ୍ତମାନ ସୋସିଆଲ ମିଡ଼ିଆ ବା ସାମାଜିକ ଗଣମାଧ୍ୟମ ସବୁଆଡ଼େ ଛାଇ ହୋଇଯାଇଛି। ୟୁଟ୍ୟୁବ, ଫେସବୁକ୍, ଇନଷ୍ଟାଗ୍ରାମ, ହ୍ୱାଟସଆପ ଆଦି ପ୍ଲାଟଫର୍ମ ଆମ ଜୀନର ଏକ ଅଂଶ ବିଶେଷ ପାଲଟିଯାଇଛି। କେବଳ ବନ୍ଧୁ ବାନ୍ଧବଙ୍କଙ୍କ ସହିତ ଯୋଡ଼ି ହେବାନୁହେଁ ବରଂ ଖବର ଜାଣିବା, ନୂଆ ନୂଆ କୌଶଳ ଶିଖିବା, ବ୍ୟବସାୟ ବୃଦ୍ଧି କରିବା, ମନୋରଞ୍ଜନ ଆଦି ପାଇଁ ସୋସିଆଲ ମିଡ଼ିଆ ପ୍ରମୁଖ ମାଧ୍ୟମ ପାଲଟିଛି। ତେବେ ବଡ଼ କଥା ହେଉଛି ବର୍ତ୍ତମାନର ଏହି ଡିଜିଟାଲ ଯୁଗରେ ସୋସିଆଲ ମିଡ଼ିଆ ଲୋକମତକୁ ପ୍ରଭାବିତ କରିବାରେ ଏକ ବିଶାଳ ଶକ୍ତି ରୂପେ ଉଦୟ ହୋଇଛି। ଏହା ଆମ ସଂଯୋଗ ପ୍ରଣାଳୀ, ସୂଚନା ପ୍ରାପ୍ତି ଓ ଗଣତନ୍ତ୍ରିୟ ଅଂଶ ଗ୍ରହଣକୁ ପୁରାପୁରି ପରିବର୍ତ୍ତନ କରିଦେଇଛନ୍ତି। କିନ୍ତୁ ପ୍ରଶ୍ନ ହେଉଛି ଏହା ଗଣତନ୍ତ୍ରକୁ ସଶକ୍ତ କରୁଛି ନା ଭ୍ରାନ୍ତ ସୂଚନା ଦ୍ୱାରା ଦୁର୍ବଳ କରୁଛି?

ଗୋଟିଏ ପକ୍ଷରୁ ଦେଖିଲେ ସୋସିଆଲ ମିଡ଼ିଆ ଗଣତନ୍ତ୍ରର ସତ୍ୟର ସ୍ୱର ଭାବେ ପରିଣତ ହୋଇଛି। ଏହା ସାଧାରଣ ଲୋକଙ୍କୁ ନିଜର ମତ ପ୍ରକାଶ କରିବା, ସମସ୍ୟା ଉଠାଇବା ଓ ପ୍ରଶାସନକୁ ଦାୟୀ କରିବାର ସୁଯୋଗ ଦେଇଛି। ଯେଉଁ ସମସ୍ୟା ଗୁଡ଼ିକ ପୂର୍ବରୁ ସୀମିତ ଅଞ୍ଚଳରେ ରହିଯାଉଥିଲା ସେଗୁଡ଼ିକ ଏବେ ମାତ୍ର କିଛି ଘଣ୍ଟା ଭିତରେ ନିଆଁର ଝାସ ପରି ଚାରିଆଡ଼କୁ ବ୍ୟାପି ଯାଇ ଅନେକଙ୍କ ଧ୍ୟାନ ଆକର୍ଷଣ କରୁଛି। ସେହିପରି ଅନ୍ୟ ପକ୍ଷରୁ ଦେଖିଲେ ଏହି ସୋସିଆଲ ମିଡ଼ିଆ ଭ୍ରାନ୍ତ ସୂଚନା ପ୍ରସାରଣରେ ମଧ୍ୟ ଏକ ଶକ୍ତିଶାଳୀ ମାଧ୍ୟମ ହୋଇଯାଇଛି। ଭୁଲ ଖବର, ବିକୃତ ତଥ୍ୟ, ହିଂସାତ୍ମକ ତଥା ଦେଶ ବିରୋଧୀ ଭାବଧାରା ପରି ଅନେକ ମିଛ ଖବର ବା ଗୁଜବ ଦ୍ରୁତ ଗତିରେ ପ୍ରସାରିତ ହେଉଛି। ଭାବନା ପ୍ରବଣ ଓ ସାମ୍ପ୍ରଦାୟିକ ବିଷୟବସ୍ତୁ ଲୋକଙ୍କୁ ଆକର୍ଷଣ ଅଧିକ କରୁଥିବାରୁ ଏହା ଲୋକମତକୁ ସହଜରେ ପ୍ରଭାବିତ କରୁଛି। ତେବେ ଏ ସବୁ ଭିତରେ ସୋସିଆଲ ମିଡ଼ିଆରେ ଅନେକ ଲୋକ ଅଛନ୍ତି ଯେଉଁମାନେ ନିଜର ଧାରଣାକୁ ସମର୍ଥନ କରୁଥିବା ମତକୁ ଦେଖିଥାନ୍ତି। ଏହା ତର୍କ ବିତର୍କ ବା ଆଲୋଚନାକୁ କମାଇ ଦେଇ ସମାଜରେ ବିଭାଜନ ବଢ଼ାଉଛି।

ସବୁଠାରୁ ଅସଲ କଥାଟି ହେଉଛି ସୋସିଆଲ ମିଡ଼ିଆର ବ୍ୟବହାର ଦ୍ୱାରା ଆଧୁନିକ ମଣିଷ ବେଶ ଲାଭାନ୍ୱିତ ହେଉଛି। କିନ୍ତୁ ଏହାକୁ ଦାୟିତ୍ୱବୋଧତାର ସହିତ ଓ ସକାରାତ୍ମକ ଭାବରେ ଉପଯୋଗ କଲେ ଶିକ୍ଷା ଠାରୁ ସ୍ୱାସ୍ଥ୍ୟ, ବ୍ୟବସାୟ ଠାରୁ ଯୋଗାଯୋଗ ସବୁ କ୍ଷେତ୍ରରେ ଏହା ବିକାଶର ଏକ ପ୍ରମୁଖ ଭୂମିକା ନିର୍ବାହ କରିପାରିବ। ନଚେତ୍ ଏହା ସତ୍ୟକୁ ବିକୃତ କରି ଗଣତନ୍ତ୍ରକୁ ଦୁର୍ବଳ କରିବାର ମଧ୍ୟ ସମ୍ଭାବନା ଅଛି। ସୋସିଆଲ ମିଡ଼ିଆର ଅପବ୍ୟବହାର ରୋକିବା ପାଇଁ କୌଣସି ପ୍ରକାର ନିର୍ଦ୍ଦିଷ୍ଟ କଟକଣା ନାହିଁ। ଭାରତର ବୃହତ୍ କ୍ରିୟାଶୀଳ ମାନବ ସମ୍ବଳ ବିଶେଷକରି ଯୁବ ପିଢ଼ି ଏହାର ପ୍ରମୁଖ ଉପଭୋକ୍ତା। ଶିକ୍ଷିତ, ଅଶିକ୍ଷିତ ଓ ଅର୍ଦ୍ଧ ଶିକ୍ଷିତ ସମସ୍ତେ ଏହି ଡିଜିଟାଲ ନଦୀର ସ୍ରୋତରେ ଭାସି ଚାଲିଛନ୍ତି। ସାମାଜିକ ଗଣମାଧ୍ୟମ ଏକ ସୁଯୋଗ, ଆବଶ୍ୟକତା କିମ୍ବା ଅତ୍ୟନ୍ତ ସମ୍ବେଦନଶୀଳ ଓ ସମସ୍ୟା ବହୁଳ ଯାହା କେବଳ ତାର ସଠିକ ବ୍ୟବହାର ଉପରେ ନିର୍ଭର କରିଥାଏ। ଗଣତନ୍ତ୍ର ଭବିଷ୍ୟତ କେବଳ ସଂସ୍ଥା ଗୁଡ଼ିକରେ ନୁହେଁ ଆମେ ମୋବାଇଲ ସ୍କ୍ରିନରେ କ'ଣ ଚୟନ କରୁଛୁ ସେଥିରେ ସବୁକିଛି ନିର୍ଭର କରେ। ସାମାଜିକ ଗଣମାଧ୍ୟମରେ ଥିବା ସତ୍ୟକୁ ପରଖି ସଚେତନ ଭାବେ ବ୍ୟବହାର କଲେ, ଡିଜିଟାଲ ଶିକ୍ଷାକୁ ଅନୁସରଣ କଲେ, ସାଇବର ସୁରକ୍ଷା ଦିଗକୁ ଦେଖି ତଥ୍ୟର ସତ୍ୟତା ଯାଞ୍ଚ କରି ଏହାକୁ ବ୍ୟବହାର କଲେ ସାମାଜିକ ଗଣମାଧ୍ୟମ ଦେଶର ଉନ୍ନତିର ସବୁଠାରୁ ମହାନ ଅସ୍ତ୍ର ହୋଇପାରେ।

**ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା**



# ମଧ୍ୟପ୍ରାଚ୍ୟ ସଂଗ୍ରାମ ପରିପ୍ରେକ୍ଷୀରେ ଭାରତର ଶକ୍ତି ସଙ୍କଟ



**ଡାକ୍ତର ରାଜକିଶୋର ପଣ୍ଡା**

ଗଣମାଧ୍ୟମରୁ ଏବେ ଏକ ଖବର ଜାଣିବାକୁ ମିଳିଲା କି ଭୁବନେଶ୍ୱରର ସମ୍ଭ୍ରାନ୍ତ ଅଞ୍ଚଳ ଭାବେ ଜଣାଶୁଣା ପଟିଆରେ ରନ୍ଧନ ଗ୍ୟାସ୍‌ର ଅଭାବରୁ ଅଧିକାଂଶ ହୋଟେଲ ବନ୍ଦ ହୋଇଯାଇଛି, ଯେଉଁଠି ବା ଖୋଲା ଅଛି ଖାଦ୍ୟ ଦରରେ ଅହେତୁକ ବୃଦ୍ଧି ଘଟିଛି। ଆମେରିକାର ଇରାନ ଉପରେ ଆକ୍ରମଣ କରିବା ପୂର୍ବରୁ କେହି ବି ଭାବିନଥିଲେ ଯେ, ଏହି ଯୁଦ୍ଧର ନିଆଁ ଏତେ ଶୀଘ୍ର ବିଶ୍ୱର ଏତେ ବ୍ୟାପକ ଅଞ୍ଚଳକୁ ବ୍ୟାପୀ ଯିବ ବୋଲି। ବର୍ତ୍ତମାନ ୟୁରୋପଠାରୁ ଆରମ୍ଭ କରି ଏସିଆ ପର୍ଯ୍ୟନ୍ତ ଏହି ନିଆଁରେ ଦହଗଞ୍ଜ ହେଉଛନ୍ତି। କେଉଁଠି ଗ୍ୟାସର ସଙ୍କଟ ତ ଆଉ କେଉଁଠାରେ ତୈଳ ଅଭାବ ଓ ଦରବୃଦ୍ଧି ଲୋକଙ୍କୁ ଭୀତତ୍ରସ୍ତ କରିସାରିଲାଣି। ଭାରତ ପାଇଁ ଏହା ମହାବିପଦ ସୃଷ୍ଟି କରିଛି। କାରଣ ହେଉଛି ଷ୍ଟ୍ରେଟ୍ ଅଫ୍ ହୋରମୁଜ୍‌ର ଅବରୋଧ। ଯଦିଓ ତୈଳ ଓ ଗ୍ୟାସ ବହନକାରୀ ଭାରତୀୟ ଜାହାଜକୁ ଉପରୋକ୍ତ ଜଳପଥ ଦେଇ ଯିବା ପାଇଁ ଇରାନ ଅନୁମତି ଦେଇଛି, ଏହା ସତ୍ତ୍ୱେ କିନ୍ତୁ ପୂର୍ବ ପରି ସାବଲୀଳ ଗମନାଗମନର ଅଭାବରୁ ବର୍ତ୍ତମାନ ଦେଶରେ ତୈଳ ଓ ଗ୍ୟାସର ମୂଲ୍ୟ ବୃଦ୍ଧି ପରିଲକ୍ଷିତ ହୋଇଅଛି। ଷ୍ଟ୍ରେଟ୍ ଅଫ୍ ହୋରମୁଜ୍‌କୁ ବିଶ୍ୱର ଶକ୍ତି ବ୍ୟବସ୍ଥାର ଜୀବନରେଖା କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ଏହା ଦେଇ ପ୍ରତ୍ୟେକ ଦିନ ଏକକୋଟି ଚାଳିଶଲକ୍ଷ ବ୍ୟାରେଲ୍ ଅଶୋଧିତ ତୈଳ ଓ ଅଣତିରିଶ କୋଟି ଘନମିଟର ତରଳ ପ୍ରାକୃତିକ ଗ୍ୟାସ (ଏଲ୍.ଏନ.ଜି) ର ରପ୍ତାନୀ କରାଯାଇଥାଏ। ତେଣୁ ହୋରମୁଜ୍ ଦୀର୍ଘ ସମୟ ପାଇଁ ବାଧାପ୍ରାପ୍ତ ରହିଲେ ସମଗ୍ର ବିଶ୍ୱ ତୈଳ ଓ ଗ୍ୟାସ୍ ସଙ୍କଟ ମଧ୍ୟକୁ ଠେଲି ହୋଇଯିବ, ଏଥିରେ ସନ୍ଦେହ ନାହିଁ। ତେବେ ଆମର ଏହି ପ୍ରବନ୍ଧର ଲକ୍ଷ୍ୟ ହେଉଛି ଭାରତରେ ଏଲ୍.ପି.ଜି.ର ଆବଶ୍ୟକତାକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା। ଇତିମଧ୍ୟରେ ସରକାର ଦେଶର ଜନସାଧାରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଠାରେ ବ୍ୟବସ୍ଥା ଅଛି ସେଠାରେ ସିଲିଣ୍ଡର ମାଧ୍ୟମରୁ ପି.ଏନ.ଜି ମାଧ୍ୟମକୁ ରନ୍ଧନଗ୍ୟାସ୍‌ର ପରିବର୍ତ୍ତନ କରାଯାଉ। ଏହି ଏଲ.ପି.ଜି, ଏଲ.ଏନ.ଜି ଓ ପି.ଏନ.ଜି ଭଳି ନାମକରଣଦ୍ୱାରା ଦେଶର ସାଧାରଣ ଜନତା ସନ୍ଦେହର ଘେରରେ ପଡୁଛନ୍ତି। ସେଗୁଡ଼ିକୁ ସରଳ ଭାବରେ ବୁଝାଇବା ମଧ୍ୟ ଆମର ଏହି ନିବନ୍ଧଟିର ଆଲୋଚ୍ୟ।

ପ୍ରଥମେ ଆସିବା ଏଲ.ଏନ.ଜି କୁ। ଏହାର ପୂରା ନାମ ଲିକ୍ୟୁଇଫାଇଡ୍ ନାଚୁରାଲ୍ ଗ୍ୟାସ୍। ମୁଖ୍ୟତଃ ଏହା ହେଉଛି ମିଥେନ୍। ମିଥେନ୍‌ର ରାସାୟନିକ ସଙ୍କେତ ଉଐ୪। ଏଲ.ଏନ.ଜି ହିଁ ପ୍ରାକୃତିକ ଗ୍ୟାସ ଅଟେ। ଏହାକୁ ଅତ୍ୟନ୍ତ ନିମ୍ନ ତାପମାତ୍ରାରେ (-୧୬୦ଠ ଉ ତଳକୁ) ଶୀତଳୀକରଣ କରାଯାଇଥାଏ। ଏପରି କରିବାଦ୍ୱାରା ଏହା ତରଳ ପଦାର୍ଥରେ ପରିଣତ ହୋଇଥାଏ ଓ ସହଜରେ ଏହାକୁ ଦୂର ସ୍ଥାନକୁ ନିଆଯାଇ ପାରିଥାଏ। ସୂଚନାଯୋଗ୍ୟ ଗ୍ୟାସ୍ ପାଇପ୍ ଲାଇନର ବ୍ୟବସ୍ଥା ଥିଲେ ଏଲ.ଏନ.ଜି କୁ ପି.ଏନ.ଜି (ପାଇପଡ୍ ନାଚୁରାଲ୍ ଗ୍ୟାସ୍) ରେ ମଧ୍ୟ ରୂପାନ୍ତରିତ କରାଯାଇପାରେ। ସାର, ପେଟ୍ରୋ କେମିକାଲ୍, ଇସ୍ପାତ ଓ ବିଦ୍ୟୁତ୍ ଉତ୍ପାଦନରେ ଏଲ.ଏନ.ଜି ର ଯଥେଷ୍ଟ ଆବଶ୍ୟକତା ରହିଅଛି। ଜାହାଜ ଇତ୍ୟାଦିରେ ଇନ୍ଧନ ଭାବେ ମଧ୍ୟ ଏଲ.ଏନ.ଜି କୁ ବ୍ୟବହାର କରାଯାଇଥାଏ।

ବେଳେବେଳେ ଆମ୍ଭେମାନେ ପେଟ୍ରୋଲ ଟାଙ୍କିମାନଙ୍କରେ ଦେଖିବାକୁ ପାଇଥାଉ ସି.ଏନ୍.ଜି (ଉଘଏ) ଲେଖା ହୋଇଥିବାର। ଉଭୟ ଏଲ.ଏନ.ଜି ଓ ସି.ଏନ.ଜି ମିଥେନ୍ କିନ୍ତୁ ଏଲ.ଏନ.ଜି କୁ -୧୬୨ଠଉ ରେ ଶୀତଳୀକରଣ କରାଯାଇ ତରଳୀକୃତ କରି ପ୍ରସ୍ତୁତ କରାଯାଇଥିବା ବେଳେ, ସି.ଏନ.ଜି କୁ ୨୦୦ - ୨୫୦ ବାର ମାତ୍ରାରେ ଚାପ ଦିଆଯାଇ ପ୍ରସ୍ତୁତ କରାଯାଇଥାଏ ଓ ସିଲିଣ୍ଡର ମାନଙ୍କରେ ରଖାଯାଇଥାଏ। ସି.ଏନ.ଜି ମୁଖ୍ୟତଃ ଆଜିକାଲି ଯାନବାହନ ମାନଙ୍କରେ ପେଟ୍ରୋଲର ବିକଳ୍ପ ଭାବେ ବ୍ୟବହୃତ ହେଉଛି। ଭାରତର ବର୍ତ୍ତମାନ ଶକ୍ତି ସଙ୍କଟ ମୁଖ୍ୟତଃ ଏଲ.ଏନ.ଜି ର ଆମଦାନୀରେ ଅସୁବିଧା ହେତୁ ହେଉଅଛି କାରଣ ଏଲ.ଏନ.ଜି କୁ ନ୍ୟାସ୍‌ନାଲ ଗ୍ରୀଡ୍‌ରେ ବାଷ୍ପୀକୃତ କରି ପି.ଏନ.ଜି ଓ ସି.ଏନ.ଜି ରେ ରୂପାନ୍ତରିତ କରାଯାଇଥାଏ। ଏବେ ଆସିବା ଏଲ.ପି.ଜି କୁ। ପୂରା ନାମ ଲିକ୍ୟୁଇଫାଇଡ୍ ପେଟ୍ରୋଲିୟମ୍ ଗ୍ୟାସ୍। ଏହା ହାଇଡ୍ରୋକାର୍ବନ୍ ଗ୍ୟାସ୍‌ଗୁଡ଼ିକର ଏକ ମିଶ୍ରଣ ଯେଉଁଥିରେ ପ୍ରମୁଖ ହେଉଛନ୍ତି ପ୍ରୋପେନ୍ ଓ ବ୍ୟୁଟେନ୍। ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସର ପ୍ରକ୍ରିୟାକରଣରେ, ଏଲ.ପି.ଜି ଗୋଟିଏ ଉପଜାତ ପଦାର୍ଥ। ମଧ୍ୟମ ଧରଣର ଚାପରେ ଏହା ତରଳୀକୃତ ହୋଇ ପାରୁଥିବାରୁ ଏହାକୁ ସିଲିଣ୍ଡର ମାଧ୍ୟମରେ ଅତି ସହଜରେ ନେବା ଆଣିବା କରାଯାଇପାରିଥାଏ। ଆମେ ରୋଷେଇ ଘରେ ବ୍ୟବହାର କରୁଥିବା ସିଲିଣ୍ଡରରେ, ଏଲ.ପି.ଜି ହିଁ ଥାଏ। ଏଲ.ଏନ.ଜି ଠାରୁ କିନ୍ତୁ ଏଲ.ପି.ଜି ଦହନଶୀଳତା ଦୃଷ୍ଟିରୁ ଅଧିକ ବିପଜ୍ଜନକ।

ଅଶୋଧିତ ତୈଳ ସକାଶେ ଭାରତ ରୁଷ୍ ଉପରେ ଭବିଷ୍ୟତରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇପାରିବ କିନ୍ତୁ ଏଲ.ପି.ଜି ଓ ଏଲ.ଏନ.ଜି ମୁଖ୍ୟତଃ ଆସୁଛି ମଧ୍ୟପ୍ରାଚ୍ୟରୁ ଯାହାକି ଏବେ ଯୁଦ୍ଧ ଜର୍ଜରିତ। ତେଣୁ ଏହି ପରିସ୍ଥିତିରେ ଭାରତର ଚଉବନ ପ୍ରତିଶତ ଏଲ.ପି.ଜି ଓ ତିରିଶ ପ୍ରତିଶତ ଏଲ.ଏନ.ଜି ଆମଦାନୀରେ ବାଧା ସୃଷ୍ଟି ହୋଇଛି। ୨୦୨୫ ରେ କେନ୍ଦ୍ର ସରକାର, ଦେଶର ତିନି ରାଷ୍ଟ୍ରାୟତ୍ତ




ଉଦ୍ୟୋଗ ଇଣ୍ଡିଆନ ଅଏଲ କର୍ପୋରେସନ, ଭାରତ ପେଟ୍ରୋଲିୟମ ଓ ହିନ୍ଦୁସ୍ଥାନ ପେଟ୍ରୋଲିୟମକୁ ତିରିଶହଜାର କୋଟି ଟଙ୍କା ସବ୍‌ସିଡି ଦେଇଛନ୍ତି, ସେମାନଙ୍କର କ୍ଷତିକୁ ଭରଣା କରିବା ସକାଶେ ଯାହାକି ଶସ୍ତାରେ ଏଲ.ପି.ଜି ଯୋଗାଇବା ହେତୁ ହୋଇଛି। ଗତ ମାର୍ଚ୍ଚ ସାତ ତାରିଖରେ ଘରୋଇ ଏଲ.ପି.ଜି ର ମୂଲ୍ୟ ସିଲିଣ୍ଡର ପିଛା ଷାଠିଏ ଟଙ୍କା ବୃଦ୍ଧି ପାଇଛି। ଏ ମଧ୍ୟରେ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ୍ ପିଛା ୧୨୦ ଡଲାର ହୋଇଛି ଯାହାକି ୨୦୨୨ ରେ ୟୁକ୍ରେନ୍ ଯୁଦ୍ଧ ପରେ ପ୍ରଥମ। ମାର୍ଚ୍ଚ ୯ ତାରିଖରେ ପେଟ୍ରୋଲିୟମ ମନ୍ତ୍ରାଳୟ ଦେଶର ତୈଳ ବିଶୋଧନକାରୀ କମ୍ପାନୀମାନଙ୍କ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ମୁତାବକ କମ୍ପାନୀମାନେ ଅଧିକରୁ ଅଧିକ ଏଲ.ପି.ଜି ର ଉତ୍ପାଦନ କରନ୍ତୁ ଓ ଏହାକୁ ଉପରୋକ୍ତ ତିନୋଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗଙ୍କୁ ଯୋଗାଇ ଦିଅନ୍ତୁ, ଜନତାଙ୍କର ଘରୋଇ ବ୍ୟବହାର ନିମନ୍ତେ। ଏଲ.ପି.ଜି ଛଡ଼ା ଅନ୍ୟ କୌଣସି ପେଟ୍ରୋକେମିକାଲ୍ ଦ୍ରବ୍ୟର ଉତ୍ପାଦନ କରିବା ପାଇଁ ମଧ୍ୟ କମ୍ପାନୀମାନଙ୍କୁ ସରକାର ବାରଣ କରିଛନ୍ତି। ଭାରତ ଏହାର ସମ୍ପୂର୍ଣ୍ଣ ଆବଶ୍ୟକତାର ମାତ୍ର ଚାଳିଶ ପ୍ରତିଶତ ଏଲ.ପି.ଜି ହିଁ ଦେଶରେ ଉତ୍ପାଦନ କରିପାରୁଛି। ବାକି ଚାହିଦା ପୂରଣ ଦେଉଛି ମଧ୍ୟପ୍ରାଚ୍ୟରୁ ଯାହା ବର୍ତ୍ତମାନ ଅଶାନ୍ତ। ଭାରତରେ ଏଲ.ପି.ଜି ର ବ୍ୟବହାରରେ ମଧ୍ୟ ଯଥେଷ୍ଟ ବୃଦ୍ଧି ହୋଇଛି କାରଣ ଜନସାଧାରଣ ସ୍ୱଚ୍ଛ ଇନ୍ଧନକୁ ବେଶି ପସନ୍ଦ କରୁଛନ୍ତି। ପେଟ୍ରୋଲିୟମ ମନ୍ତ୍ରାଳୟ ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୧୫ରୁ ୨୦୨୫ ମଧ୍ୟରେ ଘରୋଇ ଏଲ.ପି.ଜି ଗ୍ରାହକଙ୍କ ସଂଖ୍ୟା ୧୪୮୬ ଲକ୍ଷରୁ ୩୩୦୫ ଲକ୍ଷକୁ ବୃଦ୍ଧି ପାଇଛି, ଯାହାକି ଦଶବର୍ଷରେ ଏକଶହ କୋଡ଼ିଏ ପ୍ରତିଶତ। ଭାରତର ଏଲ.ପି.ଜି ଆମଦାନୀ ୨୦୨୦-୨୧ ରେ ୧୬.୪୮ ମିଲିଅନ୍ ମେଟ୍ରିକ୍ ଟନ୍‌ରୁ ୨୦୨୫-୨୬ ରେ ୧୮ ମିଲିଅନ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି। ଚିନ୍ତାଜନକ ଭାବେ ଭାରତକୁ ଏଲ.ପି.ଜି ରପ୍ତାନୀ କରୁଥିବା ଅଧିକାଂଶ ଦେଶ ମଧ୍ୟପ୍ରାଚ୍ୟ ଅନ୍ତର୍ଗତ। ସର୍ବବୃହତ୍ ରପ୍ତାନୀକାରୀ ଦେଶ ୨୦୨୫ ରେ ହେଉଛି କାତାର (୩୪%)। ଏହା ପଛରେ ଅଛନ୍ତି ୟୁଏଇ (୨୬%), କୁଏତ୍ (୮.୩%)। ସେହିପରି ଭାବରେ ଏଲ.ଏନ.ଜି ଚାହିଦାର ଅଧା କାତାରରୁ ହିଁ ପୂରଣ ହୋଇଥାଏ। ୨୦୧୧-୧୨ ଭାରତକୁ ଆମଦାନୀ ହେଉଥିବା ଏଲ.ଏନ.ଜି ର ପରିମାଣ ଥିଲା ୧୩.୫ ମିଲିଅନ ମେଟ୍ରିକ ଟନ୍ ଯାହାକି ୨୦୨୪-୨୫ ରେ ଦୁଇଗୁଣା ହୋଇ ୨୭ ମିଲିଅନ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ତେଣୁ ହୋରମୁଜ୍ ଜଳପଥ ବାଧାପ୍ରାପ୍ତ ହେବା ଦେଶରେ ଏଲ.ପି.ଜି ଓ ଏଲ.ଏନ.ଜି ର ଅଭାବକୁ ଉଜ୍ଜୀବିତ କରିଛି। ଇତିମଧ୍ୟରେ ଖବର ଆସି ପହଞ୍ଚିଛି କି ହୋରମୁଜ୍‌କୁ ଜଗୁଥିବା ଆଇ.ଆର.ଜି.ସି ନାଭାଲ୍ କମାଣ୍ଡର "ଆଲିରେଜା ଟାଙ୍ଗସିରି" ଇସ୍ରାଏଲ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି।

ଶେଷରେ ଆମେ ଆସିବା ପି.ଏନ.ଜି କୁ। ଏହି ବ୍ୟବସ୍ଥାଟିର ଗଠନ ଭିନ୍ନ ପ୍ରକାରର ଅଟେ। ପ୍ରାକୃତିକ ଗ୍ୟାସକୁ ଏଲ.ଏନ.ଜି ରେ ରୂପାନ୍ତରିତ କରାଯାଇ ସମୁଦ୍ର ମାର୍ଗରେ ନିଆଯାଇଥାଏ। ଭାରତରେ କିଛି ନିର୍ଦ୍ଦିଷ୍ଟ ଗ୍ୟାସ୍ ଟର୍ମିନାଲ୍‌ରେ ଏହି ତରଳ ପଦାର୍ଥକୁ ପୁଣି ଗ୍ୟାସ୍‌ରେ ପରିବର୍ତ୍ତିତ କରାଯାଇ, ନ୍ୟାସ୍‌ନାଲ ଗ୍ରୀଡ୍ ଯୋଗେଁ ଉପଭୋକ୍ତାମାନଙ୍କୁ ପାଇପ ଲାଇନ ମାଧ୍ୟମରେ ଯୋଗାଇ ଦିଆଯାଇଥାଏ। ଏହି ଗ୍ୟାସ ପାଇପଲାଇନ୍ ବିଛାଇବା କେନ୍ଦ୍ର ସରକାରଙ୍କର ଗୋଟିଏ ସଂସ୍ଥାର ତଦାରଖରେ କରାଯାଉଛି। ତାହା ହେଉଛି - ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ନିୟନ୍ତ୍ରଣ ବୋର୍ଡ଼ (ପି.ଏନ.ଜି.ଆର.ବି)। ସୁରକ୍ଷା ଦୃଷ୍ଟିରୁ ଦେଖିଲେ ଯେହେତୁ ପି.ଏନ.ଜି ହାଲୁକା, କୌଣସି ଲିକ୍ ହେଲେ ଏହା ସହଜରେ ଖେଳାଇ ହୋଇଯାଇଥାଏ ଓ ଦୁର୍ଘଟଣାର ସମ୍ଭାବନା କମିଯାଇଥାଏ। ଅନ୍ୟ ପକ୍ଷରେ ଏଲ.ପି.ଜି ଓଜନିଆ ହୋଇଥିବାରୁ ପରିବେଶରେ ଜମା ହୋଇ ରହିଥାଏ ଓ ଦୁର୍ଘଟଣାର ଆଶଙ୍କା ଥାଏ।

ଆର୍ଥିକ ଦୃଷ୍ଟିରୁ ଦେଖିଲେ ଏଲ.ପି.ଜି ଠାରୁ ପି.ଏନ.ଜି ଶସ୍ତା, କାରଣ ଏଥିରେ ବିଦ୍ୟୁତ୍ ବିଲ୍ ଭଳି ଦେୟ ଦେବାପାଇଁ ହୋଇଥାଏ, କୌଣସି ଡିଲରକୁ ମୂଲ୍ୟ ଦେବା ପାଇଁ ପଡ଼ିନଥାଏ ଏବଂ ସର୍ବଶେଷରେ ଚୋରିର ମଧ୍ୟ ଭୟ ନଥାଏ। ଏଲ.ପି.ଜି କିନ୍ତୁ ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠାରେ ସହଜରେ ଉପଲବ୍ଧ ହୋଇଥାଏ। ପି.ଏନ.ଜି ପାଇଁ ପାଇପ୍‌ଲାଇନ ବ୍ୟବସ୍ଥା ଆବଶ୍ୟକ ହୋଇଥାଏ। ସରକାର ବର୍ତ୍ତମାନ ଗ୍ୟାସ୍ ପାଇପ୍‌ଲାଇନ ବିଛାଇବା କାମ ଦ୍ରୁତଗତିରେ କରୁଛନ୍ତି। ଯେଉଁଠାରେ ପି.ଏନ.ଜି ର ଭିତ୍ତିଭୂମି ଅଛି ସେଠାରେ ଗ୍ରାହକମାନଙ୍କୁ ଏଲ.ପି.ଜି ରୁ ପି.ଏନ.ଜି କୁ ପରିବର୍ତ୍ତିତ କରିବା ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଏହା ନ କଲେ ନିର୍ଦ୍ଦେଶର ତିନିମାସ ପରେ ସମ୍ପୃକ୍ତ ଗ୍ରାହକଙ୍କୁ ଏଲ.ପି.ଜି ମଧ୍ୟ ଯୋଗାଇ ଦିଆଯିବନାହିଁ ବୋଲି ମାର୍ଚ୍ଚ ୨୪ ରେ ପେଟ୍ରୋଲିୟମ ମନ୍ତ୍ରାଳୟର ନିର୍ଦ୍ଦେଶନାମାରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଟ୍ରମ୍ପ ଏପ୍ରିଲ୍ ୬ ପର୍ଯ୍ୟନ୍ତ ଯୁଦ୍ଧବିରତି ଘୋଷଣା କରିଛନ୍ତି। ଏହା ସତ୍ତ୍ୱେ କିନ୍ତୁ ଆକ୍ରମଣ ଚାଲିଛି। ଲାଗୁଛି ଏ ଯୁଦ୍ଧ ଲମ୍ବା ସମୟ ପର୍ଯ୍ୟନ୍ତ ଯିବ। ଭାରତ ଶକ୍ତି କ୍ଷେତ୍ରରେ ପର୍ଯ୍ୟାୟକ୍ରମେ ନିଜକୁ ସ୍ୱାବଲମ୍ବୀ କରୁ ଓ ବାୟୋଗ୍ୟାସ୍‌କୁ ପ୍ରାଧାନ୍ୟ ଦେଉ।

**ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର**
**ମୋବାଇଲ:୮୧୪୪୦୪୨୯୯୭**

# କଳା ଅବତାର, ଅଂଶାବତାର ଓ ରାମାବତାର



**ବିକ୍ରମ କେଶରୀ ବିଶ୍ୱାଳ**

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି। ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର



ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୂତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

**ଯାଜପୁର ରୋଡ଼, ଯାଜପୁର, ଦୂରଭାଷ:୯୯୩୮୫୩୬୦୭୬**

# ହର୍ମୁଜରେ ମୃତ୍ୟୁର ମାୟାଜାଲ ବିଛାଇଛି ଇରାନ

## ଜାମ ହୋଇଯାଉଛି ଜିପିଏସ, ଦିଶୁନି ରୁଟ ମ୍ୟାପ

## ରେଡିଓ ବାର୍ତ୍ତା ଜରିଆରେ ଆସୁଛି ସତର୍କ ସୂଚନା



ତେହେରାନ, ୨୮।୩: ପଶ୍ଚିମ ଏସିଆରେ ଉତ୍ତେଜନା ପରେ, ପରିସ୍ଥିତି ଧୀରେ ଧୀରେ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ହର୍ମୁଜ ପ୍ରଣାଳୀ ଦେଇ ପରିବହନ ବନ୍ଦ ହେବା ବିଶ୍ୱ ଶକ୍ତି ସଙ୍କଟକୁ ଗୁରୁତର କରିଛି। ଏହି ସଙ୍କଟକୁ ଦୃଷ୍ଟିରେ ରଖି, ଭାରତ ଭଳି ଉଦୀୟମାନ ଅର୍ଥନୀତିଗୁଡ଼ିକ ଶକ୍ତି ଯୋଗାଣର ବିକଳ୍ପ ଉତ୍ସ ଖୋଜିବା ଆରମ୍ଭ କରିଛନ୍ତି। ଇରାନ ଯୁଦ୍ଧ ପରେ ହର୍ମୁଜ୍ ପ୍ରଣାଳୀ ଏକ ଯୁଦ୍ଧକ୍ଷେତ୍ର ପାଲଟିଛି। ତେହେରାନ ଏହି ସଂକୀର୍ଣ୍ଣ ସମୁଦ୍ର ପଥକୁ ବନ୍ଦ କରିଦେଇଛି। ଇରାନ ଏବଂ ଆମେରିକା ହର୍ମୁଜ ପ୍ରଣାଳୀ ସମ୍ପର୍କରେ ପରସ୍ପର ବିରୋଧୀ ବୟାନ ଜାରି କରିଚାଲିଛନ୍ତି, କିନ୍ତୁ ବାସ୍ତବତା ହେଉଛି ଯେ ଇରାନ ଯୁଦ୍ଧ ପୂର୍ବରୁ ଏବଂ ପରେ ଏହି କରିଡର ଦେଇ ଯାଉଥିବା ଜାହାଜ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ହର୍ମୁଜ ପ୍ରଣାଳୀ ଦେଇ ପରିବହନ କରୁଥିବା ତେଲ ଟ୍ୟାଙ୍କର ଏବଂ ଏଲ୍‌ପିଜି ଜାହାଜର କ୍ୟାପ୍ଟେନମାନଙ୍କ ଅନୁସାରେ ପ୍ରଣାଳୀରେ ପ୍ରବେଶ କରିବା ପରେ, ରେଡିଓ ବାର୍ତ୍ତା ଆସିବା ଆରମ୍ଭ ହୁଏ ଯେ ଏହି ଅଞ୍ଚଳ ଜାହାଜ ପାଇଁ ସମ୍ପୂର୍ଣ୍ଣ ବନ୍ଦ। ଜିପିଏସ୍ ମଧ୍ୟ ଜାମ୍ ହୋଇଯାଏ, ଫଳରେ ରୁଟ୍ ମ୍ୟାପ ଦୃଶ୍ୟମାନ ହେବାରେ ବାଧା ସୃଷ୍ଟି ହୋଇଥାଏ। ଇରାନ ଏହି ପ୍ରଣାଳୀରେ ସମୁଦ୍ର ମାଇନ ମଧ୍ୟ ବିଛାଇ ଦେଇଛି। ଏହାକୁ ଅତିକ୍ରମ କରିବା ମୃତ୍ୟୁର କୂଅ ପାର କରିବା ଅପେକ୍ଷା କମ୍ ବିପଜ୍ଜନକ ନୁହେଁ।

ପଶ୍ଚିମ ଏସିଆର ଏକ ଅତ୍ୟନ୍ତ ସମ୍ବେଦନଶୀଳ ସମୁଦ୍ର ପଥ, ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରୁଥିବା ଭାରତୀୟ ଜାହାଜଗୁଡ଼ିକ ସମ୍ପ୍ରତି ବିଭିନ୍ନ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ଜିପିଏସ୍ ସିଷ୍ଟମରେ ବାଧା, ସମୁଦ୍ର ମାଇନ୍ ବିପଦ ଏବଂ ସ୍ପଷ୍ଟ ନେଭିଗେସନ୍ ଅଭାବ ପରିସ୍ଥିତିକୁ ଅତ୍ୟନ୍ତ ଜଟିଳ ଏବଂ ବିପଦପୂର୍ଣ୍ଣ କରିଛି। ଏହି ରୁଟ୍ ମାଧ୍ୟମରେ ଯାତ୍ରା କରୁଥିବା ଜାହାଜଗୁଡ଼ିକୁ ରେଡିଓ ବାର୍ତ୍ତା ମାଧ୍ୟମରେ ନିରନ୍ତର ସତର୍କ କରାଯାଉଛି। ସାମୁଦ୍ରିକ ଚ୍ୟାନେଲଗୁଡ଼ିକରେ ପ୍ରସାରିତ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ନୌସେନାର ଏହି ବାର୍ତ୍ତାଗୁଡ଼ିକରେ କୁହାଯାଇଛି ଯେ ହର୍ମୁଜ୍ ପ୍ରଣାଳୀ ଦେଇ ଯିବା ନିଷେଧ ଏବଂ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ କୌଣସି ଜାହାଜକୁ ଅନୁମତି ଦିଆଯିବ ନାହିଁ। ଏହି ଚେତାବନୀଗୁଡ଼ିକ ଜାହାଜ କ୍ୟାପ୍ଟେନ ଏବଂ କ୍ରୁ ମଧ୍ୟରେ ଦ୍ୱନ୍ଦ୍ୱ ତଥା ଭୟ ସୃଷ୍ଟି କରୁଛି।

ଏକ ରିପୋର୍ଟ ଅନୁଯାୟୀ, ଜିପିଏସ୍ ଜାମ୍ ହେବା ଯୋଗୁଁ ଜାହାଜଗୁଡ଼ିକୁ ସଠିକ୍ ଭାବରେ ସ୍ଥାନ ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଛି। ଜିପିଏସ୍ ବିନା ନେଭିଗେସନ୍ ଅତ୍ୟନ୍ତ କଷ୍ଟକର ହୋଇଯାଉଛି। ଯଦି ଏକ ଜାହାଜର ସ୍ଥିତି ସଠିକ୍ ଭାବରେ ଆକଳନ କରାଯାଇ ନପାରିବ ତେବେ ଧକ୍କା ହେବା ଏବଂ ଫସି ରହିବାର ଆଶଙ୍କା ବୃଦ୍ଧି ପାଏ। ହର୍ମୁଜ ଭଳି ସଂକୀର୍ଣ୍ଣ ସମୁଦ୍ର ପଥରେ ଏହି ପରିସ୍ଥିତି ଆହୁରି ବିପଜ୍ଜନକ ହୋଇଯାଉଛି। ସମୁଦ୍ରରେ ମାଇନ୍ସ ବିଛାଯିବା ଯୋଗୁଁ ପରିସ୍ଥିତି ଆହୁରି ଖରାପ ହୋଇଯାଇଛି। ଜାହାଜଗୁଡ଼ିକୁ ବର୍ତ୍ତମାନ ସୀମିତ ଏବଂ ଚିହ୍ନିତ ମାର୍ଗର ମାନଚିତ୍ର ପ୍ରଦାନ କରାଯାଉଛି, ପ୍ରବେଶ ଏବଂ ପ୍ରସ୍ଥାନ ପାଇଁ ନିର୍ଦ୍ଦିଷ୍ଟ କରିଡର ରହିଛି। ତେବେ ମାର୍ଗଗୁଡ଼ିକର ସୁରକ୍ଷା ବିଷୟରେ ଅନିଶ୍ଚିତତା ଜାରି ରହିଛି।

## ଡେଥ୍ ଜୋନ୍ ଛାଡିଲେ ୨ ଭାରତୀୟ ଜାହାଜ

ନୂଆଦିଲ୍ଲୀ, ୨୮।୩: ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ, ଭାରତ ପାଇଁ ଖୁସି ଖବର। ପେଟ୍ରୋଲିୟମ୍ ଉତ୍ପାଦ ବହନ କରୁଥିବା ଆଉ ଦୁଇଟି ବାଣିଜ୍ୟ ଜାହାଜ ଡେଥ୍ ଜୋନ୍ ଛାଡ଼ି ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରୁଛନ୍ତି। ଜାହାଜ ଦୁଇଟି ଖୁବ୍ ଶୀଘ୍ର ଭାରତରେ ପହଞ୍ଚିବାର ଆଶା କରାଯାଉଛି। ଏହି ଜାହାଜଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଭାରତୀୟ ନୌସେନା ସତର୍କ ରହିଛି। ପାରସ୍ୟ ଉପସାଗର ଚାରିପାଖରେ ଯୁଦ୍ଧଜାହାଜଗୁଡ଼ିକୁ ମୁତୟନ କରାଯାଇଛି, ଆବଶ୍ୟକ ହେଲେ ଏହି ଦୁଇ ଜାହାଜକୁ ସୁରକ୍ଷା ଏବଂ ସହାୟତା ଯୋଗାଇବାକୁ ନୌସେନା ପ୍ରସ୍ତୁତ ରହିଛି। ସୂତ୍ର ଅନୁଯାୟୀ, ଆଗାମୀ ଦିନରେ ଏହି ପଥରେ ଆହୁରି ଜାହାଜ ଭାରତକୁ ଯାତ୍ରା କରିପାରେ। ତେଣୁ, ନୌସେନା ନିରନ୍ତର ପରିସ୍ଥିତି ଉପରେ ନଜର ରଖିଛି। ଏହି ଘଟଣା ସୂଚାଇ ଦେଉଛି ଯେ ଭାରତ ଆଞ୍ଚଳିକ ଉତ୍ତେଜନା ସତ୍ତ୍ୱେ ନିଜର ଗୁରୁତ୍ୱପୂର୍ଣ୍ଣ ଶକ୍ତି ଯୋଗାଣକୁ ସୁରକ୍ଷିତ ରଖିବା ପାଇଁ ସକ୍ରିୟ ପଦକ୍ଷେପ ନେଉଛି।

## ଗଲ୍ଫ ଦେଶକୁ ଇରାନର ଟାର୍ଗେଟ



ନୂଆଦିଲ୍ଲୀ, ୨୮।୩: ଇରାନ ଉପରେ ଇସ୍ରାଏଲ ଏବଂ ଆମେରିକା ମିଳିତ ଭାବରେ ଆକ୍ରମଣ କରିଥିଲେ। ଏହି ଯୁଦ୍ଧକୁ ୩୦ ଦିନ ବିତିଛି, କିନ୍ତୁ ତୀବ୍ରତା ବୃଦ୍ଧି ପାଇଛି। ଇରାନ ଦେଉଛି ଜୋରଦାର ଜବାବ। ଇସ୍ରାଏଲ ସମେତ ନିଜର ପଡ଼ୋଶୀ ଗଲ୍ଫ ଦେଶଙ୍କୁ ଟାର୍ଗେଟ କରୁଛି ଇରାନ। ଏହାରି ମଧ୍ୟରେ ଶନିବାର ଇରାନ୍, କୁଏତ, ଦୁବାଇ ଏବଂ ଇସ୍ରାଏଲ ଉପରେ ମିସାଇଲ୍ ମାଡ଼ କରିଥିବା ଜଣାପଡ଼ିଛି।

ଇରାନୀୟ ସେନା ଶନିବାର କହିଛି ଯେ, ୟୁଏଇରେ ଥିବା ୟୁକ୍ରେନର ଡ୍ରୋନ ପ୍ରତିରୋଧୀ ପ୍ରଣାଳୀ ଉପରେ ଆକ୍ରମଣ କରାଯାଇଛି। ଏହି ପ୍ରଣାଳୀ ଆମେରିକୀୟ ସେନାକୁ ସହାୟତା କରିବା ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଥିଲା। ଇରାନର କେନ୍ଦ୍ରୀୟ ସେନା ଅଭିଯାନର ମୁଖ୍ୟ ସରକାରୀ ଟିଭିକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଦୁବାଇରେ ଥିବା ଆମେରିକୀୟ ସୈନିକ ଠିକଣା ସମେତ ୟୁକ୍ରେନୀୟ ଡ୍ରୋନ ପ୍ରତିରୋଧୀ ପ୍ରଣାଳୀକୁ ଟାର୍ଗେଟ କରାଯାଇଛି। ଏହା ପୂର୍ବରୁ ଆଜି ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି ୟୁଏଇରେ ପହଞ୍ଚି ଦେଶର ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି। ଦୁଇ ଦେଶ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ଲାଗି ସହମତି ପ୍ରକାଶ କରିଛନ୍ତି ବୋଲି ଜେଲେନସ୍କି କହିଛନ୍ତି। ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ଶନିବାର ପ୍ରତ୍ୟୁଷରେ ଇସ୍ରାଏଲରେ ଏକ କ୍ଷେପଣାସ୍ତ୍ର ମାଡ଼ କରିଥିବା ଦାବି କରିଛନ୍ତି। ଏହା ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପରଠାରୁ ସେମାନଙ୍କର ପ୍ରଥମ ଆକ୍ରମଣ। ଇସ୍ରାଏଲୀ ସେନା କହିଛି ଯେ, ଏହି କ୍ଷେପଣାସ୍ତ୍ରକୁ ଆକାଶରେ ଧ୍ୱଂସ କରାଯାଇଛି। ଇସ୍ରାଏଲ ଶୁକ୍ରବାର ତେହେରାନ ବିରୁଦ୍ଧରେ ଏହାର ଅଭିଯାନକୁ 'ତୀବ୍ର ଏବଂ ବିସ୍ତାର' କରିବାକୁ ଧମକ ଦେଇଥିଲା। ଏହାର କିଛି ଘଣ୍ଟା ପରେ ଇସ୍ରାଏଲ ଇରାନର ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିଲା। ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ମଧ୍ୟରେ ଇରାନ ଶନିବାର ଦିନ ଦାବି କରିଛି ଯେ, ଏହା ଦୁବାଇରେ ଦୁଇଟି ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣ କରିଛି। ଇରାନର ସରକାରୀ ଗଣମାଧ୍ୟମ, ଫାର୍ସ ନ୍ୟୁଜ୍ ଏଜେନ୍ସି ଏହା ରିପୋର୍ଟ କରିଛି।

## ଟ୍ରମ୍ପଙ୍କ ପରବର୍ତ୍ତୀ ଟାର୍ଗେଟ କ୍ୟୁବା

ନ୍ୟୁୟର୍କ, ୨୮।୩: ଭେନେଜୁଏଲା ଏବଂ ଇରାନ ପରେ, ଟ୍ରମ୍ପ ଏବେ କ୍ୟୁବା ଉପରେ ନଜର ରଖିଛନ୍ତି। ଇରାନ ପରେ ଆମେରିକା କ୍ୟୁବା ଉପରେ ଆକ୍ରମଣ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଟ୍ରମ୍ପଙ୍କ ନିଷ୍ପତ୍ତି ପୂର୍ବରୁ ଅନେକ ଦେଶରେ ଅଶାନ୍ତି ସୃଷ୍ଟି କରିଛି ଏବେ ସେ କ୍ୟୁବାକୁ ସିଧାସଳଖ ଧମକ ଦେଇଛନ୍ତି। ମିଆମି ବିଚ୍‌ରେ ସାଉଦି-ଆୟୋଜିତ ଏକ ସମ୍ମିଳନୀରେ ଭାଷଣ ଦେଇ ଟ୍ରମ୍ପ କହିଛନ୍ତି ମୁଁ ଏକ ମହାନ ସେନା ଗଠନ କରିଛି। ଏହାକୁ ବ୍ୟବହାର ମଧ୍ୟ କରିବି।



ଆମର ପରବର୍ତ୍ତୀ ଟାର୍ଗେଟ କ୍ୟୁବା। ଏହି ମନ୍ତବ୍ୟ ଆଜି ପର୍ଯ୍ୟନ୍ତ କ୍ୟୁବା ପ୍ରତି ସେ ଦେଇଥିବା ସବୁଠାରୁ ସ୍ପଷ୍ଟ ସାର୍ବଜନୀନ ଧମକ ବୋଲି କୁହାଯାଉଛି।

ମାର୍ଚ୍ଚ ୧୬ ତାରିଖରେ ଟ୍ରମ୍ପ ଓଭାଲ ଅଫିସରେ କହିଥିଲେ ଯେ, ସେ କୌଣସି ପ୍ରକାରେ କ୍ୟୁବାକୁ ନିୟନ୍ତ୍ରଣ କରିବାର ଆଶା କରୁଛନ୍ତି। ସେ ଏହାକୁ ଏକ ବିଫଳ ରାଷ୍ଟ୍ର ବୋଲି କହିଥିଲେ। ଆମେରିକା ମାସ ମାସ ଧରି କ୍ୟୁବା ଉପରେ ଏକ ଲକଡାଉନ୍ ଭଳି ପରିସ୍ଥିତି ଲାଗୁ କରିଛି। ଆମେରିକାର ସେନା କ୍ୟୁବାରେ ବିଦେଶୀ ସାମଗ୍ରୀର ପ୍ରବେଶକୁ ଅବରୋଧ କରୁଛି ଏବଂ ବିଦ୍ୟୁତ୍ ସଂଯୋଗ କାଟି ଦେଇଛି। ଟ୍ରମ୍ପ୍ କହିଛନ୍ତି, ଇରାନ ବିବାଦ ସମାପ୍ତ ହେବା ପରେ, ଆମେରିକାର ଧ୍ୟାନ କ୍ୟୁବା ଆଡ଼କୁ ଯିବ। ଟ୍ରମ୍ପଙ୍କ ମନ୍ତବ୍ୟ ଆଉ ଏକ ଯୁଦ୍ଧର ସଙ୍କେତ ଦେଇଛି। ଯଦିଓ ଟ୍ରମ୍ପ କ୍ୟୁବାକୁ ନେଇ ତାଙ୍କର ଯୋଜନା ସ୍ପଷ୍ଟ କରିନାହାନ୍ତି, ସେ କହିଛନ୍ତି, ହାଭାନାର ସରକାର ଏକ ଗମ୍ଭୀର ଆର୍ଥିକ ସଙ୍କଟରେ ପଡ଼ି ପତନ ଦ୍ୱାରରେ ପହଞ୍ଚିଛନ୍ତି। କ୍ୟୁବା ରାଷ୍ଟ୍ରପତି ମିଗୁଏଲ ଡିଆଜ୍-କାନେଲ୍ ୱାସିଂଟନ୍ ସହିତ ଆଲୋଚନାକୁ ସ୍ୱୀକାର କରିଛନ୍ତି। ହାଭାନା ଯୁଦ୍ଧକୁ ଏଡାଇବାକୁ ଚାହୁଁଛନ୍ତି। କିନ୍ତୁ ଆମେରିକାର ଚାପ କ୍ରମାଗତ ଭାବରେ ବୃଦ୍ଧି ପାଉଛି।

## ଏଫବିଆଇ ନିର୍ଦ୍ଦେଶକଙ୍କ ଇମେଲ ହ୍ୟାକ କଲେ ଇରାନ ହ୍ୟାକର

ୱାଶିଂଟନ, ୨୮।୩: ଇରାନ ସହ ଜଡ଼ିତ ଥିବା ଏକ ହ୍ୟାକର୍ ଗ୍ରୁପ ଆମେରିକୀୟ ଗୁଇନ୍ଦା ତଥା ତଦନ୍ତକାରୀ ସଂସ୍ଥା ଫେଡେରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ (ଏଫବିଆଇ)ର ନିର୍ଦ୍ଦେଶକ କାଶ ପଟେଲଙ୍କ ବ୍ୟକ୍ତିଗତ ଇମେଲ୍ ହ୍ୟାକ କରିଥିବା ଦାବି କରିଛି। କେବଳ ସେତିକି ନୁହେଁ, ହ୍ୟାକର୍ସମାନେ ତାଙ୍କର କିଛି ବ୍ୟକ୍ତିଗତ ଫଟୋ ଏବଂ ତାଙ୍କର ରିଜ୍ୟୁମ ମଧ୍ୟ ଇଣ୍ଟରନେଟରେ ପ୍ରକାଶ କରିଦେଇଛନ୍ତି। ଏହି ସାଇବର ଆକ୍ରମଣ ପଛରେ 'ହାଣ୍ଡାଲା ହ୍ୟାକ୍ ଟିମ୍' ନାମକ ଏକ ଗ୍ରୁପ ରହିଛି। ସେମାନେ ନିଜ ୱେବସାଇଟରେ ଗର୍ବର ସହ ଲେଖିଛନ୍ତି ଯେ, "ସଫଳତାର ସହ ହ୍ୟାକ୍ ହୋଇଥିବା ଆମ ଶିକାରମାନଙ୍କ ତାଲିକାରେ କାଶ୍ ପଟେଲ୍ ଏବେ ନିଜ ନାମ ଦେଖିବାକୁ ପାଇବେ।" ନ୍ୟୁଜ୍ ଏଜେନ୍ସି ରଏଟର୍ସର ରିପୋର୍ଟ ଅନୁଯାୟୀ, ଆମେରିକାର ନ୍ୟାୟ ବିଭାଗର ଜଣେ ଅଧିକାରୀ ପଟେଲଙ୍କ ଇମେଲ୍ ହ୍ୟାକ୍ ହୋଇଥିବା କଥାକୁ ସ୍ପଷ୍ଟ କରିଛନ୍ତି, କିନ୍ତୁ ଏନେଇ ଅଧିକ ସୂଚନା ଦେଇନାହାଁନ୍ତି। ତେବେ ହ୍ୟାକର୍ସମାନେ ଅନଲାଇନରେ ଯାହା ସବୁ ପୋଷ୍ଟ କରିଛନ୍ତି, ତାହା ପ୍ରାମାଣିକ ଏବଂ ସତ୍ୟ ବୋଲି ଅଧିକାରୀ ଜଣକ ସ୍ୱୀକାର କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଏଫବିଆଇ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଦିଆଯାଇନାହିଁ କିମ୍ବା ରଏଟର୍ସ ପକ୍ଷରୁ ଯୋଗାଯୋଗ କରାଯିବା ପରେ ହ୍ୟାକର ଗ୍ରୁପ ମଧ୍ୟ କୌଣସି ଅଧିକ ତଥ୍ୟ ଦେଇନାହିଁ। ହ୍ୟାକର୍ସଙ୍କ ଦ୍ୱାରା ପ୍ରକାଶିତ ଇମେଲଗୁଡ଼ିକର ତୁରନ୍ତ ସରକାରୀ ଯାଞ୍ଚ ହୋଇପାରିନଥିଲେ ମଧ୍ୟ, ନ୍ୟୁଜ୍ ଏଜେନ୍ସି ଏହାକୁ ସମୀକ୍ଷା କରିଛି। ପ୍ରାଥମିକ ସମୀକ୍ଷାରୁ ଜଣାପଡ଼ିଛି ଯେ, ଏଗୁଡ଼ିକ ୨୦୧୦ରୁ ୨୦୧୯ ମସିହା ମଧ୍ୟରେ କରାଯାଇଥିବା ବିଭିନ୍ନ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଇମେଲର ଏକ ସମାହାର ଅଟେ।



ଆମେରିକାକୁ ବଡ଼ ଝଟକା

### ଯୁଦ୍ଧକୁ ପୂରିଲା ମାସେ

## ଏକ୍ସ'ରେ ଇରାନ ରାଷ୍ଟ୍ରପତିଙ୍କ ଧମକ



ତେହେରାନ, ୨୮।୩: ଇସ୍ରାଏଲ, ଆମେରିକା ସହ ଯୁଦ୍ଧକୁ ମାସେ ପୁରିବା ପରେ ଇରାନ ରାଷ୍ଟ୍ରପତି ମସୂଦ ପେଜେଶ୍‌କିୟନ ଶନିବାର ବଡ଼ ବୟାନ ଦେଇଛନ୍ତି। ସେ ଶତ୍ରୁଙ୍କୁ ଚେତାବନୀ ଦେଇ କହିଛନ୍ତି ଯେ 'ଆମେ ପ୍ରଥମେ ଆକ୍ରମଣ କରୁନା, ହେଲେ କିଏ ଯଦି ଆମକୁ ଟାର୍ଗେଟ କରିବାକୁ ଉଦ୍ୟମ କରେ ଆମେ କଡ଼ା ଜବାବ ଦେଉ'। ଏଥିରେ ସେ ମଧ୍ୟପ୍ରାଚ୍ୟ ଦେଶଙ୍କୁ ମଧ୍ୟ ଧମକ ଦେଇଛନ୍ତି। କହିଛନ୍ତି ଯଦି ତୁମେ ତୁମର ସୁରକ୍ଷା ଚାହୁଁଥାଅ ତେବେ ତୁମ ଦେଶର ଭୂମିକୁ ଆମ ବିରୋଧରେ ଶତ୍ରୁଙ୍କୁ ଉପଯୋଗ କରିବାକୁ ଦିଅନି। ଇରାନ ରାଷ୍ଟ୍ରପତି ମସୂଦ ପେଜେଶ୍‌କିୟନ ଏକ୍ସରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ ଲେଖିଛନ୍ତି ଯେ 'ଆମେ ଅନେକ ବାର କହିଛୁ କି ଇରାନ ପ୍ରଥମେ ଆକ୍ରମଣ କରେନି, ଏଥିରେ ଯଦି ଆମର ଭିତ୍ତିଭୂମି ଅଥବା ଆର୍ଥିକ କେନ୍ଦ୍ରକୁ ଟାର୍ଗେଟ କରାଗଲା ଆମେ ଜବାବରେ କଡ଼ା କାର୍ଯ୍ୟାନୁଷ୍ଠାନ କରିବୁ'। ସେହିପରି ପଡୋଶୀ ଦେଶଙ୍କୁ କହିଛନ୍ତି ଯେ ଯଦି ବିକାଶ ଓ ସୁରକ୍ଷା ଚାହୁଁଥାନ୍ତି ଆମ ଶତ୍ରୁଙ୍କୁ ଯୁଦ୍ଧରେ ନିଜର ଭୂମି ଉପଯୋଗ କରିଦାକୁ ଦିଅନି। ଉଲ୍ଲେଖଯୋଗ୍ୟ ଯେ ଆମେରିକା ଓ ଇସ୍ରାଏଲ ଦ୍ୱାରା ଫେବୃଆରୀ ୨୮ରେ ତେହେରାନ ଉପରେ ଆକ୍ରମଣ ଆରମ୍ଭ ହେବା ପରେ ତେହେରାନ ଉଭୟ ଶତ୍ରୁଦେଶଙ୍କ ଉପରେ କଡ଼ା ପ୍ରହାର କରୁଛି। ଇରାନ ମଧ୍ୟପ୍ରାଚ୍ୟର ପ୍ରମୁଖ ଦେଶ ସାଉଦୀଆରବ, ୟୁଏଇ, ବାହାରିନ, ଓମାନ ଓ କତାର ଭଳି ଦେଶରେ ଥିବା ଆମେରିକା ସାମରିକ ଘାଟିମାନଙ୍କୁ ଟାର୍ଗେଟ୍ କରୁଛି।

## ଗାଡ଼ି ଉପରେ ଚଢ଼ିଗଲା ହିମସ୍ଖଳନ

### ଚାଲିଗଲା ୭ ଜୀବନ, ଜଣେ ନିଖୋଜ



ଲଦାଖ, ୨୮।୩: ଗାଡ଼ି ଉପରେ ଚଢ଼ିଗଲା ଭୟାବହ ହିମସ୍ଖଳନ। ଯାଉଁଥିରେ ଚାଲିଗଲା ପାଖାପାଖି ୭ଜଣଙ୍କ ଜୀବନ। ଲଦାଖର ଜୋଜିଲାରେ ଶ୍ରୀନଗର-ଲେହ ରାଜପଥରେ ଏହା ଦେଖିବାକୁ ମିଳିଛି। ଏକ ବଡ଼ ହିମସ୍ଖଳନ ଘଟିବା ପରେ ସାତ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ପାଞ୍ଚ ଜଣ ଆହତ ହୋଇଛନ୍ତି ଏବଂ ଜଣେ ନିଖୋଜ ଅଛନ୍ତି। ଅନେକ ଗାଡ଼ି ହିମସ୍ଖଳନ ତଳେ ଚାପି ହୋଇ ଗୁରୁତ୍ୱପୂର୍ଣ୍ଣ ରାଜପଥ ଅବରୋଧ କରିଛି।

ଦ୍ରାସ ସବ-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ ବିଶାଳ ଅତ୍ରୀ କହିଛନ୍ତି ଯେ, ଏହି ଦୁଃଖଦ ଘଟଣାରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଏବଂ ଜଣେ ଶିଶୁ ଅଛନ୍ତି। ଅଧିକାରୀମାନେ କହିଛନ୍ତି ଯେ କିଛି ଗାଡ଼ି ସମ୍ପୂର୍ଣ୍ଣ ଭାବରେ ବରଫ ତଳେ ଚାପି ହୋଇଯାଇଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ।ପୋଲିସ କହିଛି ଯେ ଅପରାହ୍ନରେ ଦ୍ରାସର ଜୋଜିଲା ପାସର 'କ୍ୟାପ୍ଟେନ୍ ଟର୍ନ' ନିକଟରେ ରାଜପଥରେ ଯାତ୍ରା କରୁଥିବା ଯାନବାହାନଗୁଡ଼ିକ ହିମସ୍ଖଳନର ଶିକାର ହୋଇଥିଲା।ପ୍ରଶାସନ କହିଛି ଯେ ପୋଲିସ, ସେନା, ସୀମା ସଡ଼କ ସଂଗଠନ, ଏସଡିଆରଏଫ ଏବଂ ସୋନମାର୍ଗ ଏବଂ ଦ୍ରାସର ଜିଲ୍ଲା ପ୍ରଶାସନକୁ ନେଇ ଏକ ବଡ଼ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। ଲୋକମାନେ ଏବଂ ଯନ୍ତ୍ରପାତି ରାସ୍ତା ସଫା କରିବା ଏବଂ କେହି ହିମସ୍ଖଳନରେ ଫସି ରହିଛନ୍ତି କି ନାହିଁ ତାହା ଯାଞ୍ଚ କରିବା ପାଇଁ କାମ କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଟ୍ୱିଟରରେ କହିଛନ୍ତି, "ଜୋଜିଲା ପାସରେ ଏକ ହିମସ୍ଖଳନ ଗାଡ଼ି ଉପରେ ଚଢ଼ିଯିବାରୁ ସାତ ଜଣଙ୍କର ଦୁଃଖଦ ମୃତ୍ୟୁ ଏବଂ ପାଞ୍ଚ ଜଣ ଆହତ ହେବା ଖବର ଶୁଣି ଅତ୍ୟନ୍ତ ଦୁଃଖିତ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା। ଆହତମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯାଉଛି।"

## ପଶ୍ଚିମବଙ୍ଗ ନିର୍ବାଚନ: ମମତା-ଶାହ ମୁହାଁମୁହିଁ

କୋଲକାତା, ୨୮।୩: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଆଉ ଏକ ମାସରୁ କମ ସମୟ ରହିଛି। ଏପ୍ରିଲ ୨୩ ଏବଂ ୨୯ରେ ଦୁଇଟି ପର୍ଯ୍ୟାୟରେ ହେବ ନିର୍ବାଚନ। କିନ୍ତୁ ତାପୂର୍ବରୁ ଶାସକ ଟିଏମସି କଳ ବଳ କୌଶଳ ଲଗାଇ ଦେଇଛି। ରାଜ୍ୟରେ ବିରୋଧୀ ବିଜେପି ଏଥର ଟିଏମସିକୁ ମାତ୍ ଦେଇ ଶାସନ ହାତେଇବାକୁ ଚଳାଇଛି ଜୋରଦାର ପ୍ରସ୍ତୁତି। ନିର୍ବାଚନୀ ପ୍ରଚାର ମୈଦାନରେ ଟିଏମସି ଏବଂ ବିଜେପି ଉଭୟ ଉଭୟଙ୍କୁ ଦୋଷାରୋପ କରୁଛନ୍ତି। ଟିଏମସି କହୁଛି, ବିଜେପି ରାଜ୍ୟ ପାଇଁ ମଙ୍ଗଳ ନୁହେଁ। ବିଜେପି କହୁଛି, ଟିଏମସିକୁ ହଟାଇ ଜଙ୍ଗଲରାଜ ସମାପ୍ତ କରିବା। ରାଜ୍ୟରେ ସୁଶାସନ ପ୍ରତିଷ୍ଠା ହେବ ବୋଲି ଲୋକଙ୍କୁ ସ୍ୱପ୍ନ ଦେଖାଉଛି ବିଜେପି। ଏହାରି ମଧ୍ୟରେ ବିଜେପିକୁ ନେଇ ବଡ଼ ଭବିଷ୍ୟବାଣୀ କରିଛନ୍ତି ଟିଏମସି ସୁପ୍ରିମୋ ମମତା ବାନାର୍ଜୀ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶନିବାର ଦିନ ରାଣୀଗଞ୍ଜରେ ଏକ ରାଲିକୁ ସମ୍ବୋଧିତ କରି ବିଜେପି ଉପରେ ବର୍ଷିଛନ୍ତି। ସେ ବିଜେପି ବିରୁଦ୍ଧରେ ଅନେକ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, ବିଜେପି ବେଆଇନ କୋଇଲା ଖଣିରୁ ଟଙ୍କା ନେଉଛି ଏବଂ ତୃଣମୂଳ କଂଗ୍ରେସକୁ ଚୋର ବୋଲି କହୁଛି। ବିଜେପି ତାଙ୍କର ସମସ୍ତ କ୍ଷମତା ହଡ଼ପ କରିଛି। ସେ ଲୋକଙ୍କୁ କହିଛନ୍ତି ଯେ, ଯଦି ବିଜେପି କ୍ଷମତାକୁ ଆସେ, ତେବେ ଏହା ବୁଲଡୋଜର ବ୍ୟବହାର କରିବ ଏବଂ ସମସ୍ତଙ୍କୁ ବାହାର କରିଦେବ। ସେ ସମସ୍ତଙ୍କୁ ଏକତ୍ରୀତ ହୋଇ ଟିଏମସିକୁ ସମର୍ଥନ କରିବାକୁ ଆହ୍ୱାନ କରିଛନ୍ତି। ଏପରିକି ଏଥର ବେଙ୍ଗଲରୁ ହିଁ ବିଜେପି ଅନ୍ତର ଆରମ୍ଭ ହେବ ବୋଲି ଦାବି କରିଛନ୍ତି ମମତା ବାନାର୍ଜୀ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୁର୍ଶିଦାବାଦର ରଘୁନାଥଗଞ୍ଜରେ ରାମ ନବମୀ ଶୋଭାଯାତ୍ରା ସମୟରେ ଘଟିଥିବା ସଂଘର୍ଷକୁ ଉଲ୍ଲେଖ କରି ପ୍ରଶ୍ନ ଉଠାଇଛନ୍ତି ଯେ, କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।



### ବେଙ୍ଗଲରୁ ଆରମ୍ଭ ହେବ ବିଜେପିର ଅନ୍ତ: ମମତା

### ସୋନାର ବାଙ୍ଗଲା ସ୍ୱପ୍ନ ଦେଖାଇ ଚାଲିଛି ସିଣ୍ଡିକେଟ୍ ରାଜ: ଶାହ

ଶନିବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ କୋଲକାତାରେ ଟିଏମ୍‌ସି ସରକାରର ତଥାକଥିତ ବିଫଳତା ନେଇ ଅଭିଯୋଗପତ୍ର ଜାରି କରିଛନ୍ତି। କୋଲକାତା ନିଉଟାଉନ୍‌ସ୍ଥିତ ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀ ବେଳେ ଶାହ ଅଭିଯୋଗ କରିଛନ୍ତି ଯେ, ତୃଣମୂଳ କଂଗ୍ରେସର ୧୫ ବର୍ଷର କୁଶାସନ ଭିତରେ ଅନୁପ୍ରବେଶ ଓ ମହିଳାଙ୍କ ବିରୋଧରେ ଅପରାଧଠାରୁ ଆରମ୍ଭ କରି ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ସୁନାର ବାଙ୍ଗଲା ସ୍ୱପ୍ନ ଦେଖାଇ ଟିଏମ୍‌ସି ସିଣ୍ଡିକେଟ ରାଜ ସ୍ଥାପିତ କରି ପଶ୍ଚିମବଙ୍ଗ ଜନତାଙ୍କ ଶୋଷଣ କରୁଛି। ଆଗାମୀ ନିର୍ବାଚନରେ ପଶ୍ଚିମବଙ୍ଗ ଜନସାଧାରଣ ଭୟ ନା ଭରସା କାହାକୁ ବାଛିବେ ତାହା ସ୍ପଷ୍ଟ ହେବ ବୋଲି ଶାହ କହିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି, ଟିଏମ୍‌ସି କାର୍ଯ୍ୟକାଳରେ ପଶ୍ଚିମବଙ୍ଗ ଦୁର୍ନୀତିର ପ୍ରୟୋଗଶାଳରେ ପରିଣତ ହୋଇଛି। ଶୀର୍ଷରୁ ତଳ ପର୍ଯ୍ୟନ୍ତ ଅପରାଧିକ ସିଣ୍ଡିକେଟ୍ ଜନସାଧାରଣଙ୍କୁ ହଇରାଣ କରୁଛନ୍ତି। ବିକାଶ ଅଭାବରୁ ପଶ୍ଚିମବଙ୍ଗ ଏକପ୍ରକାରର ଶ୍ମଶାନ ପାଲଟି ଗଲାଣି। ଶାହ କହିଛନ୍ତି ପଶ୍ଚିମବଙ୍ଗ ନିର୍ବାଚନ ପୂରା ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ସମଗ୍ର ଦେଶର ସୁରକ୍ଷା ପଶ୍ଚିମବଙ୍ଗ ନିର୍ବାଚନ ସହିତ ଜଡ଼ିତ। ତାଙ୍କ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ ଫର୍ଦ୍ଦକୁ ଶାହ ପଶ୍ଚିମବଙ୍ଗ ଜନସାଧାରଣଙ୍କ ଦ୍ୱାରା ମମତା ବାନାର୍ଜୀଙ୍କ ବିରୋଧରେ ଥିବା ଅସନ୍ତୋଷର ପ୍ରତିଫଳନ ବୋଲି କହିଛନ୍ତି। ସଙ୍କଳ୍ପପତ୍ରରେ ଆମେ ଏହାର ସମାଧାନ ନେଇ ଆସିବୁ ବୋଲି ଶାହ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

## ଗ୍ଲୋବାଲ ୱାର୍ମିଂ, ଚିନ୍ତାଜନକ ସ୍ଥିତିରେ ଭାରତ

ନୂଆଦିଲ୍ଲୀ, ୨୮।୩: ଗ୍ଲୋବାଲ୍ ୱାର୍ମିଂ ବା ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବା ସହ ଭାରତ ଭଳି ବଡ଼ ଅର୍ଥନୀତି ଥିବା ଦେଶଗୁଡ଼ିକରେ ଖାଦ୍ୟ ସଙ୍କଟର ଆଶଙ୍କା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଇଣ୍ଟରନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ଏନଭାଇରନମେଣ୍ଟ୍ ଆଣ୍ଡ ଡେଭେଲପମେଣ୍ଟ (ଆଇଆଇଇଡି)ର ଏକ ନୂଆ ସର୍ବେକ୍ଷଣ ଅନୁଯାୟୀ, ଗ୍ଲୋବାଲ୍ ୱାର୍ମିଂ କାରଣରୁ ପର୍ଯ୍ୟାପ୍ତ ତଥା ପୁଷ୍ଟିକର ଖାଦ୍ୟର ଉପଲବ୍ଧତା ଏବଂ ଯୋଗାଣ ବ୍ୟବସ୍ଥାରେ ବ୍ୟାପକ ହ୍ରାସ ଘଟିବ।

ଏହି ସଦ୍ୟ ପ୍ରକାଶିତ 'ଖାଦ୍ୟ ସୁରକ୍ଷା ସୂଚକାଙ୍କ'ରେ ଭାରତର ସ୍ଥିତି ବେଶ୍ ଚିନ୍ତାଜନକ ରହିଛି। ବିଶ୍ୱର ହାରାହାରି ସ୍କୋର ୬.୭୪ ଥିବା ବେଳେ ଭାରତର ବେସଲାଇନ୍ ସ୍କୋର ମାତ୍ର ୫.୩୧ ରହିଛି। ଏହା ବ୍ରାଜିଲ (୬.୭୨), ମେକ୍ସିକୋ (୬.୩୬) ଏବଂ ଇଣ୍ଡୋନେସିଆ (୫.୮୭) ଠାରୁ ମଧ୍ୟ କମ୍ ଅଟେ। ବିଶ୍ୱର ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଲେ ଭାରତର ସ୍କୋର ୪.୯୬କୁ ଖସିବ ଏବଂ ୨ ଡିଗ୍ରୀ ବୃଦ୍ଧି ପାଇଲେ ଏହା ଆହୁରି ଖରାପ ହୋଇ ୪.୫୨କୁ ହ୍ରାସ ପାଇବ। ୧୬୨ଟି ଦେଶକୁ ନେଇ କରାଯାଇଥିବା ଏହି ରିପୋର୍ଟ ମୁଖ୍ୟତଃ ୪ଟି ବିଷୟ ଉପରେ ଆଧାରିତ। ପର୍ଯ୍ୟାପ୍ତ ଖାଦ୍ୟର ଉପଲବ୍ଧତା, ପରିବାର ପାଇଁ ଖାଦ୍ୟର ସୁଲଭତା ବା କ୍ରୟ କ୍ଷମତା, ପୁଷ୍ଟିକର ମୂଲ୍ୟ ଏବଂ ଶରୀରରେ ଏହାର ଉପଯୋଗ ଓ ଖାଦ୍ୟ ଯୋଗାଣ ବ୍ୟବସ୍ଥାର ସ୍ଥାୟୀତ୍ୱ କିମ୍ବା ସହନଶୀଳତା। ରିପୋର୍ଟ ଅନୁଯାୟୀ, ୧.୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ବୃଦ୍ଧି ପାଇଲେ ନିମ୍ନ ଆୟକାରୀ ଦେଶଗୁଡ଼ିକ ଗମ୍ଭୀର 'ଖାଦ୍ୟ ଅସ୍ଥିରତା'ର ଶିକାର ହେବେ। ୨ ଡିଗ୍ରୀ ବୃଦ୍ଧି ପାଇଲେ, ବିଶେଷକରି ସବ୍-ସାହାରା ଆଫ୍ରିକା ଏବଂ ଦକ୍ଷିଣ ଏସିଆରେ ସ୍ଥିତି ଅଧିକ ସଙ୍ଗିନ ହେବ। ବର୍ତ୍ତମାନ ବିଶ୍ୱର ପ୍ରାୟ ୪.୫୬ ବିଲିୟନ ଲୋକ (ପ୍ରାୟ ୫୯ ପ୍ରତିଶତ) ହାରାହାରି ସ୍କୋରଠାରୁ ତଳେ ଥିବା ଦେଶଗୁଡ଼ିକରେ ବାସ କରୁଛନ୍ତି। ୨ ଡିଗ୍ରୀ ତାପମାତ୍ରା ବଢ଼ିଲେ ଆହୁରି ୨୯୧ ନିୟୁତ ଲୋକ ଏହି ତାଲିକାରେ ସାମିଲ ହେବେ। ଆଇସଲ୍ୟାଣ୍ଡ ୯.୨୬ ସ୍କୋର ସହ ଶୀର୍ଷରେ ଥିବା ବେଳେ ତା'ପଛକୁ ଡେନମାର୍କ, ଅଷ୍ଟ୍ରିଆ, ଆୟାରଲ୍ୟାଣ୍ଡ ଏବଂ ବେଲଜିୟମ୍ ରହିଛନ୍ତି। ସର୍ବନିମ୍ନ ସ୍କୋର ତାଲିକାରେ ଆଫଗାନିସ୍ତାନ (୩.୩୧), ମାଡାଗାସ୍କାର (୩.୧୫), ହାଇତି (୨.୫୭), କଙ୍ଗୋ ଏବଂ ସୋମାଲିଆ ଭଳି ଦେଶ ରହିଛନ୍ତି। ଆମେରିକା, ବ୍ରିଟେନ ଏବଂ ଚୀନ୍ ଭଳି ବଡ଼ ଅର୍ଥନୀତିରେ ମଧ୍ୟ ଖାଦ୍ୟ ସୁରକ୍ଷା ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। କାରଣ ବିଶ୍ୱର ସପ୍ଲାଏ ଚେନ୍ ଏକାଠି ଜଡ଼ିତ, ତେଣୁ ଗୋଟିଏ ଅଞ୍ଚଳରେ ଚାଷ ବାଧାପ୍ରାପ୍ତ ହେଲେ ତାର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିବ।



### ଖାଦ୍ୟ କ୍ଷେତ୍ରରେ ଦେଖା ଦେବ ଅସ୍ଥିରତା

### ବାଦ୍ ପଡ଼ିବେନି ଧନୀ ରାଷ୍ଟ୍ର

### ପାକିସ୍ତାନର ମୁଖା ଖୋଲିଦେଲା ଆମେରିକାର ରିପୋର୍ଟ

## ଆତଙ୍କୀଙ୍କ ପାଇଁ ନିରାପଦ ଆଶ୍ରୟସ୍ଥଳ ପାକ୍

ନୂଆଦିଲ୍ଲୀ, ୨୮।୩: ଆତଙ୍କବାଦ ସମ୍ପର୍କରେ ପାକିସ୍ତାନର ଦୋହରା ମାନଦଣ୍ଡ ପୁଣି ଥରେ ଅନ୍ତର୍ଜାତୀୟ ମଞ୍ଚରେ ଖୋଲାଖୋଲି ପ୍ରକାଶ ପାଇଛି। ଆମେରିକା କଂଗ୍ରେସନାଲ ରିସର୍ଚ୍ଚ ସର୍ଭିସ (ସିଆର୍‌ଏସ୍)ର ସାମ୍ପ୍ରତିକ ଇନ ଫୋକସ ରିପୋର୍ଟ ସ୍ପଷ୍ଟ କରିଛି, ପାକିସ୍ତାନ ଭାରତ ଏବଂ ବିଶେଷକରି ଜମ୍ମୁ ତଥା କାଶ୍ମୀର ପାଇଁ ଏକ ବଡ଼ ବିପଦ ସୃଷ୍ଟି କରୁଥିବା ଆତଙ୍କବାଦୀ ଗୋଷ୍ଠୀ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳ। ମାର୍ଚ୍ଚ ୨୫ ତାରିଖରେ ପ୍ରକାଶିତ ଏହି ରିପୋର୍ଟରେ ୧୫ ପ୍ରମୁଖ ଆତଙ୍କବାଦୀ ସଂଗଠନର ବିବରଣୀ ପ୍ରକାଶ ପାଇଛି, ଯେଉଁଥିରୁ ଅଧିକାଂଶକୁ ଆମେରିକା ପୂର୍ବରୁ ବିଦେଶୀ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରିଛି। ରିପୋର୍ଟ ଅନୁଯାୟୀ, ଲସ୍କର-ଏ-ତୈବା ଏବଂ ଜୈଶ-ଏ-ମହମ୍ମଦ ଭଳି ସଂଗଠନଗୁଡ଼ିକ ପାକିସ୍ତାନ ମାଟିରୁ ବିନା କୌଣସି ବାଧାରେ ସେମାନଙ୍କର ନେଟୱାର୍କ ପରିଚାଳନା କରୁଛନ୍ତି। ୧୯୮୦ ଦଶକର ଶେଷ ଭାଗରେ ଗଠିତ ଲସ୍କର-ଏ-ତୈବା ଏବେ ବି ପାକିସ୍ତାନର ପଞ୍ଜାବ ଏବଂ ପାକ୍ ଅଧିକୃତ କାଶ୍ମୀରରେ ସକ୍ରିୟ ଅଛି। ରିପୋର୍ଟରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ କରାଯାଇଛି ଯେ, ୨୦୦୮ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସଇଦ ଜେଲରେ ଥିଲେ ମଧ୍ୟ, ତାଙ୍କ ସଂଗଠନ ଜମାତ-ଉଦ୍-ଦାୱା ନୂଆ ନାମରେ ଅନ୍ତର୍ଜାତୀୟ କଟକଣାକୁ ଖାତିର ନକରି ସକ୍ରିୟ ରହିଛି। ସେହିପରି ୨୦୦୦ ମସିହାରେ ମାସୁଦ ଆଝାର ଦ୍ୱାରା ପ୍ରତିଷ୍ଠିତ ଜୈଶ-ଏ-ମହମ୍ମଦ ମୁଖ୍ୟତଃ ଭାରତୀୟ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ ଏବଂ କାଶ୍ମୀରକୁ ପାକିସ୍ତାନ ସହିତ ମିଶ୍ରଣ କରିବାକୁ ଲକ୍ଷ୍ୟ ରଖିଛି। ରିପୋର୍ଟ ସୂଚିତ କରିଛି, ଏହି ସଂଗଠନର ପ୍ରାୟ ୫୦୦ ସଶସ୍ତ୍ର ଆତଙ୍କବାଦୀ କେବଳ ଭାରତରେ ନୁହେଁ ବରଂ ଆଫଗାନିସ୍ତାନରେ ମଧ୍ୟ ସକ୍ରିୟ ଅଛନ୍ତି। ଜୈଶ ଖୋଲାଖୋଲି ଭାବରେ ଆମେରିକା ବିରୋଧରେ ଯୁଦ୍ଧ ଘୋଷଣା କରିଛି। ଏହା ବ୍ୟତୀତ, ହିଜବୁଲ ମୁଜାହିଦ୍ଦିନର ପ୍ରାୟ ୧୫୦୦ କ୍ୟାଡର ମଧ୍ୟ କାଶ୍ମୀରରେ ଅସ୍ଥିରତା ସୃଷ୍ଟି କରିବା ପାଇଁ କାମ କରୁଛନ୍ତି। ରିପୋର୍ଟରେ ପାକିସ୍ତାନୀ ମଦ୍ରାସାଗୁଡ଼ିକର ଭୂମିକା ବିଷୟରେ ବିଶେଷ ଭାବରେ ଚିନ୍ତା ପ୍ରକାଶ କରାଯାଇଛି।

### ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରଥମ ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକ

# ଦୀର୍ଘକାଳୀନ ପ୍ରସ୍ତୁତି ସହ ସମନ୍ୱୟକୁ ଗୁରୁତ୍ୱ



ନୂଆଦିଲ୍ଲୀ,୨୮।୩ଃ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ପଶ୍ଚିମ ଏସିଆରେ ସ୍ଥିତି ସମ୍ପର୍କରେ ପ୍ରଥମ ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂହ ପୁରୀ, ଶକ୍ତି ମନ୍ତ୍ରୀ ମନୋହର ଲାଲ ଖଟ୍ଟର, ରସାୟନ ଏବଂ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜାରାପୁ ରାମମୋହନ ନାଇଡୁ ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଯୋଗ ଦେଇଥିଲେ।

ବୈଠକରେ ପରିବର୍ତ୍ତିତ ପରିସ୍ଥିତି ଏବଂ ଭାରତର ବିଭିନ୍ନ କ୍ଷେତ୍ର ଉପରେ ଏହାର ପ୍ରଭାବ ଉପରେ ଏକ ସାମଗ୍ରିକ ସମୀକ୍ଷା ହୋଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ଏକ ସକ୍ରିୟ, ସମନ୍ୱିତ ଓ ଅଗ୍ରଗାମୀ ଆଭିମୁଖ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ବିକଶିତ ପରିଦୃଶ୍ୟକୁ ଦୃଷ୍ଟିରେ ରଖି ସତର୍କ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିସ୍ଥିତିର ପୁଙ୍ଖାନୁପୁଙ୍ଖ ତଦାରଖ ଜାରି ରଖିବା, ମଧ୍ୟମଠାରୁ ଦୀର୍ଘକାଳୀନ ପ୍ରସ୍ତୁତି ଆଭିମୁଖ୍ୟ ଗ୍ରହଣ କରିବା, ଉଚ୍ଚସ୍ତରୀୟ ସମନ୍ୱୟ ବଜାୟ ରଖିବା ଓ ତ୍ୱରିତ ନିଷ୍ପତ୍ତି ସୁନିଶ୍ଚିତ କରିବା ଉପରେ ପ୍ରତିରକ୍ଷା ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ ସମସ୍ତ ନୀତିଗତ ପ୍ରୟାସ ସମନ୍ୱୟରେ ରହିବା ଉଚିତ ଏବଂ ଏକ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ ହେବା ଉଚିତ। ସେ ସମସ୍ତ ସମ୍ପୃକ୍ତ ମନ୍ତ୍ରୀମାନଙ୍କଠାରୁ ଗଠନମୂଳକ ମତାମତ ମାଗିଥିଲେ, ଯାହାଦ୍ୱାରା ଭାରତ ସ୍ଥିର ଓ ଆଗାମୀ ଦିନ ପାଇଁ ପ୍ରସ୍ତୁତ ରହିବ।

ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ରାଜ୍ୟ ଏବଂ ଜିଲ୍ଲା ପ୍ରଶାସନ ସହ ଘନିଷ୍ଠ ସମନ୍ୱୟର ଗୁରୁତ୍ୱକୁ ଦୋହରାଇଥିଲେ ଏବଂ ପ୍ରମୁଖ ନୀତିଗତ ପଦକ୍ଷେପଗୁଡ଼ିକର ସମୟୋଚିତ ଯୋଗାଯୋଗ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ଶିଳ୍ପ କ୍ଷେତ୍ରରେ ପରିସ୍ଥିତିର ପ୍ରଭାବ ଆକଳନ କରିବାର ଆବଶ୍ୟକତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏଥିସହ ସମସ୍ତ ମନ୍ତ୍ରଣାଳୟ ଓ ବିଭାଗ କମିଟି ସହ ହ୍ୱାଟ୍ସଆପ ଚ୍ୟାନେଲ ଜରିଆରେ ବର୍ତ୍ତମାନର ପରିସ୍ଥିତି ସହ ଜଡ଼ିତ ସୂଚନା, ବିକାଶ ଏବଂ ପରାମର୍ଶ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାଦ୍ୱାରା ନାଗରିକମାନଙ୍କ ମଧ୍ୟରେ ସଠିକ ସୂଚନାର ପ୍ରସାର ସୁନିଶ୍ଚିତ କରାଯାଇପାରିବ ଓ ଗୁଜବ, ଭୁଲ ସୂଚନା ଏବଂ ମିଥ୍ୟା ଖବରର ପ୍ରଭାବଶାଳୀ ମୁକାବିଲା କରାଯାଇପାରିବ।

# ଝଡ଼ରେ ଶତାଧିକ ଘର କ୍ଷତିଗ୍ରସ୍ତ



କୋଲକାତା,୨୮।୩(ସଂଚାର ବ୍ୟୁରୋ)ଃ ଶୁକ୍ରବାର ବିଳମ୍ବିତ ରାତିରେ ଉତ୍ତର ଦିନାଜପୁର ଜିଲ୍ଲାର ଚୋପଡା ବ୍ଲକରେ କୁଆପଥର ସହିତ ଏକ ଭୟଙ୍କର ଝଡ଼ ସମଗ୍ର ଅଞ୍ଚଳରେ ତାଣ୍ଡବ ରଚାଇ ଦେଇଛି। ପାଗ ପରିସ୍ଥିତିରେ ହଠାତ୍ ପରିବର୍ତ୍ତନ ସମଗ୍ର ଅଞ୍ଚଳରେ ଅରାଜକତାର ପରିବେଶ ସୃଷ୍ଟି କରିଛି। ପ୍ରବଳ ପବନ ଏବଂ କୁଆପଥର ଆକ୍ରମଣରେ ଶତାଧିକ ଘର କ୍ଷତିଗ୍ରସ୍ତ ହୋଇଛି, ଅନେକ ଘରର ଛାତ ଉଡ଼ିଯାଇଛି ଏବଂ ହଜାର ହଜାର ଗଛ ଉପୁଡ଼ି ପଡ଼ିଛି। ସ୍ଥାନୀୟ ସୂତ୍ର ଅନୁଯାୟୀ, ରାତିରେ ଘଣ୍ଟା ପ୍ରତି ୫୦ ରୁ ୬୦ କିଲୋମିଟର ବେଗରେ ପ୍ରବଳ ପବନ ବହିବା ସହିତ ପ୍ରବଳ କୁଆପଥର ବର୍ଷା ହୋଇଥିଲା। ଏହି ଦ୍ୱୈତ ବିପର୍ଯ୍ୟୟ ଘିରନିଗାଁ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ସର୍ବାଧିକ କ୍ଷତି ପହଞ୍ଚାଇଛି, ଯେଉଁଠାରେ ଅନେକ ପରିବାର ଖୋଲା ଆକାଶ ତଳେ ରାତି ବିତାଇବାକୁ ବାଧ୍ୟ ହୋଇଛନ୍ତି। ଝଡ ଯୋଗୁଁ, ପଡ଼ିଥିବା ଗଛଗୁଡ଼ିକ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରିଛି, ଯାନବାହନ ଚଳାଚଳ ବାଧାପ୍ରାପ୍ତ କରିଛି। ଅନ୍ୟପକ୍ଷରେ, ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ମଧ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଜାଣିବାକୁ ମିଳିଛି ଯେ ପ୍ରାୟ ୧୦୦ଟି ବିଦ୍ୟୁତ୍ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି, ଯାହା ଶୁକ୍ରବାର ରାତିରୁ ସମଗ୍ର ବ୍ଲକକୁ ଅନ୍ଧାରରେ ବୁଡ଼ାଇ ଦେଇଛି। ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ବର୍ତ୍ତମାନ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ ଚାଷୀମାନେ ବହନ କରିଛନ୍ତି। ପ୍ରବଳ ପବନ ଏବଂ କୁଆପଥର ଯୋଗୁଁ ଗହମ ଏବଂ ମକା ଫସଲ ଗୁରୁତର ଭାବରେ ନଷ୍ଟ ହୋଇଛି।

## ସର୍ବଭାରତୀୟ ପୁଲିସ ଶୁଟିଂରେ ଓଡ଼ିଶା ପୁଲିସର ଉଲ୍ଲେଖନୀୟ ସଫଳତା




ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ)ଃ ହରିୟାଣାର ଗୁରୁଗ୍ରାମସ୍ଥିତ ସିଆର୍‌ପିଏଫ୍‌ଠାରେ ଅନୁଷ୍ଠିତ ୨୬ତମ ସର୍ବଭାରତୀୟ ପୁଲିସ ଶୁଟିଂ (ଏଆଇପିଡିଏମ୍) ପ୍ରତିଯୋଗିତାରେ ଓଡ଼ିଶା ପୁଲିସ ଉଲ୍ଲେଖନୀୟ ସଫଳତା ହାସଲ ପାଇଛି। ଦେଶର ବିଭିନ୍ନ ରାଜ୍ୟ ପୁଲିସ ବାହିନୀ ମଧ୍ୟରେ ଓଡ଼ିଶା ପୁଲିସ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣିଛି। ଗତ ୨୨ରୁ ଆରମ୍ଭ ହୋଇ ଆସନ୍ତା ୩୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ପୁଲିସ ରାଇଫଲ ଶୁଟିଂ (୭୪୩ ପଏଣ୍ଟ), ପିସ୍ତଲ ଶୁଟିଂ (୫୩୧ ପଏଣ୍ଟ) ଓ କାର୍ବାଇନ ଶୁଟିଂ(୩୨୭ ପଏଣ୍ଟ)ରେ ସର୍ବମୋଟ ୧୬୦୧ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ଶୁଟର ଅକ୍ଷୟ କୁମାର ସାହାଣୀ (ଏସ୍/୧୩୧) ୩୦୦ ୟାର୍ଡ ସ୍ନାପ୍ ବିଭାଗରେ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ଜିତିଛନ୍ତି। ଶ୍ରୀ ସାହାଣୀ ଏବେ ଏସଏସବିଏନ, ଭୁବନେଶ୍ୱରଠାରେ କାର୍ଯ୍ୟରତ ଅଛନ୍ତି। ଓଡ଼ିଶା ପୁଲିସ୍ ଟିମ୍‌ର ଚମତ୍କାର ପ୍ରଦର୍ଶନ ପରିପ୍ରେକ୍ଷୀରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଟିମ୍‌ର ସଦସ୍ୟ ଓ ପଦକ ବିଜେତା ଅକ୍ଷୟ କୁମାର ସାହାଣୀ, ଡେପୁଟି କମାଣ୍ଡାଣ୍ଟ, ଟିମ ମ୍ୟାନେଜର ତଥା କୋଚ ଏମଏସଏ ଫରିଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଆସାନସୋଲରେ ଚେକିଂ ସମୟରେ ବିଦେଶୀ ମୁଦ୍ରା ଜବତ

କୋଲକାତା,୨୮।୩(ସଂଚାର ବ୍ୟୁରୋ)ଃ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟା ସମୟରେ, ଆସାନସୋଲ ଦକ୍ଷିଣ ପୋଲିସ କାଳିପାହାଡି ମୋଡରେ ନିୟମିତ ନାକା ଚେକିଂ ସମୟରେ ଏକ କାରରୁ ବିଦେଶୀ ମୁଦ୍ରା ଏବଂ ନଗଦ ଜବତ କରିଛି। ପୋଲିସ ସୂତ୍ର ଅନୁଯାୟୀ, କୋଲକାତାରୁ ଆସାନସୋଲ ଅଭିମୁଖେ ଯାତ୍ରା କରୁଥିବା ଡବ୍ଲୁବି୧୨ଡି/୭୦୦୦ ନମ୍ବର ବିଶିଷ୍ଟ ଏକ କାରକୁ ସନ୍ଦେହରେ ଅଟକାଯାଇଥିଲା। ପରବର୍ତ୍ତୀ ତଲାସୀ ସମୟରେ, ଡ୍ରାଇଭରଙ୍କଠାରୁ ୪ ହଜାର ଆମେରିକୀୟ ଡଲାର, ୪ ହଜାର ଦିନାର ଏବଂ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଥିଲା। ପୋଲିସ ବର୍ତ୍ତମାନ ମେରୁନ୍ ହୁଣ୍ଡାଇ କାରର



ଡ୍ରାଇଭରଙ୍କୁ ନିରନ୍ତର ପଚରାଉଚରା କରୁଛି। ସେ କାହାକୁ ଭେଟିବା ପାଇଁ ଆସାନସୋଲ ଆସିଥିଲେ ନା ସେ କେବଳ ଝାଡ଼ଖଣ୍ଡ ଅଭିମୁଖେ ଯିବା ପାଇଁ ସେହି ବାଟ ଦେଇ ଯାଉଥିଲେ ତାହା ଜାଣିବା ପାଇଁ ପ୍ରୟାସ ଚାଲିଛି। ଘଟଣା ବିଷୟରେ ସୂଚନା ପାଇବା ପରେ, ଆସାନସୋଲ ଦକ୍ଷିଣ ଥାନାର ଭାରପ୍ରାପ୍ତ ଅଧିକାରୀ ମଧ୍ୟ ତଦନ୍ତ ତଦାରଖ କରିବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ବର୍ତ୍ତମାନ, ଅଭିଯୁକ୍ତକୁ ହେପାଜତକୁ ନିଆଯାଇଛି ଏବଂ ମାମଲାର ତଦନ୍ତ ଜାରି ରହିଛି।

● ଜରାଜୀର୍ଣ୍ଣ ଅବସ୍ଥାରେ ସରକାରୀ କ୍ୱାର୍ଟର୍ସ

## ସ୍ଲାବ୍ ଭୁଶୁଡ଼ି ୪ ମାସର ଶିଶୁକନ୍ୟା ମୃତ



କୋଲକାତା, ୨୮।୩(ସଂଚାର ବ୍ୟୁରୋ)ଃ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ସରକାରୀ କ୍ୱାର୍ଟରଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ମରାମତି ପାଇଁ ବାରମ୍ବାର ଆବେଦନ କରିବା ସତ୍ତ୍ୱେ, ପ୍ରଶାସନ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ। ଏକ ଅବହେଳା ଯାହା ଏକ ଦୁଃଖଦ ପରିଣାମ ଆଣିଛି। ଜଣେ ସ୍ୱାସ୍ଥ୍ୟ କର୍ମୀଙ୍କ ଚାରି ମାସର ଶିଶୁକନ୍ୟା ଉପରେ ଛାତର ଏକ ଅଂଶ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ରାତିରେ କେତୁଗ୍ରାମରେ ଏହି ଦୁଃଖଦ ଘଟଣା ଘଟି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ବର୍ତ୍ତମାନ ଅଞ୍ଚଳରେ ଉତ୍ତେଜନା ଜାରି ରହିଛି। ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ, କଟୱାର ଉପ-ବିଭାଗୀୟ ସ୍ୱାସ୍ଥ୍ୟ ଅଧିକାରୀ ସୌଭିକ ଆଲାମ କହିଛନ୍ତି, 'ଆମେ ଏହି ସମସ୍ୟା ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ। ଶାନୁ ବେସରା ତାଙ୍କ ପରିବାର ସହିତ କେତୁଗ୍ରାମ ୨ ନମ୍ବର ବ୍ଲକର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆବାସିକ କ୍ୱାର୍ଟରରେ ରୁହନ୍ତି। ଶାନୁବାବୁ ସୀତାହାଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଫାର୍ମାସିଷ୍ଟ ଭାବରେ କାର୍ଯ୍ୟ କରନ୍ତି, ତାଙ୍କ ପତ୍ନୀ ଶ୍ରୀମତୀ ଶିବାନୀ, କଟୱା ପୌରସଭା ଦ୍ୱାରା ପରିଚାଳିତ ଏକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ କର୍ମଚାରୀ। ଶୁକ୍ରବାର ଅପରାହ୍ଣରେ, ଶାନୁବାବୁ ତାଙ୍କ ଚାରି ବର୍ଷର ପୁଅ ସହିତ ତାଙ୍କ କୋଠରୀରେ ବିଛଣାରେ ଶୋଇଥିଲେ, ଅନ୍ୟପକ୍ଷରେ ଶ୍ରୀମତୀ ଶିବାନୀ ତାଙ୍କର ଚାରି ମାସର ଶିଶୁକନ୍ୟା ସହିତ ତଳେ ଶୋଇଥିଲେ। ସନ୍ଧ୍ୟା ସମୟରେ ଏକ ଦୁର୍ଘଟଣା ଘଟିଗଲା। ହଠାତ୍, ପ୍ଲାଷ୍ଟରର ଏକ ଅଂଶ ଭାଙ୍ଗି ଛାତରୁ ଖସି ପଡ଼ିଲା। ଚାରି ମାସର ଶିଶୁକନ୍ୟାଟି ଗୁରୁତର ଆହତ ହୋଇଥିଲା।

# ଇଭି କିଣା, ଆଦିବାସୀ ଜିଲ୍ଲା ବହୁ ପଛରେ



ଭୁବନେଶ୍ୱର,୨୮।୩ଃ ଇଭି ଯାନ ଖରିଦ ପାଇଁ ସରକାର ଯେତେ ପ୍ରକାର ପ୍ରୋତ୍ସାହନ ଦେଲେ ମଧ୍ୟ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡିକରେ ଇଭି ଯାନ ବିକ୍ରି ସେତେଟା ଉତ୍ସାହଜନକ ହେଉନାହିଁ। ସମଗ୍ର ରାଜ୍ୟରେ ବିଭିନ୍ନ କିସମର ଅଢେଇ ଲକ୍ଷରୁ ଅଧିକ ଇଭି ପଞ୍ଜିକରଣ ହୋଇଥିବାବେଳେ ଦେବଗଡ ଜିଲ୍ଲାରେ ଏହା ୨ଶହ ଛୁଇଁପାରିନାହିଁ। କେବଳ ଦେବଗଡ ନୁହେଁ, ଅଧିକାଂଶ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ବି ସମାନ ସ୍ଥିତି। ପରିବେଶ ଅନୁକୂଳ ଇଭି ଯାନର ବ୍ୟବହାରକୁ ପ୍ରୋତ୍ସାହନ ଦେବାପାଇଁ ରାଜ୍ୟ ସରକାର ଓଡିଶା ବୈଦ୍ୟୁତିକ ଯାନ ନୀତି ୨୦୨୧ ଜାରି କରିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ୨୦୨୩ ମସିହାରେ ସଂଶୋଧିତ କରାଯାଇଥିଲା। ତଦନୁଯାୟୀ ଦୁଇ ଚକିଆ ଇଭି ଯାନ ପାଇଁ ପ୍ରତି କିଲୋୱାଟ ପିଛା ୫୦୦୦ ଟଙ୍କା ଓ ସର୍ବାଧିକ ୨୦ହଜାର ଟଙ୍କାର ସବସିଡି ପ୍ରଦାନ କରାଯାଉଛି। ସେହିଭଳି ପ୍ରତ୍ୟେକ ତିନିଚକିଆ ଯାନ ପାଇଁ ୩୦ ହଜାର ଟଙ୍କା ଏବଂ ଚାରିଚକିଆ ଯାନ ପାଇଁ କିଲୋୱାଟ ପିଛା ୧୦ ହଜାର ଏବଂ ସର୍ବାଧିକ ଦେଢ଼ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଏଥିସହ ବ୍ୟାଟେରୀଚାଳିତ ଯାନ ପାଇଁ ମୋଟର ଯାନ ଟିକସ ଓ ପଞ୍ଜିକରଣ ଫି' ଛାଡ କରାଯାଇଛି। ସରକାରୀ ପ୍ରୋତ୍ସାହନ ପାଇବା ସହ ରାଜ୍ୟର ଉପକୂଳ ଜିଲ୍ଲାଗୁଡ଼ିକରେ ଇଭି ପ୍ରତି ଲୋକଙ୍କର ଆଗ୍ରହ ବଢ଼ିବାରେ ଲାଗିଛି। କେବଳ ଭୁବନେଶ୍ୱରର ଦୁଇଟି ଆରଟିଓ ଦପ୍ତରରେ ୫୩ ହଜାରରୁ ଅଧିକ ଦୁଇଚକିଆ ଯାନ ପଞ୍ଜିକୃତ ହୋଇଛି। ସେହିଭଳି କଟକ ପରିବହନ ଅଧିକାରୀଙ୍କ ନିକଟରେ ୨୮ ହଜାରରୁ ଅଧିକ ଦୁଇଚକିଆ ଇଭି ପଞ୍ଜିକୃତ ହୋଇଥିବା ବେଳେ ବାଲେଶ୍ୱରରେ ୧୪ ହଜାରରୁ ଅଧିକ, ଗଞ୍ଜାମରେ ୧୨ ହଜାରରୁ ଅଧିକ ପଞ୍ଜିକରଣ ହୋଇଛି। ତେବେ ଏହି ସମୟ ମଧ୍ୟରେ ଦୁଇ ଚକିଆ ଇଭି ଯାନ ପଞ୍ଜିକରଣ ସଂଖ୍ୟା ଦେବଗଡ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିକଟରେ ମାତ୍ର ୧୭୧ ହୋଇଥିବାବେଳେ ଗଜପତିରେ ୨୩୩, ମାଲକାନଗିରିରେ ୨୬୧, ଫୁଲବାଣୀରେ ୨୮୩ଟି ଦୁଇ ଚକିଆ ପଞ୍ଜିକୃତ ହୋଇଥିବା ଜଣାଯାଇଛି। ସଚେତନତା ଅଭାବ ସହିତ ଏହିସବୁ ଜିଲ୍ଲାରେ ଚାର୍ଜିଂ ଷ୍ଟେସନର ଅଭାବ, ବାରମ୍ବାର ବିଦ୍ୟୁତ୍ କାଟ୍ ମଧ୍ୟ ଇଭି ଯାନ ପ୍ରତି ଲୋକଙ୍କୁ ବିମୁଖ କରିବାରେ ଲାଗିଛି। (ତଥ୍ୟ)

## ପଦ୍ମଶ୍ରୀ ଗୀତା ମାହାଲିକଙ୍କୁ 'ନାୟିକା ସମ୍ମାନ'




ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ)ଃ ନାୟିକା ସୃଷ୍ଟିର ଏକ ସୂକ୍ଷ୍ମ ଅଭିବ୍ୟକ୍ତି ଯାହା ନାରୀ ରୂପ, ସୌନ୍ଦର୍ଯ୍ୟ, ପ୍ରେମ, ବିରହ, ଶକ୍ତି ଓ ଭକ୍ତିକୁ ଅଭିବ୍ୟକ୍ତ କରେ ତାହାର ଏକ ସୁନ୍ଦର ଉପସ୍ଥାପନା ଭାବେ ଅଙ୍ଗରାଗ ପକ୍ଷରୁ ୫ମ 'ନାୟିକା ଓଡିଶୀ ନୃତ୍ୟ ଉତ୍ସବ ୨୦୨୬' ଭୁବନେଶ୍ୱରରେ ଆୟୋଜିତ ହୋଇଯାଇଛି। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ୫ମ 'ନାୟିକା ସମ୍ମାନ' ଯାହା ପଦ୍ମଶ୍ରୀ ଗୁରୁ ଗୀତା ମାହାଲିକଙ୍କୁ ପ୍ରଦାନ କରାଯାଇଛି, ତାଙ୍କର ସମଗ୍ର ଜୀବନ ଓଡିଶୀକୁ ଜାତୀୟ ଓ ଆନ୍ତର୍ଜାତୀୟ ମଞ୍ଚରେ ପ୍ରତିଷ୍ଠିତ କରିବାରେ ଅପାର ଅବଦାନ ରଖିଛନ୍ତି। ଏହି ସମ୍ମାନ କେବଳ ଜଣେ ବ୍ୟକ୍ତିଙ୍କୁ ନୁହେଁ, ଏକ ସମୃଦ୍ଧ ପାରମ୍ପରିକ ଐତିହ୍ୟକୁ ସମ୍ମାନ ଜଣାଇଛି, ଯାହା ଆଗାମୀ ପିଢ଼ିକୁ ପ୍ରେରଣା ଦେବ। ସେହିପରି ଗୁରୁ ସତ୍ୟବାନ ପଶ୍ଚିମକବାଟଙ୍କୁ କଳା ଓ ସଂସ୍କୃତିକ ମାନଚିତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ନାୟିକା କଳା ସାଧକ ସମ୍ମାନ' ପ୍ରଦାନ କରାଯାଇଥିଲା ।

ଏହି ଉତ୍ସବରେ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଡଃ ସ୍ନେହପ୍ରଭା ସମନ୍ତରାୟ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପୂର୍ବତନ ପ୍ରଫେସର ଡଃ ଇନ୍ଦିରା ଦତ୍ତ, ଅର୍ଥନୀତିଜ୍ଞ ମୀତାରାଣୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଗୁରୁ ଡଃ ସାମନ୍ତରାୟ କହିଥିଲେ ଯେ ଓଡ଼ିଶୀ କେବଳ ଏକ ନୃତ୍ୟ ନୁହେଁ, ଏହା ଜୀବନର ଦର୍ଶନ, ଯେଉଁଠି ପ୍ରତ୍ୟେକ ମୁଦ୍ରାରେ ଉତ୍କଳୀୟ ସଂସ୍କୃତିର ସ୍ମୃତି ରହିଛି। ଏହି ନାୟିକା ଉତ୍ସବ ଏକ ସାର୍ଥକ ପ୍ରୟାସ, ଯାହା ପାରମ୍ପରିକତାକୁ ଆଗାମୀ ସହ ସଂଯୋଗ କରେ। ଅନ୍ୟାନ୍ୟ ଅତିଥିମାନେ ମଧ୍ୟ ଏହି ଉତ୍ସବର ସୌନ୍ଦର୍ଯ୍ୟ ଓ ସୁନିୟୋଜିତ ଆୟୋଜନକୁ ପ୍ରଶଂସା କରିଥିଲେ।

## ଆଇପିଏଲ୍-୧୯ଃ ପ୍ରଥମ ମ୍ୟାଚ୍‌ରେ ଆର୍‌ସିବି ବିଜୟୀ



ବେଙ୍ଗାଲୁରୁ,୨୮।୩ଃ ଆଜିଠାରୁ ଏଠାରେ ଆଇପିଏଲ୍‌ର ଊନବିଂଶ ସଂସ୍କରଣ ଆରମ୍ଭ ହୋଇଥିବା ବେଳେ ପ୍ରଥମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋର୍ (ଆର୍‌ସିବି) ବିଜୟରୁ ତା'ର ଅଭିଯାନ ଆରମ୍ଭ କରିଛି। ଦଳ ପ୍ରଥମ ମ୍ୟାଚ୍‌ରେ ଗତ ସଂସ୍କରଣର ରନର୍ସଅପ୍ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୬ ୱିକେଟ୍‌ରେ ପରାସ୍ତ କରିଛି। ଦଳର ତାରକା ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ଓ ବାମହାତୀ ବ୍ୟାଟ୍ସମ୍ୟାନ୍ ଦେବଦତ୍ତ ପାଡିକଲ୍‌ଙ୍କ ଧୂଆଁଧାର ବ୍ୟାଟିଂ ଫଳରେ ଆର୍‌ସିବି ସହଜ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ ପାଇ ହାଇଦ୍ରାବାଦ ଟିମ୍ ୯ ୱିକେଟ୍ ହରାଇ ୨୦୧ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଈଶାନ୍ କିଶନ୍ ଜବରଦସ୍ତ ବ୍ୟାଟିଂ କରି ମାତ୍ର ୩୮ ବଲ୍‌ରେ ୮ଟି ଚୌକା ଓ ୫ଟି ଛକା ମାଧ୍ୟମରେ ୮୦ ରନ୍ କରିଥିଲେ। ଏହାଛଡ଼ା ଅନିକେତ ବର୍ମା ମାତ୍ର ୧୮ ବଲ୍‌ରେ ୪୩ (୩ ଚୌକା, ୪ ଛକା) ଓ ହେନରିକ୍ କ୍ଲାସେନ୍ ୩୧ ରନ୍ କରିଥିଲେ। ଆର୍‌ସିବି ପକ୍ଷରୁ ଜାକବ୍ ଡଫି ଓ ରୋମାରିଓ ସେଫର୍ଡ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ କୋହଲି ଓ ପାଡିକଲ୍‌ଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ମାତ୍ର ୪୫ ବଲ୍‌ରେ ୧୦୧ ରନ୍‌ର ଭାଗୀଦାରୀ ହେବା ଫଳରେ ଦଳର ବିଜୟ ବେଶ୍ ସହଜ ହୋଇଯାଇଥିଲା। ପାଡିକଲ୍ ମାତ୍ର ୨୬ଟି ବଲ୍ ଖେଳି ୭ଟି ଚୌକା ଓ ୪ଟି ଛକା ସହ ୬୧ ଏବଂ କୋହଲି ୫ଟି ଲେଖାଏଁ ଚୌକା ଓ ଛକା ସହ ଅପରାଜିତ ୬୯ ରନ୍‌ର ଇନିଂସ ଖେଳିଥିଲେ। ଏହାଛଡ଼ା ଅଧିନାୟକ ରଜତ ପାଟିଦାର ମଧ୍ୟ ୧୨ ବଲ୍‌ରେ ୩୧ ରନ୍‌ର ଯୋଗଦାନ ଦେଇଥିଲେ, ଯେଉଁଥିରେ ୨ଟି ଚୌକା ଓ ୩ଟି ଛକା ରହିଥିଲା। ଦଳ ୧୫.୪ ଓଭର୍‌ରେ ୪ ୱିକେଟ୍ ହରାଇ ୨୦୩ ରନ୍‌ରେ ପହଞ୍ଚି ବିଜୟୀ ହୋଇଥିଲା। ହାଇଦ୍ରାବାଦ ପକ୍ଷରୁ ଡେଭିଡ୍ ପେନ୍ ୨ଟି ୱିକେଟ୍ ନେଇଥିଲେ। ଆକର୍ଷଣୀୟ ବୋଲିଂ ପାଇଁ ଡଫିଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଲଟିଲା...

ମୃତ୍ୟୁ ଘଟିଛି। ରାସ୍ତା କଡ଼ରେ ଥିବା ଏକ ବଡ଼ ପଥର ସହ ବସ୍‌ଟି ପିଟିହୋଇ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ବସ୍ ଚାଳକଙ୍କ ସମେତ ମୋଟ ୫ ଜଣଙ୍କ ମୃତ୍ୟୁ ଘଟିଛି। କିନ୍ତୁ ଉକ୍ତ ଚାଳକଙ୍କ ପରିଚୟ ମିଳିପାରିନାହିଁ। ଏନେଇ ଖବର ପାଇ ଦଶପଲ୍ଲା ପୁଲିସ ଓ ଦମକଳ ବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ୭ ଜଣଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ପଠାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଏହି ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ସେ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ସୋସିଆଲ୍ ମିଡିଆରେ ଏନେଇ ଏକ ଶୋକବାର୍ତ୍ତାରେ ମୃତକଙ୍କ ପରିବାର ଲୋକଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତ ଯାତ୍ରୀମାନଙ୍କ ଆଶୁ ଆରୋଗ୍ୟ ମଧ୍ୟ କାମନା କରିଥିବା ଉଲ୍ଲେଖ କରିଛନ୍ତି।

### ଅର୍ଥନୀତିକୁ...

ହଜାର ୩୩ ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି ମହିଳାଙ୍କ ଖର୍ଚ୍ଚ ୬ ହଜାର ୯୩୭ ଟଙ୍କାରୁ ୮ ହଜାର ୮୫୭ ଟଙ୍କାକୁ ବୃଦ୍ଧି ପାଇଛି।

ଏସବିଆଇ ପକ୍ଷରୁ ୧ ଲକ୍ଷ ୬୦ ହଜାର ମହିଳାଙ୍କ ଆୟ ଓ ବ୍ୟୟର ଆକଳନ କରାଯାଇଛି। ଏଥିରେ ୭୫ ହଜାର ୭୫୦ ଜଣ ସୁଭଦ୍ରା ହିତାଧିକାରୀ ଥିବା ବେଳେ ୮୫ ହଜାର ୫୮୮ ଜଣ ସୁଭଦ୍ରା ହିତାଧିକାରୀ ନୁହଁନ୍ତି। ଏସବିଆଇ ରିପୋର୍ଟ ଅନୁଯାୟୀ, ସୁଭଦ୍ରା ଯୋଜନା କେବଳ ମହିଳାଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିନି। ବରଂ ପରିବାର ଓ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶରେ ମଧ୍ୟ ସହାୟକ ହୋଇଛି।

### ଉତ୍କଳ...

ଗ୍ରହଣ କରାଯିବ। ଆବେଦନ ଅବଧି ଏପ୍ରିଲ ୧ ତାରିଖରୁ ୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଜାରି ରହିବ। ଏଥିପାଇଁ ଆବେଦନକାରୀଙ୍କ ବୟସ ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ।

ଯେଉଁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାଁନ୍ତି, କେବଳ ସେହିମାନେ ହିଁ ଏହି ସମୟସୀମା ମଧ୍ୟରେ ନୂତନ ଭାବେ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣୀୟ ହେବ ନାହିଁ। ନୂତନ ଆବେଦନଗୁଡିକ ଜନ ସେବା କେନ୍ଦ୍ର ଏବଂ ଆମ ସେବା କେନ୍ଦ୍ର ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରାଯିବ।

ଆବେଦନ ପାଇଁ ଫର୍ମଗୁଡ଼ିକ ସମସ୍ତ ଅଙ୍ଗନବାଡି କେନ୍ଦ୍ର ଓ ସିଡିପିଓ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ ଉପଲବ୍ଧ ଅଛି। ସୁଭଦ୍ରା ଯୋଜନା ହେଉଛି ରାଜ୍ୟର ମହିଳାମାନଙ୍କ ପାଇଁ ଏକ ଐତିହାସିକ ପଦକ୍ଷେପ। ଏଥିରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ନ ପଡ଼ନ୍ତି, ସେଥିପାଇଁ ସରକାର ସମସ୍ତ ଆବଶ୍ୟକ ବ୍ୟବସ୍ଥା କରିଛନ୍ତି।

### ଟିଟିଲାଗଡ଼...

ଉଲ୍ଲଂଘନ କରିଛନ୍ତି। ଜଣେ ଜନପ୍ରତିନିଧି ହୋଇ ଟିଟିଲାଗଡ଼ ପରି ଏକ ଶାନ୍ତିପୂର୍ଣ୍ଣ ଜାଗାରେ ସର୍ବସାଧାରଣରେ ଗୁଳି ଫୁଟାଇବା ଏକ ଧର୍ତ୍ତବ୍ୟ ଅପରାଧ। ତେଣୁ ଏହି ଅପରାଧର ସଂଜ୍ଞାନ ନେଇ ରାଜ୍ୟ ପୁଲିସ ନବୀନ ଜୈନଙ୍କୁ ତୁରନ୍ତ ଗିରଫ କରିବା ଉଚିତ। ଏଭଳି ଅମାନବୀୟ ଘଟଣା ନବୀନ ଜୈନଙ୍କ ପାଇଁ ନୂଆ ନୁହେଁ। ପୂର୍ବରୁ ହୋଲି ଶୋଭାଯାତ୍ରାରେ ମଧ୍ୟ ଶ୍ରୀ ଜୈନ୍ ନିଶାସକ୍ତ ଅବସ୍ଥାରେ ଜଣେ କର୍ମୀଙ୍କୁ ଚଳନ୍ତା ଅଟୋରୁ ଠେଲିଦେଇଥିଲେ। ଫଳସ୍ୱରୂପ ଉକ୍ତ କର୍ମୀ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। କିନ୍ତୁ ଏହି ଘଟଣାରେ ଯେହେତୁ ସେ ସରକାରୀ ଦଳର ବିଧାୟକ ତେଣୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଫଳରେ ତାଙ୍କର ଅଂହକାର ଏବଂ ଔଦ୍ଧତ୍ୟ ଆହୁରି ବଢ଼ି ଆଜି ଭୟଙ୍କର ରୂପ ନେଇଛି, ଯାହା ଟିଟିଲାଗଡ଼ ଓ ରାଜ୍ୟବାସୀ ପାଇଁ ଶୁଭଙ୍କର ନୁହେଁ।

ଅନ୍ୟପକ୍ଷରେ ଡ. ମହାନ୍ତି ମଧ୍ୟ କହିଥିଲେ ଯେ ବିଜେପି ସରକାରର ଅଧିକାଂଶ ମନ୍ତ୍ରୀ ଓ ବିଧାୟକ ଖୋଲାଖୋଲି ଭାବେ ଆଇନଶୃଙ୍ଖଳା ବ୍ୟବସ୍ଥାର ଉଲ୍ଲଂଘନ କରୁଛନ୍ତି। କେଉଁଠି ଜଣେ ବିଧାୟକ ସର୍ବସାଧାରଣରେ ଗୁଳି ଫୁଟେଇଲେଣି ତ ଆଉ କେଉଁଠି ସ୍ୱାସ୍ଥ୍ୟମନ୍ତ୍ରୀ ଆଇନକୁ ଫୁ' କରି ବିନା ହେଲମେଟରେ ବିଶୃଙ୍ଖଳିତ ଶୋଭାଯାତ୍ରାର ନେତୃତ୍ୱ ନେଉଛନ୍ତି। ସେହିଭଳି ରାଜଧାନୀ ରାଜରାସ୍ତାରେ ଏକ ଘରୋଇ ଗାଡ଼ିରେ ନାଲିବତୀ ଲଗାଇ ବିଜେପି କର୍ମୀମାନେ ବିଶୃଙ୍ଖଳା କରୁଥିବା ବେଳେ କମିଶନରେଟ ପୁଲିସ ନୀରବଦ୍ରଷ୍ଟା ସାଜିଛି।

### ନିଲମ୍ବିତ...

ଯେଉଁ ବନ୍ଧୁକରୁ ବିଧାୟକ ଗୁଳି ଫୁଟାଇଥିଲେ (ପଏଣ୍ଟ-୩୨ ବୋର) ତାକୁ ପୁଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଅତିରିକ୍ତ ଏସପି ହିମାଂଶୁ ଭୂଷଣ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ଓଡ଼ିଆ...

ସ୍ପଷ୍ଟୀକରଣ ମାଗିବା ସହ ଅନଲାଇନରେ କରେକ୍ସନର ସୁଯୋଗ ବି ଦିଆଗଲା।

ଏତେସବୁ ପରେ ଓଡ଼ିଆ ଆବଦେନକାରୀମାନେ ସୁଯୋଗ ମିଳିବ ବୋଲି ଆଶା କରିଥିଲେ। ହେଲେ ସମସ୍ତ ୮ ଓଡିଆ ଆବେଦନକାରୀଙ୍କ ଟେଣ୍ଡରକୁ ବାତିଲ କରି କେବଳ ଦିଲ୍ଲୀର ଗୋଟିଏ ସଂସ୍ଥାକୁ ଟେଣ୍ଡର ଦିଆଗଲା। ଏବେ ଓଡ଼ିଆ ଆବେଦକାରୀମାନେ ପ୍ରଶ୍ନ କରୁଛନ୍ତି ଯେ ଯଦି ସେହି ସର୍ତ୍ତ ଆଧାରରେ ଆବେଦନକାରୀଙ୍କ ଟେଣ୍ଡର ବାତିଲ କରାଯିବାର ଥିଲା, ତା'ହେଲେ ସେମାନଙ୍କଠାରୁ ସ୍ପଷ୍ଟୀକରଣ ମଗାଯିବା ସହ କରେକ୍ସନର ସୁଯୋଗ କାହିଁକି ଦିଆଗଲା? ଏହା ଟେଣ୍ଡର ଦାୟିତ୍ୱରେ ଥିବା ଏମସିଏଲ ଅଧିକାରୀଙ୍କ ଏକ ଚାଲ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଦିଲ୍ଲୀ ସଂସ୍ଥା ସହ ରହିଥିବା ଭାବ ପାଇଁ ସବୁ ଓଡ଼ିଆ ଆବେଦନକାରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ କାଟି ଦିଆଯାଇଛି ବୋଲି ମଧ୍ୟ କେତେକ ଆବେଦନକାରୀ ଅଭିଯୋଗ କରିଛନ୍ତି।

### ଏଏସ୍‌ଆଇ...

ବ୍ରହ୍ମବରଦା ପୁଲିସ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତନାଘନା କରିଥିବା ଜଣାପଡ଼ିଛି। ଏହି ଘଟଣାର ତଦନ୍ତ ଯାଜପୁର ଏସ୍‌ଡିପିଓ କରିଥିବା ବେଳେ ତାଙ୍କ ରିପୋର୍ଟ ଆଧାରରେ ଏସ୍‌ପି ଯଶପ୍ରତାପ ଶ୍ରୀମଲ କର୍ତ୍ତବ୍ୟ ପାଳନରେ ଅବହେଳା କରିଥିବାରୁ ଥାନାର ଏଏସ୍‌ଆଇ ଅଚ୍ୟୁତାନନ୍ଦ ଦାସ ଏବଂ କନଷ୍ଟେବଳ ବିଦ୍ୟାପତି ପଲେଇ ଓ ସନ୍ତୋଷ କୁମାର ସାହୁଙ୍କୁ ନିଲମ୍ବନ କରାଯାଇଛି। ସୂଚନାଯୋଗ୍ୟ ଯେ ଉକ୍ତ ଅଭିଯୁକ୍ତକୁ କୁଣ୍ଡପାଟଣା ହସ୍ପିଟାଲ୍‌ରୁ ଚୋରି କରିଥିବା ମାମଲାରେ ପୁଲିସ୍ ଗିରଫ କରିଥିଲା।

### ଦୋହଲିଗଲାଣି...

ସାଂସଦ ଦେବାଶିଷ ସାମନ୍ତରାୟଙ୍କ ମଧ୍ୟରେ ମଧ୍ୟ ପଟୁନାହିଁ। ଦୁହେଁ ନିଜ ନିଜର ସମାନ୍ତରାଳ ସଂଗଠନ ନେଇ ଚାଲିଛନ୍ତି। ଗତ ନିର୍ବାଚନରେ ବାରବାଟି-କଟକ ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ପ୍ରକାଶ ବେହେରା ଏବେ ଲଗାମଛଡ଼ା ହୋଇଯାଇଛନ୍ତି। ସେ ଆଉ ବିଜେଡିରେ ରହିବେ କି ନାହିଁ, ସେନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। କଟକ ରାଜନୀତିର ଏହି ଗୋଳିଆ ସ୍ଥିତିର ଫାଇଦା ନେଇ କଟକ ମହାନଗର ନିଗମ ଭାଙ୍ଗିବାକୁ ପ୍ରଭାତ ଆଣ୍ଡ କୋ' ଜୋରସୋର୍‌ରେ ଉଦ୍ୟମ ଚଳାଇଛନ୍ତି। ତାଙ୍କୁ ଚେକ୍ ଦେବାକୁ ପ୍ରତାପ ଜେନା ଦାୟିତ୍ୱ ନେଇଛନ୍ତି। ହେଲେ ଯିଏ ଗତ ନିର୍ବାଚନରେ ନିଜ ପୁଅକୁ ତାଙ୍କ ପାରମ୍ପରିକ ଆସନରୁ ଜିତାଇପାରିଲେନି, ସେ ଯେ କଟକ ଗୋଳିଆ ପାଣିକୁ ବାନ୍ଧିପାରିବେ, ସେନେଇ ରାଜନୈତିକ ସମୀକ୍ଷକମାନେ ସନ୍ଦେହରେ ଅଛନ୍ତି।

### ଗ୍ୟାସ...

ବ୍ୟବସାୟୀମାନେ। ଏମାନେ ସାଧାରଣତଃ ବିଭିନ୍ନ ସୂତ୍ରରୁ ଗ୍ୟାସ ସିଲିଣ୍ଡର ଯୋଗାଡ଼ କରିଥାନ୍ତି। ତେବେ ଏହାର ଦର ହଠାତ୍ ଆକାଶଛୁଆଁ ହେବା ଓ ସହଜରେ ନ ମିଳିବା ଏବେ ସେମାନଙ୍କ ବେପାର ବୁଡ଼ାଇଛି। ଗ୍ୟାସ ଅଭାବ ପାଇଁ ଏବେ ଚା' ଓ ସାଧାରଣ ଜଳଖିଆ ଦର ବି ବଢ଼ିବାରେ ଲାଗିଛି।

ଗ୍ୟାସ ସଙ୍କଟର ମୁକାବିଲା ପାଇଁ କେନ୍ଦ୍ରରୁ ରାଜ୍ୟ ପର୍ଯ୍ୟନ୍ତ ଘନ ଘନ ବୈଠକ ବସୁଛି। ସମସ୍ତଙ୍କ ମୁହଁରେ ଗୋଟିଏ କଥା, ଗ୍ୟାସର ଅଭାବ ନାହିଁ। ରାଜ୍ୟ ଯୋଗାଣ ମନ୍ତ୍ରୀ ବି ସମାନ କଥା କହୁଛନ୍ତି। ପ୍ରଶାସନିକ ଅଧିକାରୀମାନେ ବି ମନ୍ତ୍ରୀଙ୍କ ସ୍ୱରରେ ସ୍ୱର ମିଳାଉଛନ୍ତି। ହେଲେ ରାତି ପାହିଲେ ସହରଠାରୁ ଗାଁ ପର୍ଯ୍ୟନ୍ତ ଯେମିତି ଗ୍ୟାସ ପାଇଁ ପାଳା ଚାଲିଛି, ତାହା ଆଉ କିଛିଦିନ ଜାରି ରହିଲେ ଲୋକେ କରୋନା କାଳକୁ ଫେରିଯିବେ ବୋଲି ଆଲୋଚନା ଜୋର ଧରିଲାଣି।

### ସହମତିରେ...

ବୃଦ୍ଧି କରିବା ପାଇଁ ସୁପାରିସ୍ କରିଛନ୍ତି ଆଡଭୋକେଟ ଜେନେଲାର। ନିକଟରେ ଟ୍ରିବ୍ୟୁନାଲର ଏକ ପ୍ରତିନିଧି ଦଳ ଓଡ଼ିଶା ଗସ୍ତ କରିଥିଲେ। ଟ୍ରିବ୍ୟୁନାଲ ପ୍ରଭାବିତ ଅଞ୍ଚଳ ସହ ହୀରାକୁଦ ଯାଇ ସ୍ଥିତିର ସମୀକ୍ଷା କରିଥିଲେ। ଏଥିସହ ସେମାନେ ଦୁଇ ରାଜ୍ୟର ଜଳସମ୍ପଦ ଅଧିକାରୀଙ୍କ ସହ ମଧ୍ୟ ଜଳ ଆବଣ୍ଟନ ନେଇ ଆଲୋଚନା କରିଥିଲେ।

### ନକଲି ସାର୍ଟିଫିକେଟରେ ଚାକିରି

## ୨୭ ବର୍ଷ ପରେ ଶିକ୍ଷକଙ୍କ ନାଁରେ ଏତଲା

ନବରଙ୍ଗପୁର/ଉମରକୋଟ,୨୮।୩ (ସଂଚାର ବ୍ୟୁରୋ): ନକଲି ସାର୍ଟିଫିକେଟରେ ଚାକରି କରିବା ଶିକ୍ଷକଙ୍କୁ ମହଙ୍ଗା ପଡିଛି। ବର୍ଷେ କି ୨ବର୍ଷ ପରେ ନୁହେଁ ୨୭ବର୍ଷ ପରେ ଧରାପଡିଛନ୍ତି ଶିକ୍ଷକ । ତାଙ୍କ ନାଁରେ ଉମରକୋଟ ଥାନାରେ ବିଇଓ ଈଶ୍ୱର ମାଝୀ ଏତଲା ଦେଇଛନ୍ତି। ବିଇଓ ଶ୍ରୀ ମାଝୀ କହିଛନ୍ତି, କୁର୍ସି ଗାଁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସନଧର ମାଝୀ ଯୁକ୍ତ ୨ କଳାର ନକଲି ସାର୍ଟିଫିକେଟ ଦେଇ ଚାକିରି କରୁଥିଲେ। ଏନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତାଙ୍କ ସାର୍ଟିଫିକେଟ ଯାଞ୍ଚ ପାଇଁ ବୋର୍ଡକୁ ପଠାଯାଇଥିଲା। ବୋର୍ଡ ପକ୍ଷରୁ ସାର୍ଟିଫିକେଟ ଯାଞ୍ଚ କରି ତାହା ନକଲି ବୋଲି ସ୍ପଷ୍ଟ କରାଯିବା ପରେ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ତାଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଛି। ସେ ଦୀର୍ଘ ୨୭ ବର୍ଷ ଧରି ନକଲି ସାର୍ଟିଫିକେଟରେ ଚାକିରି କରୁଥିଲେ ବୋଲି ବିଇଓ ସ୍ପଷ୍ଟ କରିଛନ୍ତି। ଉମରକୋଟ ଥାନା ଅଧିକାରୀ ବିପିନ କୁମାର ବାଗଙ୍କୁ ଯୋଗାଯୋଗ କରିବାରୁ ଏତଲାକୁ ସ୍ୱୀକାର କରିଛନ୍ତି। ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି।

## ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଲା ପରିବାର



ନୀଳଗିରି,୨୮।୩ (ସଂଚାର ବ୍ୟୁରୋ): ଝାଡ଼ଖଣ୍ଡର ଦଲମା ଅଭୟାରଣ୍ୟରୁ ହାତୀ ଆସି ନୀଳଗିରିରେ ତାଣ୍ଡବ ରଚୁଛନ୍ତି। ଝାଡ଼ଖଣ୍ଡରୁ ଆସିଥିବା ଦୁଇଟି ହାତୀ ଘର ଭାଙ୍ଗିବା ସହ ଘରେ ଥିବା ଧାନ ଚାଉଳ ଖାଇ ଯାଇଛନ୍ତି। ହାତୀମାନଙ୍କ ଉପଦ୍ରବରେ ଭୟଭୀତ ହୋଇ ନୀଳଗିରି ଅଞ୍ଚଳବାସୀ ଚିନ୍ତାରେ ପଡ଼ି ଯାଇଛନ୍ତି । ପ୍ରାୟ ୭ ଦିନ ପୂର୍ବେ ଝାଡ଼ଖଣ୍ଡର ହାତୀ ଦ୍ୱୟ ନୀଳଗିରିର ବିଭିନ୍ନ ଅଞ୍ଚଳରେ ପଶି ବ୍ୟାପକ ଉପଦ୍ରବ ଘଟାଉଛନ୍ତି। ଅଞ୍ଚଳବାସୀ ଓ ବନବିଭାଗ କର୍ମଚାରୀ ସେମାନଙ୍କୁ ଘଉଡ଼ାଇବା ଯୋଗୁଁ ଏମାନେ ପ୍ରଥମେ ଗାଙ୍ଗପୁରା ଓ ଜିରିତାଳ ଅଞ୍ଚଳରେ ଉପଦ୍ରବ କରି ପୁଣି ନୀଳଗିରିର କୁଲଡିହା ଅଭୟାରଣ୍ୟ ଅଧୀନ ତଥା ପଞ୍ଚଲିଙ୍ଗେଶ୍ୱର ନିକଟ ଖୁମକୁଟ ଅଞ୍ଚଳକୁ ପଶି ଯାଇଥିଲେ। ଏଠାରେ ୨ ଦିନ ରହିବା ପରେ ରାତିରେ ସିଆଡ଼ିମାଳପଞ୍ଚାୟତ ଅନ୍ତର୍ଗତ ବୁଗାଳିବନ୍ଧ ନିକଟରେ ଗୋଟିଏ ଓ ଆଉ ଗୋଟିଏ ହାତୀ ନୀଳଗିରି ସହରକୁ ପଶିଥିଲା। ରାତିରେ ଉଭୟ ହାତୀ ସ୍ୱର୍ଣ୍ଣଚୂଡ଼ ପାହାଡ଼ ପାଦଦେଶରେ ବୁଲୁଥିଲେ। ପରେ ନୀଳଗିରି ଏନେସି ଅନ୍ତର୍ଗତ ୨ନମ୍ବର ୱାର୍ଡ ଘାଟଘରସାହି ଅଞ୍ଚଳର ରୁଇବାରୀ ସିଂ, ତାଙ୍କ ଝିଅ ପାର୍ବତୀ, ଜ୍ୱାଇଁ ବିଜୟ, ନାତି ଆକାଶ ଓ ପାର୍ବତୀଙ୍କ ୧୮ ମାସର କୁନି ଝିଅକୁ ଧରି ଘରେ ଶୋଇଥିବାବେଳେ ହଠାତ ବିଳମ୍ବିତ ରାତିରେ ଏହି ହାତୀଟି ତାଙ୍କ ବାଡ଼ିରେ ପ୍ରବେଶ କରି ଘର ଭାଙ୍ଗିଥିଲା। ଘର କଡ଼କଡ଼ ହେବାରୁ ଷଣ୍ଢ ପଶିଥିବା ଭାବି ପରିବାର ଲୋକେ ବାହାରକୁ ଉଠି ହାତୀକୁ ଦେଖି ଦୌଡ଼ି ପଳାଇଥିଲେ। ସେପଟେ ହାତୀଟି ତାଙ୍କ ଘରେ ମହଜୁଦ ଥିବା ପ୍ରାୟ ୨ଉର୍ଦ୍ଧ୍ୱ କ୍ୟୁଣ୍ଟାଲ ଚାଉଳ, ଧାନ ଖାଇବା ସହ ଆସବାବପତ୍ର ସବୁ ନଷ୍ଟ କରି ଦେଇଛି।

## ବେଆଇନ୍ ଏଲପିଜି ସିଲିଣ୍ଡର ଜବତ



ବାରିପଦା,୨୮।୩ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ବାରିପଦା ମ୍ୟୁନିସିପାଲିଟି ଅଞ୍ଚଳରେ ଅବୈଧ ଭାବରେ ଏଲପିଜି ସିଲିଣ୍ଡର ମହଜୁଦ୍ ଓ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବା ଅଭିଯୋଗକୁ ଆଧାର କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆକସ୍ମିକ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ମୁର୍ଗାବାଡ଼ି ଓ ତକତପୁର ଅଞ୍ଚଳର ମନୋଜ କୁମାର ପଣ୍ଡା ଏବଂ ନକୁଳ ଚନ୍ଦ୍ର ମହାନ୍ତିଙ୍କ ଗ୍ୟାସ ଚୁଲା ରିପ୍ୟାରିଂ ଦୋକାନରେ କରାଯାଇଥିବା ବେଳେ ଏଥିରେ ମୋଟ ୧୧ଟି ଘରୋଇ ଏଲପିଜି ସିଲିଣ୍ଡର ଜବତ ହୋଇଛି । ସେହିପରି ବେତନଟୀ ଅଞ୍ଚଳରେ ଥିବା ଶ୍ରୀକାନ୍ତ ଜେନାଙ୍କ ଦୋକାନରେ ଚଢ଼ାଉ କରାଯାଇ ୧୩ଟି ଘରୋଇ ଓ ଗୋଟିଏ ବାଣିଜ୍ୟକ ମୋଟ ୧୪ ଗୋଟି ଏଲପିଜି ସିଲିଣ୍ଡର ଜବତ କରାଯାଇଅଛି। ସୂଚନା ଅନୁଯାୟୀ, କିଛି ବ୍ୟକ୍ତି ଘରୋଇ ଗ୍ୟାସ ସିଲିଣ୍ଡରକୁ ଅନଧିକୃତ ଭାବରେ ସଂଗ୍ରହ କରି ତାହାକୁ ବ୍ୟବସାୟିକ କାମରେ ବ୍ୟବହାର କରୁଥିବା ନେଇ ପ୍ରଶାସନଙ୍କୁ ଗୋପନ ସୂତ୍ରରୁ ସୂଚନା ମିଳିଥିଲା। ଏହି ସୂଚନାକୁ ଗୁରୁତ୍ୱ ଦେଇ ତହସିଲଦାର-କମ୍-ଏକ୍ସିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ ବାରିପଦା, ସପନ କୁମାର ସାହୁଙ୍କ ନେତୃତ୍ୱରେ ଏକ ସଂଯୁକ୍ତ ଟିମ୍ ଗଠନ କରାଯାଇ ତୁରନ୍ତ ଚଢ଼ାଉ କରାଯାଇଥିଲା।

## ସଠିଲୋ ଚଣ୍ଡେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଅନ୍ତା,୨୮।୩ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ କାଜରୁଦ୍ରପୁର ପଞ୍ଚାୟତ ଅଧୀନ ସଠିଲୋ ଚଣ୍ଡେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଇଯାଇଛି । ଏନେଇ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶର୍ମିଷ୍ଠା ତ୍ରିପାଠୀ ଅଧକ୍ଷତା କରିଥିଲେ। ବାଲିଅନ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ସସ୍ମିତା ମଲ୍ଲିକ,ସମିତି ସଭ୍ୟା ମିଲିଲତା ବେହେରା, ୱାର୍ଡସଭ୍ୟ କୁନ୍ତଳା ସ୍ୱାଇଁ, ପ୍ରଧାନ ଶିକ୍ଷକ କ୍ଷୀରୋଦ ନାୟକ ସମାଜସେବୀ ନୀଳକଣ୍ଠ ପଣ୍ଡା, ସୁଶୀଲ ଲାଲା, ଶିକ୍ଷା କମିଟି ସଭାପତି ପ୍ରଫୁଲ୍ଲ ବେହେରା, ଗ୍ରାମ୍ୟ କମିଟି ସଭାପତି, ସମ୍ପାଦକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ । ଶେଷରେ ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବିନାନୁମତିରେ ରାସ୍ତା ଖୋଳୁଛି ଠିକାସଂସ୍ଥା

### କାମ ପରେ ସଠିକ ଭାବେ କରାଯାଉନି ରାସ୍ତା ମରାମତି

### ଯାତାୟାତରେ ସମସ୍ୟା

### ଅଭିଯୋଗ ପରେ ପୁଲିସ ତଦନ୍ତକୁ ନେଇ ସନ୍ଦେହ



କାକଟପୁର/ଅସ୍ତରଙ୍ଗ,୨୮।୩ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ବିଭାଗ (ଆରଡବ୍ଲୁଏସଏସ) ତରଫରୁ ବିଭିନ୍ନ ଗ୍ରାମକୁ ଜଳ ଯୋଗାଣ ନିମନ୍ତେ ପାଇପ୍ ବିଛାଇବା କାର୍ଯ୍ୟ ଜାରୀ ରହିଛି। ପାଇପ୍ ବିଛାଉଥିବା ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଠିକା ସଂସ୍ଥା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଆଳସାହି ପଂଚାୟତର ବିଭିନ୍ନ ସ୍ଥାନରେ ବିନା ଅନୁମତିରେ ରାସ୍ତାକୁ ଖୋଳି ନଷ୍ଟ କରିବାରେ ଲାଗିଛି। ଯାତାୟାତ କରିବାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

କିଛି ଦିନ ପୂର୍ବେ ଓଲିହାଁ ଗ୍ରାମରେ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାମ କରୁଥିବା 'ଦି ଇଣ୍ଡିଆ ହ୍ୟୁମ ପାଇପ୍ କୋ ଲିମିଟେଡ଼' ନାମକ ଠିକା ସଂସ୍ଥା ବିନା ଅନୁମତିରେ ବେଆଇନ ଭାବେ କଂକ୍ରିଟ ରାସ୍ତାକୁ ଖୋଳି ନଷ୍ଟ କରିଦେଇଛି। ଖୋଳିବା ସମୟରେ ବ୍ୟାରିକେଟ କିମ୍ବା ସତର୍କତା ସୂଚନା ନଥାଇ ଖୋଳା ଯାଇଥିବା ଯୋଗୁଁ ଅନେକ ଲୋକ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗତ ଫେବୃଆରୀ ମାସରେ ଡ଼ଃ ଲକ୍ଷ୍ମୀଧର ବିଶ୍ୱାଳ, ତ୍ରିଲୋଚନ ମହାନ୍ତି ଓ ସୁନୀଲ କୁମାର ପ୍ରଧାନ ଅସ୍ତରଙ୍ଗ ଥାନାରେ ୨ଥର ଅଭିଯୋଗ କରିଛନ୍ତି। ଅଭିଯୋଗରେ ସମସ୍ୟା ଦର୍ଶାଇବା ସହ ଅସ୍ତରଙ୍ଗ ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ସାଗର ବିଶ୍ୱାଳ, ଦି ଇଣ୍ଡିଆ ହ୍ୟୁମ ପାଇପ୍ କୋ ଲିମିଟେଡ଼ର ମାଲିକ ଓ ସ୍ଥାନୀୟ ଠିକାଦାର ତଥା ଜେସିବି ମାଲିକ ସନ୍ତୋଷ ଖୁଣ୍ଟିଆଙ୍କ ନାଁରେ ଅଭିଯୋଗରେ ଦର୍ଶାଇଛନ୍ତି। ଏତେ ବଡ଼ ସମସ୍ୟା ସହ ଅଭିଯୋଗ ପରେ ମଧ୍ୟ ପୁଲିସ ତଦନ୍ତକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ଏ ପର୍ଯ୍ୟନ୍ତ ପୁଲିସ ପରିଦର୍ଶନ କରିନାହାନ୍ତି। ତଦନ୍ତ ନାଁରେ ଆଇନଗତ ସମୟ ସୀମା ଶେଷ ହୋଇ ସାରିଥିଲେ ମଧ୍ୟ ପୁଲିସ କୌଣସି ପଦକ୍ଷେପ ନେଇ ନାହିଁ।

ରାସ୍ତା ଖୋଳିଲେ ପୂର୍ତ୍ତ ବିଭାଗ ଅଥବା ଗ୍ରାମ୍ୟ ଉନ୍ନୟନ ବିଭାଗର ଅନୁମତି ନେଇ କାମ ସାରିବା ପରେ ପୁଣି ମରାମତି କରି ପୂର୍ବ ସ୍ଥିତି ଫେରାଇ ଆଣିବା କଥା। ମାତ୍ର ସେପରି କରାଯାଉନି। ରାସ୍ତାରେ ମାଟି, ପାଇପ୍ ଗଦା ହୋଇ ରହୁଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇ ଦୁର୍ଘଟଣା କାରଣ ସାଜୁଛି। ପାଇପ୍ ବିଛାଇ ସାରିବା ପରେ ସଠିକ ଭାବେ ରାସ୍ତା ମରାମତି କରାଯାଉନି। କେବଳ ମାଟି ଘୋଡେଇ କାମ ସାରି ଦିଆଯାଉଛି। କିଛି ଦିନରେ ତାହା ଦବି ଖାଲ ହୋଇ ବିପଦ କାରଣ ସାଜୁଛି। ବର୍ଷା ସମୟରେ କାଦୁଅ ପଚ ପଚ ହେବା ସହ ରାସ୍ତା ନଷ୍ଟ କରୁଛି। ଠିକାସଂସ୍ଥାର ଏପରି କାର୍ଯ୍ୟକୁ ନେଇ ଅସନ୍ତୋଷ ଦେଖିବାରେ ଲାଗିଛି। ପୁରୀ ଜିଲ୍ଲାପାଳ ଓ ଏସ୍‌ପି ଏ ଦିଗରେ ପଦକ୍ଷେପ ନେବା ସହ ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହୋଇଛି।

### ଅପମିଶ୍ରିତ ଖାଦ୍ୟ ଖାଇ ଅସୁସ୍ଥ ମାମଲା

## ଛାତ୍ରଛାତ୍ରୀଙ୍କୁ ମେଡିକାଲରେ ଭେଟିଲେ ବିଜେଡି ପ୍ରତିନିଧି ମଣ୍ଡଳୀ



ସୁନ୍ଦରଗଡ଼,୨୮।୩ (ସଂଚାର ବ୍ୟୁରୋ): ଆଜି ସୁନ୍ଦରଗଡ଼ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସ୍ଥାନୀୟ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଯାଇ ଗତ ୨୫ ତାରିଖ ସଂନ୍ଧ୍ୟାରେ ସୁନ୍ଦରଗଡ଼ ସଦର ବ୍ଲକ ଲହଣ୍ଡାବୁଡ଼ ପଞ୍ଚାୟତ ଅନ୍ତର୍ଗତ ସଲଙ୍ଗାବୁଡ଼ ପଞ୍ଚାୟତ ହାଇସ୍କୁଲର ୫୭ ଜଣ ଛାତ୍ରଛାତ୍ରୀ ବରା ଓ ସିଙ୍ଗଡ଼ା ଖାଇ ଅସୁସ୍ଥ ହୋଇ ଚିକିତ୍ସା ହେଉଥିବା ସମସ୍ତଙ୍କୁ ଏବଂ ସେମାନଙ୍କ ଅଭିଭାବକଙ୍କୁ ଭେଟିବା ସହିତ ସେମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ବୁଝିଥିଲେ।

ଉକ୍ତ ଦିନ ସଂନ୍ଧ୍ୟାରେ ଧରୁଆଡ଼ିହି ପୁଲିସ ଦ୍ୱାରା ଆୟୋଜିତ ଆମ ପୁଲିସ୍ କାର୍ଯ୍ୟକ୍ରମ ସରିଲା ପରେ ଛାତ୍ରଛାତ୍ରୀଙ୍କୁ ଏହି ଜଳଖିଆ ଦିଆଯାଇଥିଲା। ଚିକିତ୍ସା ହେଉଥିବା ସମସ୍ତ ଛାତ୍ରଛାତ୍ରୀ ପେଟବ୍ୟଥା, ମୁଣ୍ଡ ବୁଲେଇବା, ଝାଡ଼ା ଏବଂ ବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ୩୮ ଜଣ ଛାତ୍ର ସୁସ୍ଥ ହୋଇଯାଇଥିବା ବେଳେ, ୧୯ ଜଣ ଛାତ୍ରୀ ଗୁରୁତର ଥିବାରୁ ମଝାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ବର୍ତ୍ତମାନ ସ୍ଥିର ଥିବା ଜଣାପଡ଼ିଛି।

ଏହା ସହିତ ଆଉ ଏକ ଘଟଣାରେ ଓଡ଼ିଶା ପବ୍ଲିକ୍ ସ୍କୁଲର ୬ ଜଣ ଛାତ୍ରୀ ଅପମିଶ୍ରିତ ଖାଦ୍ୟ ଖାଇ ସେହି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କୁ ମଧ୍ୟ ପ୍ରତିନିଧି ମଣ୍ଡଳୀ ଦେଖିବା ସହିତ ବିଧାୟକ ପ୍ରତିନିଧି ଶ୍ରୀ ତ୍ରିପାଠୀ ସେମାନଙ୍କ ଚିକିତ୍ସା ବାବଦରେ ଡାକ୍ତର ପ୍ରଣୟ ପାତ୍ରଙ୍କୁ ପଚାରି ସମସ୍ତେ ଭଲ ଥିବା ଜାଣିବାକୁ ପାଇଥିଲେ। ବିଜୁ ଜନତା ଦଳର ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପଞ୍ଚା ବାର୍ଲା, ବିଜେଡି ଯୁବନେତା ଅଶୋକ ମହାନ୍ତି, ସଞ୍ଜୟ ପଟ୍ଟନାୟକ, ବରୁନ ବାଗ ଏବଂ କୈଳାସ ତନ୍ତି ପ୍ରମୁଖ ସାମିଲ ଥିଲେ।

## ଭିଏନ କଲେଜରେ ନବୀକରଣ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ




ଯାଜପୁର ରୋଡ଼,୨୮।୩ (ସଂଚାର ବ୍ୟୁରୋ): ଯାଜପୁର ରୋଡ଼ସ୍ଥିତ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନବୀକରଣ କରାଯାଇଥିବା ଇଣ୍ଡୋର ଷ୍ଟାଡିୟମକୁ ଶନିବାର ପୂର୍ବାହ୍ନରେ ଏକ ଭବ୍ୟ ସମାରୋହରେ କୋରେଇ ବିଧାୟକ ଆକାଶ ଦାସନାୟକ ଉଦ୍‌ଘାଟନ କରିଛନ୍ତି। ଟାଟାଷ୍ଟିଲ ଫାଉଣ୍ଡେସନ ଦ୍ୱାରା ପ୍ରାୟୋଜିତ ଏହି ନବୀକରଣ ପ୍ରକଳ୍ପ ମହାବିଦ୍ୟାଳୟରେ କ୍ରୀଡା ଭିତିଭୂମି ବୃଦ୍ଧି ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ସହାୟକ ହେବ ବୋଲି ବିଧାୟକ ନିଜ ଅଭିଭାଷଣରେ କହିଛନ୍ତି।

ଏହି ଅବସରରେ କଲେଜ ଅଧ୍ୟକ୍ଷ ଶରତ କୁମାର ମଲ୍ଲିକ ମୂଲ୍ୟବାନ ସହାୟତା ପାଇଁ ଟାଟଷ୍ଟିଲ ଫାଉଣ୍ଡେସନକୁ କୃତଜ୍ଞତା ଜ୍ଞାପନ କରିବା ସହ ସାମ୍ରଗୀକ ଶିକ୍ଷାରେ କ୍ରୀଡାର ଗୁରତ୍ୱ ଉପରେ ଗୁରତ୍ୱାରୋପ କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କୁ କ୍ରୀଡାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଟାଟାଷ୍ଟିଲ ଫାଉଣ୍ଡେସନର ଆଞ୍ଚଳିକ ମୁଖ୍ୟ ଏବଂ କର୍ମକର୍ତ୍ତା, କଲେଜର ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଏବଂ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଗୋ ସମ୍ମାନ ଆହ୍ୱାନ ଅଭିଯାନ ନିମନ୍ତେ ଶୋଭାଯାତ୍ରା




ଖୋରଧା,୨୮।୩ (ସଂଚାର ବ୍ୟୁରୋ): ପବିତ୍ର ଶ୍ରୀରାମ ନବମୀ ଅବସର ରେ ୫୦୦ରୁ ଉର୍ଦ୍ଧ୍ୱ ଗୋ ସେବକମାନେ ଏକତ୍ରିତ ହୋଇ ଖୋରଧା ଜିଲ୍ଲା ନରଣଗଡ ସ୍ଥିତ "ବାବା ଜଳେସ୍ୱର ଗୋସେବା" କେନ୍ଦ୍ର ଠାରୁ ପ୍ରାୟ ୨୭ କିଲୋମିଟର ପର୍ଯ୍ୟନ୍ତ ଗୋ ସମ୍ମାନ ଆହ୍ୱାନ ଅଭିଯାନ ନିମନ୍ତେ ଆସନ୍ତା ଏପ୍ରିଲ ୨୭ ଏବଂ ଜୁଲାଇ ୨ ଓ ୭ ତାରିଖରେ ଭାରତବର୍ଷର ସମସ୍ତ ତହସିଲରେ ଯେପରି ଭାବରେ ଗୋମାତାଙ୍କୁ ରାଷ୍ଟ୍ର ମାତାର ସମ୍ମାନ ଦିଆଯିବ ଏବଂ ଭାରତବର୍ଷରେ ସଂପୂର୍ଣ୍ଣ ଭାବରେ ଗୋ ହତ୍ୟାକୁ ବନ୍ଦ କରାଯିବ ସେଥିନିମନ୍ତେ ଗୋମାତାଙ୍କୁ ପୂଜା ଅର୍ଚ୍ଚନା ସହିତ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା ।

ଏହି ଶୋଭାଯାତ୍ରା ରେ ବାସୁଦେବ, ବାବା ଜଳେଶ୍ୱର, ମା ଭଗବତୀ ଏବଂ ଆସ୍ଥା ଗୋ ସେବା କେନ୍ଦ୍ରର ଗୋ ସେବକ ମାନଙ୍କ ସହିତ, ଅଜୟ କୁମାର ମାଝୀ, ବିଶ୍ୱଜିତ ମହାପାତ୍ର, ସନ୍ତୋଷ ସମାନ୍ତରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକୁ ସୂଚାରୁ ରୁପେ ତୁଲାଇ ଥିଲେ ।

### ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ପ୍ରସଙ୍ଗ

## ପ୍ରଥମ ପର୍ଯ୍ୟାୟରେ ୨,୩୪୫ କୋଟି ଅଟକଳ



ବାଲିଆପାଳ,୨୮।୩ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ୍‌ର ଚୌମୁଖଠାରେ କ୍ରିଏଟିଭ ପୋର୍ଟ ଡେଭଲପମେଣ୍ଟ ଲିମିଟେଡ୍ (ବର୍ତ୍ତମାନ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ) ଦ୍ୱାରା ନିର୍ମାଣ ହେବାକୁ ଥିବା ସୁବର୍ଣ୍ଣରେଖା ବନ୍ଦର ପାଇଁ ୨, ୩୪୫ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ବନ୍ଦରର ପ୍ରଥମ ପର୍ଯ୍ୟାୟ ବିକାଶ ନିମନ୍ତେ ଏହି ଅଟକଳ କରାଯାଇଛି। ଏହି ବନ୍ଦର ନିର୍ମାଣ ଖର୍ଚ୍ଚରେ ଏମ୍ସ୍ଏସ୍ ଟାଟା ଷ୍ଟିଲର ୫୧ ପ୍ରତିଶତ, ରମଣୀ ରାମସ୍ୱାମୀଙ୍କ ସଂସ୍ଥାର ୨୪.୫୦ ପ୍ରତିଶତ ଓ ଆର୍ ରଙ୍ଗରାଜନଙ୍କ ୨୩.୫୦ ପ୍ରତିଶତ ଅଂଶଧନ ରହିଛି। ବନ୍ଦରର ବିକାଶ କାର୍ଯ୍ୟ ସରକାରୀ-ଘରୋଇ ସହଭାଗିତା ଆଧାରରେ କରାଯାଉଛି।

ବନ୍ଦର କର୍ତ୍ତୃପକ୍ଷଙ୍କ ସହିତ ହୋଇଥିବା ରିହାତି ଚୁକ୍ତିନାମା ଅନୁଯାୟୀ ବନ୍ଦରର ବିକାଶ ନିମିତ୍ତ ଆବଶ୍ୟକୀୟ ଜମି ରାଜ୍ୟ ସରକାର ଯୋଗାଇ ଦେଉଛନ୍ତି। ଏହି ବନ୍ଦରର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟାରମ୍ଭ ଦିବସରୁ ୪ ବର୍ଷ ମଧ୍ୟରେ ସରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ବନ୍ଦର ନିର୍ମାଣ ପାଇଁ ସାମାନ୍ୟ ବିସ୍ଥାପନ ସମସ୍ୟା ଥିବାରୁ ଜମି ଅଧିଗ୍ରହଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି।

ସେହିପରି ସଡ଼କପଥ ଓ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯାଉଛି।ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ବିଧାନସଭାରେ କରିଥିବା ପ୍ରଶ୍ନର ଉତ୍ତରରେ ଏହି ସମସ୍ତ ସୂଚନା ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା।

## ଏନଟିପିସି ଦର୍ଲିପାଲିରେ ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍



ସୁନ୍ଦରଗଡ,୨୮।୩ (ସଂଚାର ବ୍ୟୁରୋ): ଏନଟିପିସି ଦର୍ଲିପାଲିର ସ୍ୱିଚୟାର୍ଡ଼ରେ ଏକ ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତି ରେ ଜରୁରୀକାଳୀନ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ସମୟ ମୂଲ୍ୟାଙ୍କନ କରିବା। ଯୁଦ୍ଧ ଦଳ, ଉଦ୍ଧାର ଦଳ, ସହାୟକ ଦଳ, ଡାକ୍ତରୀ ଦଳ, ସିଆଇଏସଏଫ କର୍ମଚାରୀ, କର୍ମଚାରୀ ଏବଂ ଶ୍ରମିକଙ୍କ ସମେତ ଦଳଗୁଡ଼ିକ ଏହି ଅଭ୍ୟାସରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସହାୟକ ନିର୍ଦ୍ଦେଶକ ଡ୍ରିଲ୍ ସମୟରେ ପ୍ରଦର୍ଶିତ ପ୍ରସ୍ତୁତିକୁ ପ୍ରଶଂସା କରିଥିଲେ ଏବଂ ଆହୁରି ଉନ୍ନତି ପାଇଁ ମୂଲ୍ୟବାନ ପରାମର୍ଶ ମଧ୍ୟ ଦେଇଥିଲେ। ଏହି ମକ୍ ଡ୍ରିଲ୍ ସୂଚନାପ୍ରଦ, ପ୍ରଭାବଶାଳୀ ଏବଂ ସଫଳ କରିବାରେ ସମସ୍ତ ସହଯୋଗୀ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ଏହି ଡ୍ରିଲ୍ କେବଳ ବିଭିନ୍ନ ପ୍ରତିକ୍ରିୟା ଦଳ ମଧ୍ୟରେ ସମନ୍ୱୟ ବୃଦ୍ଧି କରି ନ ଥିଲା ବରଂ କାର୍ଯ୍ୟକ୍ଷେତ୍ରରେ ସାମଗ୍ରିକ ସୁରକ୍ଷା ସଂସ୍କୃତିକୁ ମଧ୍ୟ ମଜବୁତ କରିଥିଲା। ଏହା ଏକ ମୂଲ୍ୟବାନ ଶିକ୍ଷଣ ଅଭିଜ୍ଞତା ଭାବରେ କାର୍ଯ୍ୟ କରିଥିଲା, ଯାହା ଅଂଶଗ୍ରହଣକାରୀ ମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ସେମାନଙ୍କର ଭୂମିକା ଏବଂ ଦାୟିତ୍ୱକୁ ଭଲ ଭାବରେ ବୁଝିବାରେ ସକ୍ଷମ କରିଥିଲା। ଏପରି ଅଭ୍ୟାସର ନିୟମିତ ପରିଚାଳନା ସମସ୍ତ କର୍ମଚାରୀ ଏବଂ ସମ୍ପତ୍ତିର ମଙ୍ଗଳ ସୁନିଶ୍ଚିତ କରି ସୁରକ୍ଷା, ପ୍ରସ୍ତୁତି ଏବଂ ନିରନ୍ତର ଉନ୍ନତିର ଉଚ୍ଚ ମାନଦଣ୍ଡ ବଜାୟ ରଖିବା ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରେ।

## ଅବ୍ୟବସ୍ଥା ଘେରରେ ପ୍ରାଥମିକ ବିଦ୍ୟାଳୟ

### ପାଣି ପାଇଁ ତହଲବିକଳ ଛାତ୍ରଛାତ୍ରୀ

### ୩ କୋଠରିରେ ବସୁଛନ୍ତି ୮୦ରୁ ଅଧିକ ଛାତ୍ରଛାତ୍ରୀ



ଫୁଲବାଣୀ,୨୮।୩ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ବର୍ତ୍ତମାନ ଅଧିକାଂଶ ବିଦ୍ୟାଳୟ ଅବ୍ୟବସ୍ଥା ଦେଇ ଗତି କରିଛି କେଉଁଠି ବିଦ୍ୟାଳୟ କୋଠରୀ ନଥିବାରୁ ଛାତ୍ରଛାତ୍ରୀ ପାଠ ପଢ଼ି ପାରୁନଥିବା ବେଳେ କେଉଁଠି ବିଦ୍ୟାଳୟରେ ପାଣି ନଥିବାରୁ ହଷ୍ଟେଲରେ ରହୁଥିବା ଅନ୍ତେବାସୀ ପାଣି ଟୋପାଏ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ବିଦ୍ୟାଳୟ ରହିଛି ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପାଇଁ ଆବଶ୍ୟକୀୟ ଶିକ୍ଷକ ଶିକ୍ଷୟିତ୍ରୀ ନଥିବାରୁ ବିଦ୍ୟାଳୟରେ ଶିକ୍ଷାଦାନ ପ୍ରଭାବିତ ହେଉଛି। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି ।

ଏଭଳି ଏକ ଅବ୍ୟବସ୍ଥା ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ବାଳନ୍ଦାପଡା ପଞ୍ଚାୟତ ବଡପଙ୍ଗା ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ହୋଇଥିବା ବେଳେ ଅନ୍ତେବାସୀ ଭାବରେ ରହି ଚାଳିଶ ଜଣ ଛାତ୍ରୀ ପାଠ ପଢୁଛନ୍ତି । ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ତିନି ଜଣ ଶିକ୍ଷକ ଥିବା ବେଳେ ଗତ ଏପ୍ରିଲ ମାସରେ ଜଣେ ଶିକ୍ଷକ ଅବସର ନେଇଥିବାରୁ ବର୍ତ୍ତମାନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ମାତ୍ର ଜଣେ ଶିକ୍ଷକ ଅଛନ୍ତି । ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅସିଏ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ଅନ୍ତେବାସୀ ଭାବରେ ଚାଳିଶ ଜଣ ଛାତ୍ରୀ ରହୁଥିବା ବେଳେ ଦୁଇ ବର୍ଷ ପୂର୍ବରୁ ବିଦ୍ୟାଳୟର ପାଚେରୀ ଭାଙ୍ଗି ନଷ୍ଟ ହୋଇଛି । ପାଞ୍ଚଟି କୋଠରୀରୁ ଦୁଇଟି ନଷ୍ଟ ହୋଇଥିବା ବେଳେ ମାତ୍ର ତିନୋଟି କୋଠରୀରେ ୮୦ ଜଣ ଛାତ୍ରଛାତ୍ରୀ ବହୁ କଷ୍ଟରେ ପାଠ ପଢୁଛନ୍ତି । ବିଦ୍ୟାଳୟରେ ପାଣି ପାଇଁ ସୋଲାର ବ୍ୟବସ୍ଥା ଅଛି କିନ୍ତୁ ଗତ ଦୁଇ ଦିନ ପୂର୍ବରୁ ସୋଲାରରୁ ପାଣି ଉଠୁ ନଥିବାରୁ ଛାତ୍ରୀମାନେ ନାହିଁ ନଥିବାର ଅସୁବିଧା ଭୋଗୁଛନ୍ତି। ବିଦ୍ୟାଳୟରେ ରୋଷେଇ ପାଇଁ ପାଣି ମିଳୁନଥିବାରୁ ବହୁ ଦୂରରୁ ବଡ଼ କଷ୍ଟରେ ପାଣି ଆଣି ରୋଷେଇ କରୁଥିବା ଦେଖିବାକୁ ମିଳିଛି । ତେବେ ପୂର୍ବରୁ ସରପଞ୍ଚ, ବିଡ଼ିଓ, ଓ ଆଦିବାସୀ ଉର୍ନ୍ନୟନ ସଂସ୍ଥା ଫୁଲବାଣୀକୁ ବାରମ୍ବାର ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରିନି। ତୁରନ୍ତ ପାଣି ସମସ୍ୟାର ସମାଧାନ ସହ ବିଦ୍ୟାଳୟ ର ଭଙ୍ଗା ପାଚେରୀ ମରାମତି ଏବଂ ଶ୍ରେଣୀ କୋଠରୀ ମରାମତି ସହ ଶିକ୍ଷକ ଯୋଗାଇଦେବାକୁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସହ ଗ୍ରାମବାସୀ ଦାବୀ କରିଛନ୍ତି ।

# ଏପ୍ରିଲ ୧ରୁ ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ ୫ଦିନିଆ 'ପଖାଳ ଉତ୍ସବ'



ଭୁବନେଶ୍ୱର,୨୮।୩ (ସଂଚାର ବ୍ୟୁରୋ): ପ୍ରତ୍ୟେକ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳର ସ୍ୱାଦ ନେବା ସହ ଏହାର ପ୍ରଚାର ଓ ପ୍ରସାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସଏଚ୍‌ଏମ୍) ପକ୍ଷରୁ ଆସନ୍ତା ଏପ୍ରିଲ ୧ ତାରିଖରୁ ଏକ ୫ ଦିନିଆ ପଖାଳ ଉତ୍ସବର ଆୟୋଜନ କରାଯାଇଛି।

ପ୍ରତ୍ୟେକ ବର୍ଷ ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ ଏହି ଉତ୍ସବର ଆୟୋଜନ କରାଯାଉଥିବା ବେଳେ ଚଳିତ ବର୍ଷ ମଧ୍ୟ ଏପ୍ରିଲ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଆୟୋଜିତ ହେବ। ଓଡ଼ିଶାର ପଖାଳ ପ୍ରେମୀମାନଙ୍କ ନିମନ୍ତେ ଆୟୋଜିତ ଏହି ଉତ୍ସବରେ ବିଭିନ୍ନ ପ୍ରକାରର ପଖାଳ ଯଥା ଦହି ପଖାଳ, ଛୁଙ୍କ ପଖାଳ, ଲେମ୍ବୁ ପଖାଳ, ଆମ୍ବ ପଖାଳ, ଅଦା ପଖାଳ ସହିତ ଶାଗ ଭଜା, ବଡ଼ିଚୁରା, ଟମାଟୋ ଚଟଣୀ, ମାଛ ଭଜା, ଶୁଖୁଆ ଭଜା, ଛତୁ ପତ୍ରପୋଡ଼ା, ଚିଙ୍ଗୁଡ଼ି ଛେଚା, ମାଛ କଲିଆ, ଛେନା ଭର୍ତ୍ତା, ଚୁନାମାଛ ଭଜା, କୁକୁଡ଼ା ମାଂସ କଷା, ପୋହଳା ମାଛ ଭଜା, ଚିଙ୍ଗୁଡ଼ି ଝରଝରି ସହିତ ପଣଷ କଠା ପିଠଉ ଭଜା, ଗୋଟା ଭେଣ୍ଡି, ପୋଡ଼ା ଆଳୁ ଭର୍ତ୍ତା, ଆଳୁ ବାଇଗ, ନଡ଼ିଆ ଭଜା, ଆମ୍ବ ଛେଚା ଓ ଆଳୁ କଲରା ବାଟି ତରକାରୀ ଭଳି ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପରଷା ଯିବ ବୋଲି ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସୂଚନା ଦେଇଛନ୍ତି।।

ଏହି ଉତ୍ସବ ଉତ୍କଳ ଦିବସ ଠାରୁ ପାଞ୍ଚ ଦିନ ପର୍ଯ୍ୟନ୍ତ ଏସ୍‌ଏଚ୍‌ଏମ୍ ପରିସରରେ ଅନୁଷ୍ଠିତ ହେବ। ଏପ୍ରିଲ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାଙ୍ଗକୁ ସେମାନେ ପାରମ୍ପରିକ ବେଶଭୂଷା ପରିଧାନ କରି ଖାଦ୍ୟ ପରଷିବେ। ପ୍ରତ୍ୟେକ ଦିନ ୧୨ ଟାରୁ ୩ଟା ପର୍ଯ୍ୟନ୍ତ ପଖାଳ ପରଷା ଯିବ। ଏହି ଉତ୍ସବକୁ ଏସ୍‌ଏଚ୍‌ଏମ୍‌ର ଛାତ୍ରଛାତ୍ରୀ ମାନେ ହିଁ ପରିଚାଳନା କରିବେ ବୋଲି ପ୍ରଫେସର ଚଇନି ସୂଚନା ଦେଇଛନ୍ତି।

# ୮ରୁ ଦ୍ୱିତୀୟ ପର୍ଯ୍ୟାୟ ରତ୍ନଭଣ୍ଡାର ଗଣତିମଣତି





ଭୁବନେଶ୍ୱର,୨୮।୩ (ସଂଚାର ବ୍ୟୁରୋ): ଗତ ୨୫ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣତିମଣତି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଉକ୍ତଦିନ ଭିତର ଭଣ୍ଡାରରେ ଗହଣାଗୁଡ଼ିକର ହିସାବ କରାଯାଇଥିଲା। ଏଥିସହ ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି ଆସନ୍ତା ୮ରୁ ଆରମ୍ଭ ହେବ। ଏହି ପ୍ରକ୍ରିୟା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଏହି ଦିନଗୁଡ଼ିକରେ ବାହାର ରତ୍ନଭଣ୍ଡାର ଗଣତିମଣତି କରାଯିବ। ଏହି ସମୟରେ ସାଧାରଣ ଭକ୍ତମାନେ ଯେପରି ସୁରୁଖୁରୁରେ ମହାପ୍ରଭୁଙ୍କ ଦର୍ଶନ କରିବେ ଓ ଠାକୁରଙ୍କ ନୀତିକାନ୍ତି ହେବାରେ କୌଣସି ବାଧା ନ ଉପୁଜିବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ସେ କହିଛନ୍ତି ଯେ ଗତ ୨୫ ତାରିଖରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତିମଣତି ହୋଇଥିଲା। ପ୍ରଥମ ପର୍ଯ୍ୟାୟ ଗଣତି ସୁରୁଖୁରୁରେ ସରିଥିବା ବେଳେ ଏବେ ୨ୟ ପର୍ଯ୍ୟାୟ ଗଣତିମଣତି ହେବ। ଏପ୍ରିଲ ମାସରେ ତିନି ଦିନ ଧରି ବାହାର ରତ୍ନଭଣ୍ଡାରରେ ଗଣତିମଣତି କରାଯିବ। ସେଥିପାଇଁ ତାରିଖ ମଧ୍ୟ ଧାର୍ଯ୍ୟ କରାଯାଇଛି। ଏହି ଗଣତିମଣତି ପ୍ରକ୍ରିୟା ସକାଶେ ଆଲୋଚନା ସରିଛି। ଏନେଇ ସମସ୍ତ ପ୍ରକାରର ପ୍ରସ୍ତୁତି ମଧ୍ୟ ଚାଲିଛି। ସମସ୍ତ ପ୍ରସ୍ତୁତି ପରେ ଭିତର ରତ୍ନଭଣ୍ଡାର ଗଣତିମଣତି ହେବା ସବୁ କାମ ଠିକଣା ସମୟରେ ସରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଆଗାମୀ ରଥଯାତ୍ରା ସମ୍ପର୍କରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସୁରୁଖୁରୁରେ କରିବା ସକାଶେ ୬ ମାସ ଆଗରୁ ପ୍ରସ୍ତୁତି ବୈଠକ ହୋଇଛି। ଇତିମଧ୍ୟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକାଧିକ ବାର ବୈଠକ ହୋଇଛି। ସେହିପରି ବଡ଼ଦାଣ୍ଡକୁ ଯେପରି ଅଧିକ ସଂଖ୍ୟକ ଗାଡ଼ି ପ୍ରବେଶ ନ କରିବ, ତା' ଉପରେ ବି ଗୁରୁତ୍ୱ ଦିଆଯାଉଛି। ରଥଦାଣ୍ଡ ସଂଲଗ୍ନ ରାସ୍ତାଗୁଡ଼ିକର ପ୍ରଶସ୍ତିକରଣ ନେଇ ମଧ୍ୟ ଆଲୋଚନା ହେଉଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

# ବିଜୁଳି ସହ ବର୍ଷା ସମ୍ଭାବନା ; ୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର, ୨୮।୩ (ସଂଚାର ବ୍ୟୁରୋ): ଆସନ୍ତା ୨୪ ଘଣ୍ଟାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଆଜି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେହିପରି କାଳବୈଶାଖୀ ପ୍ରଭାବ ସହ ଘଣ୍ଟା ପ୍ରତି ପବନର ବେଗ ୫୦ରୁ ୬୦ କିମି ରହିବା ଏଥିସକାଶେ ରାଜ୍ୟର ୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେଗୁଡ଼ିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ। ସେହିପରି ପ୍ରବଳ ବର୍ଷା ସହ କାଳବୈଶାଖୀଜନିତ ପ୍ରଭାବ ପାଇଁ ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ନୟାଗଡ଼ ଆଦି ଜିଲ୍ଲାକୁ ବି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମସ୍ତ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପବନର ବେଗ ଘଣ୍ଟା ପରି ୪୦ରୁ ୫୦ କିମି ରହିବ। ଅନ୍ୟପକ୍ଷରେ କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲାରେ ମଧ୍ୟ କାଳବୈଶାଖୀର ପ୍ରଭାବ ରହିବ ବୋଲି କୁହାଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିବ। ଏଭଳି ପାଗ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ମଧ୍ୟ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବିଶେଷକରି ଉତ୍ତର ଉପକୂଳ ଓଡ଼ିଶାରେ ଏହାର ବିଶେଷ ପ୍ରଭାବ ଦେଖାଯିବା ସହ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଗଭୀର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ସେପଟେ ଗତ ୨୪ ଘଣ୍ଟାରେ ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ର ୩୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଟାୱାରରେ ଚଢ଼ି ଯୁବକଙ୍କ ହାଇଡ୍ରାମା

● ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀ ନାକେଦମ



ମାଲକାନଗିରି,୨୮।୩(ସଂଚାର ବ୍ୟୁରୋ): ପ୍ରେମ ପାଇଁ ଯୁବକଙ୍କ ହାଇଡ୍ରାମା। ଆକାଶଛୁଆଁ ଟାୱାର୍ ଉପରେ ଚଢ଼ିଗଲେ ଆଉ ଯେତେ ଯିଏ ବୁଝେଇଲେ ବି ତଳକୁ ଓହ୍ଲେଇବାକୁ ଆଦୌ ମଙ୍ଗିଲେ ନାହିଁ। ଶେଷରେ ତାଙ୍କୁ ଟାୱାର୍‌ରୁ ତଳକୁ ଆଣିବା ସକାଶେ ଦମକଳ ବାହିନୀ କର୍ମଚାରୀମାନଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ମାଲାନଗିରିରେ ଥାନା ଅନ୍ତର୍ଗତ ଏମଭି ୭ ଗ୍ରାମରେ ଏପରି ଏକ ରୋଚକ ଘଟଣା ଘଟିଛି। ପ୍ରେମ ପାଇଁ ଯୁବକ ଜଣଙ୍କ ଟାୱାର ଉପରେ ଚଢ଼ି ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିବା ସନ୍ଦେହ କରାଯାଉଛି। ଉକ୍ତ ଯୁବକ ଜଣଙ୍କ ଆଡ଼ମା ମାଡ଼କାମ (୩୦) ବୋଲି ଜଣାପଡ଼ିଛି।

## ବାରିପଦାରେ କାଳବୈଶାଖୀ ତାଣ୍ଡବ

## ୨ ମୃତ ଓ ୩ ଆହତ



ମୟୁରଭଞ୍ଜ, ୨୮।୩ (ସଂଚାର ବ୍ୟୁରୋ) : ବାରିପଦାରେ କାଳବୈଶାଖୀ ତାଣ୍ଡବ । ପ୍ରବଳ ବର୍ଷା ଓ ପବନରେ ଦୁଇ ମୃତ ଓ ୩ ଆହତ । ଆହତଙ୍କୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହସ୍ପିଟାଲ ରେ ଭର୍ତ୍ତି କରାଯାଇଛି । ଗତକାଲି ରାତି ପ୍ରାୟ ୮ଟା ବେଳେ ପ୍ରବଳ ବର୍ଷା ଓ ପବନ ଆରମ୍ଭ ହୋଇଥିଲା। ରାତି ୧୦ଟା ବେଳକୁ ପ୍ରବଳ ବର୍ଷା ଓ ଘଡଘଡି ହୋଇଥିଲା । ଏହି ସମୟରେ ଗଛ ପଡିଯିବାରୁ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ବାମଦାଶ ହାଁସଦା । ସେ ବାରିପଦାରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି । ସେହିପରି ଖୁଣ୍ଟା ରାସ୍ତାର କଲେଜ ଛକ ନିକଟରେ ଗଛରେ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ନଗେନ ମୁର୍ମୁ । ସେପଟେ ପ୍ରବଳ ବର୍ଷା ଯୋଗୁ ଭାଙ୍ଗିପଡିଥିଲା ବାଉଁଶ ତୋରଣ। ଷ୍ଟେସନ ବଜାର ରାସ୍ତାରେ ଯାତାୟତ ଠପ୍ ହୋଇଛି । ସେହିପରି, କେନ୍ଦୁଝରରେ ବି କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି । ପ୍ରବଳ ପବନ ସାଙ୍ଗକୁ ବର୍ଷା, ଘଡ଼ଘଡ଼ି ଓ ବିଜୁଳି । ଫଳରେ କିଛି ସ୍ଥାନରେ ଲୋକଙ୍କ ଘରର ଛାତ ଉଡ଼ିଯାଇଥିଲା । ପୁରୁଣା ସହରରେ ଲାଗିଥିବା ବନଦୁର୍ଗା ପୂଜା ଟେଣ୍ଟ ଉଡ଼ିଯାଇଥିବା ବେଳେ ଏଠାରେ ମଧ୍ୟ ଗୋଟିଏ ଘରର ଛାତ ଉଡ଼ିଯାଇଛି । ପବନ ଯୋଗୁଁ କିଛି ସ୍ଥାନରେ ଗଛ ପଡି ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି । କାଳବୈଶାଖୀ ପବନ ଓ ବର୍ଷା ଯୋଗୁଁ ସହରର ଅନେକ ସ୍ଥାନରେ ଗଛ ଓ ବିଦ୍ୟୁତଖୁଣ୍ଟି ଉପୁଡିପଡି ଥିବାରୁ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି ।

## ଇଞ୍ଜିନିୟରିଂ କଲେଜ ପରିସରରେ

## ଗୁଳିମାଡ଼ ସହ ଆକ୍ରମଣ



ଢେଙ୍କାନାଳ, ୨୮।୩ (ସଂଚାର ବ୍ୟୁରୋ) : ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଏକ ଇଞ୍ଜିନିୟରିଙ୍ଗ କଲେଜ କ୍ୟାମ୍ପସ ପରିସରରେ ଗୁଳିମାଡ଼ ସହ ଜଣେ ଛାତ୍ରଙ୍କୁ ଆକ୍ରମଣ । କଲେଜ ପରିସରରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ପୂର୍ବ ଶତୃତାକୁ କେନ୍ଦ୍ର କରି ଗୁଳିମାଡ଼ ହୋଇଥିବା ଅଭିଯୋଗ ହୋଇଛି । ଗୋଟିଏ ରାଉଣ୍ଡ ଗୁଳିମାଡ ହୋଇଛି । ଗୁଳିମାଡ଼ କରୁଥିବା ଯୁବକ ହାତକୁ ବାଡ଼େଇ ଦେବାରୁ ପିସ୍ତଲଟି ତଳେ ପଡ଼ି ଗୋଟିଏ ରାଉଣ୍ଡ ଗୁଳି ତଳେ ଫୁଟିଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି କଲେଜ ଛାତ୍ର। କଲେଜ ପରିସରକୁ ଜଣେ ଛାତ୍ରଙ୍କ ସହଯୋଗରେ କିଛି ଅଣ ଛାତ୍ର ପଶି ଆକ୍ରମଣ ଓ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ଟାଉନଥାନା ପୁଲିସ କଲେଜ ପରିସରରେ ପହଞ୍ଚି ଅଧିକ ପଚରା ଉଚରା କରିବା ସହ ତଦନ୍ତ ଜାରି ରଖିଛି । ଆହତ ହୋଇଥିବା ଛାତ୍ର ମାଡ଼ ମାରିବା ଏବଂ ବନ୍ଧୁକ ଗୋଟିଏ ରାଉଣ୍ଡ ଗୁଳି ଫୁଟିବା କହୁଥିବା ବେଳେ କଲେଜ କର୍ତ୍ତୃପକ୍ଷ ଗୁଳିଫୁଟିବା ଘଟଣାକୁ ଅସ୍ୱୀକାର କରିଛନ୍ତି । ଅଣଛାତ୍ର ଘଟଣାକୁ ମଧ୍ୟ ଅଧକ୍ଷ ଅସ୍ୱୀକାର କରୁଥିବା ବେଳେ ଆହତ ଛାତ୍ର ଜଣଙ୍କ ଟାଉନ ଥାନାରେ ଲିଖିତ ଏତଲା ଦେଇଛନ୍ତି ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ସ୍ଥଳସେନା ମୁଖ୍ୟ



ପୁରୀ,୨୮।୩(ସଂଚାର ବ୍ୟୁରୋ): ଭାରତର ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ତିନିଦିନିଆ ଗସ୍ତରେ ଆସି ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଥିଲେ। ଏଠାରେ ସେ ଲୋକ ଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟୀଙ୍କୁ ଭେଟିବା ସହ ସେଠାରେ ରାତ୍ରି ଯାପନ କରିଥିଲେ। ଆଜି ଜେନେରାଲ୍ ଦ୍ୱିବେଦୀ ବାଇପାସ୍ ରୋଡ୍ ଦେଇ ଶ୍ରୀକ୍ଷେତ୍ର ପୁରୀରେ ପହଞ୍ଚିଥିଲେ। କଡ଼ା ସୁରକ୍ଷା ମଧ୍ୟରେ ପୁରୀରେ ପହଞ୍ଚିବା ପରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ସେବାୟତ ଓ ପ୍ରଶାସନ ପକ୍ଷରୁ ଜେନରାଲ ଦ୍ୱିବେଦୀ ଓ ତାଙ୍କ ପତ୍ନୀଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଜେନରାଲ ଦ୍ୱିବେଦୀ ଓ ତାଙ୍କ ପତ୍ନୀ ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ରତ୍ନ ସିଂହାସନାରୂଢ଼ ଶ୍ରୀବିଗ୍ରହଙ୍କ ଦର୍ଶନ କରି ଆଶିଷ ନେବା ସହ ସେନା ନିମନ୍ତେ ପ୍ରାର୍ଥନା କରିଥିଲେ। ପରେ ଶ୍ରୀମନ୍ଦିର ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ କରିବା ସେ ଓ ତାଙ୍କ ପତ୍ନୀ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ଜେନେରାଲ ଦ୍ୱିବେଦୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି ଯେ ମହାପ୍ରଭୁଙ୍କ ଦର୍ଶନ କରି ସେ ବେଶ ଖୁସି ଓ ଶାନ୍ତି ଲାଭ କରିଛନ୍ତି। ମହାପ୍ରଭୁଙ୍କ କୃପା ସେନା ଉପରେ ରହିଲେ ଆଗକୁ ଆମେ ଆହୁରି ଭଲ ପ୍ରଦର୍ଶନ କରିବୁ। ଏଣିକି ସେ ପ୍ରତିବର୍ଷ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ଜେନେରାଲ୍ ଦ୍ୱିବେଦୀ କହିଛନ୍ତି।

# ସରିଲା ଯୁକ୍ତ ୨ ପରୀକ୍ଷା

# ୨ରୁ ଖାତାଦେଖା




୪୫ ଦିନ ଭିତରେ ପ୍ରକାଶ ପାଇବ ଫଳାଫଳ

ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ): ଆଜି ସରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ସିଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ବର୍ଗର ସମସ୍ତ ପରୀକ୍ଷା। ଏଥିସହ ଆସନ୍ତା ୪୦ରୁ ୪୫ ଦିନ ଭିତରେ ଫଳାଫଳ ପ୍ରକାଶ ପାଇବ ବୋଲି ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପାଖାପାଖି ୫ ହଜାର ପିଲା ଅନୁପସ୍ଥିତ ଥିଲେ। ଆସନ୍ତା ଏପ୍ରିଲ ୨ ତାରିଖରୁ ଯୁକ୍ତ ଦୁଇ ଖାତାଦେଖା ଆରମ୍ଭ ହେବ। ଖାତା ମୂଲ୍ୟାୟନ ପାଇଁ ୧୫୧ଟି ମୂଲ୍ୟାୟନ କେନ୍ଦ୍ର ସହ ୧୬ ହଜାର ଅଧ୍ୟାପକଙ୍କୁ ନିୟୋଜିତ କରାଯାଇଛି ବୋଲି ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବିଶେଷକରି ଦୁଇଟି ପର୍ଯ୍ୟାୟରେ ଖାତାଦେଖା ହେବ। ଚଳିତ ବର୍ଷ ମୋଟ ୨୫ ଲକ୍ଷ ଖାତାର ମୂଲ୍ୟାୟନ ହେବ। ଆସନ୍ତା ମାସ ଶେଷ ସୁଦ୍ଧା ଖାତାଦେଖା ଶେଷ ହେବ ଏବଂ ମେ'ରେ ପରୀକ୍ଷା ଫଳ ପ୍ରକାଶ ପାଇବା ନେଇ ପରିଷଦ ଲକ୍ଷ୍ୟ ରଖିଛି। ଯୁକ୍ତ ଦୁଇ ଖାତା ଉଭୟ ଅଫଲାଇନ ଓ ଅନ୍‌ଲାଇନ୍‌ରେ ଦେଖା ହେବ। ମୂଲ୍ୟାୟନ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବ। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଧ୍ୟାପକଙ୍କ ପାଇଁ ପାନୀୟ ଜଳଠୁ ଆରମ୍ଭ କରି ସମସ୍ତ ପ୍ରକାର ସୁବିଧା କରାଯିବ ବୋଲି ଶ୍ରୀ ପରିଡ଼ା କହିଛନ୍ତି।

# ଗ୍ରାମୀଣ ଜୀବିକା ଓ କୃଷିକୁ ସୁଦୃଢ଼ କରିଛି ବେଦାନ୍ତ

ଝାରସୁଗୁଡ଼ା,୨୮।୩(ସଂଚାର ବ୍ୟୁରୋ):ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାରେ କେନ୍ଦ୍ରିତ ସାମୁଦାୟିକ ବିକାଶ ପଦକ୍ଷେପ ମାଧ୍ୟମରେ ଏହାର ମୂଳ କାର୍ଯ୍ୟଠାରୁ ଅଧିକ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ଆଗେଇ ନେଉଛି। ସ୍ଥାୟୀ ଓ ସମାନ ପ୍ରଗତି ପ୍ରତି ଦୃଢ଼ ପ୍ରତିବଦ୍ଧତା ଦ୍ୱାରା ଚାଳିତ, କମ୍ପାନୀ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା, ପରିବେଶଗତ ପରିଚାଳନାକୁ ପ୍ରୋତ୍ସାହିତ କରିବା ଓ ଗ୍ରାମୀଣ ସମ୍ପ୍ରଦାୟ ମଧ୍ୟରେ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ ଦୀର୍ଘକାଳୀନ କାର୍ଯ୍ୟକ୍ରମରେ କମ୍ପାନୀ ନିବେଶ କରୁଛି। ଏପରି ଏକ ପଦକ୍ଷେପ ଭେଦଗ୍ରାମ ପ୍ରକଳ୍ପ କମ୍ପାନୀର ଝାରସୁଗୁଡ଼ା କାର୍ଯ୍ୟର ନିକଟବର୍ତ୍ତି ଗ୍ରାମଗୁଡ଼ିକରେ କୃଷି ଉତ୍ପାଦନ ବୃଦ୍ଧି କରିବା, ଆୟ ଉତ୍ସକୁ ବିବିଧ କରିବା ଓ ନିରନ୍ତର କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏଥିରେ ବଞ୍ଜାରୀ, ସିରିଆପାଲି, ପ୍ରମାଣପୁର, କାଟିକେଲା, ପତ୍ରପାଲି, ବଡ଼ମାଲ, ଭୂରକାମୁଣ୍ଡା, ଡାଲକି, ଭାଗିପାଲି ଓ ପାଣ୍ଡ୍ରିପଥର ଆଦି ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମର ପ୍ରଭାବ ନେଇ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦୁ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ଆମେ ଯେଉଁ ସମ୍ପ୍ରଦାୟରେ କାର୍ଯ୍ୟ କରୁଛୁ ସେଠାରେ ମାପଯୋଗ୍ୟ ଓ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା। ଭେଦଗ୍ରାମ ମାଧ୍ୟମରେ ଆମେ ମାଟିରୁ ବଜାର ପର୍ଯ୍ୟନ୍ତ ସମଗ୍ର ଗ୍ରାମୀଣ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରୁଛୁ, ଚାଷୀମାନଙ୍କ ପାଖରେ ସ୍ଥିର ଓ ଉଚ୍ଚ ଆୟ ହାସଲ ପାଇଁ ଉପକରଣ



ଓ ଜ୍ଞାନ ଅଛି, ତାହା ନିଶ୍ଚିତ କରୁଛୁ ବୋଲି ଶ୍ରୀ ଚନ୍ଦୁ କହିଛନ୍ତି। ଭେଦଗ୍ରାମ ପଦକ୍ଷେପର ମୂଳ ହେଉଛି ୱାଡି କାର୍ଯ୍ୟକ୍ରମ, ଯାହା ଅଧୀନରେ ୫୦ ଜଣ ଚାଷୀ ଉଦ୍ୟାନ-ଭିତ୍ତିକ କୃଷି ମଡେଲ ଗ୍ରହଣ କରିଛନ୍ତି।

## ପୁରୀରେ ଯୁବକଙ୍କୁ ନିର୍ମମ ହତ୍ୟା



ପୁରୀ, ୨୮।୩ (ସଂଚାର ବ୍ୟୁରୋ) :ପୁରୀରେ ଜଣୈକ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ପୁରୀ ଜିଲ୍ଲା ପେଣ୍ଟକଟା ଧୋବାଖାଲଠାରେ ଘଟିଛି ଏହି ଜଘନ୍ୟ ହତ୍ୟାକାଣ୍ଡ। ମୃତକ ଜଣଙ୍କ ହେଲେ ବଡ଼ଶଙ୍ଖ ଅଞ୍ଚଳର ତପୁ ନାୟକ। ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କରିଛି, ସେନେଇ କିଛି ବି ଜଣାପଡ଼ିନାହିଁ। ଖବର ପାଇ ସ୍ଥାନୀୟ ସମୁଦ୍ରକୂଳ ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କ ମୃତଦେହକୁ ଜବତ କରିବା ସହ ତଦନ୍ତ ଚଳାଇଛି।

## ଚିଙ୍ଗୁଡ଼ି ଘେରି ଭଙ୍ଗା ଘଟଣା

# ଏସିଏଫ୍‌ଙ୍କୁ ନାଲିଆଖି ଦେଖାଇଲେ ନେତା



ରାଜନଗର,୨୮।୩(ସଂଚାର ବ୍ୟୁରୋ): ଚିଙ୍ଗୁଡି ଘେରି ଭଙ୍ଗାଯିବା ସମୟରେ ବିଜେପି ନେତା ଲଳିତ କୁମାର ବେହେରା ସେଠାରେ ପହଞ୍ଚି ଦବଙ୍ଗଗିରି ଦେଖାଇଛନ୍ତି। ଏହି ସମୟର ଭିଡିଓ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଭିଡିଓରେ ଶ୍ରୀ ବେହେରା ଦାଦାଗିରି କରିବା ସହ ଚିଙ୍ଗୁଡି ଘେରି ଭାଙ୍ଗିବାକୁ ଦେବେନି ବୋଲି କହୁଥିବା ଦେଖିବାକୁ ମିଳିଛି। କିଛିଦିନ ତଳେ ଶ୍ରୀ ବେହେରା ଜଣୈକା ମହିଳା ବିଡିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ପଶି ଲ୍ୟାପଟପ୍ ଉଠାଇ ମାଡ଼ ମାରିବାକୁ ଉଦ୍ୟମ କରିବା ଓ ଗାଳିଗୁଲଜ ଘଟଣା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ଆଜିର ଘଟଣାରେ ସେ ଏସିଏଫଙ୍କ ସହ ଯୁକ୍ତିତର୍କ କରିବା ସହ ଚିଙ୍ଗୁଡି ଘେରି ଭାଙ୍ଗିବାକୁ ଦେବେନାହିଁ ବୋଲି କହି ତାଗିଦ୍ କରିବା ନେଇ ପୁଣିଥରେ ଶ୍ରୀ ବେହେରା ବିବାଦ ଘେରକୁ ଆସିଛନ୍ତି।

ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ରାଜନଗର ବନ ବିଭାଗ ପକ୍ଷରୁ ୩ ଦିନ ତଳେ ପଟାପାରିଆ ନିକଟରେ ଘେରି ଭଙ୍ଗା ହୋଇଥିଲା। ଏସିଏଫ ମାନସ କୁମାର ଦାସଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଘେରିଭଙ୍ଗା କାର୍ଯ୍ୟରେ ନିଯୋଜିତ ଥିଲେ। ତେବେ ସେଠାରେ ଶ୍ରୀ ବେହେରା ତାଙ୍କର କେତେକ ସମର୍ଥକ ଓ ଚିଙ୍ଗୁଡି ଘେରି ମାଲିକଙ୍କ ସହ ପହଞ୍ଚିଥିଲେ। ଘେରି କାହିଁକି ଭଙ୍ଗାଯାଉଛି ବୋଲି ସେ ଏସିଏଫ ଶ୍ରୀଦାସଙ୍କୁ ପ୍ରଶ୍ନ କରିଥିଲେ। ହାଇକୋର୍ଟ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଏହି ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଶ୍ରୀ ବେହେରା ଖୁବ୍ ଜୋର୍‌ରେ ପାଟି କରି ଘେରି ଭଙ୍ଗା ହୋଇପାରିବ ନାହି, ମୁଁ କହୁଛି ମାନେ ଘେରି କେହି ବି ଭାଙ୍ଗିପାରିବେ ନାହି ବୋଲି କହିବା ସହ ଆଙ୍ଗୁଠି ଦେଖାଇ ଏସିଏଫଙ୍କୁ ତାଗିଦ କରିଥିଲେ। ଏହି ଦବଙ୍ଗଗିରିରୁ ସାହସ ପାଇ ଘେରି କରିଥିବା ମାଲିକମାନେ ବି ଘେରିଭଙ୍ଗାକୁ ବିରୋଧ କରିଥିଲେ। ଏପରିକି ସେମାନେ ଆଜି ବନ କର୍ମଚାରୀଙ୍କୁ ବି ମାଡ଼ ମାରିଛନ୍ତି।

# 'ଉଡ଼ାନ୍'କୁ ଉଷା ପାଢ଼ୀଙ୍କ ଅବଦାନ ଅତୁଳନୀୟ




ଆଞ୍ଚଳିକ ବିମାନ ସଂଯୋଗୀକରଣ କ୍ଷେତ୍ରରେ ମାଇଲଖୁଣ୍ଟ

ଭୁବନେଶ୍ୱର,୨୮।୩(ସଂଚାର ବ୍ୟୁରୋ): ଦକ୍ଷ ପ୍ରଶାସିକା ଉଷା ପାଢ଼ୀ ଏବେ ଆତ୍ମସନ୍ତୋଷ ଅନୁଭବ କରୁଛନ୍ତି। 'ଉଡ଼ାନ୍' ଯୋଜନାର ପରବର୍ତ୍ତୀ ପର୍ଯ୍ୟାୟ ଆରମ୍ଭ ହେବା ସହ 'ସମସ୍ତଙ୍କ ପାଇଁ ବିମାନ ସେବା' ସ୍ୱପ୍ନକୁ ସାକାର କରିବା ଦିଗରେ ଏହା ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍ ଦେଶରେ ଆଞ୍ଚଳିକ ବିମାନ ସଂଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ଉଡ଼ାନ୍ ଯୋଜନାକୁ ଆଉ ୧୦ ବର୍ଷ ପାଇଁ ସମ୍ପ୍ରସାରଣ କରିବାକୁ ଅନୁମୋଦନ କରିଛନ୍ତି। ଏହି ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ବିଗତ ଦଶନ୍ଧିର ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ ପର୍ଯ୍ୟବସିତ। ବିମାନ ଯାତ୍ରାକୁ ସୁଲଭ ଓ ପରିବର୍ତ୍ତନଶୀଳ କରିବା ନିଶ୍ଚିତ କରି ଏହି ପ୍ରମୁଖ ଯୋଜନାର ପରବର୍ତ୍ତୀ ପର୍ଯ୍ୟାୟ ଆଞ୍ଚଳିକ କେନ୍ଦ୍ର ଓ ସାଧାରଣ ନାଗରିକଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବାରେ ସହାୟକ ହେବ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ପୂର୍ବତନ ଯୁଗ୍ମ ସଚିବ ଓ ଅତିରିକ୍ତ ସଚିବଙ୍କ ପାଇଁ ଏହି ମୁହୂର୍ତ୍ତଟି ଅତ୍ୟନ୍ତ ବ୍ୟକ୍ତିଗତ। ଏହା ଏକ ଏପରି ଦୂରଦୃଷ୍ଟିର ପରିପକ୍ୱତାକୁ ଦର୍ଶାଉଛି, ଯାହାକୁ ସେ ଏକ ସାଧାରଣ ପରିକଳ୍ପନାରୁ ସାରା ଦେଶରେ ଏକ କ୍ରାନ୍ତିରେ ପରିଣତ କରିବାରେ ସାହାଯ୍ୟ କରିଥିଲେ। ଶ୍ରୀମତୀ ପାଢ଼ୀ କେବଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଉଡ଼ାନ୍ ନୀତିର ମୁଖ୍ୟ ବିନ୍ଧାଣି ସହ ତାଙ୍କର ନେତୃତ୍ୱ ମଧ୍ୟ ବିମାନ ଚଳାଚଳ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ସମ୍ପ୍ରସାରିତ ହୋଇଥିଲା। ବ୍ୟୁରୋ ଅଫ୍ ସିଭିଲ୍ ଏଭିଏସନ୍ ସିକ୍ୟୁରିଟିର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ସେ ଏହି ପ୍ରମୁଖ ନିୟାମକ ସଂସ୍ଥାର ନେତୃତ୍ୱ ନେବାରେ ପ୍ରଥମ ମହିଳା ହୋଇଥିଲେ।

ସେହିପରି ଉଡ଼ାନ୍ ନୀତିର ଜଣେ ମୁଖ୍ୟ ବିନ୍ଧାଣୀ ଭାବେ ଶ୍ରୀମତୀ ପାଢ଼ୀ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟରେ ୭ ବର୍ଷର ଦୀର୍ଘ ସମୟ ବିତାଇଥିଲେ। ତାଙ୍କ ପାଇଁ ଏହି ନୂତନ ବିମାନ ପଥଗୁଡ଼ିକ ମାନଚିତ୍ରରେ ରେଖା ସହ ଏହା ଭାରତର ବ୍ୟସ୍ତବହୁଳ ମେଟ୍ରୋ ସହର ଏବଂ ସୁଦୂର ଗ୍ରାମାଞ୍ଚଳ ମଧ୍ୟରେ ଥିବା ଦୂରତାକୁ ଦୂର କରିବାର ଏକ ପ୍ରତିଶ୍ରୁତିର ପୂରଣ। ଆକାଶକୁ ସମସ୍ତଙ୍କ ପାଇଁ ଉନ୍ମୁକ୍ତ କରିବାକୁ ନିଜର କ୍ୟାରିୟର ଉତ୍ସର୍ଗ କରିଥିବା ଜଣେ ନେତୃତ୍ୱଙ୍କ ପାଇଁ ଏହି ସାମ୍ପ୍ରତିକ ପ୍ରଗତି ତାଙ୍କ ଜୀବନର କାର୍ଯ୍ୟର ଶ୍ରେଷ୍ଠ ସ୍ୱୀକୃତି। ଯେତେବେଳେ କୌଣସି ନୀତି ଆନ୍ତରିକତା ଓ ବୈଷୟିକ ସଠିକତା ଦ୍ୱାରା ପରିଚାଳିତ ହୁଏ, ସେତେବେଳେ ସତରେ ଆକାଶର କୌଣସି ସୀମା ନଥାଏ - ଏହା ହିଁ ତା'ର ପ୍ରମାଣ।

## ସର୍ବଭାରତୀୟ ପୁଲିସ ଶୁଟିଂ ପ୍ରତିଯୋଗିତା

# ଓଡ଼ିଶାକୁ ମିଳିଲା ଦ୍ୱିତୀୟ ସ୍ଥାନ




ଭୁବନେଶ୍ୱର, ୨୮।୩ (ସଂଚାର ବ୍ୟୁରୋ) : ହରିୟାଣାର ଗୁରୁଗ୍ରାମ ସ୍ଥିତ ସିଆରପିଏଫ୍ ଠାରେ ଅନୁଷ୍ଠିତ ୨୬ତମ ସର୍ବଭାରତୀୟ ପୁଲିସ ଶୁଟିଂ ପ୍ରତିଯୋଗିତାରେ ଓଡ଼ିଶା ପୁଲିସ ଅଭୁତପୂର୍ବ ସଫଳତା ହାସଲ କରିଛି। ଦେଶର ବିଭିନ୍ନ ରାଜ୍ୟ ପୁଲିସ ବାହିନୀମାନଙ୍କ ମଧ୍ୟରେ ଓଡ଼ିଶା ପୁଲିସ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୨ରୁ ୩୦ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ପୁଲିସ ରାଇଫଲ ଶୁଟିଂ (୭୪୩ ପଏଣ୍ଟ), ପିସ୍ତଲ ଶୁଟିଂ (୫୩୧ ପଏଣ୍ଟ ) ଏବଂ କାରବାଇନ ଶୁଟିଂରେ (୩୨୭ ପଏଣ୍ଟ) ସର୍ବମୋଟ ୧୬୦୧ ପଏଣ୍ଟ ପାଇ ରାଜ୍ୟ ପୁଲିସ ବାହିନୀ ମାନଙ୍କ ମଧ୍ୟରେ ଓଡ଼ିଶା ପୁଲିସ ଟିମ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ଉଲ୍ଲେଖଯୋଗ୍ୟ, ଏହି ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ସୁଟର ଅକ୍ଷୟ କୁମାର ସାହାଣୀ (ଏସ୍/୧୩୧) ୩୦୦ ୟାର୍ଡ ସ୍ନାପ୍ ବିଭାଗରେ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ଜିତିଛନ୍ତି। ଶ୍ରୀ ସାହାଣୀ ବର୍ତ୍ତମାନ ଏସଏସବିଏନ, ଭୁବନେଶ୍ୱର ଠାରେ କାର୍ଯ୍ୟରତ ଅଛନ୍ତି। ଏହି ଅବସରରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓଡ଼ିଶା ପୁଲିସ ଟିମ୍ ଏବଂ ପଦକ ବିଜେତା ଅକ୍ଷୟ କୁମାର ସାହାଣୀ ଓ ଡେପୁଟି କମାଣ୍ଡାଣ୍ଟ,ଟିମ ମ୍ୟାନେଜର ତଥା କୋଚ ଏମ. ଏସ. ଏ ଫରିଦଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ବିବାହକୁ ବର୍ଷେ ପୂରିନି, ଚାଲିଗଲା ନବବଧୂଙ୍କ ଜୀବନ

ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ବଲାଙ୍ଗୀର,୨୮।୩(ସଂଚାର ବ୍ୟୁରୋ): ଜଣୈକା ନବବଧୂଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ମହୀପୁରରେ ଏପରି ଅଭାବନୀୟ ଘଟଣା ଘଟିଛି। ମୃତକ ଜଣଙ୍କ ହେଲେ ଅନୁପମା ମହାନନ୍ଦ। ତେବେ ତାଙ୍କୁ ଶାଶୂଘର ଲୋକେ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ପୁଲିସ୍ ଉକ୍ତ ନବବଧୂଙ୍କ ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁସାରେ, ବଲାଙ୍ଗୀର ବାଗଭାଡ଼ି ଗ୍ରାମର ଅନୁପମାଙ୍କୁ ତୁଷୁରା ଥାନା ମହିପୁର ଗ୍ରାମର ମାଇଦାନ୍ତୁ ମହାନନ୍ଦ ପାଖାପାଖି ୧୦ ମାସ ତଳେ ବୈଦିକ ରୀତିନୀତିରେ ବିବାହ କରିଥିଲେ। କିନ୍ତୁ ଗତ ରାତିରେ ମାଇଦାନ୍ତୁ ଅନୁପମାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ନେଇ ଅନୁପମାଙ୍କ ପରିବାର ଲୋକେ ତୁଷୁରା ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ଅନୁପମାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଦର୍ଶାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଶାଶୂଘର ଲୋକେ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ସେଠାରେ ଭର୍ତ୍ତି କରି ଫେରାର୍ ହୋଇଯାଇଥିଲେ ବୋଲି ମଧ୍ୟ ଅନୁପମାଙ୍କ ସମ୍ପର୍କୀୟ ଭାଇ ସୁମନ୍ତ ନାଗ କହିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ୍ ଘଟଣାର ତଦନ୍ତ କରୁଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହି ମାମଲାରେ କାହାରିକୁ ବି ଗିରଫ କରାଯାଇନଥିବା ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ | Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

### ଉତ୍ତରପ୍ରଦେଶରେ ଜିୱାରଠାରେ ନୋଇଡା ଅନ୍ତର୍ଜାତୀୟ ବିମାନବନ୍ଦର ଉଦ୍‌ଘାଟନ କଲେ ମୋଦି

# ବିମାନବନ୍ଦର ଏକ ମୌଳିକ ସୁବିଧା ନୁହେଁ, ପ୍ରଗତିର ପ୍ରୋତ୍ସାହକ



ନୂଆଦିଲ୍ଲୀ,୨୮।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶର ଜିୱାରଠାରେ ନୋଇଡା ଅନ୍ତର୍ଜାତୀୟ ବିମାନବନ୍ଦରର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଗର୍ବ ଓ ଆନନ୍ଦ ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ବିକଶିତ ଉତ୍ତରପ୍ରଦେଶ ଓ ବିକଶିତ ଭାରତ ଅଭିଯାନ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ାଯାଇଛି। ଭାରତର ବୃହତ୍ତମ ରାଜ୍ୟ ଏବେ ସର୍ବାଧିକ ସଂଖ୍ୟକ ଅନ୍ତର୍ଜାତୀୟ ବିମାନବନ୍ଦର ଥିବା ରାଜ୍ୟମାନଙ୍କ ମଧ୍ୟରେ ଅନ୍ୟତମ ପାଲଟିଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ସେ ଦୁଇଗୁଣ ଆନନ୍ଦ ଅନୁଭବ କରୁଛନ୍ତି, ପ୍ରଥମତଃ ସେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଓ ଏବେ ଉଦ୍‌ଘାଟନ ମଧ କରିଛନ୍ତି ଓ ଦ୍ୱିତୀୟତଃ ଏହି ବିମାନବନ୍ଦରର ନାମ ଉତ୍ତରପ୍ରଦେଶ ସହିତ ସଂପର୍କିତ ରହିଛି। ଏହି ରାଜ୍ୟ ମୋତେ ନିଜର ପ୍ରତିନିଧି ଭାବେ ସଂସଦକୁ ପଠାଇଥିଲା ଓ ଏହାର ନାମ ଏବେ ଏହି ଭବ୍ୟ ବିମାନବନ୍ଦର ସହ ଯୋଡ଼ି ହୋଇଛି ବୋଲି ସେ କହିଛନ୍ତି।

ନବନିର୍ମିତ ନୋଏଡା ବିମାନବନ୍ଦରର ସୁଦୂରପ୍ରସାରୀ ପ୍ରଭାବ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ନୋଏଡା ବିମାନବନ୍ଦର ଆଗ୍ରା, ମଥୁରା, ଆଲିଗଡ଼, ଗାଜିଆବାଦ, ମିରଟ, ଇଟାୱା, ବୁଲନ୍ଦସହର ଏବଂ ଫରିଦାବାଦ ସମେତ ଏକ ବିସ୍ତୃତ ଅଞ୍ଚଳକୁ ଉପକୃତ କରିବ। ଏହି ବିମାନବନ୍ଦର ପଶ୍ଚିମ ଉତ୍ତର ପ୍ରଦେଶର ଚାଷୀ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଏବଂ ଯୁବକମାନଙ୍କ ପାଇଁ ଅନେକ ନୂତନ ନିଯୁକ୍ତି ସୁଯୋଗ ଆଣିବ। ମୋଦୀ କହିଛନ୍ତି, ଏଠାରୁ ସାରା ବିଶ୍ୱକୁ ବିମାନ ଉଡ଼ିବ ଏବଂ ଏହି ବିମାନବନ୍ଦର 'ବିକଶିତ ଉତ୍ତରପ୍ରଦେଶର ଉଡ଼ାଣର ପ୍ରତୀକ ହେବ। ଏଥିପାଇଁ ସେ ରାଜ୍ୟର ଲୋକମାନଙ୍କୁ, ବିଶେଷକରି ପଶ୍ଚିମ ଉତ୍ତର ପ୍ରଦେଶର ଲୋକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ବର୍ତ୍ତମାନର ବିଶ୍ୱ ପରିସ୍ଥିତି ଉପରେ ବକ୍ତବ୍ୟ ରଖି ପ୍ରଧାନମନ୍ତ୍ରୀ କହିଥିଲେ ଯେ ପଶ୍ଚିମ ଏସିଆରେ ଏକ ମାସରୁ ଅଧିକ ସମୟ ଧରି ଯୁଦ୍ଧ ଚାଲିଛି ଓ ଏହାକୁ ନେଇ ସମଗ୍ର ବିଶ୍ୱ ଚିନ୍ତିତ ଅଛି। ଏହା ଫଳରେ ଅନେକ ଦେଶରେ ଖାଦ୍ୟ, ପେଟ୍ରୋଲ, ଡିଜେଲ, ଗ୍ୟାସ ଏବଂ ସାର ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ରହିଛି। ଭାରତ ଏହି ଯୁଦ୍ଧଗ୍ରସ୍ତ ଅଞ୍ଚଳରୁ ପ୍ରଚୁର ପରିମାଣରେ ଅଶୋଧିତ ତେଲ ଏବଂ ଗ୍ୟାସ ଆମଦାନୀ କରେ। ତେବେ ଶ୍ରୀ ମୋଦୀ ଆଶ୍ୱାସନା ଦେଇ କହିଥିଲେ, ସରକାର ଏହି ସଙ୍କଟର ବୋଝ ସାଧାରଣ ପରିବାର ଏବଂ କୃଷକଙ୍କ ଉପରେ ନପଡ଼ିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନେଉଛନ୍ତି।

ବିଶ୍ୱ ସଙ୍କଟ ସମୟରେ ମଧ ଭାରତର ନିରନ୍ତର ଦ୍ରୁତ ଅଭିବୃଦ୍ଧି କଥା ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କେବଳ ପଶ୍ଚିମ ଉତ୍ତର ପ୍ରଦେଶରେ ଗତ କିଛି ସପ୍ତାହ ମଧ୍ୟରେ ଏହା ଉଦ୍‌ଘାଟିତ କିମ୍ବା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଚତୁର୍ଥ ପ୍ରମୁଖ ପ୍ରକଳ୍ପ। ଏହି ସମୟ ମଧ୍ୟରେ, ନୋଏଡାରେ ଏକ ପ୍ରମୁଖ ସେମିକଣ୍ଡକ୍ଟର କାରଖାନାର ଶିଳାନ୍ୟାସ କରାଯାଇଥିଲା, ଦେଶର ପ୍ରଥମ ଦିଲ୍ଲୀ-ମିରଟ ନମୋ ଭାରତ ଟ୍ରେନ୍ ଚାଲିଥିଲା, ମିରଟ ମେଟ୍ରୋର ସଂପ୍ରସାରଣ କରାଯାଇଥିଲା ଏବଂ ଆଜି ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର ଉଦ୍‌ଘାଟିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଉତ୍ତର ପ୍ରଦେଶର ବିକାଶରେ ଏହି ଉଲ୍ଲେଖନୀୟ ସଫଳତା ପାଇଁ ବର୍ତ୍ତମାନ ସରକାରଙ୍କୁ ଶ୍ରେୟ ଦେଇଥିଲେ। ସେ କହିଥିଲେ ଯେ ସେମିକଣ୍ଡକ୍ଟର କାରଖାନା ଭାରତକୁ ପ୍ରଯୁକ୍ତିବିଦ୍ୟାରେ ଆତ୍ମନିର୍ଭରଶୀଳ କରୁଛି, ମିରଟ୍ ମେଟ୍ରୋ ଏବଂ ନମୋ ଭାରତ ରେଳ ଦ୍ରୁତ ଏବଂ ସ୍ମାର୍ଟ ସଂଯୋଗ ପ୍ରଦାନ କରୁଛି ଏବଂ ଜେୱାର ବିମାନବନ୍ଦର ସମଗ୍ର ଉତ୍ତର ଭାରତକୁ ବିଶ୍ୱ ସହିତ ସଂଯୋଗ କରୁଛି। ସେ କହିଥିଲେ ଯେ, ବର୍ତ୍ତମାନର ସରକାରଙ୍କ ଅଧୀନରେ, ଆଜି ନୋଏଡା ୟୁପିର ବିକାଶର ଏକ ଶକ୍ତିଶାଳୀ ଇଞ୍ଜିନ୍ ପାଲଟିଛି।



# ଦୁଇଚକିଆ, ତିନି ଚକିଆ ବିଦ୍ୟୁତ ଯାନ ଉପରେ ସବ୍‌ସିଡି ଅବଧି ବଢ଼ିଲା

ନୂଆଦିଲ୍ଲୀ, ୨୮।୩: ଦୁଇ ଚକିଆ ବିଦ୍ୟୁତ୍ ଯାନ ଉପରେ କେନ୍ଦ୍ର ସରକାର ସବ୍‌ସିଡି ପ୍ରଦାନ ଅବଧିକୁ ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଏହାର ଅବଧି ଚଳିତମାସ ୩୧ ତାରିଖରେ ଶେଷ ହେଉଥିଲା। ଏଥିସହିତ ଇ-ରିକ୍ସା ଓ ଇ-କାର୍ଟରେ ସବ୍‌ସିଡି ପ୍ରଦାନ ଅବଧିକୁ ଆଉ ୨ ବର୍ଷ ଅର୍ଥାତ୍ ଆସନ୍ତା ୨୦୨୮ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ପିଏମ୍ ଇ-ଡ୍ରାଇଭ୍ (ପ୍ରଧାନମନ୍ତ୍ରୀ ଇଲେକ୍ଟ୍ରିକ୍ ଡ୍ରାଇଭ ରିଭୋଲ୍ୟୁସସନ ଇନ୍ ଇନୋଭେଟିଭ୍ ଭେଇକିଲ୍ ଏନ୍‌ହାନ୍ସମେଣ୍ଟ) ସ୍କିମ୍‌ରେ ଗ୍ରାହକଙ୍କୁ ସବ୍‌ସିଡି ସୁବିଧା ଉପଲବ୍ଧ ହେଉଛି। ଦୁଇ ଚକିଆ ଇ-ଯାନ ପାଇଁ ମୋଟ ୧୭୭୨ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି। କିନ୍ତୁ ଏଥିରୁ ୧୨୫୯.୯୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରୁ ଜଣାଯାଇଛି ଯେ ଦୁଇ ଚକିଆ ଇ-ଯାନ ଟାର୍ଗେଟ୍ ପୂର୍ବର ୧.୪ ନିୟୁତରୁ ୨.୪୮ ନିୟୁତକୁ ବୃଦ୍ଧି କରାଯାଇଛି। ସେହିଭଳି ଇ-ରିକ୍ସା ଓ ଇ-କାଟ୍ର କ୍ଷେତ୍ରରେ ପୂର୍ବରୁ ଟାର୍ଗେଟ୍ ୩୬,୪୬୨ ଥିବାବେଳେ ସଂପ୍ରତି ତାହାକୁ ୩୯,୦୩୪କୁ ବୃଦ୍ଧି କରାଯାଇଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦ ଲକ୍ଷ ଦୁଇ ଚକିଆ ଇ-ଯାନ ବିକ୍ରି କରାଯାଇଛି। କିନ୍ତୁ ଇ-ରିକ୍ସା ଓ ଇ-କାର୍ଟ କ୍ଷେତ୍ରରେ ସଫଳତା ନଗଣ୍ୟ ଅର୍ଥାତ୍ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ୧୦ ପ୍ରତିଶତରୁ କମ୍ ରହିଛି। ସୂଚନା ଯୋଗ୍ୟ ଦୁଇ ଚକିଆ ଇ-ଯାନ ଏବଂ ଇ-ରିକ୍ସା କ୍ଷେତ୍ରରେ କ୍ରେତାଙ୍କୁ କିଲୋୱାଟ୍ ପିଛା ୨୫୦୦ ଟଙ୍କାର ସବ୍‌ସିଡି ମିଳିଥାଏ।

# ଏଲପିଜି ପରେ ଇଲେକ୍ଟ୍ରୋନିକ୍ସ ବଜାର ପ୍ରଭାବିତ



ନୂଆଦିଲ୍ଲୀ,୨୮।୩: ଏଲପିଜି ସଙ୍କଟ ଭିତରେ ଜନତାଙ୍କୁ ବହୁ ଜଲଦି ଆଉ ଏକ ଝଟକା ଲାଗିବାକୁ ଯାଉଛି। ପଶ୍ଚିମ ଏସିଆରେ ଚାଲୁଥିବା ଏହି ଯୁଦ୍ଧ ଯୋଗ ବର୍ତ୍ତମାନ ଭାରତର ଘରୋଇ ଇଲୋକ୍ଟ୍ରୋନିକ ବଜାର ପ୍ରଭାବିତ ହେବାକୁ ଯାଉଛି। ଯାହାଫଳରେ ବହୁ ଜଲଦି ସମସ୍ତ ଇଲୋକ୍ଟ୍ରୋନିକ ଉତ୍ପାଦ ଅର୍ଥାତ୍ ଏସି, ଟିଭିଠୁ ନେଇ ୱାସିଂମେସିନ ଯାଏ ଦର ବଢିବାକୁ ଯାଉଛି। ରିପୋର୍ଟ ମୁତାବକ, ଦେଶର ରାଜଧାନୀ ଦିଲ୍ଲୀରେ ଥିବା ଏସିଆର ସର୍ବ ପୁରାତନ ଇଲେକ୍ଟ୍ରୋନିକ ବଜାର ଓଲ୍ଡ ଲାଜପତ ରାୟ ବଜାରରେ ସମସ୍ୟ ଇଲେକ୍ଟ୍ରୋନିକ ପ୍ରଡକ୍ଟ ଆକାଶ ଛୁଆଁ ଦରରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ବଜାରର ଅଧ୍ୟକ୍ଷ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏହି ଯୁଦ୍ଧରେ କେବଶଳ ଯେଉଁମାନେ ସାମିଲ ରହିଛନ୍ତି ସେମାନଙ୍କ ଉପରେ ପ୍ରଭାବ ପଡିନାହିଁ। ଏହାର ସିଧାସଳଖ ପ୍ରଭାବ ଆମ ଉପରେ ପଡୁଛି। କାରଣ ଭାରତ ଏବେବି ଇଲେକ୍ଟ୍ରୋନିକ ଉତ୍ପାଦରେ ଲାଗୁଥିବା ଚିପ୍‌ସେଟ୍ ଆମଦାନି କରିଥାଏ। କିନ୍ତୁ ବର୍ତ୍ତମାନ ଯୁଦ୍ଧ ପାଇଁ ଏହାକୁ ଆମଦାନୀ କରିବା ସହଜ ହୋଇ ରହିନାହିଁ। ଯାାହଫଳରେ ସମସ୍ତ ଇଲେକ୍ଟ୍ରିକାଲ ଉତ୍ପାଦ ଗୁଡିକର ଦର ବଢ଼ାଇବାକୁ ପଡିଛି। ପ୍ରଥମେ ଚାଇନା, ତାଇୱାନ ଓ ଦୁବାଇରୁ ମାଲ୍ ମଗାଇବାର ଆବଶ୍ୟକତା ରହିଥିଲେ କଣ୍ଟେନର ପିଛା ୨ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲା। କିନ୍ତୁ ଯୁଦ୍ଧ ଯୋଗୁଂ ବର୍ତ୍ତମାନ ଏହି ଦର କଣ୍ଟେନର ପିଛା ୩ ଲାକ୍ଷ ଟଙ୍କା ପହଞ୍ଚିଛି। ଏଣୁ ଏହି ଅତିରିକ୍ତ ଖର୍ଚ୍ଚର ବିଲ୍ ସାଧାରଣ ଉପଭୋକ୍ତାଙ୍କ ଉପରେ ପଡିବାକୁ ଯାଉଛି। ଏହାଛଡା ମଧ୍ୟ ପ୍ରାଚ୍ୟରୁ ଆମଦାନି ହେଉଥିବା ଇଲେକ୍ଟ୍ରୋନିକ କମ୍ପୋନେଟ୍ ବର୍ତ୍ତମାନ ଏକ ପ୍ରକାର ଠପ୍ ହୋଇଯାଇଛି। ଏହାଛଡା ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରେ ଭାରତର ପାଖାପାଖି ୪.୫ ବିଲିୟନ ଡଲାରର ଇଲେକ୍ଟ୍ରୋନିକ କମ୍ପୋନେଟ ଅଟକି ରହିଛି। ବର୍ତ୍ତମାନ ଏହି ବଜାରରେ ଟିଭି ଦରରେ ବ୍ୟପକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବଜାରରେ ବର୍ତ୍ତମାନ ପ୍ଲାଷ୍ଟିକ୍ ପେଲେଟ୍ ଓ ତମ୍ବା ଦରରେ ଜବରଦସ୍ତ ପରିବର୍ତ୍ତନ ଦେଖିବାକୁ ମିଳିଛି। ଯାହାଫଲରେ ଏସି, ଟିଭି ଓ ୱାସିଂମେସିନ ଉପରେ ଏହାର ବଡ ପ୍ରଭାବ ପଡିବାକୁ ଯାଉଛି। ଯଦି ଏହି ଯୁଦ୍ଧ ଆଗକୁ ସମାନ ଢଙ୍ଗରେ ଜାରି ରୁହେ ତେବେ ଏହି ସବୁ ସାମଗ୍ରୀ ଗୁଡିକର ଦରରେ ୧୦ରୁ ୧୫ ପ୍ରତିଶତର ଅଭିବୃଦ୍ଧି ପ୍ରକାସ ପାଇବ।

# ରୁଷକୁ ବାଧୁଛି ଯୁଦ୍ଧ ଖର୍ଚ୍ଚ, ୨୫ ବର୍ଷ ପରେ ଆରମ୍ଭ କଲା ସୁନା ବିକ୍ରି



ନୂଆଦିଲ୍ଲୀ, ୨୮।୩:ନିଅଣ୍ଟିଆ ବଜେଟ ଏବଂ ଲଗାତାର ବଢୁଥିବା ସୈନ୍ୟ ଖର୍ଚ୍ଚର ଚାପକୁ ନେଇ ଚିନ୍ତାରେ ରୁଷ। ଏମିତିରେ ଏହାର ସମାଧାନ ପାଇଁ ରୁଷ ନିଜର କେନ୍ଦ୍ରୀୟ ବ୍ୟାଙ୍କର ଭଣ୍ଡାରରୁ ସୁନା ବିକ୍ରି କରିବା ଆରମ୍ଭ କରିଛି। ବଡ଼ କଥା ହେଲା ଗତ ୨୫ ବର୍ଷରେ ଏହା ପ୍ରଥମ ଥର, ଯେତେବେଳେ ରୁଷ ଏଭଳି କୌଣସି ପଦକ୍ଷେପ ନେଇଛି। ରିପୋର୍ଟ ଅନୁସାରେ, ଦୀର୍ଘ ଦିନରୁ ଲାଗି ରହିଥିବା ଯୁଦ୍ଧ ଯୋଗୁ ରୁଷର ସୈନ୍ୟ ଖର୍ଚ୍ଚ ବଢ଼ିଛି। ଫଳରେ ଏହାର ସିଧାସଳଖ ପ୍ରଭାବ ସରକାରୀ ଅର୍ଥ ଉପରେ ଚାପ ପକାଇଛି। ତେଣୁ ଏହାର ସମାଧାନ ପାଇଁ ଏବେ ରୁଷୀୟ ସରକାରଙ୍କୁ ସୁନା ଏବଂ ବିଦେଶୀ ମୁଦ୍ରା ଭଣ୍ଡାରର ସହଯୋଗ ନେବାକୁ ପଡୁଛି। ଏହାଦ୍ୱାରା ବଜେଟ ନିଅଣ୍ଟକୁ ନିୟନ୍ତ୍ରିତ କରାଯାଇପାରିବ। ସେପଟେ ଲଗାତାର ବିକ୍ରି କାରଣରୁ ରୁଷର ଗୋଲ୍ଡ ରିଜର୍ଭ ଏବେ ଗତ ୪ ବର୍ଷର ସବୁଠୁ ନିମ୍ନ ସ୍ତରରେ ପହଞ୍ଚିଛି। ଏହା ଏକ ସଙ୍କେତ ଯେ, ରୁଷ ଉପରେ ଆର୍ଥିକ ଚାପ ଅଧିକ ହେଉଛି ଆଉ ସରକାରଙ୍କୁ ନିଜ ସୁରକ୍ଷିତ ଭଣ୍ଡାରକୁ ମଧ୍ୟ ବ୍ୟବହାର କରିବାକୁ ପଡୁଛି। ତଥ୍ୟ ଅନୁସାରେ, ୨୦୨୨ରୁ ୨୦୨୫ ମଧ୍ୟରେ ସୁନା ଏବଂ ବିଦେଶୀ ମୁଦ୍ରା ମିଶାଇ ୧୫ ଟ୍ରିଲିୟନ ରୁବଲ (ପ୍ରାୟ ୧୫୦ ବିଲିୟନ ଡଲାର)ରୁ ଅଧିକ ବିକ୍ରି ହୋଇଛି। ସେହିଭଳି ୨୦୨୬ର ପ୍ରଥମ ଦୁଇ ମାସରେ ହିଁ ଅତିରିକ୍ତ ୩.୫ ଟ୍ରିଲିୟନ ରୁବଲ (୩୫ ବିଲିୟନ ଡଲାର)ର ରିଜର୍ଭ (ଭଣ୍ଡାର) ବିକ୍ରି ହୋଇସାରିଛି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ରୁଷର ତଥ୍ୟ ଅନୁସାରେ, ୨୦୨୬ ଜାନୁଆରୀରେ ପ୍ରାୟ ୩ ଲକ୍ଷ ଆଉନ୍ସ ସୁନା ବିକ୍ରି ହୋଇଥିଲା। ଯେତେବେଳେକି ଫେବୃଆରୀ ୨ ଲକ୍ଷ ଆଉନ୍ସର ଅତିରିକ୍ତ ବିକ୍ରି କରାଯାଇଥିଲା। ଏହି ଦ୍ରୁତ ଗତିରୁ ପ୍ରମାଣ ମିଳୁଛି ଯେ, ଆର୍ଥିକ ଚାପ କମ୍ ହେବା ବଦଳରେ ବଢ଼ିବାରେ ଲାଗିଛି। ବିଶେଷଜ୍ଞଙ୍କ ଅନୁସାରେ, ରୁଷର ଏହି ପଦକ୍ଷେପ ବୈଶ୍ୱିକ ଅନିଶ୍ଚିତତା ଏବଂ ଘରୋଇ ଆର୍ଥିକ ଚାପ ମଧ୍ୟରେ ଦେଶ ଏହାର ଆର୍ଥିକ ରଣନୀତିରେ ବଡ଼ ପରିବର୍ତ୍ତନକୁ ଦର୍ଶାଉଛି। ଯାହାର ପ୍ରଭାବ ଆଗକୁ ଦେଶର ଅର୍ଥବ୍ୟବସ୍ଥା ଉପରେ ମଧ୍ୟ ପଡ଼ିପାରେ।

# ସପ୍ତାହକରେ ୧୦ ହଜାରରୁ ଅଧିକ କମିଛି ରୁପା ଦାମ



ନୂଆଦିଲ୍ଲୀ, ୨୮।୩:ଗତ ସପ୍ତାହ ଭଳି ଚଳିତ ସପ୍ତାହରେ ବି ସୁନା ଏବଂ ରୁପା ମୂଲ୍ୟ ହ୍ରାସ ପାଇଛି। ସୁନା ୧୦ ଗ୍ରାମ ପ୍ରତି ୪,୨୭୬ ଟଙ୍କା ହ୍ରାସ ପାଇ ୧ ଲକ୍ଷ ୪୩ ହଜାରରେ ପହଞ୍ଚିଛି। ଗତ ସପ୍ତାହରେ ଅର୍ଥାତ୍ ୨୦ ମାର୍ଚ୍ଚରେ ଏହା ୧ଲକ୍ଷ ୪୭ ହଜାର ଟଙ୍କା ଥିଲା। ଏହି ସମୟ ମଧ୍ୟରେ ରୁପା ମୂଲ୍ୟ କିଲୋଗ୍ରାମ ପ୍ରତି ୨ଲକ୍ଷ ୩୨ ହଜାର ଟଙ୍କାକୁ ହ୍ରାସ ପାଇ ୨ ଲକ୍ଷ ୨୧ ହଜାର ଟଙ୍କାରେ ପହଞ୍ଚିଛି। ଚଳିତ ସପ୍ତାହରେ ଏଥିରେ ୧୦,୭୧୭ ଟଙ୍କା ହ୍ରାସ ପାଇଛି। ନିବେଶ ପାଇଁ ସୁନା ସେଫ୍ ହେଭେନ ହୋଇ ନାହିଁ। ଇରାନ ସହିତ ଆମେରିକା-ଇସ୍ରାଏଲ ଯୁଦ୍ଧ ଯୋଗୁ ଅସ୍ଥିରତା ସୃଷ୍ଟି ହୋଇଥିବାରୁ ନିବେଶକମାନେ ସେମାନଙ୍କର ସୁନା ବିକ୍ରି କରି ଡଲାର(ନଗଦ) ସଂଗ୍ରହ କରୁଛନ୍ତି। ଫଳରେ ଡଲାର ଚାହିଦା ବୃଦ୍ଧି ପାଉଛି। ସୁନା ଓ ରୁପା ମୂଲ୍ୟ ହ୍ରାସ କମୁଛି। ଏପଟେ ଡଲାର ଚାହିଦା ବଢ଼ିବା ସହ ମୂଲ୍ୟ ବଢ଼ିବାରୁ ଡଲାର ତୁଳନାରେ ଭାରତୀୟ ମୁଦ୍ରାରେ ମୂଲ୍ୟ ରାସାତଳକୁ ଗଲାଣି। ବର୍ତ୍ତମାନ ଗୋଟିଏ ଡଲାର ମୂଲ୍ୟ ୯୪. ୮୬ ପଇସା ହୋଇଛି। ଏହି ବର୍ଷ ସୁନା ଏବଂ ରୁପା ମୂଲ୍ୟରେ ଅପଡାଉନ ଜାରି ରହିଛି। ୩୧ ଡିସେମ୍ବର ୨୦୨୫ ରେ ସୁନା ମୂଲ୍ୟ ୧.୩୩ ଲକ୍ଷ ଟଙ୍କା ଥିଲା ଏବଂ ଜାନୁଆରୀ ୨୯ ରେ ଏହା ସର୍ବାଧିକ ୧.୭୬ ଲକ୍ଷ ଟଙ୍କାରେ ପହଞ୍ଚି ଥିଲା। ସେବେଠାରୁ ଏପର୍ଯ୍ୟନ୍ତ ସୁନା ୩୩,୧୭୯ ଟଙ୍କା ହ୍ରାସ ପାଇଛି। ଏହି ସମୟ ମଧ୍ୟରେ ୩୧ ଡିସେମ୍ବର ୨୦୨୫ ସୁଦ୍ଧା ରୁପାର ମୂଲ୍ୟ ୨.୩୦ ଲକ୍ଷ ଟଙ୍କା ଥିଲା ଏବଂ ଜାନୁଆରୀ ୨୯ରେ ଏହା ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ସେବେଠାରୁ ୫୭ ଦିନ ମଧ୍ୟରେ ରୁପା ୧.୬୪ ଲକ୍ଷ ଟଙ୍କା ଶସ୍ତା ହୋଇଛି। ଭାରତୀୟ ପରିବାର ପାଖରେ ଥିବା ସୁନାର ମୋଟ ମୂଲ୍ୟ ୫ ଟ୍ରିଲିୟନ ଡଲାର (୪୫୦ ଲକ୍ଷ କୋଟି) ଅତିକ୍ରମ କରିଛି। ଏହି ସଂଖ୍ୟା ଦେଶର ଜିଡିପି ୪.୧ ଟ୍ରିଲିୟନ ଡଲାର କିମ୍ବା ୩୭୦ ଲକ୍ଷ କୋଟି ଟଙ୍କା ଠାରୁ ଅଧିକ। ମୋର୍ଗାନ୍ ଷ୍ଟାନଲି ରିପୋର୍ଟ ଅନୁଯାୟୀ, ଭାରତୀୟ ପରିବାର ପାଖରେ ପ୍ରାୟ ୩୪,୬୦୦ ଟନ୍ ସୁନା ଅଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୮୯୦ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୬୫୦ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୪,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୬,୮୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୪,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୭,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୪,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୮୯୦ ଓ ୧,୩୪,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

## ସୁଭଦ୍ରା ଶକ୍ତି ମେଳାର ପଞ୍ଚମ ସନ୍ଧ୍ୟା



କେନ୍ଦ୍ରାପଡ଼ା,୨୮।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାର ପଞ୍ଚମ ସନ୍ଧ୍ୟା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖରିତ ହୋଇଉଠିଥିଲା। ସଙ୍ଗୀତ ଓ ଫ୍ୟାଶନ୍ ଶୋର ଆକର୍ଷଣୀୟ ପ୍ରଦର୍ଶନ ସହ ସମଗ୍ର ପରିବେଶ ଉତ୍ସବମୁଖର ହୋଇପଡ଼ିଥିଲା। ପ୍ରସିଦ୍ଧ ଗାୟିକା ଦୀପ୍ତି ରେଖା ପାଢ଼ୀଙ୍କ ସୁମଧୁର ସଙ୍ଗୀତ ପ୍ରସ୍ତୁତି ଦର୍ଶକମାନଙ୍କୁ ମନମୋହିତ କରିଥିଲା, ଯେତେବେଳେ ଫ୍ୟାଶନ୍ ଶୋ ମଞ୍ଚକୁ ଆହୁରି ଆକର୍ଷିତ କରିଥିଲା। ଏହି ସନ୍ଧ୍ୟାର କାର୍ଯ୍ୟକ୍ରମରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ସୁଜାତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ଉଦ୍‌ବୋଧନରେ ମହିଳା ସଶକ୍ତିକରଣ ସହିତ ଶିଶୁ ସୁରକ୍ଷାର ଗୁରୁତ୍ୱ ଉପରେ ଜୋର ଦେଇ, ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାଙ୍କ ଆତ୍ମନିର୍ଭରତାକୁ ପ୍ରଶଂସା କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ସୁଷମା ମହାନ୍ତି ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଉପସ୍ଥିତ ଥିଲେ।

ଏହା ସହିତ "ଲକ୍ଷପତି ଦିଦି" ପ୍ରୟାସ ଅଧୀନରେ ସଫଳତା କାହାଣୀ ଉପସ୍ଥାପିତ ହୋଇଥିଲା। ରାଜକନିକା ବ୍ଲକର 'ଜୟ ହନୁମାନ' ଉତ୍ପାଦକ ଗୋଷ୍ଠୀର ସଦସ୍ୟା ସମ୍ପ୍ରତି ବେହେରା (ପାଉଁରୁଟି ଓ ବିସ୍କୁଟ ପ୍ରସ୍ତୁତି) ଏବଂ ପଟ୍ଟାମୁଣ୍ଡାଇ ବ୍ଲକର 'ତ୍ର୍ୟମ୍ବକେଶ୍ୱର' ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମମତା ନାଥ ଶର୍ମା (ଖାଦ୍ୟ ପ୍ରକ୍ରିୟାକରଣ) ତାଙ୍କ ଅଭିଜ୍ଞତା ସହଭାଗ କରିଥିଲେ, ଯାହା ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାଦାୟକ ହୋଇଥିଲା।

ମେଳାରେ ଦର୍ଶକମାନଙ୍କର ବିପୁଳ ଭିଡ଼ ଦେଖାଯାଇଥିଲା ଏବଂ ସମଗ୍ର ପରିବେଶ ଉତ୍ସବମୟ ହୋଇଯାଇଥିଲା।

## ଯଶୁଆପୁର ମହୋତ୍ସବ ଉଦ୍‌ଯାପିତ



ବାଲିଅନ୍ତା,୨୮।୩ (ସଂଚାର ବ୍ୟୁରୋ):ବାଲିଅନ୍ତା ବ୍ଲକ ଅଧୀନ ଯଶୁଆପୁର ଗ୍ରାମର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାକୁ ଜନମାନସରେ ଉଜ୍ଜିବିତ କରିବା ଓ ପରସ୍ପର ଭିତରେ ଭାଇ ଚାରା ବୃଦ୍ଧି କରିବା ଲକ୍ଷ୍ୟରେ '୯ମ ଯଶୁଆପୁର ମହୋତ୍ସବ' ଉଯାପାନି ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପରିଷଦର ସଭାପତି ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଚିତ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ାବିତ୍ ଦ୍ୟୁତି ଚାନ୍ଦ, ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଭାପତି ଐଶରା ବିଶ୍ୱାଳ, ମାର୍ଫେଡ ଅଧ୍ୟକ୍ଷା କବିତା ପରିଡ଼ା, ଡାକ୍ତର ମଧୁମିତା ଦେଇ, ଡାକ୍ତର ଝିଲୀରାଣି ପାଢ଼ୀ, ଯୁବ ଉଦ୍ୟୋଗୀ ସଞ୍ଜୟ ମହାନ୍ତି, ଶିକ୍ଷାବିତ୍ ପ୍ରମୋଦ ପାଢ଼ୀ, ସମାଜସେବୀ ସନ୍ଦୀପ ପ୍ରଧାନ, ସମାଜସେବୀ ପ୍ରଦୀପ କୁମାର ମହାନ୍ତି, ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବର ଶୁଭାରମ୍ଭ କରାଯାଇଛି। ମହୋତ୍ସବ ପଡ଼ିଆରେ ପାରମ୍ପରିକ ଶଙ୍ଖଧ୍ୱନି ଓ ହୁଳହୁଳି ମଧ୍ୟରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଜ୍ଞାନ ଲକ୍ଷ୍ମୀ କଳା ପ୍ରତିଷ୍ଠାନ ପକ୍ଷରୁ ଗୋଟି ପୁଅ ନୃତ୍ୟ ଓ କଣ୍ଠ ଶିଳ୍ପୀ ଜୟଶ୍ରୀ ଧଳ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ପରିବେଷିତ ସଙ୍ଗୀତ ଦର୍ଶକମାନଙ୍କୁ ମନ ମୋହିଥିଲା । କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ କରିଥିବା ବେଳେ ତପନ ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ । ସନ୍ଧ୍ୟାରେ ଯଶୁଆପୁରର ଆଧ୍ୟାତ୍ମିକ ପରିବେଶ ଓ ସାଂସ୍କୃତିକ ଗାରିମା ଉଜ୍ଜୀବିତ ହୋଇଉଠିଥିଲା।

## କାନମାସ ତରଫରୁ ବିଶ୍ୱ ନାଟ୍ୟ ଦିବସ




ପାରାଦ୍ୱୀପ,୨୮।୩ (ସଂଚାର ବ୍ୟୁରୋ): ବିଶ୍ୱ ନାଟ୍ୟ ଦିବସ ଅବସରରେ ବନ୍ଦର ନଗରୀ ପାରାଦୀପର ଅଗ୍ରଣୀ ଅନୁଷ୍ଠାନ କାନମାସ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଏକ ସଭା ଓ ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବନ୍ଦର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ବିଭୂତି ଭୂଷଣ ଦାସ ଓ ପାରାଦୀପ ମ୍ୟୁନିସିପାଲିଟୀର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦାନ କରି ବିଶ୍ୱ ନାଟ୍ୟ ଦିବସ ଉପରେ ଆଲୋକପାତ କରିଥିଲେ । ଡକ୍ଟର ଦାସଙ୍କୁ ଜଣେ ଉତ୍କୃଷ୍ଟ କଳାକାର ଭାବରେ କାନମାସ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । କାନମାସର ସମ୍ପାଦକ ଶ୍ରୀମନ୍ ନାରାୟଣ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଦସ୍ୟ ସୁକାନ୍ତି ମିର୍ଦ୍ଧା ବିଶ୍ୱ ନାଟ୍ୟ ଦିବସ ଅବସରରେ ବିଶ୍ୱର ଅନ୍ୟତମ ନାଟ୍ୟକାର ତଥା କଳାକାର ଉଇଲିଅମ ଡାଫଙ୍କ ବାର୍ତ୍ତାକୁ ପଢ଼ିଥିଲେ । କାନମାସରେ ଶିକ୍ଷା ଗ୍ରହଣ କରିଥିବା କିଛି ଶିଶୁ କଳାକାର ମାନେ ସେମାନଙ୍କର କଳାକୁ ପ୍ରଦର୍ଶନ କରିଥିଲେ ଓ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସଦ୍ୟ ଦିଲ୍ଲୀ ଠାରେ ସମାପ୍ତ ହୋଇଥିବା ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଭାରତ ରଙ୍ଗ ମହୋତ୍ସବରେ ଭାଗ ନେଇଥିବା କାନମାସର କଳାକାର ମାନଙ୍କର ପ୍ରମାଣପତ୍ରକୁ ଅତିଥି ମାନେ ସେମାନଙ୍କୁ ପ୍ରଦାନ କରିଥିଲେ । ବିଶ୍ୱ ନାଟ୍ୟ ଦିବସର ଅତିଥି ମାନେ ସେମାନଙ୍କର ବକ୍ତବ୍ୟରେ କହିଥିଲେ କି ନାଟକ ବଞ୍ଚିଛି ଯାହାକି ଆଜି ପେଶା ବଦଳରେ ନିଶା ହୋଇଯାଇଛି ଆଉ ଏହି ନିଶା ଆଗାମୀ ପିଢ଼ିକୁ ଏକ ଭିନ୍ନ ରାସ୍ତା ଦେଖାଇବ । ଶେଷରେ କାନମାସର ଅନ୍ୟତମ ସଦସ୍ୟା ନୀଳିମା ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

### ସମ୍ ହସ୍ପିଟାଲ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

## ଦେଶର ୪୦ ପ୍ରତିଶତ ଯକ୍ଷ୍ମାରୋଗୀ ଲକ୍ଷଣବିହୀନ

ଭୁବନେଶ୍ୱର,୨୮।୩ (ସଂଚାର ବ୍ୟୁରୋ):ଦେଶର ୪୦ ପ୍ରତିଶତ ବ୍ୟକ୍ତି ଯକ୍ଷ୍ମା ରୋଗରେ ପୀଡ଼ିତ ଥିବା ବେଳେ ସେମାନଙ୍କ ଠାରେ କୌଣସି ଲକ୍ଷଣ ଦେଖାଦେଉ ନଥିବାରୁ ସେମାନଙ୍କ ଚିକିତ୍ସା ସମ୍ଭବପର ହେଉ ନାହିଁ। ଏଥି ସହିତ ଏହି ରୋଗକୁ ଏକ ସାମାଜିକ କଳଙ୍କ ବୋଲି ଅନେକ ଭ୍ରାନ୍ତ ଧାରଣା ରହିଥିବାରୁ ପୀଡ଼ିତ ବ୍ୟକ୍ତି ଚିକିତ୍ସା ପାଇଁ ଆଗଭର ହେଉ ନାହାଁନ୍ତି। ତେବେ ଉପଯୁକ୍ତ ଚିକିତ୍ସା ଦ୍ୱାରା ଯକ୍ଷ୍ମା ନିରାକରଣ ହୋଇପାରିବ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ (ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ) ର ପିଜି ଡିପାର୍ଟମେଣ୍ଟ ଅଫ୍ ପଲ୍‌ମୋନାରି ମେଡିସିନ୍ ବିଭାଗ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ପରିପ୍ରେକ୍ଷୀରେ ଆୟୋଜିତ ସିଏମଇରେ ଶନିବାର ବିଶେଷଜ୍ଞମାନେ ମତ ଦେଇଛନ୍ତି।




ଏହି କାର୍ଯ୍ୟକ୍ରମରେ ପୁରୀ ସ୍ଥିତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପଲମୋନାରୀ ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ସୁଦର୍ଶନ ପୋଥାଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କହିଥିଲେ ଯେ ଯଦିଓ ଆମ ସମାଜରେ ଆଜି ବି ଏହାକୁ ଏକ ସାମାଜିକ କଳଙ୍କ ଭାବେ ବିବେଚନା କରାଯାଉଛି ତେବେ ଏହାର ଲକ୍ଷଣକୁ ନ ଲୁଚାଇ ଉପଯୁକ୍ତ ଚିକିତ୍ସା କରାଇବା ସହ ଔଷଧ ସେବନ କଲେ ରୋଗୀଟି ଆରୋଗ୍ୟ ଲାଭ କରିପାରିବ। ଯକ୍ଷ୍ମା ମୁକ୍ତ ଭାରତ ନିମନ୍ତେ ସାମାଜିକ ସ୍ତରରେ ସଚେତନତାର ଆବଶ୍ୟକତା ରହିଥିବା ସେ କହିଥିଲେ।

ଏହି ପରିପ୍ରେକ୍ଷୀରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯକ୍ଷ୍ମା ରୋଗର ଚିହ୍ନଟ ସହିତ ସେମାନଙ୍କୁ କିପରି ସଠିକ୍ ଭାବରେ ଚିକିତ୍ସା ପ୍ରଦାନ କରାଯାଇପାରିବ ସେଥି ନିମନ୍ତେ ସମ ହସ୍ପିଟାଲରେ ଖୁବ ଶୀଘ୍ର ଏକ ମଲ୍ଟି ଡ୍ରଗ୍ ରେଜିଷ୍ଟାନ୍ସ ଟିବି ୱାର୍ଡ଼ ଆରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ।

ଚଳିତ ବର୍ଷର ଥିମ୍ 'ୟେସ ! ୱି କ୍ୟାନ୍ ଏଣ୍ଡ ଟିବି: 'ଲିଡ୍ ବାଏ କନ୍‌ଟ୍ରିଜ୍, ପାୱାର୍ଡ଼ ବାଏ ପିପଲ'ର ମୂଳ ଉଦ୍ଦେଶ୍ୟ ବିଷୟରେ ସେ ବ୍ୟାଖ୍ୟା କରିଥିଲେ।

ସେହିପରି କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମ ଓ ଉପଯୁକ୍ତ ପନ୍ଥା ପ୍ରସ୍ତୁତ କରାଗଲେ ଟିବି ହାରିବ ଓ ଦେଶ ଜିତିବ ବୋଲି କହିଥିଲେ। ସେହିପରି ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଆଡିସ୍‌ନାଲ୍ ଡିନ୍ ପ୍ରଫେସର (ଡାକ୍ତର) ପ୍ରକାଶ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଡାକ୍ତର ପୋଥାଳ ଟିବି ଓ ଲାଟେନ୍‌ଟ ଟିବି କିଭଳି ଜଣେ ରୋଗୀ ପାଇଁ କ୍ଷତିକାରକ ତାହା ବର୍ଣ୍ଣନା କରିବା ସହ ଏହାର ନିରାକରଣ କରିବା ନିମନ୍ତେ ଉପଯୁକ୍ତ ଚିକିତ୍ସା ଓ ପଦକ୍ଷେପ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।

ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ପିଜି ଡିପାର୍ଟମେଣ୍ଟ ଅଫ୍ ପଲ୍‌ମୋନାରୀ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର (ଡକ୍ଟର) ବନାନୀ ଜେନା ଯକ୍ଷ୍ମା ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ ଓ ଉପଯୁକ୍ତ ଚିକିତ୍ସା ଦ୍ୱାରା ରୋଗୀ ସୁସ୍ଥ ହୋଇପାରିବ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଷ୍ଟେଟ ଟିବି ଅଫିସର ଡାକ୍ତର ଅର୍ଘ୍ୟ ପ୍ରଧାନ, ହସ୍ପିଟାଲ୍‌ର ସମସ୍ତ ବିଭାଗର ଡାକ୍ତର, ନର୍ସ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପଲ୍‌ମୋନାରୀ ମେଡିସନ୍ ବିଭାଗର ପ୍ରଫେସର (ଡାକ୍ତର) ରାଖି ଲୁଦାମ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆସୋସିଏଟ୍ ପ୍ରଫେସର (ଡାକ୍ତର) ପ୍ରତୀମ୍ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ବୈଜ୍ଞାନିକ ଆଲୋଚନାଚକ୍ର ମଧ୍ୟ ଆୟୋଜନ କରାଯିବା ସହିତ ଏଥିରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଇମ୍ଫା ଫାଉଣ୍ଡେସନ ତରଫରୁ ସ୍ୱାସ୍ଥ୍ୟ ଶିବିର




ଯାଜପୁର,୨୮।୩ (ସଂଚାର ବ୍ୟୁରୋ): ଇମ୍ଫା ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱ ବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଯଖପୁରା ପଂଚାୟତ ଅନ୍ତର୍ଗତ ବାଲୁଙ୍ଗାବନ୍ଧୀ ପ୍ରୋଜେକ୍ଟ ୟୁ.ପି. ସ୍କୁଲ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟସେବା ଶିବିରକୁ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଶ୍ରୀ ହଳଧର ନାୟକ, ପଞ୍ଚାୟତର ବରିଷ୍ଠ ନାଗରିକ ଶ୍ରୀଯୁକ୍ତ ଗଣେଶ୍ୱର ସାହୁ, ଇମ୍ଫା କଳିଙ୍ଗନଗରର ମାନବ ସମ୍ବଳ ବିଭାଗର ଜି.ଏମ. ଶ୍ରୀଯୁକ୍ତ ଜି.ଏସ.ପି ରାଓ ଏବଂ ଦାନଗଦି ବ୍ଲକ ସି.ଏଚ. ସିର ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ, ଡକ୍ଟର ଜ୍ୟୋତି ମହାପାତ୍ର ଉଦଘାଟନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅଞ୍ଚଳର ସମାଜସେବୀ, ଶ୍ରୀ ରାକେଶ ଆଇଚ ଓ ଶ୍ରୀ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ଇମ୍ଫା ତରଫରୁ ଲୋକ ସମ୍ପର୍କ ବିଭାଗର ଡି.ଜି.ଏମ. ଶ୍ରୀ ବାସୁଦେବ ମୁଣ୍ଡା ଏବଂ ଶ୍ରୀ ପ୍ରିୟବ୍ରତ କେଶି ପ୍ରମୁଖ ଯୋଗଦେଇଥିଲେ । ଅତିଥି ମାନେ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ଏବଂ ଇମ୍ଫାର ଏତାଦୃଶ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ଅଞ୍ଚଳରେ ଏହିଭଳି କାର୍ଯ୍ୟକ୍ରମ ପାଇଁ ଅଞ୍ଚଳବାସୀଙ୍କ ତରଫରୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ଇମ୍ଫା କଳିଙ୍ଗନଗରର ମାନବ ସମ୍ବଳ ବିଭାଗର ଜି.ଏମ. ଶ୍ରୀଯୁକ୍ତ ଜି.ଏସ.ପି ରାଓ ଫାଉଣ୍ଡେସନ ତରଫରୁ ଅଞ୍ଚଳରେ ଚାଲୁଥିବା କନ୍ୟା ଏକ୍ସପ୍ରେସ, ଇ-ଶିକ୍ଷା ଏକ୍ସପ୍ରେସ ଏବଂ ନାରୀ ସଶକ୍ତିକରଣ କାର୍ଯ୍ୟକ୍ରମ ଅଞ୍ଚଳରେ ବିକାଶଧାରକୁ ତ୍ୱରାନିତ୍ୱ କରିବ ବୋଲି କହିଥିଲେ । ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ସ୍ତ୍ରୀ ରୋଗ ବିଶେଷଜ୍ଞ, ଡକ୍ଟର ଜ୍ୟୋତି ମହାପାତ୍ର, ଶିଶୁରୋଗ ବିଭାଗର ଡକ୍ଟର ପ୍ରୟାଗଜିତ ରାଉତରାୟ ଓ ଭେଷଜ ବିଭାଗର ଡକ୍ଟର ସାଇ ସିକନ ଜେନା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଚିକିତ୍ସା କରିଥିଲେ । ଏହି ସ୍ୱାସ୍ଥ୍ୟସେବା ଶିବିରରେ ସ୍ଥାନୀୟ ବାଲୁଙ୍ଗାବନ୍ଧୀ ଏବଂ ଅଁଳାପାଲ ଗ୍ରାମର ପ୍ରାୟ ୨୩୩ ଜଣ ଲୋକଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ସହିତ ମାଗଣାରେ ଔଷଧ ବଣ୍ଟାଯାଇଥିଲା । ଶିବିରକୁ ଶ୍ରୀ ସୁଜିତ କୁମାର ରାଉତ, ଇମ୍ଫା ଲୋକସମ୍ପର୍କ ଅଧିକାରୀ ଓ ଫାଉଣ୍ଡେସନର ମ୍ୟାନେଜର ଶ୍ରୀ ଆଶିଷ ଦାସ ପରିଚାଳନା କରିଥିଲେ। ଏହି ସ୍ୱାସ୍ଥ୍ୟଶିବିରରେ ଫାଉଣ୍ଡେସନର ପ୍ରୋଗ୍ରାମ ଅଫିସର ଶ୍ରୀମତୀ ସୁପ୍ରଭା ପ୍ରଧାନ, ଶ୍ରୀ ମହାମାୟା ମହାଦେବ ପାଳ ପ୍ରମୁଖ ସହଯୋଗ କରିଥିଲେ ।

### ଫୁଲବାଣୀ ଓକିଲ ସଂଘର ନିର୍ବାଚନ

## ଭଗବାନ ସଭାପତି ଓ ପୂର୍ଣ୍ଣ ସମ୍ପାଦକ

ଫୁଲବାଣୀ,୨୮।୩ (ସଂଚାର ବ୍ୟୁରୋ): ଓଡିଶା ଷ୍ଟେଟ ବାର କାଉନ୍ସିଲର ନିର୍ଦ୍ଦେଶ କ୍ରମେ ସମଗ୍ର ଓଡିଶାରେ ପ୍ରତ୍ୟେକ ଓକିଲ ସଂଘର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଫୁଲବାଣୀ ଓକିଲ ସଂଘର ନିର୍ବାଚନ ପାଇଁ ମଧ୍ଯ ନାମାଙ୍କନ ପତ୍ର ଦାଖଲ ପାଇଁ ସମୟ ଧାର୍ଯ୍ଯ ହୋଇଥିଲା । ଠିକ୍ ସମୟରେ ସମସ୍ତ ପ୍ରତିଦ୍ୱନ୍ଦ୍ୱୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଆଜି ଫୁଲବାଣୀ ଓକିଲ ସଂଘର ନିର୍ବାଚନ ଫଳାଫଳ ପ୍ରକାଶିତ ହୋଇଛି। ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଭଗବାନ ମହାନ୍ତି ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି। ସେହିପରି ଅନ୍ୟ ମାନେ ଯଥା ଉପସଭାପତି ଭାବେ ଜୟନ୍ତ କୁମାର ମହାନ୍ତି , ସହ ସମ୍ପାଦକ ଶ୍ରୀମତୀ ନମିତା ସାହୁ, ଲାଇବ୍ରେରୀ ସମ୍ପାଦକ ଭାବେ ମଧୁ ସୁଦନ ପଣ୍ଡା, କୋଷାଧ୍ଯକ୍ଷ ଭାବେ ଏଲ ସଞ୍ଜିତ ପାତ୍ର ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ଅଗସ୍ତି ଜାନି, ବୀଣାପାଣି ପ୍ରଧାନ, ବିରେନ୍ଦ୍ର କୁମାର ସୁବୁଦ୍ଧି, ବିଶ୍ୱଜିତ ପଟ୍ଟନାୟକ,ଚନ୍ଦ୍ର ଶେଖର ପରିଡା,ଦୁର୍ଗା ଶଙ୍କର ପଟ୍ଟନାୟକ,ଜୟନ୍ତୀ ପାଣିଗ୍ରାହୀ, କୃଷ୍ଣ ଚନ୍ଦ୍ର ସେନାପତି,ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ଅସୀମ ପ୍ରହରାଜ ଘୋଷଣା କରିଛନ୍ତି ।ନିର୍ବାଚନ ଫଳାଫଳ ପ୍ରକାଶ ପରେ ଫୁଲବାଣୀ ବାର ସଙ୍ଘର ପୂର୍ବତନ ସଭାପତି ଚନ୍ଦ୍ର ଶେଖର ପରିଡା ଓ ସମ୍ପାଦକ ବୀରେନ୍ଦ୍ର କୁମାର ସୁବୁଦ୍ଧି,ବରିଷ୍ଠ ଆଇନଜୀବୀ ବିଜୟ କୁମାର ମହାନ୍ତି ପ୍ରମୁଖ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏଥି ସହିତ ଆସନ୍ତା ସପ୍ତାହ ରେ ପୂର୍ବତନ କର୍ମକର୍ତ୍ତା ନୂତନ କର୍ମ କର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବେ ବୋଲି କହିଥିଲେ ।

## ନୀଳଗିରିରେ ଦୁଇଟି ବାର କାଉନସିଲ ନିର୍ବାଚନ ଫଳାଫଳ ଘୋଷଣା

ନୀଳଗିରି,୨୮।୩ (ସଂଚାର ବ୍ୟୁରୋ): ରାଜ୍ୟ ବାର୍ କାଉନସିଲର ନିର୍ଦ୍ଦେଶରେ ଆଜି ସମଗ୍ରରାଜ୍ୟରେ ସମସ୍ତ ଓକିଲ ସଂଘର ନିର୍ବାଚନ ଶେଷହୋଇଛି। ଅନୁରୂପଭାବେ ନୀଳଗିରିର ଉଭୟ ବାର୍ ର ନିର୍ବାଚନ ହୋଇଥିଲା। ତେବେ ପୂର୍ବରୁ ଉପଖଣ୍ଡବାର ର ସମସ୍ତ କର୍ମକର୍ତ୍ତା ତଥା ସଦସ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବାବେଳେ କେବଳ ଆନୁଷ୍ଠାନିକ ଘୋଷଣା ବାକିରହିଥିଲା। ଉପଖଣ୍ଡ ଓକିଲସଂଘରୁ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବି ଚିତ୍ତରଞ୍ଜନ ଷଡ଼ଙ୍ଗୀ ସଭାପତି ଏବଂ କିଶୋର କୁମାର ଦାସ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାବେଳେ ସଂଘର ଅନ୍ୟସମସ୍ତ ସଦସ୍ୟ ମଧ୍ୟ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। କାର୍ତ୍ତିକ କୁମାର ରାଉତ ନିର୍ବାଚନ ଅଧିକାରୀଭାବେ ପରିଚାଳନା କରିଥିଲେ।ମାତ୍ର ୫୫ସଦସ୍ୟ ବିଶିଷ୍ଟ ନୀଳଗିରି ଓକିଲ ସଂଘର ସଭାପତି ନିର୍ବାଚନରେ ପ୍ରତିଦ୍ୱନ୍ଦିତା ଦେଖିବାକୁ ମିଳିଥିଲା। ଏହି ନିର୍ବାଚନରେ ୪୯ଜଣ ଆଇନଜୀବୀ ଭୋଟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ମିହିର କୁମାର ରାଉତ ଏବଂ ସୁନୀଲ ବିଶ୍ୱାଳଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା ।ମିହିର କୁମାର ରାଉତ ୩୭ଖଣ୍ଡ ଭୋଟପାଇ ସଭାପତି ନିର୍ବାଚିତ ହୋଇଥିବା ବେଳେ ସୁନୀଲ କୁମାର ବିଶ୍ୱାଳ ମାତ୍ର ୧୨ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ସମ୍ପାଦକ ଭାବେ ଶୁଭେନ୍ଦ୍ର କୁମାର ବିଶ୍ୱାଳ, ଅନନ୍ତ ପ୍ରସାଦ ଉପସଭାପତି, ଶରତ କୁମାର ବେହେରା ସହସଂପାଦକ, କରୁଣାକର ସ୍ୱାଇଁ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟଭାବେ ନିବେଦିତା ଜେନା, ପ୍ରତିମା ମହାନ୍ତି, ରାଜଲକ୍ଷ୍ମୀ ପଟ୍ଟନାୟକ, ପ୍ରଶାନ୍ତ ରଣା ଓ ଶାନ୍ତନୁ କୁମାର ବିଶ୍ୱାଳ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

## ଏନଟିପିସି ଦର୍ଲିପାଲି ତରଫରୁ ଇଥିକାଲ ରିପୋର୍ଟିଂ ଉପରେ କର୍ମଶାଳା



ସୁନ୍ଦରଗଡ଼,୨୮।୩ (ସଂଚାର ବ୍ୟୁରୋ): ମାର୍ଚ୍ଚ ୨୮ ତାରିଖ ଶନିବାର ଏନଟିପିସି ଦର୍ଲିପାଲି ପ୍ରଶାସନିକ ଭବନ କଳିଙ୍ଗ ପ୍ରେକ୍ଷାଗୃହ ପରିସରରେ ଚତୁର୍ଥ ସ୍ତମ୍ଭଙ୍କ ପାଇଁ ଏକ ଓରିଏଣ୍ଟେସନ ପ୍ରୋଗ୍ରାମ କରିଥିଲେ । ଇଥିକାଲ ରିପୋର୍ଟିଙ୍ଗ ଉପରେ ଏକ ଦିନିକିଆ କର୍ମଶାଳା ଆୟୋଜନ କରି ସମସ୍ତ ଗଣ ମାଧ୍ୟମ ପ୍ରତିନିଧିଙ୍କ ପ୍ରିୟ ଭାଜନ ହୋଇଛି। ଏହି କର୍ମଶାଳାର ରିସୋର୍ସ ପର୍ସନ ଭାବେ ମିଡ଼ିଆ ଏକ୍ସପର୍ଟ ଶିଶିର ସିହ୍ନା ଯୋଗ ଦେଇ ଉପସ୍ଥିତ ସମସ୍ତ ମିଡ଼ିଆ ପର୍ସନଙ୍କ ସହିତ ବର୍ତ୍ତମାନର ମିଡ଼ିଆ ଜଗତ ରେ ହୋଇଥିବା ପରିବର୍ତ୍ତନ, ମିଡ଼ିଆର ସ୍ଥିତି ଓ ଲୋକଙ୍କ ଭରଷା କେତେ ସେ ନେଇ ବାସ୍ତବ ଚିତ୍ରର ମୂଲ୍ୟାୟନ କରିଥିଲେ। ଯେଉଁ ମାନେ ଏହି ଜଗତରେ ପାଦ ଦେଇଛନ୍ତି ବା ରିପୋର୍ଟିଂ କରିଛନ୍ତି ତାଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ମାପକ ଅଛି। ତାକୁ ପାଥେୟ କରି ସମ୍ବାଦ ପ୍ରଚାର ଓ ପ୍ରସାର କଲେ ତାହା ଜନ କଲ୍ୟାଣରେ ଆସିବ ଏବଂ ଏକ ସୁସ୍ଥ ତଥା ପ୍ରଗତି ଶୀଳ ବାତାବରଣ ସୃଷ୍ଟି ହେବ। ତେବେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ଆଇପିଆର ବା ଅନ୍ତର୍ଜାତୀୟ ପ୍ରେସ ନିୟମକୁ କାର୍ଯ୍ୟରେ ଲଗାଇବା ଉଚିତ। ତେବେ ଏହି ଶିବିରରେ ସୁନ୍ଦରଗଡ଼ ଜିଲ୍ଲା ଏବଂ ଝାରସୁଗୁଡ଼ା ଜିଲ୍ଲାର ପ୍ରତିନିଧି ମାନେ ଅଂଶ ଗ୍ରହଣ କରିଥିଲେ। ଏହି ଶିବିରକୁ ଅଧିକ ଋଧିମନ୍ତ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉତ୍ସାହିତ କରିବା ନେଇ ଏନଟିପିସି ଦର୍ଲିପାଲି ପ୍ରକଳ୍ପ ମୁଖ୍ୟ ତୟାବ, ଏଜିଏମ ରବିନ୍ଦ୍ର ଶର୍ମା, ଏଚ ଆର ମୁଖ୍ୟ ସଂଜୀବ କୁମାର ମିଂଜ୍ ପ୍ରମୁଖ ଯୋଗ ଦେଇଥିଲେ।

## ଶୁଦ୍ଧିକ୍ରିୟା ପାଇଁ ସହାୟତାର ହାତ ବଢ଼ାଇଲା ମା' ଗଡ଼ଚଣ୍ଡୀ ପୂଜା କମିଟି



ନୀଳଗିରି,୨୮।୩ (ସଂଚାର ବ୍ୟୁରୋ): ଜୈନିକ ଯୁବକ ଙ୍କ ଆକସ୍ମିକ ମୃତ୍ୟୁ ପରେ ତା ସ୍ତ୍ରୀ ପାଖରେ ଶୁଦ୍ଧି କ୍ରିୟା ପାଇଁ ଅର୍ଥ ନଥିବା ବେଳେ ସ୍ଥାନୀୟ ମା' ଗଡ଼ଚଣ୍ଡୀ ପୂଜା କମିଟି ସଦସ୍ୟ ସହଯୋଗ ହାତ ବଢ଼ାଇ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ।ସୂଚନାଯୋଗ୍ୟ ଔପଦା ବ୍ଲକ ଶ୍ୟାମସୁନ୍ଦର ପୁର ପଂଚାୟତ ଗୁଡ଼ିଖୁଲା ଗ୍ରାମରେ ଶଙ୍କରା ସିଂ(୪୭) କୀଡ଼ୀନି ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଛନ୍ତି।ପରିବାର ରେ ଏକୁଟିଆ ପର ଘରେକାମ କରି ଯେଉଁ ଅର୍ଥ ରୋଜଗାର କରୁଥିଲେ ସେଥିରେ ତାଙ୍କ ପରିବାର ର ୫ପ୍ରାଣୀ କୁଟୁମ୍ବ ଙ୍କୁ ପ୍ରତିପୋଷଣ କରୁଥିଲେ।ସଂସାର କହିଲେ ସ୍ତ୍ରୀ ସମ୍ବାରୀ (୩୫)୨ପୁତ୍ର ବୁଦୁ, କଟିନ ଓ ଏକମାତ୍ର ଝିଅ କଙ୍କନସମସ୍ତେ ନାବାଳକ ଅଟନ୍ତି। ଶଙ୍କରା ଙ୍କ ଏହିପରି ଅକାଳ ବିୟୋଗ ରେ ପରିବାର ସମ୍ପୂର୍ଣ୍ଣ ଅସହାୟ ହୋଇ ପଡିଛି।ସ୍ୱାମୀ ଙ୍କ ଶୁଦ୍ଧି କ୍ରିୟା କିପରି କରିବେ ସେ ନେଇ ପରିବାର ଲୋକେ ଚିନ୍ତା ରେ ରହିଥିଲେ। ତାଙ୍କପରିବାର ର ଦୁଃଖଦ ସମୟ ରେ ସ୍ଥାନୀୟ ମା' ଗଡ଼ଚଣ୍ଡୀ ପୂଜା କମିଟି ପକ୍ଷରୁ ଏକାଦଶାହ କ୍ରିୟା ନିମନ୍ତେ ମୃତ ଶଙ୍କରା ପରିବାର କୁ ଆର୍ଥିକ ସହାୟତା ଦେବା ସହିତ ଆଗାମୀ ଦିନରେ ଅନ୍ୟାନ୍ୟ ସହଯୋଗ କରାଯିବ ବୋଲି କମିଟି ପକ୍ଷରୁ ସୋମା ସିଂ, ପଦ୍ମଲୋଚନ ସରେନ, ପିତାମ୍ବର ସିଂ, ଦିଲ୍ଲୀପ ସରେନ, ଦାସ ଟୁଡୁ, ବୁଦ୍ଧିଆ ସିଂ, ବସନ୍ତ ସିଂ, ଅଜିତ ମାଝୀ, ନୁଁରିନ ମାଝୀ, ବଳିଆ ସିଂ, ବାଲିଆ ସରେନ, ଶିବ ହାଁସଦା, ବସନ୍ତ ସିଂ,ମୁଷୁ ମୁର୍ମୁ, ମୋହନ ମାଝୀ, ବାପୁନୁ ମାଝୀ, ଗଙ୍ଗାଧର ସିଂ ପ୍ରମୁଖ ଉପସ୍ଥିତ ରହି ପ୍ରତିଶୃତି ଦେଇଥିବା ଜଣାପଡିଛି।

## ବାରିପଦା ଓକିଲ ସଂଘ ନିର୍ବାଚନ ଫଳାଫଳ ଘୋଷିତ

### ଜ୍ୟୋତି ପ୍ରକାଶ ରଥ ସଭାପତି, ବିପ୍ଳବ ବାରିକ ସମ୍ପାଦକ

ବାରିପଦା,୨୮।୩ (ସଂଚାର ବ୍ୟୁରୋ): ଆଜି ବାରିପଦା ଓକିଲ ସଙ୍ଘ ର ନିର୍ବାଚନ ର ଫଳାଫଳ ଘୋଷିତ ହୋଇଯାଇଅଛି । ଘୋଷିତ ଫଳାଫଳ ଅନୁଯାୟୀ ସଭାପତି ଭାବେ ଜ୍ୟୋତି ପ୍ରକାଶ ରଥ ଏବଂ ସମ୍ପାଦକ ଭାବେ ବିପ୍ଳବ ବାରିକ ନିର୍ବାଚିତ ହୋଇଛନ୍ତି । ଜ୍ୟୋତି ପ୍ରକାଶ ରଥ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଙ୍କ ଠାରୁ 92 ଖଣ୍ଡ ଅଧିକ ଭୋଟ ପାଇ ବିଜୟଲାଭ କରିଥିବାବେଳେ ବିପ୍ଳବ ବାରିକ ତାଙ୍କର ନିକତମ ପ୍ରତିଦ୍ୱନ୍ଦ୍ୱୀ ଙ୍କ ଠାରୁ 178 ଖଣ୍ଡ ଅଧିକ ଭୋଟ ପାଇ ବିଜୟଲାଭ କରିଛନ୍ତି । ସେହିପରି ଉପ ସଭାପତି ଭାବେ ସତ୍ୟବ୍ରତ ଦାସ , ଯୁଗ୍ମ ସମ୍ପାଦଜ ଭାବେ ସ୍ୱରୂପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ( ଏଡମିନିଷ୍ଟ୍ରେଟିଭି) ପଙ୍କଜ କୁମାର ମହାକୁଡ଼, ଯୁଗ୍ମ ସମ୍ପାଦକ ( ଲାଇବ୍ରେରୀ ) କୃଷ୍ଣଚନ୍ଦ୍ର ମହାନ୍ତି, କୋଷାଧକ୍ଷ ପଦ୍ମଲୋଚନ ମହାନ୍ତ ନିର୍ବାଚିତ ହୋଇଥିବାବେଳେ କାଉନସିଲ ମେମ୍ବର ଭାବେ ଦେବରାଜ ମିଶ୍ର ଗୌତମ ଶଙ୍କର ରାୟ, ଗିରିଶ ଚନ୍ଦ୍ର ମହାପାତ୍ର, ସ୍ୱପ୍ନା ମହାନ୍ତି, ରୂପଶ୍ରୀ ବାରିକ, ମଧୁସ୍ମୃତି ସେଠି, ବୈଜୟନ୍ତୀ ବାସ୍କେ ଏବଂ ସୁସ୍ମିତା ଘୋସାଲ ନିର୍ବାଚିତ ହୋଇଛନ୍ତି ।

## ଉମାପଦାର ୪ର୍ଥ ୟୁପିଏଲ କ୍ରିକେଟ ଉଦ୍‌ଘାଟିତ



ଯାଜପୁର ରୋଡ଼, ୨୮।୩ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଅଂଚଳ ସହରର ୱାର୍ଡ ନମ୍ବର -୧୬ ସ୍ଥିତ ଉମାପଦା ଗ୍ରାମ ଆନୁକୁଲ୍ୟରେ ଉମାପଦା ପ୍ରିମିୟର ଲିଗ୍'ର ୪ର୍ଥ ସଂସ୍କରଣ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି। ଆଜକୁ ୪ବର୍ଷ ଧରି ଉମାପଦା କ୍ଲବ ଯୁବକମାନଙ୍କ ତରଫରୁ ଉମାପଦା ପ୍ରିମିୟର ଲିଗ୍'ର ଆୟୋଜନ କରାଯାଉଅଛି। ପ୍ରଥମ ଦିନରେ ଉଦଘାଟନୀ ମ୍ୟାଚଟି ଓଶୋ ରିଟର୍ଣ୍ଣର୍ସ ଉମାପଦା ଟିମ୍'କୁ ହରାଇ ମହାଦେବ ସେନା ଫାଇଟର ଟିମ୍ ବିଜୟୀ ହୋଇଥିଲା ।

ଉଦଘାଟନୀ ଉତ୍ସବରେ ଯାଜପୁର, ବିଜେଡି ଦଳର ଯୁବନେତା ଶ୍ରୀ ଭବପ୍ରଶାଦ ଦାସ, ବ୍ୟାସନଗର ପୌର ନଗରପାଳ ସୁବାସ ଚନ୍ଦ୍ର ବଳ ଯୋଗଦେଇ ଆନୁଷ୍ଠାନିକ ଭାବେ ଟୁର୍ଣ୍ଣାମେଂଟକୁ ଉଦଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଂଟରେ ୬ଟି ଦଳ ଭାଗ ନେଇ ପ୍ରତ୍ୟେକ ଦଳ ୬ଓଭର ଲେଖାଏଁ ଖେଳ ମଧ୍ୟରେ ପରସ୍ପରକୁ ଭେଟିବା ପରେ ଫାଇନାଲରେ ପ୍ରବେଶ କରିବେ ବୋଲି ଆୟୋଜକ ମାନଙ୍କ ଠାରୁ ସୁଚନା ମିଳିଛି। ଏହି ଖେଳ ପରିଚାଳନା ପାଇଁ ଅମ୍ପାୟାର ଭାବେ ଶ୍ରୀ ଦୁର୍ଗା ପ୍ରସାଦ ପଟ୍ଟନାୟକ, ପିଂଟୁ ନାଥ, ସ୍କୋରର ଅସୀମ ଦାସ, କମେଟେଟର ପ୍ରଶାନ୍ତ ପଟ୍ଟନାୟକ ଓ କ୍ଲବର ସଦସ୍ୟ ମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରୁଛନ୍ତି।

## ଜନଗଣନା ପାଇଁ ତିନିଦିନିଆ ପ୍ରଶିକ୍ଷଣ ଶିବିର



କେନ୍ଦ୍ରାପଡା,୨୮।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ତିନିଦିନିଆ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ପ୍ରଶାସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ପୌରାଂଚଳରେ ଥିବା ହାଇସ୍କୁଲ୍, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ଓ ମଦ୍ରାସାର ଶହ ଶହ ଶିକ୍ଷକ, ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ବିକାଶ କୁମାର ନାୟକ, ପୌରସଂସ୍ଥାର ବରିଷ୍ଠ କିରାଣୀ ମିଳି ବେହେରା ପ୍ରଶିକ୍ଷକଭାବେ ଯୋଗଦେଇ ଉପସ୍ଥିତ ଥିବା ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଘରକୁ ଘର ବୁଲି ପାଇଥିବା ପ୍ରଶିକ୍ଷଣ ଗୁଡିକୁ ମୋବାଇଲ୍ ଆପ୍ ମାଧ୍ୟମରେ ପ୍ରୟୋଗ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ଗତ ୨୩.୦୩.୨୦୨୬ ଠାରୁ ଆରମ୍ଭ ହୋଇ ୨୫.୦୩.୨୦୨୬ ପର୍ଯ୍ୟନ୍ତ ଚାଲୁ ରହିଥିଲା। ଶେଷ ବ୍ୟାଚ୍ ୨୬.୦୩.୨୦୨୬ ଠାରୁ ଆରମ୍ଭ ହୋଇ ୨୮.୦୩.୨୦୨୬ ରେ ଶେଷ ହୋଇଥିଲା। କେନ୍ଦ୍ରାପଡାର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ପୌର ନିର୍ବାହୀ ଅଧିକାରୀ ଅଜିତ୍ ନାରାୟଣ ପ୍ରସାଦ ଗିରି ସମ୍ପୂର୍ଣ୍ଣ ତଦାରଖ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଜନଗଣନା ଅଧିକାରୀ ରଶ୍ମି ରଂଜନ ମାଣିକ, ସହକାରୀ ଜିଲ୍ଲାପାଳ ସରୋଜ କୁମାର ବେହେରା, ନବକୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




# ସକାଳେ ଆଖି ଖୋଲିବା ବେଳକୁ ଗଳା ଶୁଖୁଛି କି ?



ଖରା ଟିକେ ବଢ଼ିଲାଣି, ଇଆଡ଼େ ଅଚାନକ କାଳବୈଶାଖୀ ସମୟେ ସମୟେ ପରିବେଶକୁ ଥଣ୍ଡା କରୁଥିଲେ ମଧ୍ୟ କିନ୍ତୁ କହିବାକୁଗଲେ ଆମେ ଏବେ ଗ୍ରୀଷ୍ମ ଦିନକୁ ସାମ୍ନା କରୁଛେ। ଏହି ସମୟରେ ଏକ ଛୋଟିଆ ଆଲୋଚନା ଏଠାରେ ରଖୁଛି। ଆମ ଭିତରୁ ଅନେକ ଅଛନ୍ତି ଯେଉଁମାନେ ସକାଳେ ଉଠି ଆଖି ଖୋଲିଲା ବେଳକୁ ସେମାନଙ୍କ ଗଳା ଶୁଖିଲା ଶୁଖିଲା ପରି ଲାଗୁଛି। କେବଳ ସେତିକି ନୁହେଁ ଅସ୍ୱସ୍ତିକର ଅନୁଭବ କରି ପାଣି ପିଇବାକୁ ମଧ୍ୟ ଇଛା ହେଉଛି। ତେବେ ଏହାକୁ ହାଲକା ଭାବନ୍ତୁ ନାହିଁ। କାରଣ ବିଛଣାରୁ ଉଠିବା ବେଳକୁ ସାମାନ୍ୟ ଠାରୁ ଅଧିକ ଶୁଖିବା କୌଣସି ସମସ୍ୟାର କାରଣ ହୋଇପାରେ। ରାତିରେ ସାତ ଆଠ ଘଣ୍ଟାର ନିଦ ହେବା ପରେ ସକାଳକୁ ପ୍ରତ୍ୟେକ ବ୍ୟକ୍ତିର ଗଳା ଶୁଖିବା ଖୁବ ସାଧାରଣ କଥା। କିନ୍ତୁ ସାମାନ୍ୟ ଠାରୁ ଅଧିକ ହେବା କିମ୍ବା ଲାଳ ନ ଆସିବା ଆଦୌ ସାଧାରଣ ନୁହେଁ। ଗଳା ଶୁଷ୍କ ହେବା ଜିମୋଷ୍ଟେମିଆ ହେବାର କାରଣ ହୋଇପାରେ। ପାଟି ସହିତ ଏହା ଶରୀରର ଅନ୍ୟ କେତେକ ସମସ୍ୟାର ଲକ୍ଷଣ ହୋଇପାରେ। ଏହାର ପ୍ରମୁଖ ଲକ୍ଷଣ ଗୁଡ଼ିକ ହେଉଛି ବାରମ୍ବାର ପାଟି ଶୁଖିବା, ଚୋବାଇବା, ଗିଳିବା ବା କଥା କହିବା ସମୟରେ ସମସ୍ୟା ହେବା, ଲଗାତାର ଗଳା ଶୁଖିବା ସହ କାଶ ଲାଗି ରହିବା, ପାଟିରୁ ଦୁର୍ଗନ୍ଧ ବାହାରିବା, ଓଠ ଫାଟିବା କିମ୍ବା ପାଟି ଭିତରେ ବାରମ୍ବାର ଘାଆ ହେବା ଇତ୍ୟାଦି। ସେହିପରି ଏହାର ବଡ଼ କାରଣ ହେଉଛି ଡିହାଇଡ୍ରେସନ। ରାତିରେ ଶୋଇବା ପୂର୍ବରୁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ନ ପିଇବା ଦ୍ୱାରା କମ ପରିମାଣରେ ଲାଳ ତିଆରି ହୋଇଥାଏ। ଆମ୍ଭମାନଙ୍କ ଭିତରୁ ଅଧିକାଂଶଙ୍କର ବିଚାର ଏହା ଯେ ଶୋଇଲା ବେଳେ ଅଧିକ ପରିମାଣର ପାଣି ପିଇଲେ ରାତିରେ ପରିସ୍ରା କରିବା ପାଇଁ ଉଠିବାକୁ ପଡ଼ିବ ବା ନିଦ ବ୍ୟାଘାତ ଘଟିବ। ଏହା କଳ ଓ ପାଟି ଶୁଷ୍କତାର ସବୁଠୁ ବଡ଼ କାରଣ।

ଅନେକ ଲୋକଙ୍କର ଏକ ଅଭ୍ୟାସ ରହିଛି ସେମାନେ ଇଛାକୃତ ଭାବେ ପାଟିରେ ନିଶ୍ୱାସ ନେଇଥାନ୍ତି। ଯେଉଁ ଲୋକମାନେ ନାକରେ ନିଶ୍ୱାସ ନେବା ପରିବର୍ତ୍ତେ ପାଟିରେ ନିଶ୍ୱାସ ନେଇଥାନ୍ତି, ସେମାନଙ୍କ ଠାରେ ଗଳା ଶୁଷ୍କତା ଅଧିକ ଦେଖିବାକୁ ମିଳିଥାଏ।

ସେହିପରି କେତେକ ଔଷଧ ରହିଛି, ଯାହାକୁ ଖାଇବା ଦ୍ୱାରା ପାଟିର ଶୁଷ୍କତା ବଢ଼ିଥାଏ। ଏହା ବ୍ୟତୀତ ମଧୁମେହ ଏବଂ ଅଟୋ ଇମ୍ୟୁନ ରୋଗର କାରଣରୁ ରାତିରେ ପାଟି ଓ ଗଳା ଶୁଖିଶୁଖି ଯାଏ। ଏତଦ୍ ବ୍ୟତୀତ ବୟସ ବଢ଼ିବା ସହ ରାତିରେ ଲାଳର ମାତ୍ରା କମିଯାଏ ତେଣୁ ବୟସ୍କ ଲୋକଙ୍କ ଠାରେ ଗଳା ଶୁଷ୍କତା ବଢ଼ିଯାଏ। ସେହିପରି ଆଉ ଗୋଟିଏ ବଡ଼ ଗମ୍ଭୀର ସମସ୍ୟା ହେଉଛି ସ୍ଲିପ ଆପ୍ନିଆ। ଶୋଇବା ସମୟରେ ନିଶ୍ୱାସ ସହିତ ଜଡ଼ିତ ସମସ୍ୟା ଯେପରିକି ଘୁଙ୍ଗୁଡ଼ି ମାରିବା କିମ୍ବା ସ୍ଲିପ ଆପ୍ନିଆପରି ସମସ୍ୟା ରହିଥିଲେ ମଧ୍ୟ ଗଳା ଶୁଷ୍କ ହୋଇଯାଏ। ସେହିପରି ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହାର କାରଣରୁ ଦାନ୍ତ ଦୁର୍ବଳ ହୋଇ ଭାଙ୍ଗିଥାଏ, ମାଢ଼ି ଜନିତ ସମସ୍ୟା ବଢ଼େ ଏବଂ ପରିଣାମ ସ୍ୱରୂପ ପାଟିରେ ତୁଣ୍ଡଘା ହୋଇଥାଏ। ପାଟିର ସ୍ୱାଦ ବଦଳିବା ସହ ଖାଦ୍ୟ ଠିକ ଭାବେ ହଜମ ନ ହେବା ପରି ସମସ୍ୟା ଉପୁଜି ଥାଏ। ଏହି ସମସ୍ୟାରୁ ନିସ୍ତାର ପାଇବା ପାଇଁ ଦିନ ତମାମ ଶରୀର ଅନୁଯାୟୀ ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ସହ ରାତିରେ ନିଜ ପାଖରେ ପିଇବା ପାଣିର ବ୍ୟବସ୍ଥା କରନ୍ତୁ। ଚା', କଫି ଓ ଆଲକହଲ, ଯେଉଁ ଜିନିଷ ଗୁଡ଼ିକ ଶାରୀରିକ ଉତ୍ତାପ ତୀବ୍ର ଭାବେ ବଢ଼ାଇଥାଏ ଏଥିରୁ ଦୂରେଇ ରୁହନ୍ତୁ କାରଣ ଏହାକୁ ପିଇବା ଦ୍ୱାରା ଜଳ ଶୁଷ୍କତା ବଢ଼ିଥାଏ। ଏହାକୁ ହାଲକା ବା ମାମୁଲି ଭାବନ୍ତୁ ନାହିଁ। କାରଣ ଲଗାତାର ଭାବେ ଏହି ଅଭ୍ୟାସଟି ରହିଲେ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଏବଂ ଶରୀରର ବିଶେଷକରି କର୍ଣ୍ଣ-ନାସା-ଗଳାକୁ ପ୍ରଭାବିତ କରି ଅନ୍ୟ ସ୍ୱାସ୍ଥ୍ୟ ଜଟିଳତା ସୃଷ୍ଟି କରିବାର ସମ୍ଭାବନା ରହିଛି। ତେବେ ଏହି ସମସ୍ୟାକୁ ସେପରି କୌଣସି ଗମ୍ଭୀର ସମସ୍ୟା ଭାବେ ଗ୍ରହଣ କରନ୍ତୁ ନାହିଁ। ଯଦି କୌଣସି କାରଣରୁ ଗଳା ଶୁଖିଯାଉଥାଏ ତେବେ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।



ନାରାୟଣ ଚନ୍ଦ୍ର ବିଶ୍ୱାଳ
ବାକ୍ ଶ୍ରବଣ ବିଶେଷଜ୍ଞ,
'ଧ୍ୱନୀ' କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ
ଦୂରଭାଷ: ୯୪୩୮ ୨୭୭୭୭୦

# ପାଟି ଖୋଲି ଶୋଇବା କ୍ଷତିକାରକ



ଆମ ଭିତରୁ ଅନେକଙ୍କ ଏକ ବର୍ଷର ବର୍ଷର କୁ-ଶାରୀରିକ ଅଭ୍ୟାସ ରହିଆସିଛି, ତାହା ହେଉଛି ପାଟି ଖୋଲା କରି ଶୋଇବା। ପାଟି ଖୋଲାକରି ଶୋଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଜନିତ ଅସୁବିଧାକୁ ଆମେ ସାମ୍ନା କରିଥାଉ। କେତେକ କ୍ଷେତ୍ରରେ ଦେଖାଯାଏ ପାଟି ଖୋଲି ଶୋଇବା ଦ୍ୱାରା ପ୍ରଥମତଃ ସ୍ୱାଭାବିକ ଶ୍ୱାସପ୍ରଶ୍ୱାସ ବାଧାପ୍ରାପ୍ତ ହୋଇଥାଏ, ଦ୍ୱିତୀୟତଃ ଏହା ଦ୍ୱାରା କୌଣସି ପୋକଜୋକ ମଧ୍ୟ ପଶି ଯିବା ଓ କୌଣସି ଅସମ୍ଭବ ନୁହେଁ। ତେବେ ପାଟି ଖୋଲି ଶୋଇବା ନିଶ୍ଚିନ୍ତ ଭାବେ କ୍ଷତିକାରକ।

**ଦାନ୍ତ ଲାଗି କ୍ଷତିକାରକ:** ପାଟି ଖୋଲି ଶୋଇବା ଦ୍ୱାରା ଏହାର ଗଭୀର କୁପ୍ରଭାବ ଦାନ୍ତ ଉପରେ ପଡ଼ିଥାଏ। ଏହାଦ୍ୱାରା ପାଟି ଭିତରକୁ ପବନ ଯାତାୟାତ କରିଥାଏ। ଫଳରେ ପାଟିରେ ଥିବା ଲାଳ ଶୁଖିଯାଏ ଓ ଲାଳ ସୃଷ୍ଟି କରୁଥିବା ଗ୍ରନ୍ଥି ଶୁଖିଯାଏ। ଏଥିରେ ପାଟି ଭିତରେ ଅନେକ ପ୍ରକାରର ବ୍ୟାକ୍ଟେରିଆ ବଢ଼ି ଯାଇଥାନ୍ତି ଓ ଦାନ୍ତ ଧୀରେ ଧୀରେ ନଷ୍ଟ ହେବାକୁ ଲାଗେ। ଲାଳର ଅଭାବ ଯୋଗୁଁ ଦାନ୍ତରେ ସଂକ୍ରମଣ, ପାଟିରୁ ଗନ୍ଧ ଆସିବା ଓ ଦାନ୍ତ ଉପରେ କ୍ୟାବିଟିକ ପରି ସମସ୍ୟା ଦେଖାଯାଏ।

**ହୃଦୟ ପ୍ରଭାବିତ ହୁଏ:** ପାଟି ଖୋଲା କରି ଶୋଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହୃଦଘାତ ଆଶଙ୍କା ପାଟିବନ୍ଦ କରି ଶୋଉଥିବା ବ୍ୟକ୍ତିଙ୍କ ତୁଳନାରେ ଅନେକ ଗୁଣା ଅଧିକ ହୋଇଥାଏ। କାରଣ ପାଟି ଖୋଲା କରି ଶୋଉଥିବା ବ୍ୟକ୍ତି ନାକ ପରିବର୍ତ୍ତେ ପାଟିରେ ନିଶ୍ୱାସ ନେଇଥାନ୍ତି, ଯାହା ଶରୀରକୁ ଆବଶ୍ୟକ ଅମ୍ଳଜାନ ମିଳିପାରି ନଥାଏ। ଫଳରେ ଧମନୀରେ ରକ୍ତ ପ୍ରଭାବ ଠିକ ଭାବରେ ହୋଇପାରି ନଥାଏ। ଏହାର ସିଧା ସଳଖ ପ୍ରଭାବ ହୃଦୟ ଉପରେ ପଡ଼ିଥାଏ।

**ମୁଖ ଗନ୍ଧ ବୃଦ୍ଧି ପାଏ:** ପାଟି ଖୋଲା କରି ଶୋଇଲେ ମୁଖ ଗନ୍ଧ ବୃଦ୍ଧି ପାଏ। ବିଶେଷଜ୍ଞଙ୍କ ଅନୁସାରେ, ପାଟି ଖୋଲା କରି ଶୋଇବା ଦ୍ୱାରା ପବନରେ ଥିବା ବ୍ୟାକ୍ଟେରିଆ ଦାନ୍ତ ଓ ପାଟି ଭିତରକୁ ବହୁ ମାତ୍ରାରେ ଯାଇଥାନ୍ତି ଓ ପାଟି ସଂକ୍ରମଣ ହେବାର ଆଶଙ୍କା ବଢ଼ିଯାଏ। ଫଳରେ ମୁଖରୁ ଦୁର୍ଗନ୍ଧ ବାହାରିଥାଏ, ଯାହା ଜଣଙ୍କୁ ଅନ୍ୟ ମାନଙ୍କ ସମ୍ମୁଖରେ ଅପମାନିତ ହେବାକୁ ପଡ଼ିଥାଏ।

**ଆଜମା ସମସ୍ୟା ବଢ଼େ:** ଆଜମା ସମସ୍ୟା ଥିବା ବ୍ୟକ୍ତି ପାଟି ଖୋଲା କରି ଶୋଇଲେ ଏହି ସମସ୍ୟା ଅଧିକ ବଢ଼ିଯାଏ। କାରଣ ପାଟି ଖୋଲାକରି ଶୋଇବା ଦ୍ୱାରା ଫୁସଫୁସକୁ ଅଧିକ କାମ କରିବାକୁ ପଡ଼େ ଓ ଚାପ ମଧ୍ୟ ପଡ଼ିଥାଏ। ଫୁସଫୁସ ଚାପଗ୍ରସ୍ତ ରହିବା ଯୋଗୁଁ ଆଜମା ସମସ୍ୟା ବୃଦ୍ଧି ପାଏ।

**ଓଠ କଳା ପଡ଼ି ଫାଟେ:** ପାଟି ଖୋଲି ଶୋଇବା ଦ୍ୱାରା ଓଠର ନରମ ଚର୍ମ ଶୁଷ୍କ ହୋଇଥାଏ। ପାଟି ଭିତରେ ଲାଳ ଶୁଖି ଯାଇଥାଏ। ଫଳରେ ଓଠ କଳା ପଡ଼େ ଫାଟିବାକୁ ଲାଗେ। ପାଟି ଖୋଲା କରି ଶୋଇଲେ ଅନେକ ସମୟରେ ଖାଦ୍ୟ ହଜମରେ ମଧ୍ୟ ସମସ୍ୟା ଉପୁଜି ପାରେ ।

# ପ୍ରତିଦିନ ସକାଳେ ଖାଆନ୍ତୁ ଅଖରୋଟ



ପ୍ରତିଦିନ ଅଖରୋଟ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଲାଭ ମିଳିଥାଏ। କିନ୍ତୁ ଖାଇବା ପୂର୍ବରୁ ଏହାକୁ ଭିଜାଇ ରଖିଲେ ଏହାର ଲାଭ ଆହୁରି ବଢ଼ିଯାଏ। ଭିଜା ଅଖରୋଟ ହଜମ କରିବା ସହଜ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ ହୋଇଥାଏ। ଯାହା ଆମ ଶରୀରକୁ ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। କେହି ମସ୍ତିଷ୍କ ସ୍ୱାସ୍ଥ୍ୟକୁ ବୃଦ୍ଧି କରିବାକୁ ଚାହାଁନ୍ତି କି ହୃଦ୍‌କ୍ରିୟାକୁ ଉନ୍ନତ କରିବାକୁ ଚାହାଁନ୍ତି, ତେବେ ଆସନ୍ତୁ ଜାଣିବା ସକାଳେ ଭିଜା ଅଖରୋଟ ଖାଇବା ଦ୍ୱାରା କ'ଣ ଲାଭ ମିଳିଥାଏ। ଅଖରୋଟକୁ ପ୍ରାୟତଃ "ବ୍ରେନ୍ ଫୁଡ୍" ବୋଲି କୁହାଯାଏ। ଯାହା ଓମେଗା-୩ ଫ୍ୟାଟି ଏସିଡରେ ଭରପୂର। ଭିଜା ଅଖରୋଟ ମସ୍ତିଷ୍କ ବିକାଶ ପାଇଁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ପ୍ରଦାନ କରେ। ଏହା ଏକ ହେଲଦି ଫ୍ୟାଟ୍ ଯାହା ମସ୍ତିଷ୍କ ସ୍ମୃତିଶକ୍ତିକୁ ଉନ୍ନତ କରେ ଏବଂ ସାମଗ୍ରିକ ମାନସିକ ସ୍ପଷ୍ଟତାକୁ ବୃଦ୍ଧି କରେ। ନିୟମିତ ଭାବରେ ସକାଳେ ଭିଜା ଅଖରୋଟ ଖାଇବା ଦ୍ୱାରା ଆପଣଙ୍କୁ ଏହା ସାରା ଦିନ ଆକ୍ଟିଭ ରହିବାରେ ସାହାଯ୍ୟ କରେ। ଅଖରୋଟ ଇନସୁଲିନ୍ ସମ୍ବେଦନଶୀଳତାକୁ ଉନ୍ନତ କରିବାର କ୍ଷମତା ପାଇଁ ଜଣାଶୁଣା। ଆପଣଙ୍କ ସକାଳର ରୁଟିନରେ ଭିଜା ଅଖରୋଟକୁ ସାମିଲ କରିବା ଦ୍ୱାରା ବ୍ଲଡ୍ ସୁଗାର ଲେବଲ ନିୟନ୍ତ୍ରଣ କରିବାରେ ସାହାଯ୍ୟ ହୋଇପାରେ। ଅଖରୋଟରେ ହେଲଦି ଫ୍ୟାଟ୍, ଫାଇବର ଏବଂ ପ୍ରୋଟିନର ମିଶ୍ରଣ ବ୍ଲଡ୍ ସୁଗାର ସ୍ପାଇକ୍ ହେବାର ସମ୍ଭାବନାକୁ ହ୍ରାସ କରେ ଏବଂ ଗ୍ଲାଇସେମିକ୍ ନିୟନ୍ତ୍ରଣକୁ ଉନ୍ନତ କରେ। ଭିଜା ଅଖରୋଟ କୋଲେଷ୍ଟ୍ରଲ୍ ଲେବଲ୍ ହ୍ରାସ କରି ହୃଦୟ ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ଏଥିରେ ପଲିଅନସାଚୁରେଟେଡ୍ ଫ୍ୟାଟ୍, ବିଶେଷକରି ଆଲଫା-ଲିନୋଲେନିକ୍ ଏସିଡ୍ ଭରପୂର ମାତ୍ରାରେ ରହିଛି। ଯାହା ଖରାପ କୋଲେଷ୍ଟ୍ରଲ୍ କମ କରିବା ସହିତ ଭଲ କୋଲେଷ୍ଟ୍ରଲ୍ ବୃଦ୍ଧି କରେ। ଧମନୀରେ ପ୍ଲାକ୍ ଜମାକୁ ରୋକିବା ଏବଂ ହୃଦରୋଗର ଆଶଙ୍କା ହ୍ରାସ କରିବା ପାଇଁ ଏହି ସନ୍ତୁଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଅଖରୋଟ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ଯାହା କୋଷଗୁଡ଼ିକୁ କ୍ଷତି ପହଞ୍ଚାଉଥିବା ଫ୍ରି ରାଡିକାଲ୍ସ ସହିତ ଲଢ଼ିଥାଏ ଏବଂ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ଧୀର କରିଥାଏ। ଭିଜା ଅଖରୋଟର ନିୟମିତ ସେବନ ଫୁଲା ଏବଂ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରିପାରେ ଯାହା ଉଭୟ ବାର୍ଦ୍ଧକ୍ୟ ସମ୍ବନ୍ଧୀୟ ରୋଗ ସହିତ ଜଡିତ। ଭିଜା ହୋଇଥିବା ଅଖରୋଟ କେବଳ ହଜମ କରିବା ସହଜ ନୁହେଁ ବରଂ ଅନ୍ତନଳୀ ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ଆଣିଥାଏ। ଅଖରୋଟ ଫାଇବରର ଏକ ଭଲ ଉତ୍ସ। ଯାହା ପାଚନ କ୍ରିୟାକୁ ସୁସ୍ଥ ରଖେ।

# ପାନ ପତ୍ର ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ



ବହୁ ପ୍ରାଚୀନ କାଳରୁ ଭାରତୀୟ ସଂସ୍କୃତିର ଏକ ଅଂଶ ହୋଇରହିଛି ପାନ । ବିବାହଠାରୁ ନେଇ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ, ପର୍ବପର୍ବାଣି ଓ ଉତ୍ସବରେ ପାନ ବ୍ୟବହାର ହୋଇଥାଏ । ଯୁବକ ହୁଅନ୍ତୁ ଅବା ବୃଦ୍ଧବୃଦ୍ଧା, ପାନର ଆଦୃତି ସବୁଠି । ଓଡ଼ିଶାର ଗଣପର୍ବ ରଜରେ ଦୋଳି ସହ ରଜପାନ ମୁଖ୍ୟ ଆକର୍ଷଣ । ତେବେ ଆପଣ ଜାଣନ୍ତି କି, ପାନ କେବଳ ସ୍ୱାଦରେ ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ବି କେତେ ଉପକାରୀ ? ଡାଇବେଟିସ୍ ନିୟନ୍ତ୍ରଣରୁ ଆରମ୍ଭ କରି ମାନସିକ ଚାପ ଦୂର କରିବା ଯାଏଁ, ଏହି ସାଧାରଣ ଦିଶୁଥିବା ପାନ ପତ୍ରରେ ରହିଥିବା ଔଷଧୀୟ ଗୁଣ ଚମତ୍କାର ସ୍ୱାସ୍ଥ୍ୟଗତ ଫାଇଦା ଦିଏ । ପାନରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି। ଏହା କ୍ୟାଲସିୟମ, ଭିଟାମିନ ସି ଏବଂ ଆଇରନର ଏକ ଉତ୍କୃଷ୍ଟ ଉତ୍ସ। ତେଣୁ, ଏହା ତୁମ ଶରୀରର ଅନେକ ସମସ୍ୟା ସହିତ ଲଢ଼ିବାକୁ ସକ୍ଷମ। ଜୟପୁରର କ୍ଲିନିକାଲ୍ ଆୟୁର୍ବେଦ ବିଶେଷଜ୍ଞ ଡକ୍ଟର କିରଣ ଗୁପ୍ତାଙ୍କ ମତରେ ପାନପତ୍ରରେ ପୋଷକତତ୍ତ୍ୱ ଭରପୁର ମାତ୍ରାରେ ରହିଛି। ଏଥିରେ ବିଭିନ୍ନ ଗୁଣ ରହିଛି ଯାହା ମୁଣ୍ଡବିନ୍ଧା ଦୂର କରିବାରେ ସାହାଯ୍ୟ କରିପାରେ। ଯଦି ଆପଣଙ୍କର ପ୍ରବଳ ମୁଣ୍ଡବିନ୍ଧା ହେଉଛି, ତେବେ ପାନପତ୍ରକୁ ପେଷ୍ଟ କରି ଲଗାଇବା ଦ୍ୱାରା ଆରାମ ମିଳିବ। ପ୍ରକୃତରେ, ପାନପତ୍ରର ଏକ ଥଣ୍ଡା ପ୍ରଭାବ ଥାଏ, ଯାହା ଯନ୍ତ୍ରଣା କମ କରିବାରେ ସାହାଯ୍ୟ କରେ। ପାନ ଖାଇବା ଦ୍ୱାରା ହଜମ ମଧ୍ୟ ଭଲ ହୁଏ। ପାନ ଚୋବାଇଲେ ପାଚନ ଏନଜାଇମକୁ ସକ୍ରିୟ କରେ। ଏହା ଗ୍ୟାସ୍, ଏସିଡିଟି ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦିଏ। ଏହି କାରଣରୁ ଲୋକମାନେ ପ୍ରାୟତଃ ଖାଦ୍ୟ ପରେ ପାନ ଖାଇବାକୁ ପସନ୍ଦ କରନ୍ତି। ପରିବର୍ତ୍ତିତ ଋତୁରେ ପାନ ପତ୍ର ଖାଇବା ଲାଭଦାୟକ ସାବ୍ୟସ୍ତ ହୋଇପାରେ। ପ୍ରକୃତରେ, ଯେତେବେଳେ ପାଗ ପରିବର୍ତ୍ତନ ହୁଏ, ଥଣ୍ଡା ଏବଂ ରକ୍ତ ଜମାଟ ବାନ୍ଧିବା ସବୁଠାରୁ ସାଧାରଣ ହୋଇଥାଏ। ଆରାମ ପାଇବା ପାଇଁ, ଆପଣ ଏକ ପାନ ପତ୍ରରେ ଉଷୁମ ସୋରିଷ କିମ୍ବା ରାଶି ତେଲ ଲଗାଇ ଆପଣଙ୍କ ଛାତିରେ ଲଗାଇ ପାରିବେ। ଏହା କଫକୁ କମ କରିଥାଏ, ରକ୍ତ ଜମା ହ୍ରାସ କରିଥାଏ ଏବଂ ନିଶ୍ୱାସ ନେବା ସହଜ କରିଥାଏ। ଯଦି ଆପଣଙ୍କର ମାଢ଼ିରେ କୌଣସି ସମସ୍ୟା ଅଛି କିମ୍ବା ବ୍ରଶ୍ କରିବା ପରେ ମଧ୍ୟ ପାଟିରୁ ଦୁର୍ଗନ୍ଧ ଆସୁଛି, ତେବେ ଆପଣ ପାନ ପତ୍ର ଖାଇବା ବିଷୟରେ ବିଚାର କରିବା ଉଚିତ। ପାନ ପତ୍ରକୁ ପାଣିରେ ଫୁଟାଇ କୁଳି କରନ୍ତୁ। ଏହା କେବଳ ପାଟିର ଦୁର୍ଗନ୍ଧ ଦୂର କରେ ନାହିଁ ବରଂ ଆପଣଙ୍କ ମାଢ଼ିକୁ ମଜବୁତ କରିବାରେ ମଧ୍ୟ ସାହାଯ୍ୟ କରେ।



# ଅଧିକ ଲୁଣ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ

ଲୁଣ ଏମିତି ଏକ ଜିନିଷ, ଯାହା ବିନା ଖାଦ୍ୟର ସ୍ୱାଦ ହିଁ ନଥାଏ। କିନ୍ତୁ ଅଧିକ ମାତ୍ରାରେ ଲୁଣ ଖାଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଖାଦ୍ୟରେ ବ୍ୟବହୃତ ହେଉଥିବା ଲୁଣ ୪୦ ପ୍ରତିଶତ ସୋଡିୟମ୍ ଓ ୬୦ ପ୍ରତିଶତ କ୍ଲୋରାଇଡ୍ର ମିଶ୍ରଣ। ସୋଡିୟମ୍ ଶରୀରର ପାଇଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ। ଏହା ଶରୀରରେ ପାଣି ଓ ମିନେରାଲ୍ସରେ ସନ୍ତୁଳନ ବଜାୟ ରଖିବାର କାମ କରିଥାଏ। ତା' ସହିତ ଶରୀରରେ ଥିବା କୋଷିକାଗୁଡିକ ଠିକ୍ ଭାବେ କାମ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଏହାସତ୍ତ୍ୱେ ମାତ୍ରାଧିକ ସୋଡିୟମ୍ ଅନେକ ସମୟରେ ଶରୀରକୁ କ୍ଷତି ପହଞ୍ଚାଇଥାଏ। ଆବଶ୍ୟକଠାରୁ ଅଧିକ ଲୁଣ ଖାଇବା ଦ୍ୱାରା ମଧ୍ୟ ଶରୀରକୁ ହାନି ପହଞ୍ଚିଥାଏ। ସାଧାରଣତଃ ଶରୀରରେ ମାତ୍ରାଧିକ ସୋଡିୟମ୍ ସ୍ତର ରହିଥିବା ଜଣାପଡେ, ଯେତେବେଳେ ବ୍ୟକ୍ତିଠାରେ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଦେଇଥାଏ। କିନ୍ତୁ ଆପଣ ଜାଣନ୍ତି କି ଶରୀର ଆପଣଙ୍କୁ କେତେକ ସଙ୍କେତ ଦେଇଥାଏ ଯେ ଆପଣ ଅଧିକ ଲୁଣ ଖାଉଛନ୍ତି। ଚାଲନ୍ତୁ ଦେଖିବା ଶରୀରରେ ସୋଡିୟମ୍ର ମାତ୍ରା ଅଧିକ ହେଲେ କି ଲକ୍ଷଣ ପ୍ରକାଶ ପାଏ। ଯଦି ସକାଳୁ ଉଠିବା ବେଳକୁ ଆପଣଙ୍କ ଚେହେରା ଫୁଲିବା ପରି ଦେଖାଯାଉଥାଏ। ତେବେ ଏହା ଶରୀରରେ ମାତ୍ରାଧିକ ସୋଡିୟମ୍ର ଲକ୍ଷଣ। ଅଧିକ ଲୁଣ ଖାଇବା ଦ୍ୱାରା ଶରୀରର ବିଭିନ୍ନ ସ୍ଥାନ ଫୁଲିବା ପରି ଦେଖାଯାଇଥାଏ। ସକାଳୁ ଉଠିବା ବେଳକୁ ଯଦି ଆଙ୍ଗୁଠିର ଆଖାପାଖ ଫୁଲିବା ପରି ଦେଖାଯାଉଥାଏ, ତେବେ ଏହାକୁ ଅଣଦେଖା କରନ୍ତୁନାହିଁ। ଶରୀରରେ ଥିବା ଟିସୁରେ ଅଧିକ ତରଳ ପଦାର୍ଥ ହେବାର ଏହା ସଙ୍କେତ। ଏହାକୁ ଏଡିମା କୁହାଯାଏ।

**ବାରମ୍ବାର ପରିସ୍ରା ଲାଗିବା:** ବାରମ୍ବାର ପରିସ୍ରା ଲାଗିବା ମଧ୍ୟ ମାତ୍ରାଧିକ ସୋଡିୟମ୍ର ଲକ୍ଷଣ ହୋଇପାରେ। ଯଦି ରାତିରେ ବାରମ୍ବାର ପରିସ୍ରା ଲଗୁଥାଏ, ତେବେ ଏହା ଅଧିକ ଲୁଣ ଖାଇବାର ସଙ୍କେତ। ଅବଶ୍ୟ ମଧୁମେହ ଓ ୟୁଟିଆଇରେ ମଧ୍ୟ ଏହି ଲକ୍ଷଣ ଖୁବ୍ ସାଧାରଣ।

**ଅଧିକ ଶୋଷ ଲାଗିବା:** ଯଦି ଆପଣଙ୍କ ଆବଶ୍ୟକଠାରୁ ଅଧିକ ଶୋଷ ଲାଗୁଥାଏ, ତେବେ ଏହା ଅଧିକ ଲୁଣ ଖାଇବାର ସଙ୍କେତ। ଅଧିକ ଲୁଣ ଖାଇବା ଦ୍ୱାରା ବାରମ୍ବାର ଶୋଷ ଲାଗିଥାଏ। ସେହିପରି ମାତ୍ରାଧିକ ସୋଡିୟମ୍ଯୁକ୍ତ ଖାଦ୍ୟ ପଦାର୍ଥ ଶରୀରରେ ଦ୍ରବ୍ୟ ସନ୍ତୁଳନକୁ ବିଗାଡି ଦେଇଥାଏ। ଏହି କାରଣରୁ ଆପଣ ପ୍ରାୟ ସମୟରେ ଜଳାଭାବ ଅନୁଭବ କରିଥାନ୍ତି।

**ମାଂସପେଶୀରେ ଦୁର୍ବଳ:** ମାଂସପେଶୀ ଦୁର୍ବଳ ଲାଗିବା ଶରୀରରେ ମାତ୍ରାଧିକ ସୋଡିୟମ୍ର ଲକ୍ଷଣ। ମାଂସପେଶୀ ସୁସ୍ଥ ରହିବା ପାଇଁ ସୋଡିୟମ୍ ଖୁବ୍ ଜରୁରି। ଶରୀରରେ ସୋଡିୟମ୍ର ମାତ୍ରା ବଢିବା ଦ୍ୱାରା ହାଡ଼ ଦୁର୍ବଳ ହେବାର ଆଶଙ୍କା ରହିଥାଏ। ଯଦି ମାଂସପେଶୀରେ ଦୁର୍ବଳ ଅନୁଭବ କରୁଥାନ୍ତି, ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ସୋଡିୟମ୍ ସ୍ତର ପରୀକ୍ଷା କରାଇ ନିଅନ୍ତୁ।

## ଶ୍ରୀରାମ ନବମୀରେ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବଣ୍ଟନ ଓ ଶୋଭାଯାତ୍ରା



**ବୈଶିଙ୍ଗା,୨୮।୩(ସଂଚାର ବ୍ୟୁରୋ)ଃ** ପବିତ୍ର ଶ୍ରୀରାମ ନବମୀ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଜୟ ଶ୍ରୀରାମ ସଂଘ ପକ୍ଷରୁ ଶ୍ରୀରାମ ଛକ ଠାରେ ଶୁକ୍ରବାର ଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ଏଥିରେ ବେତନଟୀ ଓ ଆଖ ପାଖ ଅଞ୍ଚଳର ୩୦୦୦ ରୁ ଉର୍ଦ୍ଧ୍ୱ ଲୋକେ ପ୍ରସାଦ ସେବନ କରିଥିଲେ। ପ୍ରଥମେ ସକାଳୁ ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା ସାରିବା ପରେ ଦିନ ୧ ରେ ପ୍ରସାଦ ବଣ୍ଟନ ଆରମ୍ଭ ହୋଇଥିଲା। ପ୍ରବଳ ଖରାକୁ ଖାତାର ନକରି ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଶାନ୍ତି ଶୃଙ୍ଖଳା ସହିତ ପ୍ରସାଦ ସେବନ କରିଥିଲେ। ଏହାପରେ ଜୟ ଶ୍ରୀରାମ ସଂଘ ଆନୁକୂଲ୍ୟରେ ପ୍ରଭୁ ଶ୍ରୀରାମଙ୍କ ବେତନଟୀ ବଜାର ମଧ୍ୟରେ ଭକ୍ତିମୟ ପରିବେଶରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବେତନଟୀ ଅଞ୍ଚଳର ବିଭିନ୍ନ କ୍ଲବ, ସଂଘ, ପୂଜା କମିଟିର ସଦସ୍ୟ ମାନେ ସହଯୋଗ କରିଥିଲେ। ଶୋଭାଯାତ୍ରା ବେତନଟୀ ଚଣ୍ଡୀଛକରୁ ବାହାରି କଙ୍କା କାଳିଆଛକ, ହାଟ ଛକ, ଆନନ୍ଦ ବଜାର, ବସଷ୍ଟାଣ୍ଡ ଦେଇ ଚଣ୍ଡୀ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ସମସ୍ତେ ବାଜା ବଜେଇ, ବାଣ ଫୁଟେଇ, ନାଚ ଗୀତ, ଶ୍ରୀରାମ ନାରା ଦେଇ ପ୍ରଭୁଙ୍କ ପରିକ୍ରମାକୁ ସଫଳ କରିଥିଲେ। କାର୍ଯ୍ୟକ୍ରମରେ ସଂଘ ପକ୍ଷରୁ ସଭାପତି ଗୋପାଳ ଚନ୍ଦ୍ର ବେହେରା, ସମ୍ପାଦକ ପ୍ରମୋଦ ପ୍ରଧାନ, ଛତିଶ ପଣ୍ଡିତ, ଶୋଭିତ ମିଶ୍ର, ପିଣ୍ଟୁ ପରିଡା, ବସନ୍ତ ମହାନ୍ତ, ନିର୍ମଳ ଲେଙ୍କା, ଉଦିତ ପରିଡା, ହୃଷିକେଶ ମହାନ୍ତ, ମାନସ ମଢୁଆଳ, ସୁରେଶ ପଣ୍ଡିତ, ଦିନେଶ ମିଶ୍ର, କେଶବ ମହାନ୍ତ, ସୁମନ୍ତ ସାହୁ, ଛବି ବେହେରା, ବନୁ ମହାନ୍ତି, ନବ ନନା, ଜୟନ୍ତ ମିଶ୍ର, ରାକେଶ ମିଶ୍ର, ସୁଧାଂଶୁ ଦାସ, କାନ୍ହୁ ଦାସ, ଙ୍କ ସମେତ ଶ୍ରୀତମ ସାହା, ବିଶ୍ୱଜିତ ନାୟକ, ସର୍ବେଶ୍ୱର ଦାସ ସହଯୋଗ କରିଥିଲେ।

## ସାଇ ବାବାଙ୍କ ପାଦୁକା ଯାତ୍ରା ଓ ଜନ୍ମ ଉତ୍ସବ ପାଳିତ

**ଜଗତସିଂହପୁର,୨୮।୩(ସଂଚାର ବ୍ୟୁରୋ)ଃ** ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ସାଗବାରିଆ ଗ୍ରାମରେ ଅବସ୍ଥିତ ଶ୍ରୀ ସାଇ ବାବାଙ୍କର ମନ୍ଦିରରେ ଭକ୍ତିମୟ ପରିବେଶ ମଧ୍ୟରେ ପାଦୁକା ଯାତ୍ରାଓ ଜନ୍ମ ଉତ୍ସବ ଭବ୍ୟ ଭାବେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଭାତରୁ ମନ୍ଦିରରେ ବିଭିନ୍ନ ପୂଜା - ଅର୍ଚ୍ଚନା, ଭଜନ କୀର୍ତ୍ତନ ଓ ଧୂପ ଦୀପ ନୈବେଦ୍ୟ କାଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରେ ସାଇ ବାବାଙ୍କ ପାଦୁକାକୁ ସୁସଜ୍ଜିତ ପାଲିଙ୍କିରେ ବିରାଜମାନ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଭକ୍ତମାନେ ହରିନାମ ସଂକୀର୍ତ୍ତନ କରି ଏହି ପାଦୁକା ଯାତ୍ରାରେ ଯୋଗଦେଇଥିଲେ।ଯାତ୍ରା ସମୟରେ ସମଗ୍ର ଗ୍ରାମ ଭକ୍ତିରସରେ ମୁଗ୍ଧ ହୋଇପଡ଼ିଥିଲା ଓ ଘରେ ଘରେ ଭକ୍ତମାନେ ପୁଷ୍ପ ବର୍ଷା କରି ପାଦୁକାଙ୍କୁ ସ୍ୱାଗତ କରିଥିଲେ। ମଧ୍ୟାହ୍ନ ସମୟରେ ପ୍ରସାଦ ବିତରଣ କାର୍ଯ୍ୟକର୍ମ ହୋଇଥିଲା। ଏହି ଉତ୍ସବରେ ସ୍ଥାନୀୟ ଭକ୍ତମାନେ ଓ ଅଞ୍ଚଳବାସୀ ବିଶେଷ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ଆନନ୍ଦମୟ ପରିବେଶରେ ସମ୍ପନ୍ନ ହୋଇଥିଲା।

## ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା



**ଧାମନଗର,୨୮।୩(ସଂଚାର ବ୍ୟୁରୋ)ଃ** ଧାମନଗର ମାଟିର ଐତିହ୍ୟ ପରମ୍ପରା ଓ ସାଂସ୍କୃତିକ ପରିଚୟ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଉପଲକ୍ଷେ ବିଶାଳ କଳସ ଶୋଭାଯାତ୍ରା ସହ ମହାଯଜ୍ଞ ଆରମ୍ଭ ହୋଇଥିବା ବେଳେ ଉତ୍ସବ ମୁଖର ଧାମନଗର ସହର। ଶନିବାର ସକାଳ ୭ଘଟିକା ସମୟରେ ୧୦୮ କଳସ ସଂକଳ୍ପଧାରୀ ମହିଳା ପୂଜାର୍ଚ୍ଚନା ପରେ ସ୍ଥାନୀୟ ଜୟନଗର ସ୍ଥିତ ପୁଷ୍କରିଣୀରୁ ଜଳ ଗ୍ରହଣ କରିବା ପରେ ହଜାର ହଜାର ସଂଖ୍ୟା ବିରାଟ ଶୋଭାଯାତ୍ରା ବାହାରି ଜୟନଗର(କୋର୍ଟ ଛକ) ସାନ ବଜାର, ବଡ଼ ବଜାର, ମେଡ଼ିକାଲ ବଜାର ପରିକ୍ରମା କରି ମେଳଣ ପଡ଼ିଆରେ ଯଜ୍ଞ ମଣ୍ଡପରେ ପହଞ୍ଚି ଥିଲେ। ସେଠାରେ ଦିନ ୧୦ ଘଟିକା ସମୟରେ ସାଧୁସଙ୍ଗ ଓ ଗୋମାତା ପୂଜନ ୧୧ ଘଟିକାରେ ସୂର୍ଯ୍ୟ ପୂଜା ଓ ଯଜ୍ଞ ଆରମ୍ଭ ହୋଇଥିଲା। ଅପରାହ୍ନ ୫ ଘଟିକା ଅଙ୍ଗରଙ୍ଗ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଓଡିଶୀ ନୃତ୍ୟ କଳାଜୀବୀ ଡ୍ୟାନ୍ସ ଗ୍ରୁପ ଦ୍ୱାରା ସମ୍ବଲପୁରୀ ନୃତ୍ୟ ସମୟ- ସନ୍ଧ୍ୟା ୭ ଘଟିକା ପ୍ରବଚକ ପଣ୍ଡିତ ବିରେନ୍ଦ୍ର ପଣ୍ଡା ଓ ପଣ୍ଡିତ ସଂଗ୍ରାମ ଆଷ୍ଟ୍ୟଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହୋଇଥିଲା।

## ସରାଟ ଶାସନ ଭଗବତ ବାସୁଦେବଙ୍କ ମେଳଣ ଉଦ୍‌ଯାପିତ

**ବାଲିପାଟଣା,୨୮।୩(ସଂଚାର ବ୍ୟୁରୋ)ଃ** ଦୋଳ ମେଳଣ ଏବଂ ପଞ୍ଚୁଦୋଳ ମେଳଣ ପରେ ଏବେ ଗାଁ ଗହଳିରେ ପରମ୍ପରା ଅନୁସାରେ ଭଗବତ ଗୋସାଇଁ ଙ୍କ ମେଳଣ ବଡ଼ ଧୁମ ଧାମରେ ଅନୁଷ୍ଠିତ ହେଉଛି। ଭଗବତ ଟୁଙ୍ଗି ରେ ପୂଜା ପାଉଥିବା ଭଗବତ ଗୋସାଇଁ ସୁସଜ୍ଜିତ ବିମାନ ରେ ମେଳଣ ପଡ଼ିଆ କୁ ଆସନ୍ତି। ଏହି କ୍ରମରେ ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ସରାଟ ଶାସନ ଗ୍ରାମରେ ଭଗବତ ଗୋସେଇଁଙ୍କ ମେଳଣ ଉଦଯାପିତ ହୋଇଯାଇଛି। ଦେଢ଼ ଶହ ବର୍ଷ ରୁ ଉର୍ଦ୍ଧ୍ୱ ହେବ ମେଳଣ ଏବଂ ଯାତ୍ରା ପାଳନ ହୋଇ ଆସୁଛି। ବୁଧବାର ଅଶୋକାଷ୍ଟମୀ ତିଥିରେ ଜମାଣ ଶୋଭାଯାତ୍ରା ହୋଇଥିଲା। ଭଗବତ ଗୋସେଇଁଙ୍କୁ ବିମାନରେ ବିଜେ କରି ଗ୍ରାମ ପରିକ୍ରମା କରାଯାଇଥିଲା।

## ନାଟ୍ ଦ୍ୱାରା ବିଶ୍ୱ ନାଟ୍ୟ ଦିବସ ପାଳିତ



**ସୁବର୍ଣ୍ଣପୁର,୨୮।୩(ସଂଚାର ବ୍ୟୁରୋ)ଃ** ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ସୁବର୍ଣ୍ଣପୁରର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ନାଟ୍ ତରଫରୁ ଏକ ଆଲୋଚନାଚକ୍ର ସ୍ଥାନୀୟ ମହାନଦୀ ସାହିତ୍ୟ ସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଏହି ଆଲୋଚନାଚକ୍ରରେ ନାଟ ଅନୁଷ୍ଠାନର ସମସ୍ତ ସଦସ୍ୟ ଯୋଗ ଦେଇ ନାଟକ ସମ୍ପର୍କିତ ନିଜର ଅନୁଭବ ଓ ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରଥମରେ ସମ୍ପାଦକ ବନମାଳୀ ପଣ୍ଡା ବିଶ୍ୱ ନାଟ୍ୟ ଦିବସ ପାଳନର ଗୁରୁତ୍ୱ ବାବଦରେ ଅବଗତ କରେଇଥିଲେ। ଗାଳ୍ପିକ କ୍ଷୀରୋଦ ବିଶ୍ୱାଳ ୱିଲେମ ଡାଫୋଙ୍କ ବିଶ୍ୱ ନାଟ୍ୟ ଦିବସ ସମ୍ପର୍କିତ ବାର୍ତ୍ତାଟିକୁ ପାଠ କରି ଶୁଣାଇଥିଲେ। ନାଟର ସାହିତ୍ୟ ସମ୍ପାଦକ କବି ଲକ୍ଷ୍ମୀନାରାୟଣ ସାହୁଙ୍କ ଦ୍ୱାରା ନାଟକ ସମ୍ପର୍କିତ ଏକ କବିତା 'ନାଟକ' ପାଠ କରିଥିବା ବେଳେ ପ୍ରଦ୍ୟୁମ୍ନ ସାହୁ 'ସମର୍ପଣ' ଶୀର୍ଷକ କବିତା ପାଠ କରିଥିଲେ। ଯୁବ ଅଭିନେତା ଅମିୟ ଦାଶ ନିଜ ଅଭିନୟର ଏକା ଝଲକ ଦେଖାଇଥିଲେ। ଏହି ସଭାରେ ନାଟ ଅନୁଷ୍ଠାନର ଆଗାମୀଦିନରେ ହେବାକୁ ଥିବା ରାଷ୍ଟ୍ରୀୟ ନାଟମେଳା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଶୈଳେନ୍ଦ୍ର ବଡ଼ିଆ, ସଂସ୍କୃତି ସମ୍ପାଦକ ଅବିନାଶ ହୋତା, ସନ୍ତୋଷ ମିଶ୍ର, ଗତିକୃଷ୍ଣ ବଣିଆ, ଅଜିତ ମେହେର, ନବ କିଶୋର ତ୍ରିପାଠୀ, ଇରାଦତ ଖାନ, ସମୀର ସାହୁ, ଶିବରାଜ କମ୍ପ, ଜ୍ୟୋତି ମିଶ୍ର, ଶିବରାମ ମିଶ୍ର, ବିଶ୍ୱଜିତ ମହାପାତ୍ର, ଦେବାଶିଷ ପଟ୍ଟନାୟକ, ବିଶେଶ୍ୱର ଗୁରୁ, ଦଧି ବାମନ ବାବୁ ଆଦି ଯୋଗ ଦେଇଥିଲେ।

# ପାଣି ପାଇଁ ଲୋକେ ଡହଳବିକଳ



### ପିଉଛନ୍ତି ପୋଖରୀ ପାଣି

**ବାଲେଶ୍ୱର,୨୮।୩(ସଂଚାର ବ୍ୟୁରୋ)ଃ** ବୈଶାଖ ଆରମ୍ଭରୁ ବାଲେଶ୍ୱର ଜିଲ୍ଲା ବସ୍ତା ଏବଂ ବାଲିଆପାଳ ବ୍ଲକରେ ପାନୀୟ ଜଳ ପାଇଁ ହାହାକାର । ତଳକୁ ଖସୁଛି ଭୂତଳ ଜଳସ୍ତର, ଗାଁ ଗାଁରେ ଅଚଳ ହୋଇପଡ଼ିଛି ଶତାଧିକ ନଳକୂପ। ଟୋପାଏ ପାଣି ପାଇଁ ଲୋକେ ଡହଳବିକଳ ହେଉଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଜଳ ଯନ୍ତ୍ରଣାର ଏ ଖବର ହେଉଛି ବାଲେଶ୍ୱର ଜିଲ୍ଲା ବସ୍ତା ଓ ବାଲିଆପାଳ ବ୍ଲକର। ବୈଶାଖ ଆରମ୍ଭରୁ ଏଠାରେ ଜଳ ସଙ୍କଟ ଉଗ୍ର ରୂପ ଧାରଣ କଲାଣି। ଗାଁ ଗାଁରେ ନଳକୂପ ଗୁଡ଼ିକ ଅଚଳ ହୋଇପଡ଼ିଥିବା ବେଳେ ଟୋପାଏ ପାଣି ପାଇଁ ଭାଳେଣୀ ପଡ଼ିଛି। ଭୂତଳ ଜଳସ୍ତର କମିବା ଯୋଗୁଁ ନଳକୂପରୁ ଆଉ ଆଗଭଳି ପାଣି ଆସୁନାହିଁ। ଘର ପାଇଁ ପାଣି ଗରାଏ ସଂଗ୍ରହ କରିବାକୁ ମହିଳାମାନେ ବହୁତ ହଇରାଣ ହେଉଛନ୍ତି। କେଉଁଠି ପୋଖରୀ ତ ଆଉ କେଉଁଠି ଚାଷ ଜମିରେ ଥିବା ଉଠାଜଳସେଚନ ପ୍ରକଳ୍ପ ଭରସା। ବସୁଧା ଯୋଜନାରେ ଯେଉଁ ଟାଙ୍କି ବସିଛି, ସେଥିରୁ ପାଣି ଠିକରେ ଆସୁନି। ବାଧ୍ୟ ହୋଇ ଲୋକେ ବିଲ ପାଣି ଏବଂ ପୋଖରୀ ପାଣି ବ୍ୟବହାର କରୁଛନ୍ତି। ତଥ୍ୟ ଅନୁସାରେ, ବାଲିଆପାଳ ବ୍ଲକର ୧୪୮୬ଟି ନଳକୂପରୁ ପ୍ରାୟ ୯୦୦ଟି ଏବଂ ବସ୍ତା ବ୍ଲକର ୧୫୯୨ଟି ନଳକୂପରୁ ପ୍ରାୟ ୫୦୦ଟି ନଳକୂପ ଅଚଳ ହୋଇ ପଡ଼ିଛି । ଲୋକଙ୍କ ଆଶଙ୍କା, ଆଉ କିଛି ଦିନ ପରେ ଧାନ ଅମଳ ହୋଇଗଲେ ଚାଷ ଜମିର ମୋଟର ବନ୍ଦ ହୋଇଯିବ। ସେତେବେଳେ ଲୋକେ ପିଇବା ପାଣି କେଉଁଠୁ ପାଇବେ? ଖରା ଆରମ୍ଭରୁ ଯଦି ଏଭଳି ପରିସ୍ଥିତି, ତେବେ ଆଗକୁ ପୂରା ଖରାଦିନ କେମିତି କଟିବ? ତାକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ଟ୍ୟାଙ୍କର ବ୍ୟବସ୍ଥା କରୁ ବୋଲି ଦାବି ହୋଇଛି । ପାନୀୟ ଜଳ ସଂକଟକୁ ନେଇ ବର୍ତ୍ତମାନ ପରିସ୍ଥିତି ଯାହା, ଲୋକେ ରାଜରାସ୍ତାକୁ ଓହ୍ଲାଇବା ପୂର୍ବରୁ ପ୍ରଶାସନ ତୁରନ୍ତ ସଜାଗ ହେବା ଆବଶ୍ୟକ ।

## ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଯାତାୟାତ ବାଧାପ୍ରାପ୍ତ

**ଦେବଗଡ,୨୮।୩(ସଂଚାର ବ୍ୟୁରୋ)ଃ** ଦେବଗଡ ଜିଲାର ବିଭିନ୍ନ ସ୍ଥାନରେ ହଠାତ୍ କାଳବୈଶାଖି ଜନିତ ଝଡବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାପଡିଛି । ଶୁକ୍ରବାର ସନ୍ଧ୍ୟା ସମୟରେ ଝଡ ତୋଫାନ ସହିତ ପ୍ରବଳ ବର୍ଷା ହୋଇଥିଲା । ଫଳରେ ବିଭିନ୍ନ ସ୍ଥାନରେ ବହୁ ଛୋଟ ବଡ ଗଛ ବୃକ୍ଷ ଭାଙ୍ଗିଯିବା ସହ ବହୁ ଘରରେ ଟାଇଲ ଛପର ଓ ଆଜବେଷ୍ଟସ୍ ଛାତ ଉଡିଯାଇଥିବା ଜଣାପଡିଛି । ଏଥିସହିତ ବହୁ ସଂଖ୍ୟକ ଗଛ ଏବଂ ବିଦ୍ୟୁତ ଖୁଣ୍ଟ ରାସ୍ତା ଉପରେ ପଡି ରାସ୍ତା ଅବରୋଧ ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହେବାସହ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି । ଦେବଗଡସ୍ଥିତ ନୂଆ ବସଷ୍ଟାଣ୍ଡରେ ମଧ୍ୟ ଏକ ବଡ ବିଦ୍ୟୁତ ଖୁଣ୍ଟ ଟଳି ପଡିବା ସହ ରାସ୍ତା ଉପରେ ପଡିରହିଥିବା ଦେଖିବାକୁ ମିଳିଛି ।

## ଏମ୍‌ସିଏଲ୍‌କୁ ତିନିଦିନିଆ ଗସ୍ତରେ କୋଲ୍ ଇଣ୍ଡିଆ ଅଧ୍ୟକ୍ଷ



**ସମ୍ବଲପୁର,୨୮।୩(ସଂଚାର ବ୍ୟୁରୋ)ଃ** କୋଲ ଇଣ୍ଡିଆର ଅଧ୍ୟକ୍ଷ ଶ୍ରୀ ବି. ସାଇରାମ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ (ଏମ୍.ସି.ଏଲ୍) କୁ ତିନି ଦିନିଆ ଗସ୍ତର ପ୍ରଥମ ଦିନରେ ତାଲଚେର କୋଲଫିଲ୍ଡସରେ ପ୍ରମୁଖ ଖଣି ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଛନ୍ତି। ସେ ଭୁବନେଶ୍ୱରୀ ଅଞ୍ଚଳରେ ନୂତନ ଭାବେ ସ୍ଥାପିତ ଅଟୋମେଟିକ୍ ଟ୍ରକ୍ ଲୋଡିଂ ସିଷ୍ଟମ୍ (ଏଟିଏଲ୍ଏସ୍) ପରିଦର୍ଶନ କରିଥିଲେ ଏବଂ ଭୁବନେଶ୍ୱରୀ ଓସିପି ଓ ଅନନ୍ତ ଓସିପିରେ ପରିଚାଳନା ଅଗ୍ରଗତିର ଆକଳନ କରିଥିଲେ। ଶ୍ରୀ ସାଇରାମ ଟିମ୍ ଏମ୍.ସି.ଏଲର ନିରନ୍ତର ଏବଂ ଅଭିନବ ଖନନ ଅଭ୍ୟାସ ଓ ପରିଚାଳନା ଦକ୍ଷତା ପାଇଁ ପ୍ରଶଂସା କରିଥିଲେ। ସେ କର୍ମଚାରୀ କଲ୍ୟାଣ ଏବଂ ସମାବେଶୀ ଅଭିବୃଦ୍ଧି ଉପରେ ଜନ ପ୍ରତିନିଧି ଏବଂ ସଂଘ ଗୁଡ଼ିକର ପ୍ରତିନିଧିମାନଙ୍କ ସହିତ ସ୍ୱତନ୍ତ୍ର ଆଲୋଚନା କରିଥିଲେ। ଗଣମାଧ୍ୟମକୁ ସମ୍ବୋଧିତ କରି ସେ ସୌର ଏବଂ ଅନ୍ୟାନ୍ୟ ଅକ୍ଷୟ ଶକ୍ତି କ୍ଷେତ୍ରରେ ବିବିଧତା ଦିଗରେ କୋଲ ଇଣ୍ଡିଆର ରଣନୈତିକ ପଦକ୍ଷେପ ତଥା ସ୍ଥାୟୀ କୋଇଲା ଖନନ କାର୍ଯ୍ୟ ଏବଂ ଧୂଳି ପ୍ରଦୂଷଣର ପ୍ରଭାବଶାଳୀ ପ୍ରଶମନ ପାଇଁ ସାଇଲୋ, ଅଟୋମେଟିକ୍ ଟ୍ରକ୍ ଲୋଡିଂ ସିଷ୍ଟମ୍ (ଏଟିଏଲ୍ଏସ୍) ଇତ୍ୟାଦି ଭଳି ବିଭିନ୍ନ ଟେକ୍ନୋଲୋଜି ଏବଂ ଭିତ୍ତିଭୂମିର ବ୍ୟବହାର ଉପରେ ଆଲୋକପାତ କରିଥିଲେ। 'କୋଲ ଇଣ୍ଡିଆ ଦେଶର ୮୦% ଶକ୍ତି ଆବଶ୍ୟକତା ପୂରଣ କରିଥାଏ, ଯାହା ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିବ', ବୋଲି ସେ କହିଥିଲେ।

## 'ଜୀବନର ଗଛ' ସର୍ବଭାରତୀୟ ପୋଷ୍ଟର ପ୍ରତିଯୋଗିତା



**ସୁବର୍ଣ୍ଣପୁର,୨୮।୩(ସଂଚାର ବ୍ୟୁରୋ)ଃ** କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଦିଗରେ କାର୍ଯ୍ୟରତ ସର୍ବଭାରତୀୟ ଅନୁଷ୍ଠାନ ଇନଟାକର ସୋନପୁର ଚ୍ୟାପ୍ଟର ତରଫରୁ ଜୀବନର ଗଛ ପୋଷ୍ଟର ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାହାରା ଟ୍ରଷ୍ଟ ହାଇସ୍କୁଲ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସାହାରା ଟ୍ରଷ୍ଟ ହାଇସ୍କୁଲ, ଆଇଡିଏଲ ପବ୍ଲିକ ସ୍କୁଲ, ପିଏମଶ୍ରୀ ମହାରାଜା ହାଇସ୍କୁଲ, ପିଏମଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟରୁ ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଇଣ୍ଟାକ୍ ଦ୍ୱାରା ଶ୍ରେଣୀ ୭ ରୁ ୯ ପର୍ଯ୍ୟନ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଏହି "ଜୀବନର ଗଛ" ବିଷୟରେ ଏହି ସର୍ବ ଭାରତୀୟ ପୋଷ୍ଟର ତିଆରି ପ୍ରତିଯୋଗିତା ଆୟୋଜିତ କରାଯାଉଛି। ଏହା ଆମ ଦେଶର ଭବିଷ୍ୟତର ଦୀପବାହକ ଥିବା ଶିଶୁମାନଙ୍କୁ ସଚେତନ କରିବାରେ ସହାୟକ ହେବ ଏବଂ ଏହା ଆମର ଗର୍ବିତ ବିଶ୍ୱସ୍ତରୀୟ ମିଶନ୍‌କୁ ମଧ୍ୟ ସହାୟତା କରିବ, ଯାହା ମୂଲ୍ୟାଙ୍କନ, ଅନୁସନ୍ଧାନ ଓ ସାଂସ୍କୃତିକ ଶିକ୍ଷାର ଆତ୍ମାକୁ ପ୍ରୋତ୍ସାହନ ଦେବାକୁ ଉଦ୍ଦିଷ୍ଟ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୧୦୦ ଜଣ କୃତୀ ପ୍ରତିଯୋଗୀଙ୍କୁ ଆଞ୍ଚଳିକ ସ୍ତରରେ ଏବଂ ୧୦ ଜଣଙ୍କୁ ଜାତୀୟ ସ୍ତରରେ ପୁରସ୍କୃତ କରାଯିବ। ଏହା ବ୍ୟତିତ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯିବ।

## ଆଶ୍ରମ ବିଦ୍ୟାଳୟରେ ଆସ ସ୍କୁଲ ଯିବା- ପଦଯାତ୍ରା



**ବୈଶିଙ୍ଗା,୨୮।୩(ସଂଚାର ବ୍ୟୁରୋ)ଃ** ଆଜି ଶନିବାର ରାଇକମା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ଆସ ସ୍କୁଲ ଯିବା'- ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବର୍ଷ, ୨୦୨୬-୨୭ ଆଗାମୀ ଏପ୍ରିଲ ପହିଲାରୁ ଆରମ୍ଭ ହେବା।ଏଣୁ ସରକାରଙ୍କ ମାର୍ଗଦର୍ଶିକା ଅନୁସରଣ ପୂର୍ବକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷିକା, ଶିଶୁ ସେବିକା, ପରିଚାଳନା କମିଟି ସଦସ୍ୟ ସଦସ୍ୟା ଏକ ବିରାଟ ଶୋଭାଯାତ୍ରାରେ ବାହାରି ବେନର, ପ୍ଲାକାର୍ଡ ଧରି ରାଇକମା ଗ୍ରାମ ପରିକ୍ରମା କରିଥିଲେ। ପ୍ରଧାନଶିକ୍ଷକ ସମେତ ସମସ୍ତ ଶିକ୍ଷକ ଶିକ୍ଷିକା, ଶିଶୁ ସେବିକା ମାନନୀୟ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କର ପ୍ରବେଶ ଉତ୍ସବ ନିମନ୍ତ୍ରଣ ପତ୍ର ଘର ଘର ବୁଲି ବାଣ୍ଟି ଥିଲେ। ଆଗାମୀ ସେପ୍ଟେମ୍ବର ମାସପହିଲାକୁ ଯେଉଁ ପିଲାର ବୟସ ୫ବର୍ଷ /୬ ବର୍ଷ ପୂର୍ଣ୍ଣ ହେଉଥିବ, ସେମାନେ ଯଥାକ୍ରମେ ଶିଶୁବାଟିକା/ ପ୍ରଥମ ଶ୍ରେଣୀରେ ଆଡ଼ମିଶନ କରାଯିବ। ସେମାନଙ୍କୁ ଏପ୍ରିଲ ୨ ତାରିଖରେ ବିଦ୍ୟାଳୟକୁ ନେଇ ଆସିବାକୁ ପିତାମାତା/ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଥିଲା।

## 'ଶିଶୁ ସୁରକ୍ଷା ଓ ଭୟମୁକ୍ତ କେନ୍ଦ୍ର' ଉଦ୍‌ଘାଟିତ

**ଗଜପତି,୨୮।୩(ସଂଚାର ବ୍ୟୁରୋ)ଃ** ଗଜପତି ଜିଲା ମୋହନା ଥାନା ପରିସରରେ ଏକ ନିଆରା ପ୍ରୟାସ ଦେଖିବାକୁ ମିଳିଛି। ଶିଶୁମାନଙ୍କୁ ପୋଲିସ ପ୍ରତି ଥିବା ଭୟ ଦୂର କରିବା ଏବଂ ସେମାନଙ୍କୁ ଏକ ସୁରକ୍ଷିତ ପରିବେଶ ଯୋଗାଇଦେବା ଲକ୍ଷ୍ୟରେ 'ଶିଶୁ ସୁରକ୍ଷା ଓ ଭୟମୁକ୍ତ କେନ୍ଦ୍ର' ଶୁଭାରମ୍ଭ ହୋଇଯାଇଛି। ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସ୍ୱତନ୍ତ୍ର କେନ୍ଦ୍ରକୁ ଉଦଘାଟନ କରିଛନ୍ତି। ସାଧାରଣତଃ ପୋଲିସ ଓ ଥାନା ପରିବେଶକୁ ଦେଖିଲେ ଶିଶୁମାନେ ଭୟଭୀତ ହୋଇଥାନ୍ତି। ଏହି ଭୟକୁ ଦୂର କରିବା ପାଇଁ କେନ୍ଦ୍ରଟିକୁ ବେଶ ଆକର୍ଷଣୀୟ ଓ ଶିଶୁ-ଅନୁକୂଳ ଶୈଳୀରେ ନିର୍ମାଣ କରାଯାଇଛି। କେନ୍ଦ୍ରର କାନ୍ଥଗୁଡ଼ିକରେ ବିଭିନ୍ନ ପ୍ରକାରର ଚିତ୍ର ଓ ରଙ୍ଗୀନ କଳାକୃତି କରାଯାଇଛି। ଶିଶୁମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଖେଳନା ଏବଂ ସୁବିଧାଜନକ ବସିବା ସ୍ଥାନର ବ୍ୟବସ୍ଥା ହୋଇଛି। ପୋଲିସ ଏଠାରେ ଶିଶୁମାନଙ୍କ ସହ ଜଣେ ବନ୍ଧୁ ଭାବରେ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିବେ। ଏହି କେନ୍ଦ୍ର ପ୍ରତିଷ୍ଠା ହେବା ଫଳରେ ଶିଶୁ ନିର୍ଯାତନା, ଅପହରଣ ଏବଂ ଅନ୍ୟାନ୍ୟ ଶିଶୁ ସମ୍ବନ୍ଧୀୟ ଅପରାଧର ତଦନ୍ତରେ ବିଶେଷ ସହାୟତା ମିଳିବ। ଶିଶୁମାନେ କୌଣସି ଚାପରେ ନ ରହି ସ୍ୱାଧୀନ ଭାବେ ନିଜ କଥା କହିପାରିବେ, ଯାହାଦ୍ୱାରା ସେମାନଙ୍କୁ ନ୍ୟାୟ ଦେବା ସହଜ ହେବ ବୋଲି ଆଇଜି ନୀତି ଶେଖର ସୂଚନା ଦେଇଛନ୍ତି।

## ୧୫ ଘଣ୍ଟା ଧରି ଅନ୍ଧାରରେ ଏକାଧିକ ପଞ୍ଚାୟତବାସୀ

**ଦାରିଙ୍ଗବାଡି,୨୮।୩(ସଂଚାର ବ୍ୟୁରୋ)ଃ** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ କଳାବୈଶାଖୀର ପ୍ରଭାବରେ ପବନ ବୋହିବା ସହ ବିଜୁଳି ଘଡଘଡି ସହ ବର୍ଷା ହୋଇଥିଲା ମାତ୍ର ଅଧଘଣ୍ଟା ଧରି ଏଭଳି ବର୍ଷା ହୋଇଥିଲା। ତେବେ ଦାରିଙ୍ଗବାଡି ଅଞ୍ଚଳରେ କଳାବୈଶାଖୀ ହେବା ପୁର୍ବରୁ ଜିଲାର ଅନ୍ୟ ବ୍ଲକରେ ମଧ୍ୟ କାଳବୈଶାଖୀ ହୋଇଥିବାରୁ ଦାରିଙ୍ଗବାଡିକୁ ସଂଯୋଗ କରୁଥିବା ୩୩ କେଭି ବିଦ୍ୟୁତ ଅଚଳ ହୋଇପଡ଼ିଥିଲା। ପରେ ଉକ୍ତ ବ୍ଲକ ଅଞ୍ଚଳରେ କଳାବୈଶାଖୀର ପ୍ରଭାବ ଯୋଗୁ ୧୧ କେଭି ବିଦ୍ୟୁତ ମଧ୍ୟ ଅଚଳ ଯୋଗୁ ଶୁକ୍ରବାର ସଂଧ୍ୟା ୬ଟାରୁ ଖବର ଲେଖିବା ସୁଦ୍ଧା ପ୍ରାୟ ୧୫ଘଣ୍ଟା ଧରି ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇପାରିନ ଥିବା ଯୋଗୁ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି।

## ଆବଶ୍ୟକ ବେଳେ ମିଳୁନି ୟୁରିଆ, ଚାଷୀ ହନ୍ତସନ୍ତ

**ବରଗଡ଼,୨୮।୩(ସଂଚାର ବ୍ୟୁରୋ)ଃ** ଅଧିକ ଧାନ ଉତ୍ପାଦନ ଯୋଗୁ ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ହେଲେ ଏଠାରେ ଚାଷ ଏବଂ ଚାଷୀଙ୍କ ସମସ୍ୟା ଅସମାହିତ ହୋଇ ରହିଛି। ଧାନବିକ୍ରି ସମସ୍ୟା ସାଧାରଣରେ ପରିଣତ ହୋଇଥିବାବେଳେ ଫସଲରେ ରୋଗପୋକ ଉପଦ୍ରବ, ଅଦିନିଆ ବର୍ଷା, କରାମାଡରେ ଫସଲକ୍ଷତି ବିଭିନ୍ନ ସମୟରେ ଚାଷୀଙ୍କ ଆର୍ଥିକ ଓ ମାନସିକ ସ୍ଥିତିକୁ ଦୋହଲାଇ ଦେଇଥାଏ। ବର୍ତ୍ତମାନ ଜିଲାରେ ଖରିଫ୍ ଫସଲ ଚାଲିଥିବାବେଳେ ସାର ସଙ୍କଟ ଚାଷୀମାନଙ୍କୁ ଚିନ୍ତାରେ ପକାଇଛି। ଧାନ ଫସଲରେ ବର୍ତ୍ତମାନ ୟୁରିଆ ସାରର ଆବଶ୍ୟକତା ରହିଛି। ମାତ୍ର ଜିଲାରେ ଏହାର କୃତ୍ରିମ ଅଭାବ ଦେଖାଦେଇଛି। ଆବଶ୍ୟକତା ଅନୁସାରେ ଚାଷୀମାନଙ୍କୁ ସେହି ସାର ଯୋଗାଇ ଦିଆଯାଉନାହିଁ। ଅନ୍ୟପକ୍ଷେ ଚଢ଼ାଦରରେ ୟୁରିଆ ସାର ବିକ୍ରି କରି କଳାବଜାର କରାଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଖରିଫ ଋତୁରେ ଜିଲାର ଉଭୟ ହୀରାକୁଦ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳରେ ଧାନଚାଷ ହୋଇଥାଏ। କିନ୍ତୁ ରବି ଋତୁରେ ମୁଖ୍ୟତଃ ହୀରାକୁଦ ଜଳସେଚିତ ଅଞ୍ଚଳର ଚାଷୀମାନେ ଧାନଚାଷ କରନ୍ତି। ସେହିପରି ଯେଉଁଠି ଉଠା ଜଳସେଚନ ପ୍ରକଳ୍ପର ସୁବିଧା ରହିଛି ସେଠାରେ କେବଳ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ଧାନ ଚାଷ କରିଥାନ୍ତି। ଏହି ଦୃଷ୍ଟିରୁ ଖରିଫ୍ ତୁଳନାରେ ରବି ଫସଲ ପାଇଁ କମ୍ ସାର ଆବଶ୍ୟକ ପଡେ। ଏହି କ୍ରମରେ କୃଷି ବିଭାଗର ତଥ୍ୟ ଅନୁସାରେ ବରଗଡ଼ ଜିଲାକୁ ରବି ପାଇଁ ୨୯ହଜାର ୩୦୦ ମେଟ୍ରିକ ଟନ୍ ୟୁରିଆ, ୧୧ହଜାର ୬୦୦ ମେଟ୍ରିକ ଟନ୍ ଡିଏପି, ୨୭୦୦ ମେଟ୍ରିକ୍ ଟନ୍ ଏମ୍ଓପି, ୧୭ହଜାର ୪୦୦ ମେଟ୍ରିକ୍ ଟନ୍ ଏନ୍‌ପିକେଏସ୍ ଏବଂ ୪୦୦ ମେଟ୍ରିକ ଟନ୍ ଏସ୍‌ଏସ୍‌ପି ସାର ଆବଶ୍ୟକ ପଡିଥାଏ।

## ଟ୍ରାଭେଲର ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ



**ଲୋଇସିଂହା,୨୮।୩(ସଂଚାର ବ୍ୟୁରୋ)ଃ** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା- ବଲାଙ୍ଗୀର ରାସ୍ତାର ସରଗାଡରେ ଏକ ଅଜଣା ଗାଡ଼ି ଧକ୍କାରେ ଶନିବାର ଭୋର ସକାଳୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ହେଲେ ସରଗାଡ ଗାଁର ତିରୋଲି ନାଗ (୫୨)। ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଥିବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ମୃତଦେହକୁ ରାସ୍ତାରେ ରଖି ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଶ୍ରମିତି ରୋଲିକ ନିକଟସ୍ଥ ଏକ କ୍ରସରେ କାମ କରନ୍ତି। ଶନିବାର କାମ କରିବାକୁ ଯାଇଥିଲେ। ହେଲେ କାମ ନ ହେବାରୁ ଘରକୁ ଫେରୁଥିବା ବେଳେ ବାଦିମୁଣ୍ଡା ପଟରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ଏକ ଟ୍ରାଭେଲର ଗାଡ଼ି ତିରୋଲିଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ତିରୋଲିଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ତାଙ୍କ ପରିବାର ଅସହାୟ ହୋଇପଡ଼ିଛି। ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଓ ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ ଓ ଡ୍ରାଇଭରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ନବଦିନାତ୍ମକ ବାସନ୍ତୀ ଦୁର୍ଗାପୂଜା ସମାପିତ, ଭସାଣି ଉତ୍ସବ ପାଳିତ

**ବୈଶିଙ୍ଗା,୨୮।୩(ସଂଚାର ବ୍ୟୁରୋ)ଃ** ବୈଶିଙ୍ଗା ଉପକଣ୍ଠ କେନ୍ଦୁଆ ଶିବ ମନ୍ଦିର ପ୍ରାଙ୍ଗଣରେ ତୃତୀୟ ବାର୍ଷିକ ବାସନ୍ତୀକ ଦୁର୍ଗାପୂଜା ଗତ ୨୪ ତାରିଖରେ ଆରମ୍ଭ ହୋଇ ୨୮ ତାରିଖରେ ସମାପିତ ହୋଇଥିବା ଜଣାଯାଇଛି। ଅଶୋକାଷ୍ଟମୀ ରେ ଶହ ଶହ ମହିଳା ଶ୍ରଦ୍ଧାଳୁ ପୂଜା ଡାଲା ଧରି ମାଆଙ୍କ ନିକଟରେ ବ୍ରତ ପାଳନ କରିଥିବାର ଦେଖିବାକୁ ମିଳିଥିଲା। ରାମ ନବମୀ ଦିନ ମାଆଙ୍କର ନବ ଦିନ ପୂଜା ଶେଷ ପରେ ପ୍ରସାଦ ସେବନର ବ୍ୟବସ୍ଥା କରା ଯାଇଥିଲା। ଦୈନିକ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ କଣ୍ଠ ଶିଳ୍ପୀମାନେ ଭଜନ ଗାନ କରିଥିଲେ। ବାସନ୍ତୀ ପୂଜା କମିଟୀ ର ସଦସ୍ୟ ଜ୍ଞାନରଞ୍ଜନ ଦୁର୍ଗା, ସନାତନ ଲେଙ୍କା, ପ୍ରଶନ୍ନ କୁମାର ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା, ଜଗବନ୍ଧୁ ନାଏକ ଙ୍କ ସମେତ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ। ଆଜି ଶନିବାର ପୂର୍ବାହ୍ନରେ ବାସନ୍ତୀକ ଦଶହରା ପର୍ବ ପରେ ବିସର୍ଜନ କରାଯାଇଥିଲା। ଅପରାହ୍ନ ରେ ମାଆଙ୍କ ମୃଣ୍ମୟୀ ମୂର୍ତ୍ତି ଗୁଡ଼ିକୁ ଶୋଭାଯାତ୍ରା ନିଆଯାଇ ବୈଶିଙ୍ଗା ସ୍ଥିତ ହୀରା ସାଗର ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା।

## କଳମା ହତ୍ୟା ଘଟଣାରେ ପୁଲିସକୁ ସଫଳତା, ଦୁଇ ଅଟକ

**ବୈଶିଙ୍ଗା,୨୮।୩(ସଂଚାର ବ୍ୟୁରୋ)ଃ** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ କଳମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୱାର୍ଡେନ ଙ୍କୁ ବିଭସ୍ତ ହତ୍ୟାକାଣ୍ଡ ଘଟଣାରେ ଶନିବାର ପୋଲିସକୁ ମିଳିଛି ବଡ଼ ସଫଳତା। ସୂଚନାଯୋଗ୍ୟ ଯେ ଗତ ୨୧ ତାରିଖ ଶୁକ୍ରବାର ରାତି ୯ଟା ସମୟରେ ଘଟିଥିଲା ଏହି ହତ୍ୟାକାଣ୍ଡ। ଏହି ଆବାସିକ ବିଦ୍ୟାଳୟରେ ୱାର୍ଡେନ ଭାବେ କାର୍ଯ୍ୟରତ ଧନାପାଳ ଗ୍ରାମର ସନ୍ୟାସୀ ଦାସ ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ରାଉତଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ନିଜ ବାଇକରେ ବସାଇ ନିକଟସ୍ଥ କ୍ଲିନିକକୁ ନେଇ ଯାଉଥିଲେ। ହଠାତ କିଛି ଦୁର୍ବୃତ୍ତ ଅନ୍ଧାର ସୁଯୋଗରେ ଠେଙ୍ଗା ଓ ଛୁରୀରେ ଆକ୍ରମଣ କରିଥିଲେ। ସେମାନଙ୍କ ବାଇକ ଓ ଭ୍ୟାନିଟି ଛଡ଼ାଇ ନେଇ କିଛି ଦୂରରେ ଫିଙ୍ଗି ଦେଇ ଚମ୍ପଟ ମାରିଥିଲେ। ଘଟଣାରେ ଉଭୟ ଗୁରୁତର ଆହତ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଅବସ୍ଥାରେ ଥିବା ସନ୍ୟାସୀଙ୍କୁ ମୃତ ଘୋଷଣା କରାଯାଇଥିଲା। ଘଟଣା ଖୁବ୍ ସମ୍ବେଦନଶୀଳ ଥିଲା ଓ ଜନସାଧାରଣଙ୍କ ମଧ୍ୟରେ ଓ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ ହୋଇଥିଲା। ହତ୍ୟାକାଣ୍ଡ ଘଟଣାକୁ ଏକ ଚୋରି ଛିନତାଇ ମାମଲାର ରୂପ ଦେବାକୁ ଦୁର୍ବୃତ୍ତଙ୍କ ପକ୍ଷରୁ ଆପ୍ରାଣ ଉଦ୍ୟମ କରାଯାଇଥିଲେ ହେଁ ପୋଲିସକୁ ଏହା ପଛରେ ଅନ୍ୟ କିଛି କାରଣ ଥିବା ସନ୍ଦେହ ହୋଇଥିଲା। ତେବେ ଗୁପ୍ତ ସୂଚନା ଆଧାରରେ କାଲି ଶୁକ୍ରବାର ସମଗ୍ର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଝଡ଼ ତୋଫାନ ଓ ବଜ୍ରପାତ ଚାଲିଥିବା ସମୟରେ ଏହାକୁ ଖାତିର ନକରି ଭୋର ତିନିଟା ସମୟରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶେଷରେ ସଫଳତା ମିଳିଥିଲା

## ଓକିଲ ସଂଘର ନିର୍ବାଚନ ଫଳାଫଳ



**ବେତନଟୀ,୨୮।୩(ସଂଚାର ବ୍ୟୁରୋ)ଃ** ସମଗ୍ର ରାଜ୍ୟର ୧୫୫ ଗୋଟି ବାରର ମାର୍ଚ୍ଚ ୨୮ତାରିଖରେ ରାଜ୍ୟବ୍ୟାପୀ ନିର୍ବାଚନ ଅନୁଷ୍ଠିତ ହୋଇଯାଇଅଛି। ଆଜି ଅପରାହ୍ଣରେ ଘୋଷିତ ନିର୍ବାଚନ ଫଳାଫଳ କ୍ରମେ କେବଳ ସଭାପତି, ଉପସଭାପତି, କୋଷାଧ୍ୟକ୍ଷ ଭଳି ତିନିଗୋଟି ପଦବୀ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହୋଇଥିଲା।ସଭାପତି ରୂପେ ରବି ନାରାୟଣ ମହାପାତ୍ର, ଉପସଭାପତି ମନୋଜ କୁମାର ଦଳେଇ ଓ କୋଷାଧ୍ୟକ୍ଷ ଭାବେ ଲମ୍ବୋଦର ନାୟକ ନିର୍ବାଚିତ ଘୋଷିତ ହୋଇଥିବାର ନିର୍ବାଚନ ଅଧିକାରୀ ରଣଜିତ ଗନ୍ତାୟତ ଘୋଷଣା କରିଛନ୍ତି। ଏତଦବ୍ୟତୀତ ସମ୍ପାଦକ ରୂପେ ପ୍ରବୀର କୁମାର ବାରିକ, ଯୁଗ୍ମ ସମ୍ପାଦକ ସଂହିତା ଦାସ ଓ କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ଧିରଜ କୁମାର ଖଣ୍ଡେଲୱାଲ, ଛତିଶ ଚନ୍ଦ୍ରସାହୁ, ସଞ୍ଜୟ କୁମାର ପାତ୍ର, ସସ୍ମିତା ରାଉତ ଓ ସତ୍ୟକାମ ପଣ୍ଡା ପ୍ରମୁଖ ଆଗାମୀ ଏକ ବର୍ଷ ନିମନ୍ତେ ନିର୍ଦ୍ୱନ୍ଦରେ ନିର୍ବାଚିତ ଘୋଷିତ ହୋଇଛନ୍ତି।

# ଅଗ୍ନି ନିରାପତ୍ତା ସଚେତନତା ଓ ତାଲିମ କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୨୮।୩(ସଂଚାର ବ୍ୟୁରୋ)ଃ** ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ଅଗ୍ନିଶମ ବିଭାଗ, ଓଡ଼ିଶା ଙ୍କ ନିର୍ଦ୍ଦେଶ କ୍ରମେ ସକାଳ ୭.୦୦ ଘଟିକା ସମୟରେ ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ପୌର ପରିଷଦ, କାର୍ଯ୍ୟାଳୟ ଠାରେ ଅଗ୍ନି ନିରାପତ୍ତା ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତି ତାମସୀ ତାମସ୍ମିତା ନାୟକ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଦୁର୍ଗାଦତ୍ତ ଦାଶ, ସୋନପୁର ଥାନା ର ଆଇଆଇସି ଯାଦବ ବାଗ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଅତିରିକ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସୋନପୁର ପୌର ପରିଷଦ ର ସମସ୍ତ କାଉନସିଲ ବୃନ୍ଦ, ସଭାପତି, ଜିଲ୍ଲା ବଣିକ ସଂଘ, ସଭାପତି, ଚେମ୍ବରସ ଅଫ କମର୍ସ, ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ର ଅଧିକାରୀ, କର୍ମଚାରୀ, ପୌର ପରିଷଦ ର କର୍ମଚାରୀ ବୃନ୍ଦ, ପୋଲିସ ବିଭାଗର ଅଧିକାରୀ, କର୍ମଚାରୀ, ଜିଲ୍ଲା କାର୍ଯ୍ୟାଳୟ ଜରୁରୀ ଶାଖାର ଅଧିକାରୀ, କର୍ମଚାରୀ, ସୋନପୁର ସହରର ଅନେକ ଦୋକାନୀ, ବୁଦ୍ଧିଜିବି, ଜନସାଧାରଣ, ମହିଳାଙ୍କ ସମେତ ବିଭିନ୍ନ ସମ୍ବାଦପତ୍ର ଗୁଡ଼ିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ।